ପୃଷ୍ଠା-୮+୮

DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୬/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Saturday, November 6/2021 | ★★★★★★

୪୭ଶ ଭାଗ ୩୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ନିଶାମ ପ୍ଲେୟର ଅଫ୍ ଦି ମ୍ୟାଚ୍**

ନାମ୍ବିଆ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ଜେମ୍ସ ନିଶାମ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୦୮

୦୭

**ଅନୁଷ୍କାଙ୍କ ବିବାହ ପ୍ରଭାସ ଚାହାନ୍ତିନି**

ଅନୁଷ୍କା ସେଟ୍ଟୀ ଓ ପ୍ରଭାସ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହୋଇଥାଏ। ବାହୁବଲୀ ଶୁଟିଂ ବେଳେ ପ୍ରଭାସ ଅନୁଷ୍କାଙ୍କ ବିବାହକୁ ରୋକିବାକୁ ଚେଷ୍ଟା କରିଥିଲେ।



# ଆର୍ଯ୍ୟନଙ୍କ ମାମଲାରୁ ୱାଙ୍ଖେଡେଙ୍କୁ ହଟାଗଲା



ସମୀର ୱାଙ୍ଖେଡେ



ସଞ୍ଜୟ କୁମାର ସିଂ

**ମୁମ୍ବାଇ,୫।୧୧**

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଆର୍ଯ୍ୟନ ଶାହରୁଖ ଖାନ୍‌ଙ୍କ ଡ୍ରଗ୍ସ ମାମଲାର ତଦନ୍ତ ଭାର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ଜୋନାଲ ଅଫିସର ସମୀର ୱାଙ୍ଖେଡେଙ୍କ ହାତରୁ କାଢ଼ି ନେଇ ଦିଲ୍ଲୀ ଟିମ୍‌କୁ ଦିଆଯାଇଛି। ଏହି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)ର ନେତୃତ୍ୱ କେନ୍ଦ୍ରୀୟ ଡ୍ରଗ୍ସ ନିରୋଧୀ ଏଜେନ୍ସିରେ ଉପମହାନିର୍ଦ୍ଦେଶକ ଥିବା ୧୯୯୬ ବ୍ୟାଚ୍ ଓଡ଼ିଶା କ୍ୟାଡର ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସର ସଞ୍ଜୟ କୁମାର ସିଂ ନେବେ ବୋଲି ଶୁକ୍ରବାର ଏନ୍‌ସିବି ପକ୍ଷରୁ ସୂଚନା ଦିଆଯାଇଛି।

**ତଦନ୍ତ କରିବେ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ସଞ୍ଜୟ ସିଂ**

ଅକ୍ଟୋବର ୨ ରାତିରେ ମୁମ୍ବାଇରୁ ଗୋଆ ଯାଉଥିବା କାର୍ଡେଲିଆ କ୍ରୁଜ୍ ଶିପ୍ ଉପରେ ଏନ୍‌ସିବି ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ଏନ୍‌ସିବି ଟିମ୍ ସେଠାରୁ ୨୩ ବର୍ଷୀୟ ☞ପୃଷ୍ଠା-୫

# ବାଧୁଛି କିରୋସିନ ଦର

**ଶୁଭାଶିଷ ପାଢ଼ୀ**
**ସମ୍ବଲପୁର,୫।୧୧(ବ୍ୟୁରୋ)**

ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ସହ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ ଅଡୁଆରେ ପକାଇଛି। ବିଭିନ୍ନ ରାଜନୈତିକ ଦଳ ଏହା ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ସାଧାରଣ ଖାଉଟିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏପରିସ୍ଥଳେ କେନ୍ଦ୍ର ପେଟ୍ରୋଲରୁ ୫ ଓ ଡିଜେଲରୁ ୧୦ଟଙ୍କା ଟିକସ ହ୍ରାସ କରିଛି। ରାଜ୍ୟ ସରକାର ମଧ୍ୟ ୩ ଟଙ୍କାର ଭାଟ୍ ହ୍ରାସ କରିଛନ୍ତି। ହେଲେ ପିଡିଏସ୍ ମାଧ୍ୟମରେ ବଣ୍ଟନ ହେଉଥିବା କିରୋସିନ ଦର ୭ ଟଙ୍କା ୪୨ ପଇସା ବୃଦ୍ଧି କରାଯାଇଛି। ନଭେମ୍ବର ପହିଲାରୁ ଏହି ଦର ଲାଗୁ ହୋଇଛି। ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ହିତାଧିକାରୀ ନଭେମ୍ବର ଓ ଡିସେମ୍ବର ମାସର କିରୋସିନ ଏହି ଦରରେ କିଣିବେ। ଏହା ଦ୍ୱାରା ସମଗ୍ର ରାଜ୍ୟରେ ପ୍ରାୟ ୮୦ ଲକ୍ଷ ଓ ସମ୍ବଲପୁର ଜିଲାରେ ୨ ଲକ୍ଷ ୨୪ ହଜାର ୨୩୬ ଜଣ ହିତାଧିକାରୀ ପ୍ରଭାବିତ ହେବେ। ଏହା ସିଧାସଳଖ ଗରିବ ପରିବାର ଉପରେ ଆର୍ଥିକ ବୋଝ ବୋଲି ଆଲୋଚନା ହେଉଛି। ଦର ବୃଦ୍ଧି ସାଙ୍ଗକୁ ସରକାର ହିତାଧିକାରୀଙ୍କ କିରୋସିନ କୋଟାରେ ମଧ୍ୟ ହ୍ରାସ କରିଛନ୍ତି। ଜଣେ ହିତାଧିକାରୀଙ୍କୁ ଗୋଟିଏ ମାସରେ ୧ ଲିଟରରୁ ଦେଢ ଲିଟର ପର୍ଯ୍ୟନ୍ତ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ପୂର୍ବରୁ ୪ରୁ ୫ ଲିଟର ପର୍ଯ୍ୟନ୍ତ ରହିଥିଲା।

ଏହି ଦରବୃଦ୍ଧି ଯୋଗୁ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯୁଯୁମୁରାର ହିତାଧିକାରୀ ସୁମି ଭୋଇ କହିଛନ୍ତି, ପୂର୍ବରୁ କିରୋସିନ ପରିମାଣ ଅଧିକ ଓ ଦର କମ୍ ଥିବାବେଳେ ଏବେ ପରିମାଣ କମ୍ ଓ ଦର ଅଧିକ କରାଯାଇଛି। ଆର୍ଥିକ ଅନଟନରେ ଚଳୁଥିବା ପରିବାର କମ୍ ପରିମାଣର କିରୋସିନ ନେବାକୁ ଅମଙ୍ଗ ହେବେ। ଫଳରେ କିରୋସିନ କଳାବଜାର ବଢିବ। ଗରିବଙ୍କ ପାଇଁ

**ନଭେମ୍ବରରେ ବଢିଛି ଲିଟର ପିଛା ୭ଟଙ୍କା**



ଆସୁଥିବା ସାମଗ୍ରୀ ଏଲ୍-୨ କଣ୍ଟ୍ରାକ୍ଟର ଓ ଡିଲରଙ୍କ ମଧୁଚନ୍ଦ୍ରିକାରେ ହରିଲୁଟ୍ ହେବ। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି, କିରୋସିନ ୭ ଟଙ୍କା ୪୨ ପଇସା ବୃଦ୍ଧି ପାଇଛି। ସରକାର ସବ୍‌ସିଡି ଦେଲା ପରେ ଏହି ଦର ନିର୍ଦ୍ଧାରଣ କରାଯାଇଛି। ହିତାଧିକାରୀଙ୍କୁ ସମସ୍ୟା ହୋଇପାରେ। ହେଲେ ଏବେ ୨ମାସ ପାଇଁ ଦର ବୃଦ୍ଧି କରାଯାଉଛି। ଏଥିରେ କିରୋସିନ ଦର ସହିତ ଭଡ଼ା ବାବଦକୁ ୪୩ ପଇସା ରହିଛି। ଆଗକୁ ଦର କମିପାରେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଜିଲାରେ ଏନ୍‌ଏଫ୍‌ଏସ୍‌ଏ ଓ ଏସ୍‌ଏଫ୍‌ଏସ୍‌ଏରେ ମୋଟ ୨ ଲକ୍ଷ ୨୪ ହଜାର ୨୩୬ ହିତାଧିକାରୀ ରହିଛନ୍ତି। ପ୍ରତି ମାସରେ ହିତାଧିକାରୀଙ୍କ ପାଇଁ ୩ ଲକ୍ଷ ୯ ହଜାର ଲିଟର କିରୋସିନ କୋଟା ରହିଛି। ୮ ଜଣ ଏଲ-୨ କଣ୍ଟ୍ରାକ୍ଟର ଜରିଆରେ କିରୋସିନ ଡିଲର ଓ ପଞ୍ଚାୟତ ସ୍ତରରେ ଥିବା ବିକ୍ରୟ କେନ୍ଦ୍ରରେ ପହଞ୍ଚାଯାଇଥାଏ। ମୋଟ ୨୧୮ ଜଣ ଡିଲର ରହିଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ୨୦୧୯ ଜୁନ ୨୬ରେ କିରୋସିନ ଦର ଲିଟର ପିଛା ୩୪ ଟଙ୍କା ରହିଥିଲା। କୋଭିଡ୍ ସମୟରେ ମଧ୍ୟ ଦର ବୃଦ୍ଧି ପାଇଥିଲା। ଗତ କିଛିମାସ ହେଲା ଲିଟର ପିଛା ୩୦ରୁ ୫୦ ପଇସା ବୃଦ୍ଧି ହେଉଥିଲା। ହେଲେ ଏବେ ସିଧାସଳଖ ୭ ଟଙ୍କା ୪୨ ପଇସା ବୃଦ୍ଧି ପାଇଛି।




## ଜିଲା ପରିଷଦ ଅଧ୍ୟକ୍ଷ ପାଇଁ ଚୂଡ଼ାନ୍ତ ବିଜ୍ଞପ୍ତି

**ପଞ୍ଚାୟତିରାଜ ନିର୍ବାଚନ ଆସନ ସଂରକ୍ଷଣ**

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସକାଶେ ଜିଲା ପରିଷଦ ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ପାଇଁ ସ୍ଥାନ ସଂରକ୍ଷଣ ଚୂଡ଼ାନ୍ତ ହୋଇଛି। ଏ ନେଇ ଶୁକ୍ରବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିରେ ପଛୁଆବର୍ଗଙ୍କ ପାଇଁ ୪ ଜିଲା ସଂରକ୍ଷିତ ରଖାଯାଇଥିବା ବେଳେ ଏସ୍‌ସି,ଏସ୍‌ଟିଙ୍କ ପାଇଁ ୧୪ ଏବଂ ୬ ଜିଲା ଅଣସଂରକ୍ଷିତ ମହିଳାଙ୍କ ପାଇଁ ରଖାଯାଇଛି। ଅଣସଂରକ୍ଷିତ ରହିଥିବା ଜିଲାଗୁଡ଼ିକ ହେଲା କେନ୍ଦ୍ରାପଡ଼ା, ପୁରୀ, ଦେବଗଡ଼, ବଲାଙ୍ଗୀର, ☞ପୃଷ୍ଠା-୪




**ଘନଶ୍ୟାମ ମହାପାତ୍ରଙ୍କୁ 'ଶ୍ରୀ ଜୟଦେବ ସମ୍ମାନ'** ୩

**ଆଜିର ସମ୍ପାଦକୀୟ**

ପଦବୀ ବିବାଦ

**ଆଜିର ମନ୍ତବ୍ୟ**

" ବିଶ୍ୱରେ ଯୁଦ୍ଧର ପରିବର୍ତ୍ତିତ ଆବଶ୍ୟକତା ସହ ତାଳଦେଇ ଭାରତର ସାମରିକ ଦକ୍ଷତାକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ତେଲ ଉପରୁ ୩ ଟଙ୍କା ଭାଟ୍ କମାଇଲା ଓଡ଼ିଶା

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

କେନ୍ଦ୍ର ସରକାର ବୁଧବାର ପେଟ୍ରୋଲ ଓ ଡିଜେଲ ଉପରେ ଏକ୍ସାଇଜ ଟିକସ ହ୍ରାସ କରିବା ପରେ ରାଜ୍ୟ ସରକାର ଏହା ଉପରୁ ମୂଲ୍ୟଯୁକ୍ତ ଟିକସ (ଭାଟ୍) ହ୍ରାସ କରିଛନ୍ତି। ହୁ ହୁ ହୋଇ ବଢୁଥିବା ଇନ୍ଧନ ମୂଲ୍ୟରୁ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ଦେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପେଟ୍ରୋଲ ଏବଂ ଡିଜେଲ ଉପରୁ ୩ ଟଙ୍କା ଲେଖାଏ ଭାଟ୍ ହ୍ରାସ ପାଇଁ ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ଘୋଷଣା କରିଥିବା ଏକ୍ସାଇଜ୍ ଟିକସ ହ୍ରାସ ଉପରେ ଏହା ଲାଗୁ ହୋଇଛି। ଶୁକ୍ରବାର ମଧ୍ୟରାତ୍ରରୁ ଏହା ଲାଗୁ ହୋଇଛି।

କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଏକ୍ସାଇଜ୍ ଟିକସ ଲିଟର ପିଛା ଯଥାକ୍ରମେ ୫ ଓ ୧୦ ଟଙ୍କା ହ୍ରାସ କରିଛନ୍ତି। ଏଥିସହିତ ପେଟ୍ରୋଲ ଏବଂ ଡିଜେଲ ଉପରେ ଭାଟ୍ ହ୍ରାସ କରିବାକୁ ରାଜ୍ୟଗୁଡ଼ିକୁ ଅନୁରୋଧ କରାଯାଇଛି। ତଦନୁଯାୟୀ ଓଡ଼ିଶା ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ତୈଳ ଦର ହ୍ରାସ ଯୋଗୁ ରାଜ୍ୟ ବାର୍ଷିକ ୧୪୦୦ କୋଟି ଟଙ୍କାର ଭାଟ୍ ରାଜସ୍ୱ କ୍ଷତି ସହିବ ବୋଲି ଆକଳନ କରାଯାଇଛି। ଏଥିସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଏକ୍ସାଇଜ୍ ଟିକସ ହ୍ରାସକୁ ଦୃଷ୍ଟିରେ ରଖି ରାଜ୍ୟର ଭାଟ୍ ସଂଗ୍ରହରେ ପେଟ୍ରୋଲ ଉପରେ ଲିଟର ପିଛା ଅତିରିକ୍ତ ୧.୬ ଟଙ୍କା ଏବଂ ଡିଜେଲ ଉପରେ ଲିଟର ପିଛା ଅତିରିକ୍ତ ୨.୮ ଟଙ୍କାକୁ ମିଶାଇ ☞ପୃଷ୍ଠା-୪

## ଖାଇବାତେଲରୁ ଟିକସ ହ୍ରାସ କଲା କେନ୍ଦ୍ର

**ନୂଆଦିଲ୍ଲୀ, ୫।୧୧**

ଖାଇବାତେଲ ସମେତ ବିଭିନ୍ନ ଖାଉଟି ସାମଗ୍ରୀର ଅହେତୁକ ଦରବୃଦ୍ଧିକୁ ନେଇ ଜନସାଧାରଣ ଅତିଷ୍ଠ। ସେମାନଙ୍କ ଅସନ୍ତୋଷ ନିକଟରେ କେତେକ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନରେ ପ୍ରତିଫଳିତ ହୋଇଛି। ☞ପୃଷ୍ଠା-୪

# ବିବେକଙ୍କଠାରୁ ଟାୟାର ଆଣିଥିଲେ ଗୋବିନ୍ଦ

**ଭବାନୀପାଟଣା,୫।୧୧(ସ୍ୱ.ପ୍ର.)**

ମମିତା ମେହେର ହତ୍ୟା ଘଟଣାକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ରହିଛି। ଏପରିସ୍ଥଳେ ଦିନକୁ ଦିନ ପୋଲିସ ତଦନ୍ତରୁ ସାମାନାକୁ ଆସୁଛି ଚାଞ୍ଚଲ୍ୟକର ନୂଆ ତଥ୍ୟ। କିଛି ଦିନ ତଳେ ହତ୍ୟାକାଣ୍ଡରେ ବ୍ୟବହୃତ ସ୍କୁଟି ଓ ଜେସିବି ଜବତ ହୋଇଥିବା ବେଳେ ଶୁକ୍ରବାର ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ମମିତାଙ୍କ ମୃତଦେହ ପୋଡ଼ିବାକୁ ବ୍ୟବହୃତ ହୋଇଥିବା ଟାୟାର ମହାଲିଙ୍ଗର ବିବେକ ଅଗ୍ରୱାଲ ନାମକ ଜଣେ ବ୍ୟକ୍ତି ଦେଇଥିବା ଜଣାପଡ଼ିଛି, ଯାହା ସମ୍ପୃକ୍ତ ବ୍ୟକ୍ତିଙ୍କ ୧୬୧ ବୟାନରୁ ଏହି ତଥ୍ୟ ମିଳିଛି। ବୟାନ ଅନୁସାରେ, ମମିତାଙ୍କୁ ହତ୍ୟା ପରେ ବିବେକଙ୍କୁ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ୮ ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ଫୋନ କରିଥିଲେ। ଡ୍ରାଇଭର ରାଧେଶ୍ୟାମ ଚଣ୍ଡୀଙ୍କୁ ୨ଟି ପୁରୁଣା ଟାୟାର ଦେବ ବୋଲି ସେ ବିବେକଙ୍କୁ କହିଥିଲେ। ଅପରାହ୍ନ

**ମମିତା ହତ୍ୟା ଘଟଣା**



ସାଢ଼େ ୩ଟାରେ ବିବେକଙ୍କଠାରୁ ରାଧେ ୨ଟି ପୁରୁଣା ଟାୟାର ନେଇ ଆସିଥିଲେ। ପରେ ସେ ୨ଟି ଟାୟାରାରେ ମମିତାଙ୍କୁ ପୋଡ଼ିଦେଇଥିବା କଥା ପରେ ଜାଣିଲେ ବୋଲି ବିବେକ ବୟାନରେ କହିଛନ୍ତି। ଅନ୍ୟପକ୍ଷରେ ମମିତା ହତ୍ୟା ଘଟଣାରେ ୭୦ଟି ସିଜର ସାମଗ୍ରୀ ଫୋରେନସିକ୍ ଲାବକୁ ପଠାଯାଇଛି। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ନଖ, ଚୁଟି, ରକ୍ତ ନମୁନା ଫୋରେନସିକ୍ ଲାବକୁ ପଠାଯାଇଛି। ଏହାସହ ମମିତାଙ୍କ ଅସ୍ଥି, ମାଂସ ଓ ବ୍ୟାଗ ମଧ୍ୟ ଫୋରେନସିକ ଲ୍ୟାବକୁ ପଠାଯାଇଛି। ମମିତା ହତ୍ୟା ଘଟଣାକୁ ନେଇ ପଲ୍ଲୀରୁ ଦିଲ୍ଲୀ ଉଠୁଥିବା ପଡୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ତାଙ୍କ ସହଯୋଗୀ ରାଧେଙ୍କୁ ପୋଲିସ ଗିରଫ କରିଛି। ଏପଟେ ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ବିଭିନ୍ନ ରାଜନୈତିକ ଦଳ ସନ୍ଦେହ ପ୍ରକାଶ କରୁଛନ୍ତି ।





## ପାର୍ଥ ଶତପଥି ହଙ୍ଗେରି ପାଇଁ ଭାରତର ରାଷ୍ଟ୍ରଦୂତ

ବରିଷ୍ଠ କୂଟନୀତିଜ୍ଞ ପାର୍ଥ ଶତପଥିଙ୍କୁ ହଙ୍ଗେରି ପାଇଁ ଭାରତର ରାଷ୍ଟ୍ରଦୂତ ନିଯୁକ୍ତ କରାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୧୯୯୦ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଅଫିସର ପାର୍ଥ ଏବେ ୟୁକ୍ରେନ୍‌ରେ ଭାରତର ରାଷ୍ଟ୍ରଦୂତ ଅଛନ୍ତି। ଖୁବ୍‌ଶୀଘ୍ର ସେ ହଙ୍ଗେରି ପାଇଁ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟଭାର ଗ୍ରହଣ କରିବେ ବୋଲି ମନ୍ତ୍ରଣାଳୟ କହିଛି।

**ସଂକ୍ଷେପରେ**

### ଇସ୍‌ଲାମିକ ଆତଙ୍କବାଦୀଙ୍କ ଆକ୍ରମଣରେ ୬୯ ମୃତ

**ନିଆମି (ନାଇଜର), ୫।୧୧:** ମାଲି ସୀମାନ୍ତବର୍ତ୍ତୀ ପଶ୍ଚିମ ନାଇଜରର ଏକ ଆତ୍ମସୁରକ୍ଷା ବ୍ରିଗେଡ୍ ଉପରେ ଇସ୍‌ଲାମିକ ଆତଙ୍କବାଦୀମାନେ ଆକ୍ରମଣ କରିବାରୁ ୬୯ ଜଣଙ୍କ ମୃତ୍ୟୁ ଘଟିଛି ଓ ୧୫ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ବାନିବାଙ୍ଗୋଉରେ ଘଟିଥିବା ଏହି ହିଂସାକାଣ୍ଡରେ ରାଜଧାନୀ ନିଆମି ସହରର ମେୟର ମଧ୍ୟ ପ୍ରାଣ ହରାଇଛନ୍ତି। ଆତଙ୍କବାଦୀ ନିରୋଧୀ ଲଢ଼େଇରେ ସ୍ଥାନୀୟ ଆତ୍ମସୁରକ୍ଷା ବାହିନୀ ନାଇଜର ସୈନ୍ୟବାହିନୀକୁ ସହାୟତା କରୁଥିଲା। ଗତ ଜାନୁୟାରୀରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶତାଧିକ ପ୍ରାଣ ହରାଇଥିଲେ। ଏହା ପରବର୍ତ୍ତୀ ମାସରେ ଏକାଧିକ ଆକ୍ରମଣରେ ୨୩୭ ଜଣଙ୍କ ମୃତ୍ୟୁ ଘଟିଥିଲା।

### ବାଣଭର୍ତ୍ତି ସ୍କୁଟରରେ ବିସ୍ଫୋରଣ: ବାପପୁଅ ମୃତ

**ଚେନ୍ନାଇ, ୫।୧୧:** ତାମିଲନାଡୁର ଭିଲ୍ଲୁପୁରମ ଜିଲାରେ ଗୁରୁବାର ବାଣ ନେଇଯାଉଥିବା ଏକ ସ୍କୁଟରରେ ବିସ୍ଫୋରଣ ହେବାରୁ ବାପପୁଅଙ୍କ ମୃତ୍ୟୁ ଘଟିଛି। ଏହି ବିସ୍ଫୋରଣ ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହେବା ସହ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୋଲିସ ବ୍ୟାରିକେଡ୍ ଅତିକ୍ରମ କରିବା ପରେ ସ୍କୁଟରଟି ବିସ୍ଫୋରଣରେ ଜଳିଯାଉଥିବା ଦେଖାଯାଇଛି। ସ୍କୁଟର ଆଗରେ ଦୁଇ ବଣ୍ଡଲ୍ ବାଣକୁ ଖୁବ୍‌ଜୋରରେ ବନ୍ଧାଯାଇଥିବାରୁ ଘର୍ଷଣ ଓ ଚାପ ଯୋଗୁ ଏହା ବିସ୍ଫୋରଣ ହୋଇଥିବା କୁହାଯାଉଛି। ପୋଲିସ ଘଟଣାର ଅନୁଧ୍ୟାନ କରୁଛି। ମୃତକ କଲାଇନେସାନ(୩୫) ଏକ ଅଟୋମୋବାଇଲ ପାର୍ଟ୍‌ସ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେ ଓ ତାଙ୍କ ୭ ବର୍ଷର ପୁଅ ପ୍ରଦେଶ ପୁଡୁଚେରୀରୁ ସ୍କୁଟରରେ ବାଣ ଆଣି ଆସୁଥିବାବେଳେ ବିସ୍ଫୋରଣ ହୋଇଥିଲା। ଏହି ସମୟରେ ଭୁଲ୍ ପାର୍ଶ୍ୱରେ ଆସୁଥିବା ଏକ ବାଇକର ଚାଳକ ନିୟନ୍ତ୍ରଣ ହରାଇବାରୁ ଖସିପଡ଼ି ଆହତ ହୋଇଥିଲେ।

### ଶ୍ରୀନଗର ହସ୍ପିଟାଲରେ ଆତଙ୍କବାଦୀଙ୍କ ଗୁଳିମାଡ଼

**ଶ୍ରୀନଗର, ୫।୧୧:** ଶ୍ରୀନଗରର ଏକ ହସ୍ପିଟାଲରେ ଶୁକ୍ରବାର ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳିମାଡ଼ ହୋଇଛି। ବେମିନାସ୍ଥିତ ଏସ୍‌କେଆଇଏମ୍‌ଏସ୍ ହସ୍ପିଟାଲ ଓ ହଷ୍ଟେଲ୍‌କୁ ସୁରକ୍ଷା ବଳ ଘେରି ରହିଛନ୍ତି। ଅନ୍ୟପକ୍ଷରେ ସାଧାରଣ ଲୋକଙ୍କ ଉପସ୍ଥିତିର ସୁଯୋଗ ନେଇ ଆତଙ୍କବାଦୀମାନେ ସେଠାରୁ ଖସି ପଳାଇବାରେ ସକ୍ଷମ ହେଲେ ବୋଲି ଶ୍ରୀନଗର ପୋଲିସ କହିଛି। କିଛିଦିନ ହେଲା ଆତଙ୍କବାଦୀ ଏଠାରେ ସଂଖ୍ୟାଲଘୁ ଏବଂ ପ୍ରବାସୀ ଶ୍ରମିକମାନଙ୍କୁ ଟାର୍ଗେଟ କରି ଆକ୍ରମଣ କରୁଛନ୍ତି। ଏଭଳି ଆକ୍ରମଣକୁ ପ୍ରତିହତ କରିବା ଲାଗି ଶ୍ରୀନଗରରେ ଅତିରିକ୍ତ ୫୦ କମ୍ପାନୀ ସୁରକ୍ଷା ବଳ ନିୟୋଜିତ କରାଯାଇଛି।

# ବିହାରରେ ବିଷାକ୍ତ ମଦ ପିଇ ୩୫ ମୃତ

**ପାଟନା, ୫।୧୧**



- ୪ ପୋଲିସ ଅଧିକାରୀ ନିଲମ୍ବିତ
- ମଦମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କୁ ଦୋଷ ଦେଲା ଆର୍‌ଜେଡି
- ଭୁଲ୍ ପାନୀୟ ପିଇଲେ ଏପରି ହେବ: ନୀତୀଶ କୁମାର

ମଦ ସମ୍ପୂର୍ଣ୍ଣ ନିଷେଧ ହୋଇଥିବା ବିହାରରେ ବିଷାକ୍ତ ମଦ ପିଇ ୩୫ ଜଣଙ୍କ ଜୀବନ ଯାଇଛି। ଗୋପାଳଗଞ୍ଜ ଏବଂ ପଶ୍ଚିମ ଚମ୍ପାରନ୍ ଜିଲାରେ ଦୁଇଦିନରେ ୩୫ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଲୋକ ବିଷାକ୍ତ ମଦ ପିଇ ଅସୁସ୍ଥ ହୋଇପଡ଼ିଛନ୍ତି। ମଦମୃତ୍ୟୁ ପାଇଁ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ରାଜ୍ୟର ନୀତୀଶ ଯାଦବ ସରକାରଙ୍କୁ ସମ୍ପୂର୍ଣ୍ଣ ଦୋଷ ଦେଇଛନ୍ତି। ଦୀପାବଳିରେ ସରକାର ୩୫ ଜଣଙ୍କୁ ମାରିଦେଲେ ବୋଲି ସେ ଅଭିଯୋଗ କରିଛନ୍ତି। କେବଳ ଗୋପାଳଗଞ୍ଜ ଜିଲାରେ ୨୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବେଢିଆହରେ ୧୧ ଜଣଙ୍କ ଜୀବନ ଯାଇଛି। ବିଷାକ୍ତ ମଦ ପିଇ ଅନେକ ଦୃଷ୍ଟିଶକ୍ତି ହରାଇଛନ୍ତି। ଗତ ସପ୍ତାହରେ ମୁଜରାଫରପୁରରେ ଏଭଳି ମଦ ପିଇ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି, ପୁଣିଥରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ହେବ। ବିହାରରେ ମଦ ନିଷିଦ୍ଧ ଥିବାବେଳେ ପଡୋଶୀ ଦେଶରୁ ଚୋରାରେ ଆସୁଥିବା ବିଷାକ୍ତ ମଦ ପିଇ ଲୋକେ ମରୁଛନ୍ତି। ଏଭଳି ମଦ ପ୍ରସ୍ତୁତ ଓ ବିକ୍ରି କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭୁଲ୍ ପାନୀୟ ପିଇଲେ ଏଭଳି ସ୍ଥିତି ଉପୁଜିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୀତୀଶ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ମଦମୃତ୍ୟୁ ଘଟଣାର ତଦନ୍ତ ଜାରି ରହିଥିବା କହିଛନ୍ତି। ଛଟ୍ ପୂଜା ପରେ ରାଜ୍ୟରେ ମଦ ନିଷେଧ କଟକଣାକୁ ପୁଣିଥରେ କଡ଼ାକଡ଼ି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ମଦମୃତ୍ୟୁ ଘଟଣାରେ ବିହାର ପୋଲିସ ୨୪ ଜଣଙ୍କୁ ଗିରଫ କରିବା ସହ ଅନ୍ୟ ୫ ଜଣଙ୍କୁ ଅଟକ ରଖି ଜେରା କରୁଛି। ଏଥିସହିତ ଉଭୟ ଜିଲାରୁ ୪ ଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ମଦ ମୃତ୍ୟୁର କାରଣ ସମ୍ପର୍କରେ ଜିଲା ପ୍ରଶାସନ ପାଖରେ ଉତ୍ତର ନାହିଁ। ୧୦ ଦିନ ମଧ୍ୟରେ ଏହା ତୃତୀୟ ମଦମୃତ୍ୟୁ ଘଟଣା ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଗୋପାଳଗଞ୍ଜରେ ମୃତକଙ୍କ ପରିବାର ଲୋକଙ୍କୁ ଭେଟିଥିବା ରାଜ୍ୟ ମନ୍ତ୍ରୀ ଜନକ ରାମ କହିଛନ୍ତି, ଏନ୍‌ଡିଏ ସରକାରଙ୍କୁ ବଦନାମ କରିବା ଲାଗି ଏହା ଏକ ଷଡ଼ଯନ୍ତ୍ର। ତିନୋଟି ଟିମ୍ ମଦମୃତ୍ୟୁର ତଦନ୍ତ କରୁଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବାରୁ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ କରାଯାଇପାରିବ ନାହିଁ ବୋଲି ଗୋପାଳଗଞ୍ଜ ଏସ୍‌ପି କହିଛନ୍ତି।

## ଜେଲରେ ଅନଶନରତ ଚାଇନା ଖବରଦାତାଙ୍କ ଅବସ୍ଥା ଗୁରୁତର



ଝାଙ୍ଗ୍ ଝାନ୍

**ଉହାନ କୋଭିଡ୍ ଖବର ପ୍ରକାଶ କରିଥିଲେ**

**ବେଜିଂ, ୫।୧୧**

ଚାଇନାର ଉହାନ ସହରରେ କରୋନା ସଂକ୍ରମଣର ଭୟାବହତା ସମ୍ପର୍କରେ ଖବର ପ୍ରକାଶ କରିଥିବା ଖବରଦାତା ଝାଙ୍ଗ୍ ଝାନ୍ (୩୮)ଙ୍କୁ ୪ ବର୍ଷ ଜେଲଦଣ୍ଡାଦେଶ ହୋଇଥିଲା। ଅନଶନ ଚଳାଇଥିବା ଝାଙ୍ଗଙ୍କ ମୁମୂର୍ଷୁ ଅବସ୍ଥାରେ ଥିବାବେଳେ ତୁରନ୍ତ ତାଙ୍କୁ ଜେଲରୁ ମୁକ୍ତ କରିଦେବା ଲାଗି ଅଧିକାର ସଂଗଠନଗୁଡ଼ିକ ଦାବିକୁ ଜୋର୍‌ଦାର କରିଛନ୍ତି। କରୋନା ମହାମାରୀର କେନ୍ଦ୍ରସ୍ଥଳ ଉହାନର ସ୍ଥିତି ସମ୍ପର୍କରେ ରିପୋର୍ଟ ପ୍ରକାଶ କରିବାକୁ ପୂର୍ବତନ ଆଇନଜୀବୀ ଝାଙ୍ଗ୍ ୨୦୨୦ ଫେବୃୟାରୀରେ ଯାଇଥିଲେ। ସେ କୋଭିଡ୍ ନିୟନ୍ତ୍ରଣରେ ପ୍ରଶାସନର ଭୂମିକାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଉତ୍ତେଜନା ସୃଷ୍ଟି କରିବା ଓ ସମସ୍ୟା ବଢ଼ାଇବା ଅଭିଯୋଗରେ ତାଙ୍କୁ ଜେଲ ଦଣ୍ଡାଦେଶ ଦିଆଯାଇଥିଲା। ଅନଶନ ଯୋଗୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବାବେଳେ ସେ ଆଉ ଅଧିକ ଦିନ ବଞ୍ଚି ନ ପାରନ୍ତି ବୋଲି ତାଙ୍କ ଭାଇ ଝାଙ୍ଗ୍ ଜୁ ଟୁଇଟ୍ କରି ଜଣାଇଛନ୍ତି।

## ଆଦି ଶଙ୍କରାଚାର୍ଯ୍ୟଙ୍କ ସମାଧି ଉଦ୍‌ଘାଟିତ



ଆଦି ଶଙ୍କରାଚାର୍ଯ୍ୟଙ୍କ ସମାଧି ପୀଠରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାର୍ଥନା କରୁଛନ୍ତି।

**ଡେରାଡୁନ୍, ୫।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉତ୍ତରାଖଣ୍ଡର କେଦାରନାଥ ପୀଠରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପୁନଃ ନିର୍ମିତ ସମାଧି ଉଦ୍‌ଘାଟନ କରିବା ସହ ଦଶନ୍ଧି ଧରି ରାଜ୍ୟର ବିକାଶ ଜାରି ରହିବ ବୋଲି କାମନା କରିଛନ୍ତି। ପୂଜକ ଓ ଶ୍ରଦ୍ଧାଳୁମାନଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତରେ ଧର୍ମସ୍ଥାନଗୁଡ଼ିକ ପୁନଃ ବିକଶିତ ହେଉଥିବାରୁ ଆଦିଗୁରୁ ଶଙ୍କରାଚାର୍ଯ୍ୟ ଓ ସ୍ୱାମୀ ବିବେକାନନ୍ଦଙ୍କ ଭଳି ପୁରାତନ ସନ୍ଥ ଓ ଦାର୍ଶନିକମାନଙ୍କ ପ୍ରତି ଦେଶ ଗର୍ବ ଅନୁଭବ କରୁଥିବା ସୂଚନା ଦେଉଛି। ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ହେଉଥିବାବେଳେ କାଶୀର ବିଶ୍ୱନାଥ ଧାମ ପ୍ରୋଜେକ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି।

ଆଗାମୀ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ପୂର୍ବରୁ ମୋଦି କେଦାରନାଥରେ ୪୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ପୁନଃ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଚାର୍‌ଧାମକୁ ନିର୍ମାଣାଧୀନ ସବୁଦିନିଆ ରାସ୍ତା ଓ ଋଷିକେଶ–କର୍ଣ୍ଣପ୍ରୟାଗ ରେଳ ଲିଙ୍କ୍ ସମ୍ପୂର୍ଣ୍ଣ ହେଲେ ଉତ୍ତରାଖଣ୍ଡକୁ ପର୍ଯ୍ୟଟକଙ୍କ ସଂଖ୍ୟା ବହୁଗୁଣିତ ହେବ। ଶତାବ୍ଦୀର ତୃତୀୟ ଦଶନ୍ଧି ଉତ୍ତରାଖଣ୍ଡର ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଘରେ ରହି କାର୍ଯ୍ୟ କରିବା ନେଟ୍‌ୱର୍କ ବଢୁଥିବାରୁ ଏହା ସ୍ଥାନୀୟ ଲୋକଙ୍କ ପାଇଁ ଉପାର୍ଜନର ସୁଯୋଗ ସୃଷ୍ଟି କରିବ ଏବଂ ନିଯୁକ୍ତି ଖୋଜିବା ଲାଗି ପାର୍ବତ୍ୟାଞ୍ଚଳର ଯୁବଗୋଷ୍ଠୀଙ୍କୁ ଆଉ ଅନ୍ୟ ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ।

କେଦାରନାଥରେ ପହଞ୍ଚି ମୋଦି ସେଠାରେ ପୂଜାର୍ଚ୍ଚନା କରିଥିଲେ। ୨୦୧୩ ପ୍ରଳୟଙ୍କରୀ ବନ୍ୟାରେ କେଦାରନାଥ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ବାବା କେଦାରଙ୍କ ଆଶୀର୍ବାଦରୁ ତାହା ପୁନଃ ନିର୍ମିତ ହୋଇଛି। ଏଥିପାଇଁ ସେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏବଂ ଅତ୍ୟଧିକ ଥଣ୍ଡାରେ କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଧାନମନ୍ତ୍ରୀ କିଛି ସମୟ ଧ୍ୟାନରେ ବସିଥିଲେ। ସେଠାରେ ବସିରହିବା ଦ୍ୱାରା ଶଙ୍କରାଚାର୍ଯ୍ୟଙ୍କ ଆଖିରୁ ଆସୁଥିବା ଜ୍ୟୋତି ବିଶାଳ ଭାରତ ଗଠନ ସମ୍ପର୍କରେ ତାଙ୍କ ମଧ୍ୟରେ ଆଶା ସଞ୍ଚାର କରୁଥିବା ସେ ଅନୁଭବ କରୁଛନ୍ତି ବୋଲି କହିଥିଲେ।

## ଦୀପାବଳି ପରେ ଦିଲ୍ଲୀ ଧୂମାଚ୍ଛନ୍ନ

**ନୂଆଦିଲ୍ଲୀ, ୫।୧୧**

- ଅଧିକାଂଶ ଅଞ୍ଚଳରେ ବାୟୁ ମାନ ବିପଜ୍ଜନକ
- କ୍ଷୋଭ ପ୍ରକାଶ କଲେ ସୁପ୍ରିମକୋର୍ଟ ବିଚାରପତି

କଟକଣା ସତ୍ତ୍ୱେ ଦିଲ୍ଲୀରେ ଦୀପାବଳି ପାଳନ ବେଳେ ପ୍ରବଳ ମାତ୍ରାରେ ବାଣ ଫୁଟିବା ଫଳରେ ରାଜଧାନୀ ଧୂମାଚ୍ଛନ୍ନ ହୋଇଯାଇଛି। ଶୁକ୍ରବାର ସକାଳେ ରାଜଧାନୀକୁ ଧୂମମଣ୍ଡଳର ଆସ୍ତରଣ ଘୋଡ଼ାଇ ରଖିଥିଲା। ଦୀପାବଳି ପରେ ଦିଲ୍ଲୀର କେତେକ ଅଞ୍ଚଳରେ ବାୟୁର ମାନ ବିପଜ୍ଜନକ ସ୍ଥିତିରେ। ସେଠାରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୪୫୧ ଛୁଇଁଛି, ଯାହାକି ଅତ୍ୟନ୍ତ ବିପଜ୍ଜନକ ସ୍ତର। ଜନପଥରେ ଏହା ୬୫୫.୦୭ରେ ପହଞ୍ଚିଥିବା ଜଣାପଡ଼ିଛି। ଏଭଳି ବିଷାକ୍ତ ବାୟୁ ଯୋଗୁ ଆଖିରେ ପାଣି ଆସିବା ସହ ଗଳା କୁଣ୍ଡାଇ ହେଉଥିବା ରାଜଧାନୀର କେତେଜଣ ଲୋକ ଅଭିଯୋଗ କରିଛନ୍ତି। ପଡୋଶୀ ଫରିଦାବାଦରେ ବାୟୁ ମାନ ୪୨୪ ଥିବାବେଳେ ଗାଜିଆବାଦରେ ୪୪୨, ଗୁରୁଗ୍ରାମରେ ୪୨୩ ଏବଂ ନୋଏଡାରେ ୪୩୧ ରେକର୍ଡ କରାଯାଇଛି।

ରାଜଧାନୀ ଧୂମାଚ୍ଛନ୍ନ ରହିବାରୁ ଶୁକ୍ରବାର ସକାଳ ୫ଟା ୩୦ ମିନିଟ ସମୟରେ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର ଏବଂ ସଫଦରଜଙ୍ଗ ବିମାନ ବନ୍ଦରରେ ୨୦୦ରୁ ୫୦୦ ମିଟର ପର୍ଯ୍ୟନ୍ତ ଦୃଶ୍ୟ ହେଉଥିବାବେଳେ ସହରର କେତେକ ଅଞ୍ଚଳରେ ମାତ୍ର ୨୦୦ ମିଟର ପର୍ଯ୍ୟନ୍ତ ଦୃଶ୍ୟ ହୋଇଥିଲା। ବାୟୁରେ ପିଏମ୍ ୨.୫ ଅତ୍ୟଧିକ ବଢ଼ିଯିବାରୁ ଏଭଳି ସ୍ଥିତି ଦେଖାଦେଇଥିବା ବାୟୁମାନ ପୂର୍ବାନୁମାନକାରୀ ସଂସ୍ଥା ସଫର ପକ୍ଷରୁ କୁହାଯାଇଛି।

ବାୟୁ ପ୍ରଦୂଷଣ ବଢୁଥିବାରୁ ଏଥର ଦୀପାବଳିରେ ବାଣ ଫୁଟାଇବା ଉପରେ ଦିଲ୍ଲୀ ସରକାର ନିଷେଧାଦେଶ ଜାରି କରିଥିଲେ। ହେଲେ ଲୋକେ ଏହାକୁ ଅବଜ୍ଞା କରି ବାଣ ଫୁଟାଇବାରୁ ରାଜଧାନୀରେ ବିପଜ୍ଜନକ ସ୍ଥିତି ଦେଖାଦେଇଛି। ଏହା ସାଙ୍ଗକୁ ପଡୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ବଢୁଥିବାରୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଗୁରୁତର ଅବସ୍ଥାରେ ପହଞ୍ଚିଥିବା କୁହାଯାଉଛି।

ଦୀପାବଳି ପରେ ଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ତରକୁ ନେଇ ସୁପ୍ରିମକୋର୍ଟ ବିଚାରପତି ଏସ୍. ରବୀନ୍ଦ୍ର ଭଟ୍ଟ ଶୁକ୍ରବାର କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରି ଉତ୍ସବ ମନାଇବାକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ନିକଟରେ ସୁପ୍ରିମକୋର୍ଟ କହିଥିଲେ।



## ଫାଇଜରର ଆଣ୍ଟିଭାଇରାଲ ବଟିକା ୮୯% ଫଳପ୍ରଦ

**ୱାଶିଂଟନ, ୫।୧୧**

କୋଭିଡ୍ ଚିକିତ୍ସା ପାଇଁ ଆମେରିକାର ଫାଇଜର କମ୍ପାନୀ ପ୍ରସ୍ତୁତ କରିଥିବା ଆଣ୍ଟିଭାଇରାଲ ବଟିକାର କ୍ଲିନିକାଲ ପରୀକ୍ଷା କରାଯାଇଛି। ଏହି ବଟିକା ଗୁରୁତର କରୋନା ରୋଗୀଙ୍କ ହସ୍ପିଟାଲରେ ଭର୍ତ୍ତି ହେବା କିମ୍ବା ମୃତ୍ୟୁ ଆଶଙ୍କାକୁ ୮୯ ପ୍ରତିଶତ ହ୍ରାସ କରିପାରୁଥିବା ପରୀକ୍ଷାରୁ ଜଣାପଡ଼ିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ମର୍କ ଆଣ୍ଡ କୋ କମ୍ପାନୀ ପ୍ରସ୍ତୁତ ମୋଲନୁପିରାଭିର ବଟିକା ତୁଳନାରେ ଫାଇଜର ବଟିକା ଅଧିକ ଫଳପ୍ରଦ ସାବ୍ୟସ୍ତ ହୋଇଛି। ମୋଲନୁପିରାଭିର କୋଭିଡ୍ ରୋଗୀଙ୍କ ହସ୍ପିଟାଲରେ ଭର୍ତ୍ତି ଓ ମୃତ୍ୟୁ ଆଶଙ୍କାକୁ ୫୦ ପ୍ରତିଶତ କମାଇପାରିବ ବୋଲି ଗତମାସରେ ହୋଇଥିବା ପରୀକ୍ଷାରୁ ଜଣାପଡ଼ିଥିଲା।

# ଗୋଇନ୍ଦା ଓ ତଦନ୍ତକାରୀ ସଂସ୍ଥାର ବୈଧତା କେତେ

**ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ବିକଶିତ ପେଗାସସ୍ ସ୍ପାଏୱେର ଜରିଆରେ ଭାରତର ଅନେକ ଖବରଦାତାଙ୍କ ଉପରେ ଗୁପ୍ତଚରଗିରି କରାଯାଇଥିବା ନେଇ ଗତ ଜୁନ୍ ୧୮ରେ ଏକାଧିକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ନେଇ ଝଡ଼ ସୃଷ୍ଟି ହେବା ପରେ ବିଭିନ୍ନ ଦେଶର ସରକାରଙ୍କୁ ହିଁ ସ୍ପାଏୱେର ବିକ୍ରି କରାଯାଇଥିବା ଏନ୍‌ଏସ୍‌ଓ କହିଥିଲା। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଖୁବ୍‌ଶୀଘ୍ର ପୁନଃ ଶୁଣାଣି ହେବାକୁ ଥିବାବେଳେ ଭାରତରେ ଥିବା ଗୋଇନ୍ଦା ଓ ତଦନ୍ତକାରୀ ସଂସ୍ଥାଗୁଡ଼ିକର ବୈଧତା ଭଳି ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ ଆଲୋଚନା କରାଯାଇପାରେ।**

**ନୂଆଦିଲ୍ଲୀ, ୫।୧୧**

ଦେଶରେ ବର୍ତ୍ତମାନ ପ୍ରାୟ ୧୫ଟି ଗୋଇନ୍ଦା ସଂସ୍ଥା ରହିଛି। ସେଗୁଡ଼ିକ ମଧ୍ୟରୁ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଏବଂ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ଭଳି ଅଧିକାଂଶ ସଂସ୍ଥା କାର୍ଯ୍ୟକାରୀ ଆଦେଶ ବା ଏକ୍‌ଜିକ୍ୟୁଟିଭ୍ ଅର୍ଡର ବଳରେ ପ୍ରତିଷ୍ଠିତ। ଏହା ସତ ଯେ, ଦେଶର ନିରାପତ୍ତା କଥା ଉଠିଲେ ଗୋପନୀୟତାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଥାଏ। ତେବେ ଉକ୍ତ ସଂସ୍ଥାଗୁଡ଼ିକର କାର୍ଯ୍ୟ ପରିସରଗତ ଆବଶ୍ୟକତା ବାହାରେ ଗୋପନୀୟତା ରକ୍ଷା ହେଉ ନ ଥିବା ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳିଥାଏ। ଏଥିଲାଗି ଏହି ଏଜେନ୍ସିଗୁଡ଼ିକର ବୈଧତାକୁ ନେଇ ପ୍ରଶ୍ନ ଉଠିଥାଏ। ଆଇବି ଏବଂ ର'ର ଆଇନଗତ ବୈଧତାକୁ ନେଇ ୨୦୦୯ରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମନୀଷ ତିୱାରୀ ଉଠାଇଥିବା ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା, କେନ୍ଦ୍ରୀୟ ତାଲିକାର ଏଣ୍ଟ୍ରି ୮ରେ ଗୋଇନ୍ଦା ବ୍ୟୁରୋର ଉତ୍ପତ୍ତି ସମ୍ପର୍କରେ ଉଲ୍ଲେଖ ରହିଛି। ତେବେ ର' କିଭଳି କାର୍ଯ୍ୟ କରିବ ସେନେଇ ନିର୍ଦ୍ଦିଷ୍ଟ ଭାବେ କୌଣସି ଢାଞ୍ଚାଗତ ବିଧି ନାହିଁ ବୋଲି ମନ୍ତ୍ରଣାଳୟ ସ୍ୱୀକାର କରିଥିଲା। ସେ ଯାହା ହେଉନା କାହିଁକି କେନ୍ଦ୍ରୀୟ ତାଲିକାରେ କୌଣସି ବିଷୟ ଉଲ୍ଲେଖ ରହିଥିଲେ ସୁଦ୍ଧା ତାହା ସ୍ୱତଃ ଏକ ଅନୁଷ୍ଠାନକୁ ବୈଧତା ପ୍ରଦାନ କରି ନ ଥାଏ। ଏହା କେବଳ କେନ୍ଦ୍ର ସରକାରଙ୍କୁ ସମ୍ପୃକ୍ତ ପ୍ରସଙ୍ଗରେ ଆଇନ ପ୍ରଣୟନ ନେଇ କ୍ଷମତା ଦେଇଥାଏ। ଅଧିକରୁ ଅଧିକ ଏହାଦ୍ୱାରା କାର୍ଯ୍ୟପାଳିକା ଆଇବିକୁ ପ୍ରଶାସନିକ ବ୍ୟବସ୍ଥା ପାଇଁ ଏକ ଅସ୍ଥାୟୀ ଷ୍ଟାଟସ୍ ଦେଇଥାଏ। ୧୯୬୮ରେ ବିଶେଷକରି ଚାଇନା ଓ ପାକିସ୍ତାନ ସହ ଭାରତର ସମ୍ପର୍କକୁ ଫୋକସ୍ କରି ର' ଗଠନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହାର ପରିସର ଓ ପ୍ରଭାବ ବୃଦ୍ଧି ପାଇଛି। ବାଂଲାଦେଶ ଗଠନ ଭଳି ଅନେକ ନୀତିର ସଫଳତା ପାଇଁ ର'କୁ ଶ୍ରେୟ ଦିଆଯାଉଥିଲେ ହେଁ ୧୯୯୯ରେ ଜମ୍ମୁ–କଶ୍ମୀରକୁ ପାକିସ୍ତାନୀ ସୈନ୍ୟଙ୍କ ଅନୁପ୍ରବେଶ ପରେ ଏହାର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠିଥିଲା। ଏହି ବାହ୍ୟ ଗୋଇନ୍ଦା ସଂସ୍ଥାରେ ଉପଯୁକ୍ତ ଯୋଗାଯୋଗର ଅଭାବକୁ ଗମ୍ଭୀର ଦୁର୍ବଳତା ବୋଲି କାର୍‌ଗିଲ ରିଭ୍ୟୁ କମିଟି ରିପୋର୍ଟ ଅଭିହିତ କରିବା ସହ ସମାଧାନ ପାଇଁ ଏକ 'ବିଧିବଦ୍ଧ ଲିଖିତ ଚାର୍ଟର' ପ୍ରସ୍ତୁତ କରିବାକୁ ସୁପାରିସ କରିଥିଲା। ୨୦୧୨ରେ ଏନ୍.କେ. କୁଲକର୍ଣ୍ଣି ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରି ଆଇବିର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ, ୧୮୮୭ରେ (ତତ୍କାଳୀନ ସେଣ୍ଟ୍ରାଲ ସ୍ପେଶାଲ ବ୍ରାଞ୍ଚ) ପ୍ରତିଷ୍ଠିତ ଆଇବି ବିନା କୌଣସି ନିୟାମକ ଢାଞ୍ଚାର ସମର୍ଥନରେ ୧ ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳ କାର୍ଯ୍ୟ କରିଛି। ତେବେ ବୈଶିଷ୍ଟ୍ୟ ଦୃଷ୍ଟିରୁ ଆଇବି ଏକ ନାଗରିକ ସଙ୍ଗଠନ ହୋଇଥିବାରୁ ଏହାର ପୋଲିସ କ୍ଷମତା ନ ଥିବା କେନ୍ଦ୍ର ସରକାର କହିଥିଲେ। ଅଦାଲତ ଉକ୍ତ ପିଆଇଏଲ୍‌ର ଶୁଣାଣି ଆଇବିର କ୍ଷମତା ଓ କାର୍ଯ୍ୟ ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ କରି ଏକ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଦେବା ସକାଶେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ସରକାରଙ୍କ ପକ୍ଷରୁ ଏପରି କୌଣସି ଆଦେଶ ଅଦ୍ୟାବଧି ଆସିନାହିଁ।

ସେହିପରି ୨୦୧୩ରେ ନବେନ୍ଦ୍ର କୁମାର ବନାମ କେନ୍ଦ୍ର ସରକାର ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ବୈଧତାକୁ ମଧ୍ୟ ଚ୍ୟାଲେଞ୍ଜ କରାଯାଇଥିଲା। ୧୯୬୩ରେ ଗୃହୀତ ଏକ ସଂକଳ୍ପନାମା ଅନୁସାରେ ସିବିଆଇ ଗଠନ କରାଯାଇଥିଲା। କିନ୍ତୁ ସିବିଆଇ ଏହାର ସ୍ୱାଧୀନ ଷ୍ଟାଟସ୍ ଦିଲ୍ଲୀ ପୋଲିସ ସ୍ପେଶାଲ ଏଷ୍ଟାବ୍ଲିଶ୍‌ମେଣ୍ଟ ଆକ୍ଟ, ୧୯୪୬ ଅନୁସାରେ ପାଇଥିଲା। ସିବିଆଇ ଆନୁଷ୍ଠାନିକ ଭାବେ କେବେ ପ୍ରତିଷ୍ଠିତ ହୋଇ ନାହିଁ। ସିବିଆଇକୁ କୌଣସି ରାଜ୍ୟରେ ତଦନ୍ତ କରିବାକୁ ହେଲେ ସମ୍ପୃକ୍ତ ରାଜ୍ୟର ସରକାରଙ୍କଠାରୁ ସମ୍ମତି ନେବାକୁ ପଡ଼ିବ ବୋଲି ବିନୀତ ନାରାୟଣ ବନାମ କେନ୍ଦ୍ର ସରକାରଙ୍କ ମାମଲାରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। କାରଣ 'ପୋଲିସ' ହେଉଛି ଏକ ରାଜ୍ୟ ବିଷୟ, ଯାହାକି ସମ୍ବିଧାନର ସପ୍ତମ ପରିଚ୍ଛେଦର ଲିଷ୍ଟ ଦ୍ୱିତୀୟ ଏଣ୍ଟ୍ରି ୨ରେ ଉଲ୍ଲେଖ କରାଯାଇଛି। ତେବେ ସିବିଆଇକୁ ଏକ 'ପୋଲିସ' ରୂପେ ବିବେଚନା କରିବା ଲାଗି ଏଫ୍‌ଆଇଆର୍ ରୁଜୁ କରିବା, ତଦନ୍ତ ଚଳାଇବା, ବାଜ୍ୟାପ୍ତି କରିବା ଏବଂ ଚାର୍ଜଶିଟ୍ ଦାଖଲ କରିବା ଆଦି ପାଇଁ ଦିଆଯାଇଥିବା କ୍ଷମତାକୁ ନେଇ ପ୍ରଶ୍ନ କରାଯାଇପାରେ। କୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ କରିବା ଲାଗି ସିବିଆଇ ରାଜ୍ୟର ଅନୁମତି ନେବା ଜରୁରୀ ନୁହେଁ ବୋଲି ଇ.ଜି. ବାର୍‌ସେ ବନାମ ଷ୍ଟେଟ୍ ଅଫ୍ ବମ୍ବେ ଏବଂ କନୟାଲାଲ ବନାମ ଗୁଜରାଟ ମାମଲାରେ କୋର୍ଟ ରାୟ ଆସିଥିଲା। ତେଣୁ ସିବିଆଇ ୩ ପ୍ରକାର ମାମଲାର ତଦନ୍ତ ବେଳେ ନିଜ କ୍ଷମତା ଉପଯୋଗ କରିପାରିବ ବୋଲି କୁହାଯାଇପାରେ। ପ୍ରଥମତଃ ତଦନ୍ତର ବିଷୟବସ୍ତୁ କେନ୍ଦ୍ର ସରକାରଙ୍କ ସହ ସମ୍ପର୍କିତ ହୋଇଥିବ। ଦ୍ୱିତୀୟରେ ରାଜ୍ୟ ସରକାର ଏକ ମାମଲାର ତଦନ୍ତ ପାଇଁ ସିବିଆଇକୁ ଅନୁରୋଧ କରିଥିବେ। ତୃତୀୟରେ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟ ସିବିଆଇକୁ ଏକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବେ, ଯାହାକି କେନ୍ଦ୍ରର ପରିସରରେ ଆସୁ ନ ଥିବ। ଗୁଆହାଟୀ ହାଇକୋର୍ଟ ନବେନ୍ଦ୍ର କୁମାର ବନାମ କେନ୍ଦ୍ର ସରକାର ଏବଂ ଓଗେର ମାମଲାରେ କହିଥିଲେ, ଯେଉଁ ଏକ୍‌ଜିକ୍ୟୁଟିଭ୍ ଅର୍ଡର ବଳରେ ସିବିଆଇ ପ୍ରତିଷ୍ଠା କରାଯାଇଛି, ତାହା ସାମ୍ବିଧାନିକ ଅଧିକାର ବହିର୍ଭୂତ। ବର୍ତ୍ତମାନ ଉକ୍ତ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ୨୦୧୦ରେ ସିବିଆଇ ନିଜ ପାଇଁ କେନ୍ଦ୍ରୀୟ ତାଲିକା ଏବଂ ଯୁଗ୍ମ ତାଲିକା ସମ୍ପର୍କିତ ମାମଲାଗୁଡ଼ିକର ତଦନ୍ତ ଲାଗି କ୍ଷମତା ଦାବି କରି ସିବିଆଇ ଆଇନ ପ୍ରଣୟନ ନିମନ୍ତେ ଏକ ଚିଠା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଥିଲା। ତେବେ ଅଦ୍ୟାବଧି ପାର୍ଲାମେଣ୍ଟ ଏହାକୁ ମଞ୍ଜୁରୀ ଦେଇନାହିଁ।

### କ୍ଷମତାର ଦୁରୁପଯୋଗ ଅଭିଯୋଗ

ନିକଟ ଅତୀତରେ ଗୋଇନ୍ଦା ସଂସ୍ଥାଗୁଡ଼ିକର ଆଇନଗତ ବୈଧତା ଓ କାର୍ଯ୍ୟପ୍ରଣାଳୀକୁ ନେଇ ଅନେକ ବିବାଦ ସୃଷ୍ଟି ହୋଇଛି। ଘରୋଇ ଫୋନ୍ ଟ୍ୟାପିଂ ଓ ଅନ୍ୟ ଯୋଗାଯୋଗ ମଧ୍ୟମ ଜରିଆରେ ବିରୋଧୀଙ୍କ ଉପରେ କଡ଼ା ନଜର ରଖିବା ଲାଗି ଗୋଇନ୍ଦା ବ୍ୟୁରୋର ନିରଙ୍କୁଶ କ୍ଷମତା ପାଇଁ କୌଣସି ନିୟାମକ ଢାଞ୍ଚା ନ ଥିଲେ ହେଁ ଆଇବି ଉକ୍ତ କ୍ଷମତାକୁ ଉପଭୋଗ କରିଆସୁଛି। ଶାସକ ଦଳ ବିରୋଧୀଙ୍କ ବିରୋଧରେ ଗୁପ୍ତଚରଗିରି କରିବା ଲାଗି ଆଇବିର ଦୁରୁପଯୋଗ କରୁଥିବା ଅଭିଯୋଗ ଅନେକ ସମୟରେ ଆସିଥାଏ। ଏଥିଲାଗି ଗୋଇନ୍ଦା ସଂସ୍ଥାଗୁଡ଼ିକର କ୍ଷମତା ଏବଂ ଲୋକଙ୍କ ପ୍ରିଭେସିକୁ ନେଇ ସୃଷ୍ଟି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଆଇନଗତ ବ୍ୟବସ୍ଥା କରାଯିବା ଜରୁରୀ ହୋଇପଡ଼ିଛି। ଏହା ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ବିଶ୍ଳେଷକ ଓ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୯୬,୧୮,୨୬୬ | ୫୦,୪୯,୨୭୯ | ୨୨,୬୦,୧୬,୭୧୨ |
| ଭାରତ | ୩,୪୩,୩୩,୧୯୯ | ୪,୫୯,୮୮୦ | ୩,୩୭,୧୬,୬୩୨ |
| ଓଡ଼ିଶା | ୧୦,୪୨,୯୪୩ | ୮୩୫୦(+୫୩) | ୧୦,୩୧,୪୨୫ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ

**ବୈପାରିଗୁଡ଼ା,୫।୧୧ (ଡି.ଏନ୍.ଏ.):** କୋରାପୁଟ ଜିଲା ବୈପାରିଗୁଡା ଥାନା ରାମଗିରି ଫାଣ୍ଡି ମାଠପଡା ପଞ୍ଚାୟତର ଗଇପଦର ଗ୍ରାମରେ ଶୁକ୍ରବାର ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ଅପରାହ୍ନ ୨ଟାରେ ଗ୍ରାମର ଲକ୍ଷ୍ମଣ ଗୋଲରିଙ୍କ ଝିଅ ମଙ୍ଗଳଦେଈ ଗୋଲରି (୬) ଏବଂ କେଶବ ଖିଲଙ୍କ ଝିଅ ନନ୍ଦିନୀ (୫) ସାଙ୍ଗମାନଙ୍କ ସହ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଉଭୟେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ସେମାନଙ୍କ ସହ ଯାଇଥିବା ସାଥୀମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ଅନେକ ଖୋଜାଖୋଜି ପରେ ପୋଖରୀରୁ ୨ ଶିଶୁଙ୍କ ମୃତଦେହ ମିଳିଥିଲା। ଲକ୍ଷ୍ମଣ ବୈପାରିଗୁଡା ଥାନାରେ ଏତଲା ଦେଇଛନ୍ତି।

### ଲାଞ୍ଚ ନେବା ବେଳେ ଏଏସ୍ଆଇଙ୍କୁ ଧରିଲା ଭିଜିଲାନ୍ସ

**ପଦ୍ମପୁର, ୫।୧୧ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଏଏସ୍ଆଇ କୈଳାସ ଚନ୍ଦ୍ର ଖୁଣ୍ଟିଆ ଶୁକ୍ରବାର ରାତିରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ସୂଚନା ଅନୁଯାୟୀ, ଆନ୍ଦୋଳା ଅଞ୍ଚଳର ଏକ ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଏଏସ୍ଆଇ ଖୁଣ୍ଟିଆ ଅଭିଯୋଗକାରୀଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଉକ୍ତ ବ୍ୟକ୍ତି ୮ ହଜାର ଟଙ୍କା ଦେଇସାରିଥିବା ବେଳେ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଶୁକ୍ରବାର ରାତି ପ୍ରାୟ ସାଢ଼େ ୭ଟା ବେଳେ ଏଏସ୍ଆଇ ଖୁଣ୍ଟିଆ ତାଙ୍କଠାରୁ ଅବଶିଷ୍ଟ ୨ହଜାର ଟଙ୍କା ନେଉଥିବା ବେଳେ ଛକିଥିବା ଭିଜିଲାନ୍ସ ଟିମ୍ ଧରିଥିଲା।

### ଦୀପାବଳିରେ ଲିଭିଗଲା ୪ ଜୀବନଦୀପ

**ରେଙ୍ଗାଲି,୫।୧୧(ଡି.ଏନ.ଏ.):** ଦୀପାବଳି ଦିନ ସମ୍ବଲପୁର ଜିଲାର ରେଙ୍ଗାଲି ଥାନା ଓ କତରବଗା ଥାନା ଅଞ୍ଚଳରେ ପୃଥକ୍ ଦୁର୍ଘଟଣାରେ ୪ଜଣଙ୍କ ଜୀବନ ଦୀପ ଲିଭିଯାଇଛି। ସୂଚନା ଅନୁସାରେ ଗୁରୁବାର ସନ୍ଧ୍ୟାରେ ଶ୍ୟାମ ମେଟାଲିକ୍ସରେ କାମ କରୁଥିବା ସୁନ୍ଦରଗଡ଼ ଜିଲାର ମୁକେଶ ମାଝି, ଝାଡ଼ଖଣ୍ଡ ରାଜ୍ୟର ଶ୍ୟାମ ସୁନ୍ଦର ସିଂ ଓ ବସନ୍ତ ବେଦିଆ ଏକ ବାଇକ୍ (ଓଡି୧୫ଇ୩୩୯୩)ରେ ଯାଉଥିଲେ। ବାଇକ୍ଟି ଭାରସାମ୍ୟ ହରାଇ ରେଙ୍ଗାଲି ଥାନା ଗଣେଶ ନଗରସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ଛିଡା ହୋଇଥିବା ଏକ ହାଇୱା (ଓଡ଼ି୧୫ଏଫ୍୬୦୦୯)କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଥିବା ଅନ୍ୟ ଜଣଙ୍କୁ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରେଙ୍ଗାଲି ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସେହିପରି କତରବଗା ଥାନା ପୁରୁଣାରାଞ୍ଚି ରାସ୍ତା ଗୁମୁଲୋଇ ନିକଟରେ ଅଜଣା ଗାଡ଼ି ଧକ୍କାରେ ସମ୍ବଲପୁର ଝାଙ୍କରପଡ଼ାର ରମେଶ ଦୋରାଙ୍କ ମୃତ୍ୟୁ ହୋଇଛି। ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଶପଥ ନେଲେ ହାଇକୋର୍ଟ ବିଚାରପତି ଆଦିତ୍ୟ ମହାପାତ୍ର



ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ନୂତନ ବିଚାରପତି ଆଦିତ୍ୟ ମହାପାତ୍ରଙ୍କୁ ଶପଥ ପାଠ କରାଉଛନ୍ତି।

**କଟକ ଅଫିସ,୫।୧୧**

ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଆଦିତ୍ୟ କୁମାର ମହାପାତ୍ର ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟର ନୂତନ ସଭାଗୃହରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ମହାପାତ୍ରଙ୍କୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ସମସ୍ତ ବିଚାରପତି, ପୂର୍ବତନ ବିଚାରପତି, ହାଇକୋର୍ଟ ବାର୍ ଆସୋସିଏଶନ ସଦସ୍ୟମାନେ ଉପସ୍ଥିତ ଥିଲେ। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କୋର୍ଟର ୟୁ୍ୟଟ୍ୟୁବ୍ ଚ୍ୟାନେଲରେ କରାଯାଇଥିଲା।

ସୂଚନାଯୋଗ୍ୟ, ଗତ ୧୯ ତାରିଖରେ ହାଇକୋର୍ଟର ନୂଆ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩ ନୂତନ ବିଚାରପତି ଭାବେ ମୃଗାଙ୍କ ଶେଖର ସାହୁ, ରାଧାକୃଷ୍ଣ ପଟ୍ଟନାୟକ ଓ ଶଶିକାନ୍ତ ମିଶ୍ର ଶପଥ ଗ୍ରହଣ କରିଥିଲେ। ଏବେ ନୂତନ ବିଚାରପତି ମହାପାତ୍ରଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି।






# ପ୍ରଥମ ମିଲେଟ୍ ଶକ୍ତି ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ମା' ଶକ୍ତିମୟୀ ମହିଳା ମହାସଂଘ ଦ୍ୱାରା ପରିଚାଳିତ ଓଡ଼ିଶାର ପ୍ରଥମ ମିଲେଟ୍ ଶକ୍ତି ବିକ୍ରୟ କେନ୍ଦ୍ର କୃଷି ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଦ୍ୱାରା କୃଷି ଭବନଠାରେ ଶୁକ୍ରବାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁରେଶ କୁମାର ବଶିଷ୍ଟ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ, ମହାସଂଘର ସମସ୍ତ ସଭ୍ୟାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏତଦ୍‌ବ୍ୟତୀତ ସେମାନଙ୍କ ଉଜ୍ଜ୍ୱଳମୟ ବ୍ୟବସାୟିକ ଭବିଷ୍ୟତ କାମନା କରିବା ସହ ଏଭଳି ଏକ ପ୍ରୟାସ ପାଇଁ ଓଡ଼ିଶା ମିଲେଟ୍ସ ମିଶନ ଏବଂ ମିଶନ ଶକ୍ତି ବିଭାଗର ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

ଏହି ବିକ୍ରୟ କେନ୍ଦ୍ର ଓଡ଼ିଶା ମିଲେଟ୍ସ ମିଶନ ଏବଂ ମିଶନ ଶକ୍ତି ବିଭାଗର ମିଳିତ ପ୍ରୟାସରେ ଆରମ୍ଭ ହୋଇଛି। ଏହାର ମୂଳ ଉଦ୍ଦେଶ୍ୟ କୃଷିଭବନରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀ ସମୂହ ତଥା ଆଗନ୍ତୁକଙ୍କୁ ପୁଷ୍ଟିଶସ୍ୟରେ ପ୍ରସ୍ତୁତ ନାନାଦି ଖାଦ୍ୟଦ୍ରବ୍ୟ ବିକ୍ରିକରିବା ସହ ପୁଷ୍ଟିଶସ୍ୟର ଉପକାରିତା ବିଷୟରେ ଅବଗତ କରାଇବା। ଏହି ବିକ୍ରୟ କେନ୍ଦ୍ର ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାସଭ୍ୟଙ୍କୁ ସ୍ୱାବଲମ୍ବୀ କରିବା ସହ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ଯୁଗ୍ମ ନିର୍ଦ୍ଦେଶକ (ଓଡ଼ିଶା ମିଲେଟ୍ସ ମିଶନ), ହୀରଞ୍ଜନ ମହନ୍ତ, ଓଡ଼ିଶା ମିଲେଟ୍ସ ମିଶନର ଯୋଜନା ଅଧିକାରୀ କଳ୍ପନା ପ୍ରଧାନ, ରାଜ୍ୟ ସଂଯୋଜକ ସୁଶ୍ରୀ ଅସୀମା ଚୌଧୁରୀ, ଜିଲା ସଂଯୋଜକ ମିଶନ ଶକ୍ତି ଏବଂ ଅନ୍ୟ କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ। କୃଷି ଭବନଠାରେ ମନ୍ତ୍ରୀ ସାହୁ ଏକ କାଫେଟାରିଆର ମଧ ଶୁଭ ଉଦ୍‌ଘାଟନ କରିଛନ୍ତି। ବାର୍ଷିକ ଟେଣ୍ଡର ମାଧ୍ୟମରେ ଜୟକମଳ କ୍ୟାଟେରିଂ ସର୍ଭିସ୍ ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି କାଫେଟାରିଆ କୃଷି ଭବନ କର୍ମଚାରୀ ତଥା ଏଠାରେ ଅନୁଷ୍ଠିତ ଅନେକ ସଭାସମିତି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଖାଦ୍ୟ ଆବଶ୍ୟକତାକୁ ପୂରଣ କରିବ। ସ୍ୱାସ୍ଥ୍ୟକର ପରିବେଶରେ ସୁଲଭ ଦରରେ ଏହି କାଫେଟାରିଆ ଖାଦ୍ୟ ଯୋଗାଇଦେବ ବୋଲି ମନ୍ତ୍ରୀ ସାହୁ ଆଶା ପ୍ରକାଶ କରିଛନ୍ତି।



କୃଷି ଭବନଠାରେ ଶୁକ୍ରବାର ଓଡ଼ିଶାର ପ୍ରଥମ ମିଲେଟ୍ ଶକ୍ତି ବିକ୍ରୟ କେନ୍ଦ୍ରକୁ ମନ୍ତ୍ରୀ ଅରୁଣ କୁମାର ସାହୁ ଉଦ୍‌ଘାଟନ କରୁଛନ୍ତି।

## ବାଣ ବିସ୍ଫୋରଣ: ୨ ମୃତ

**ଢେଙ୍କାନାଳ ଅଫିସ/ କେନ୍ଦ୍ରାପଡ଼ା ଅଫିସ, ୫।୧୧**

ଆଲୋକର ପର୍ବ ଦୀପାବଳିରେ ରାଜ୍ୟର ପୃଥକ୍ ସ୍ଥାନରେ ବାଣ ବିସ୍ଫୋରଣ ଘଟି ୨ ଜୀବନ ଯାଇଛି। ବାଇକ୍‌ରେ ବାଣ ନେଉଥିବାବେଳେ ବିସ୍ଫୋରଣ ହେବାରୁ ଢେଙ୍କାନାଳ ସଦର ଥାନା ବାରଦା ଗ୍ରାମର ମହେଶ୍ୱର ମହାରଣା (୨୫)ଙ୍କ ମୃତ୍ୟୁ ଘଟିଛି। ଏଥିରେ ବୀରେନ ନାୟକ (୨୪), ପ୍ରସନ୍ନ କୁମାର ବ୍ରହ୍ମ (୪୦) ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ୩ ଜଣ ଏକ ବାଇକ୍‌ରେ ବାଣ ନେଇ ଯାଉଥିବାବେଳେ ଏହି ଅଘଟଣ ଘଟିଥିଲା। ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମହେଶ୍ୱରଙ୍କ ମୃତ୍ୟୁ ହୋଇଯାଇଛି। ଏ ନେଇ ନଂ.୪୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତନାଘନା କରୁଛି। ସେହିପରି ବାଣ ଭିଡୁଥିବାବେଳେ ବିସ୍ଫୋରଣ ହେବାରୁ କେନ୍ଦ୍ରାପଡ଼ା ସଦର ଥାନା ଜୁଇଦାସପୁର ଗ୍ରାମର କୃଷ୍ଣଚନ୍ଦ୍ର ନାୟକଙ୍କ ମୃତ୍ୟୁ ଘଟିଛି। ଏଥିରେ ବାଣ କିଣିବା ପାଇଁ ଆସିଥିବା ଲିତା ବରାଳ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

**ପୂର୍ବ ଶତ୍ରୁତା ସନ୍ଦେହ, ପୋଲିସର ତଦନ୍ତ**

**ବ୍ରହ୍ମପୁର ଅଫିସ,୫।୧୧**

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଅନନ୍ତେଇ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ବିଷୋୟୀଙ୍କୁ ଶୁକ୍ରବାର ସକାଳେ ଦୁର୍ବୃତ୍ତମାନେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ସୁକୁଣ୍ଡା ରାସ୍ତାରେ ଖଣ୍ଡା, କାତିରେ ପ୍ରଦୀପଙ୍କ ମୁଣ୍ଡକୁ ଆକ୍ରମଣ କରାଯାଇଥିବାରୁ ତାଙ୍କର ମୃତ୍ୟୁ ଘଟିଛି। ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ସେଠାରୁ ପ୍ରଦୀପଙ୍କ ସ୍କୁଟି ଜବତ କରାଯାଇଛି। ସ୍କୁଟି ଚାବି ଡିକିରେ ଲାଗିଥିବା ଦେଖିବାକୁ ମିଳିଛି। ସେଠାରେ ପଡ଼ିଥିବା କିଛି କାଗଜପତ୍ରକୁ ପୋଲିସ ଜବତ କରିଛି। ବ୍ରହ୍ମପୁର ଟାଉନ୍ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ବଡ଼ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

ପ୍ରଦୀପ ବ୍ରହ୍ମପୁର ଗେଟବଜାରରେ ପରିବାର ସହ ରହୁଥିଲେ। ସେ ଅନନ୍ତେଇ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଓ କୁକୁଡ଼ାଖଣ୍ଡି ବ୍ଲକର ପୂର୍ବତନ କଂଗ୍ରେସ ସଭାପତି ମଧ ଥିଲେ। ଶୁକ୍ରବାର ସକାଳେ ପ୍ରଦୀପ ସ୍କୁଟିରେ ଅନନ୍ତେଇ ଗ୍ରାମକୁ ତାଙ୍କ ଫାର୍ମକୁ ଯାଉଥିଲେ। ଦୁର୍ବୃତ୍ତ ତାଙ୍କୁ ଅଟକାଇବା ପରେ ସେ ସ୍କୁଟି ଡିକି ଖୋଲି କିଛି କାଗଜପତ୍ର ବାହାର କରିବା ସମୟରେ ଆକ୍ରମଣ କରିଥିବା ପୋଲିସ ଅନୁମାନ କରୁଛି। ପ୍ରଦୀପଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କ ଅଭିଯୋଗକ୍ରମେ ନଂ.୨୨୭/୨୧ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ବଛପଲ୍ଲୀରେ ହୋଇଥିବା ଏକ ହତ୍ୟା ମାମଲାରେ ପ୍ରଦୀପ ଗିରଫ ହୋଇ ଜେଲ୍ ଯାଇଥିଲେ। କିଛିଦିନ ହେଲା ସେ ଜାମିନରେ ଆସିଥିଲେ।

## କାନ୍ଥ ପଡ଼ି ଶିଶୁ ମୃତ

**କେନ୍ଦୁଝର, ୫।୧୧ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ତେଲକୋଇ ଥାନା ଗୋଲାବନ୍ଧ ଗ୍ରାମରେ ଶୁକ୍ରବାର ମାଟି କାନ୍ଥ ପଡ଼ି ଜଣେ ୨ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ଘରର କାନ୍ଥ ଭଙ୍ଗା ଯାଉଥିବା ବେଳେ ଚାପି ହୋଇ ଶିଶୁର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୋଲାବନ୍ଧ ମହାକୁଡ଼ ସାହିର ଛଲୁ ମହାକୁଡ଼ଙ୍କ ପୁରୁଣା ଘର କାନ୍ଥକୁ ଭଙ୍ଗା ଯାଉଥିଲା। ଏହି ସମୟରେ ତାଙ୍କ ପୁଅ ସୌରଭ ଉକ୍ତ କାନ୍ଥ ନିକଟରେ ଖେଳୁଥିଲେ। କାନ୍ଥ ଖସି ପଡ଼ିବାରୁ ସେ ମାଟି ତଳେ ଚାପି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜଗମୋହନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୌରଭଙ୍କୁ ମୃତ ଘୋଷଣା କରିଥିଲେ।

## ପୁରସ୍କାର ନାଁ 'ଜୟଦେବ ସମ୍ମାନ' ବଦଳରେ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ' ରଖାଯାଉ

**ରାଜ୍ୟ ସରକାରଙ୍କୁ ୫ ପ୍ରସ୍ତାବ**

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା ସମୟରେ ଜୁରି ଅଧକ୍ଷ ଥିବା ସୁରେନ୍ଦ୍ର ସାହୁ ସରକାରଙ୍କ ନିକଟରେ ୫ଟି ପ୍ରସ୍ତାବ ରଖିଛନ୍ତି। ସେ କହିଛନ୍ତି, ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ପାଇଁ 'ଶ୍ରୀ ଜୟଦେବ ସମ୍ମାନ' ପ୍ରଦାନ କରାଯାଉଛି। ତେବେ ଜୟଦେବଙ୍କର ସିନେମା ସହ କୌଣସି ସମ୍ପର୍କ ନାହିଁ। ତେଣୁ ଭାରତୀୟ ସିନେମାର ଜନକ ଦାଦା ସାହେବ ଫାଲ୍‌କେଙ୍କ ପରି ଓଡ଼ିଆ ଚଳଚ୍ଚିତ୍ର ଜନକ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ'ଙ୍କ ନାମରେ ଜୟଦେବ ପୁରସ୍କାର ନାମିତ କରାଯାଉ। ସେହିପରି ଶ୍ରେଷ୍ଠ ଚଳଚ୍ଚିତ୍ରକୁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର' ବଦଳରେ 'କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ ପୁରସ୍କାର' କରାଯାଉ। ଏହାବ୍ୟତୀତ ପୁରସ୍କାର ଚୟନ ପାଇଁ ଏକ ସ୍ୱତନ୍ତ୍ର ମନୋନୟନ କମିଟି ଗଠନ କରି ସେଥିରେ ଏହି ପୁରସ୍କାରପ୍ରାପ୍ତ ଜଣେ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କୁ ଅଧକ୍ଷ ଏବଂ ଓଡ଼ିଆ ଚଳଚ୍ଚିତ୍ରରେ ସମ୍ପୃକ୍ତ ଆଉ ୨ଜଣ ବରିଷ୍ଠ ବ୍ୟକ୍ତିଙ୍କୁ ସଦସ୍ୟ ରଖାଯାଉ। ପଦ୍ମଶ୍ରୀ ପରି ଏହି ପୁରସ୍କାର ପାଇଁ ମଧ ବିଜ୍ଞାପନ ମାଧ୍ୟମରେ ଆବେଦନ ବ୍ୟବସ୍ଥା ରହୁ। ଏଥିସହ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଆସୁଥିବା ଚଳଚ୍ଚିତ୍ରଗୁଡ଼ିକୁ ଓଡ଼ିଆ ଚଳଚ୍ଚିତ୍ର ଅଭିଲେଖାଗାରରେ ରଖିବା ପାଇଁ ପ୍ରଯୋଜକଙ୍କ ପାଖରୁ ଆବେଦନବେଳେ ଏକ ଘୋଷଣାନାମା ରଖାଯାଉ, ଯାହାକୁ ଆଗାମୀ ଦିନରେ ଗବେଷଣା ପାଇଁ ସାହାଯ୍ୟ କରିବ।

# ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ନିମନ୍ତେ ଏଆଇସିସି ଉପକମିଟି

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ପରିପେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଓ ସହଯୋଗ ନିମନ୍ତେ ଏକ ଉପକମିଟି ଗଠିତ ହୋଇଛି। ଏହି କମିଟିକୁ ଏଆଇସିସି ସଭାନେତ୍ରୀ ସୋନିଆ ଗାନ୍ଧୀ ଅନୁମୋଦନ କରିଛନ୍ତି। ଗଠିତ ଉପକମିଟିର ପ୍ରକାଶନ ବିଭାଗରେ ସଂଯୋଜକ ଭାବେ ରାଜୀବ ଗୌଡାଙ୍କ ସମେତ ୫ଜଣ ସଦସ୍ୟ ରହିଛନ୍ତି। ସେହିପରି ସ୍ମରଣୀୟ ଘଟଣା ବିଭାଗରେ ସଂଯୋଜକ ଭାବେ ଡିପି ରାୟଙ୍କ ସମେତ ୭ ଜଣ ସଦସ୍ୟ, ସେମିନାର,କୁଇଜ ଓ ଭାଷଣ ସମ୍ବନ୍ଧୀୟ ବିଭାଗରେ ଦୀପା ଦାସମୁନ୍‌ସୀ ସଂଯୋଜକ ଭାବେ ଥିବାବେଳେ ପ୍ରସାଦ ହରିଚନ୍ଦନଙ୍କ ସମେତ ୫ଜଣ ସଦସ୍ୟ, ମାରାଥନ ଓ ପଦଯାତ୍ରା ବିଭାଗରେ ସଂଯୋଜକ ଶ୍ରୀନିବାସ ବିଭି ରହିଥିବାବେଳେ ୬ ଜଣ ସଦସ୍ୟ ଓ ଚଳଚ୍ଚିତ୍ର ବିଭାଗରେ ଅର୍ଜୁନ ମଧୱାଡିଆ ସଂଯୋଜକ ଭାବେ ରହିଥିବାବେଳେ ଅନ୍ୟ ୫ଜଣ ସଦସ୍ୟ ରହିଛନ୍ତି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ. ସି. ବେନଗୋପାଲ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଘନଶ୍ୟାମ ମହାପାତ୍ରଙ୍କୁ 'ଶ୍ରୀ ଜୟଦେବ ସମ୍ମାନ'

**ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ଘୋଷଣା**



ଘନଶ୍ୟାମ ମହାପାତ୍ର

- ଶ୍ରେଷ୍ଠ ଚଳଚ୍ଚିତ୍ର 'କାଲିର ଅତୀତ'
- ଶ୍ରେଷ୍ଠ ଅଭିନେତା ସରୋଜ ପରିଡ଼ା, ଅଭିନେତ୍ରୀ କାବ୍ୟା କିରଣ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୧୯ ମସିହା ପାଇଁ ୩୧ତମ 'ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର' ଓ ୮ମ 'ରାଜ୍ୟ ଓଡ଼ିଆ ଟେଲି ଚଳଚ୍ଚିତ୍ର ପୁରସ୍କାର' ପ୍ରଦାନ କରାଯିବ। ଏନେଇ ଶୁକ୍ରବାର ସଂସ୍କୃତି ଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଚଳଚ୍ଚିତ୍ର ଜଗତରେ ଜୀବନବ୍ୟାପୀ ସାଧନା ପାଇଁ ପ୍ରଯୋଜକ ତଥା ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର ସର୍ବୋଚ୍ଚ ପୁରସ୍କାର 'ଶ୍ରୀ ଜୟଦେବ ସମ୍ମାନ' ପାଇବେ। ପୁରସ୍କାର ବାବଦରେ ତାଙ୍କୁ ୨ଲକ୍ଷ ଟଙ୍କା ଅର୍ଥରାଶି ସହିତ ମାନପତ୍ର, ଉପଢୌକନ ପ୍ରଦାନ କରାଯିବ। ସେହିପରି ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'କାଲିର ଅତୀତ'କୁ 'ମୋହନ ସୁନ୍ଦର ଦେବ ଗୋସ୍ୱାମୀ ସମ୍ମାନ' ଦିଆଯିବ। ପୁରସ୍କାର ବାବଦରେ ୫୦ହଜାର ଟଙ୍କା ସହିତ ମାନପତ୍ର ପ୍ରଦାନ କରାଯିବ। ଏହା ବ୍ୟତୀତ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ନୀଳମାଧବ ପଣ୍ଡା (କାଲିର ଅତୀତ), ଶ୍ରେଷ୍ଠ ଅଭିନେତା ଭାବେ ସରୋଜ ପରିଡା (ଖୁସି), ଶ୍ରେଷ୍ଠ ଅଭିନେତ୍ରୀ କାବ୍ୟା କିରଣ (ଖୁସି), ଶ୍ରେଷ୍ଠ କାହାଣୀ ପାଇଁ ସ୍ୱର୍ଗତ କପିଳେଶ୍ୱର ପ୍ରସାଦ ମହାପାତ୍ର (ଶଳା ବୁଢ଼ାର ବଦ୍‌ଲା) ଓ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ବୈଦ୍ୟନାଥ ଦାସଙ୍କୁ (ନାୟକର ନାଁ ଦେବଦାସ) 'ବାଳକୃଷ୍ଣ ସମ୍ମାନ', ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ଭାବେ ସ୍ୱୟମ୍ ପାଢୀ (ଭିଜା ଭିଜା ପ୍ରେମଛିଟା), ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ଦୀପ୍ତିରେଖା ପାଢୀ (ଏ କେଉଁ ଋତୁ ଏ କେଉଁ ରାସ୍ତା) ଓ ଶ୍ରେଷ୍ଠ ଚିତ୍ରଗ୍ରହଣ ପାଇଁ ରବୀନ୍ଦ୍ର ବେହେରାଙ୍କୁ (ବାବୁ ଭାଇଜାନ୍) 'ପ୍ରମୋଦ ପତି ସମ୍ମାନ', ଶ୍ରେଷ୍ଠ ସମ୍ପାଦନା ପାଇଁ ରାଜେଶ ଦାସ୍ (ଖୁସି), ଶ୍ରେଷ୍ଠ ଗୀତିକାର ଭାବେ ଅରୁଣ ମନ୍ତ୍ରୀ (ଭିଜେଇ ଦେଇ ଯା ଥରେ...), ଶ୍ରେଷ୍ଠ ଚିତ୍ରନାଟ୍ୟ ସନ୍ତୋଷ ନାରାୟଣ ଦାଶ (ବାବୁ ଭାଇଜାନ୍), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ବବି ମିଶ୍ର (ବାବୁ ଭାଇଜାନ), ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ ଅଞ୍ଜନା ଦାଶ (ବାପା ତୁମେ ଭାରି ଦୁଷ୍ଟ), ଶ୍ରେଷ୍ଠ ହାସ୍ୟ କଳାକାର ତ୍ରିଭୁବନ ପଣ୍ଡା (ଗୋଲ୍‌ମାଲ୍ ଲଭ୍), ଶ୍ରେଷ୍ଠ ଶିଶୁ କଳାକାର ଐଶ୍ୱର୍ଯ୍ୟା ମିଶ୍ର (ଖୁସି), ଶ୍ରେଷ୍ଠକଳା ନିର୍ଦ୍ଦେଶକ କଳିଙ୍ଗ କେଶରୀ ନାୟକ (କାଲିର ଅତୀତ), ଶ୍ରେଷ୍ଠ ଶବ୍ଦ ଗ୍ରହଣକାରୀ ଚନ୍ଦ୍ରଶେଖର ଶର୍ମା (ଶଳା ବୁଢାର ବଦ୍‌ଲା), ସ୍ୱତନ୍ତ୍ର ଜୁରୀ ପୁରସ୍କାର ଅଭିନେତା ରୋହିତ୍ ରାଜ୍ (କୋଟିଏରେ ଗୋଟିଏ ମନ), ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଶିଶୁ ଚଳଚ୍ଚିତ୍ର ପାଇଁ ସୁବ୍ରତ କୁମାର ରଥ (ବାଜି) ଓ ଅଭିଷେକ କୁମାର ଦାସ (ଫ୍ରେମ୍ ସଞ୍ଜୁ), ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ରରେ ପ୍ରଯୋଜକ ଆଶୁତୋଷ ପଟ୍ଟନାୟକ (ଶ୍ରୀ କ୍ଷେତ୍ରରୁ ସାହିଯାତ) ଏବଂ ନିର୍ଦ୍ଦେଶକ ଭାବେ ବନମାଳୀ ରଣା ଓ ସ୍ୱରାଜ ମିଶ୍ର (ରସଗୋଲା), ଓଡ଼ିଶାରେ ପ୍ରାନ୍ତୀୟ ଭାଷାରେ ପ୍ରସ୍ତୁତ ଶ୍ରେଷ୍ଠ ଚଳଚ୍ଚିତ୍ର ପାଇଁ ପ୍ରଯୋଜକ ଶ୍ରୀକର ମିଶ୍ର (ଝରନ୍), ଶ୍ରେଷ୍ଠ ସଂଳାପ ଲେଖକ ଭାବେ ସ୍ୱର୍ଗତ ଅଟଳ ବିହାରୀ ପଣ୍ଡା (ଶଳା ବୁଢ଼ାର ବଦ୍‌ଲା), ଶ୍ରେଷ୍ଠ ରୂପ ସଜ୍ଜାକାରୀ ରାଜୁ (ବାବୁ ଭାଇଜାନ୍), ଶ୍ରେଷ୍ଠ ନୃତ୍ୟ ସଂଯୋଜନା ପାଇଁ ଗିରୀଶ ମହାନ୍ତି (ବାବୁ ଭାଇଜାନ୍) ମନୋନୀତ ହୋଇଛନ୍ତି। ଚଳଚ୍ଚିତ୍ରରେ ମୋଟ୍ ୨୭ଟି ବିଭାଗ ପାଇଁ ୬ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଗଠିତ କମିଟିରେ ବିଶିଷ୍ଟ ସିନେମାଟୋଗ୍ରାଫର ସୁରେନ୍ଦ୍ର ସାହୁ ଜୁରୀ ଅଧକ୍ଷ ରହିଥିବାବେଳେ ସଙ୍ଗୀତଜ୍ଞ ପ୍ରଣବ କିଶୋର ପଟ୍ଟନାୟକ, ଅଭିନେତ୍ରୀ ତ୍ରିପୁରା ମିଶ୍ର, ଚଳଚ୍ଚିତ୍ର ପ୍ରଯୋଜକ ଜିତେନ୍ଦ୍ର ମିଶ୍ର, ଚଳଚ୍ଚିତ୍ର ସାମ୍ବାଦିକ ଆଦିକନ୍ଦ ରାଉତ ଓ ଗୀତିକାର ଗୌର ପଟ୍ଟନାୟକ ଜୁରୀ ସଦସ୍ୟ ଥିଲେ।

# ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର 'କାଳିଆ କରୁଛି ଲୀଳା'



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପୁରସ୍କାର ଘୋଷଣା କରୁଛନ୍ତି।

- ଶ୍ରେଷ୍ଠ ଟେଲି ଧାରାବାହିକ 'ସରଗମ୍'
- ଶ୍ରେଷ୍ଠ ଅଭିନେତା ଦେବାଶିଷ ପାତ୍ର, ଅଭିନେତ୍ରୀ ଲିପ୍ସା ମିଶ୍ର

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ଟେଲି ପୁରସ୍କାର ପାଇଁ ୨୦ ବିଭାଗରେ ମୋଟ ୩ଲକ୍ଷ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ଭାବେ 'କାଳିଆ କରୁଛି ଲୀଳା' ପୁରସ୍କାର ପାଇବାକୁ ଥିବାବେଳେ ଏହାର ପ୍ରଯୋଜକ ଭାବେ ଦେବାଶିଷ ପାତ୍ର ଓ ନିର୍ଦ୍ଦେଶକ ଭାବେ ଡ. ଅଶ୍ୱିନୀ ଗଡନାୟକ ମନୋନୀତ ହୋଇଛନ୍ତି। ସେହିପରି ଶ୍ରେଷ୍ଠ ଟେଲି ଧାରାବାହିକ ଭାବେ 'ସରଗମ୍', ଶ୍ରେଷ୍ଠ ନିର୍ଦ୍ଦେଶକ ଚଣ୍ଡୀ ପରିଜା (ସରଗମ୍), ଶ୍ରେଷ୍ଠ ଅଭିନେତା ଦେବାଶିଷ ପାତ୍ର (କାଳିଆ କରୁଛି ଲୀଳା), ଶ୍ରେଷ୍ଠ ଅଭିନେତ୍ରୀ ଲିପ୍ସା ମିଶ୍ର (ରଙ୍ଗିଲା ବୋହୂ), ଶ୍ରେଷ୍ଠ ସହଅଭିନେତା ଜୀବନ ପଣ୍ଡା (କାଳିଆ କରୁଛି ଲୀଳା), ଶ୍ରେଷ୍ଠ ସହ ଅଭିନେତ୍ରୀ ମଧୁସ୍ମିତା ପ୍ରଧାନ (ରଙ୍ଗିଲା ବୋହୂ), ଶ୍ରେଷ୍ଠ ସହଖଳନାୟକ ସୁରେଶ ମିଶ୍ର (ସରଗମ୍), ଶ୍ରେଷ୍ଠ ସହଖଳନାୟିକା ଉଷଶୀ ମିଶ୍ର (ରଙ୍ଗିଲା ବୋହୂ), ଶ୍ରେଷ୍ଠ ହାସ୍ୟାଭିନେତା ଶଙ୍କର୍ଷଣ ପ୍ରଧାନ (ରଙ୍ଗିଲା ବୋହୂ) ଓ ଶ୍ରେଷ୍ଠ ଶିଶୁକଳାକାର ଭାବେ ପ୍ରସିଦ୍ଧି ନାୟକ (ରଙ୍ଗିଲା ବୋହୂ) ମନୋନୀତ ହୋଇଛନ୍ତି। ସେହିଭଳି ଶ୍ରେଷ୍ଠ କାହାଣୀକାର ଭାବେ ପ୍ରସନ୍ନ ପୃଷ୍ଟି (କସ୍ତୁରୀ), ଶ୍ରେଷ୍ଠ ସଂଳାପଲେଖକ ବିଜୟ ମଲ୍ଲ (ସରଗମ୍), ଶ୍ରେଷ୍ଠ ସ୍କ୍ରିନ୍‌ପ୍ଲେ ପାଇଁ ସୁଶାନ୍ତ ମଣି (ନିମ୍‌କି), ଶ୍ରେଷ୍ଠ ଏଡିଟିଙ୍ଗ୍ ପାଇଁ ଚନ୍ଦ୍ରଶେଖର ମିଶ୍ର (କାଳିଆ କରୁଛି ଲୀଳା), ଶ୍ରେଷ୍ଠ ଫଟୋଗ୍ରାଫର ନିରଞ୍ଜନ ଦାସ (ଝିଅଟା ଅଲଗା ପ୍ରକାର), ଶ୍ରେଷ୍ଠ ସାଉଣ୍ଡ ରେକର୍ଡିଷ୍ଟ ଅଭିମନ୍ୟୁ ବେହେରା (ସରଗମ୍), ସ୍ୱତନ୍ତ୍ର ଜୁରୀ ପୁରସ୍କାର ପି. ବିଶାଲ ପଟ୍ଟନାୟକ (ମହାନାଟକ), ଶ୍ରେଷ୍ଠ ଶିକ୍ଷାଭିତ୍ତିକ/ ଶିଶୁ ଚଳଚ୍ଚିତ୍ର ପାଇଁ ଶିବଶଙ୍କର ଦାସ (କଲମ)ଙ୍କୁ ପୁରସ୍କୃତ କରାଯିବ। ଟେଲି ଚଳଚ୍ଚିତ୍ର ପାଇଁ ଗଠିତ କମିଟିରେ ଜୁରି ଅଧକ୍ଷ ଭାବେ ରବିନାରାୟଣ ସେନାପତି ଥିବାବେଳେ ଚଳଚ୍ଚିତ୍ର ନିର୍ଦ୍ଦେଶକ, ପ୍ରଯୋଜକ ଗଦାଧର ପୁଟୀ, ସଙ୍ଗୀତ ନିର୍ଦ୍ଦେଶକ ପ୍ରସନ୍ନ କୁମାର ମିଶ୍ର, ଲେଖିକା ବିୟତପ୍ରଜ୍ଞା ତ୍ରିପାଠୀ ଏବଂ ଚଳଚ୍ଚିତ୍ର ସାମ୍ବାଦିକ ରମାକାନ୍ତ ଦାସ ଜୁରୀ ସଦସ୍ୟ ଭାବେ ଥିଲେ।

ଏହି ଖବରଦାତା ସମ୍ମିଳନୀରେ ମନ୍ତ୍ରୀଙ୍କ ସହ ସଂସ୍କୃତି ବିଭାଗର ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାଶ, ସଚିବ ପ୍ରବୋଧ ରଥ, ଜୁରି କମିଟି ଅଧକ୍ଷ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ରୁଦ୍ର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଜିଲା ପରିଷଦ ଅଧକ୍ଷ ...

ଝାରସୁଗୁଡ଼ା ଏବଂ ସମ୍ବଲପୁର। ଏଥିସହିତ ୩୦ ଜିଲାର ୮୫୩ ଜିଲା ପରିଷଦ ସଭ୍ୟଙ୍କ ଲାଗି ଆସନ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକାରେ ୪ ଜିଲାର ସଂରକ୍ଷଣକୁ ପରିବର୍ତ୍ତନ କରାଯାଇଛି। ଅକ୍ଟୋବର ୧୬ ତାରିଖରେ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ଚିଠା ବିଜ୍ଞପ୍ତି ଅନୁଯାୟୀ ଗଜପତି, କେନ୍ଦୁଝର ଜିଲା ପଛୁଆ ବର୍ଗଙ୍କ ଲାଗି ସଂରକ୍ଷଣ ଥିବା ବେଳେ ନୟାଗଡ଼ ଓ ସୋନପୁର ଜିଲାକୁ ଅନୁସୂଚିତ ଜାତି ମହିଳା ବର୍ଗଙ୍କ ଲାଗି ସଂରକ୍ଷଣ ରଖାଯାଇଥିଲା। ତେବେ ଚୂଡ଼ାନ୍ତ ତାଲିକାରେ ଗଜପତି ଓ କେନ୍ଦୁଝର ଜିଲା ଅନୁସୂଚିତ ଜନଜାତି ମହିଳାଙ୍କ ଲାଗି ସଂରକ୍ଷଣ ରଖାଯାଇଥିବା ବେଳେ ନୟାଗଡ ଓ ସୋନପୁର ଜିଲାଗୁଡ଼ିକୁ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସମୁଦାୟ ଅଧକ୍ଷ ଆସନରୁ ମହିଳାଙ୍କ ଲାଗି ୫୦ ପ୍ରତିଶତ ସଂରକ୍ଷିତ ରଖାଯାଇଛି।

### ପ୍ରଥମ ପୃଷ୍ଠାରୁ...




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଛୋଟୀ ବିରାଡ଼ି**
**କୁଜି ଅସରପା ଉପରକୁ ଟାଣ।**

ଛୋଟୀ ବିଲେଇ ଶୀଘ୍ର ଦୌଡ଼ି ପାରି ନ ଥାଏ। ଫଳରେ ନିଜ ଶିକାରକୁ ଧରିବାରେ ସେତେ ସଫଳ ହୋଇପାରି ନ ଥାଏ। କେବଳ କୁଜି ଅସରପାଟି ଧୀରେ ଧୀରେ ଗଲାବେଳେ ଛୋଟି ବିଲେଇ ହାବୁଡ଼େ ପଡ଼ିଯାଏ। ପରୋକ୍ଷରେ ସବଳକୁ ଆକ୍ରମଣ ବା ଜବତ କରିପାରୁ ନ ଥିବା ବ୍ୟକ୍ତି ନିର୍ବଳ ଉପରେ ଅତ୍ୟାଚାର କରି ନିଜର ବଡ଼ିମା ଦେଖାଇଥାନ୍ତି। ଦୁର୍ବଳର ଆହୁରି ଦୁର୍ବଳ ଉପରେ ଅତ୍ୟାଚାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛୋଟ ମୁହେଁ**
**ବଡ଼ କଥା।**

ବଡ଼ଙ୍କୁ ଯଥୋଚିତ ସମ୍ମାନ ନ ଦେଖାଇଲେ ସାନ ସମସ୍ତଙ୍କ ଆଖିରେ ଆହୁରି ଛୋଟ ହୋଇଯାଏ। ଛୋଟ ମୁହଁରେ ବଡ଼ ବଡ଼ କଥା ଶୋଭା ପାଇ ନ ଥାଏ। ବୟସର ସ୍ତରକୁ ଭୁଲି ବେଖାତିର କରି ବସିଲେ ଶୁଣିବା ଲୋକ ମନରେ ଆଘାତ ସୃଷ୍ଟି ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଜିଲା ପରିଷଦ ଅଧକ୍ଷ ସଂରକ୍ଷଣ ତାଲିକା

| ଜିଲା | ବର୍ଗ |
|---|---|
| ଅନୁଗୋଳ | ପଛୁଆ ବର୍ଗ ମହିଳା |
| କଟକ | ଅନୁସୂଚିତ ଜାତି ମହିଳା |
| କନ୍ଧମାଳ | ଅନୁସୂଚିତ ଜନଜାତି |
| କଳାହାଣ୍ଡି | ମହିଳା |
| କେନ୍ଦୁଝର | ଅନୁସୂଚିତ ଜନଜାତି ମହିଳା |
| କେନ୍ଦ୍ରାପଡ଼ା | ଅଣ ସଂରକ୍ଷିତ |
| କୋରାପୁଟ | ଅନୁସୂଚିତ ଜନଜାତି ମହିଳା |
| ଖୋର୍ଦ୍ଧା | ପଛୁଆବର୍ଗ ମହିଳା |
| ଗଜପତି | ଅନୁସୂଚିତ ଜନଜାତି ମହିଳା |
| ଗଞ୍ଜାମ | ମହିଳା |
| ଜଗତ୍‌ସିଂହପୁର | ଅନୁସୂଚିତ ଜାତି |
| ଝାରସୁଗୁଡ଼ା | ଅଣସଂରକ୍ଷିତ |
| ଢେଙ୍କାନାଳ | ମହିଳା |
| ଦେବଗଡ଼ | ଅଣସଂରକ୍ଷିତ |
| ନବରଙ୍ଗପୁର | ଅନୁସୂଚିତ ଜନଜାତି |
| ନୟାଗଡ଼ | ପଛୁଆ ବର୍ଗ |
| ନୂଆପଡ଼ା | ମହିଳା |
| ପୁରୀ | ଅଣସଂରକ୍ଷିତ |
| ବରଗଡ଼ | ମହିଳା |
| ବଲାଙ୍ଗୀର | ଅଣସଂରକ୍ଷିତ |
| ବାଲେଶ୍ୱର | ଅନୁସୂଚିତ ଜନଜାତି |
| ବୌଦ୍ଧ | ମହିଳା |
| ଭଦ୍ରକ | ଅନୁସୂଚିତ ଜାତି ମହିଳା |
| ମୟୂରଭଞ୍ଜ | ଅନୁସୂଚିତ ଜନଜାତି |
| ମାଲକାନଗିରି | ଅନୁସୂଚିତ ଜନଜାତି ମହିଳା |
| ଯାଜପୁର | ଅନୁସୂଚିତ ଜାତି |
| ରାୟଗଡ଼ା | ଅନୁସୂଚିତ ଜନଜାତି ମହିଳା |
| ସମ୍ବଲପୁର | ଅଣ ସଂରକ୍ଷିତ |
| ସୁନ୍ଦରଗଡ଼ | ଅନୁସୂଚିତ ଜନଜାତି |
| ସୋନପୁର | ପଛୁଆବର୍ଗ |

## ତେଲ ଉପରୁ ୩ ଟଙ୍କା...

ମୋଟ ୭୦୦ କୋଟି ଟଙ୍କା କ୍ଷତି ହେବାର ସମ୍ଭାବନା ରହିଛି। ଭାଟ୍ ହ୍ରାସ ହେତୁ ରାଜ୍ୟ ରାଜକୋଷ ପାଇଁ ମୋଟ କ୍ଷତି ୨୦୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ହେବ। ଏହି ହ୍ରାସ ସହିତ ରାଜ୍ୟରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଦେଶରେ ସର୍ବନିମ୍ନତମ ହେବାର ସମ୍ଭାବନା ରହିଛି ।

## ଖାଇବାତେଲରୁ ଟିକସ ...

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଲୋକଙ୍କ ପ୍ରତିକ୍ରିୟାକୁ ବୁଝି ଏବଂ ଆଗାମୀ କେତେକ ରାଜ୍ୟର ନିର୍ବାଚନକୁ ଦୃଷ୍ଟିରେ ରଖି ଟିକସ କମାଇବା ଆରମ୍ଭ କରିଛନ୍ତି। ଏହି କ୍ରମରେ ପେଟ୍ରୋଲ ଏବଂ ଡିଜେଲ ପରେ ଖାଇବା ତେଲ ଉପରୁ ଟିକସ ବୋଝ ହ୍ରାସ କରିଛନ୍ତି। ହେଲେ ଲୋକେ ଖାଇବା ତେଲ ଦର ହ୍ରାସର ସୁଫଳ ପାଇବେ କି ନାହିଁ ସେନେଇ ସନ୍ଦେହ କରାଯାଉଛି। କାରଣ ପାର୍ବଣ ପୂର୍ବରୁ ଟିକସ ହ୍ରାସ କରାଯାଇଥିଲେ ହେଁ ତାହା ଖାଉଟିଙ୍କୁ ଆଶ୍ୱସ୍ତି ଦେଇ ନ ଥିଲା। ଉଚ୍ଚା ମୂଲ୍ୟରେ କିଣିଛନ୍ତି କହି ବ୍ୟବସାୟୀମାନେ ପୂର୍ବଭଳି ଚଢ଼ା ଦରରେ ଖାଇବା ତେଲ ବିକ୍ରି କରିଥିଲେ।

ଖାଇବା ତେଲର ଖୁଚୁରା ଦରକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ସରକାର ଅଶୋଧିତ ପାମ୍, ସୋୟାବିନ ଏବଂ ସୂର୍ଯ୍ୟମୁଖୀ ତେଲ କ୍ଷେତ୍ରରେ ଲାଗୁ ହେଉଥିବା ୨.୫% ବେସିକ ଡ୍ୟୁଟିକୁ ବାଦ୍ ଦେଇଛନ୍ତି। ସେହିପରି ଏହି ତେଲଗୁଡ଼ିକରେ ପୂର୍ବରୁ କୃଷି ସେସ୍ ୨୦% ଲାଗୁ କରାଯାଇଥିଲା। ଏବେ ତାହାକୁ ୧୨.୫%ରୁ ୧୫% ଯାଏ ହ୍ରାସ କରାଯାଇଛି। ତଦନୁଯାୟୀ ଏବେ ଅଶୋଧିତ ପାମ୍ ତେଲରେ କୃଷି ସେସ୍ ୭.୫% ଏବଂ ଅଶୋଧିତ ସୋୟାବିନ ଓ ସୂର୍ଯ୍ୟମୁଖୀ ତେଲରେ ୫% ଲାଗୁ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ରିଫାଇନ୍ଡ, ବ୍ଲିଚ୍ଡ ଏବଂ ଡିଓଡୋରାଇଜଡ(ଆର୍‌ବିଡି) ଷ୍ଟାଣ୍ଡାର୍ଡର ପାମ୍ ତେଲ, ରିଫାଇନ ସୋୟାବିନ ତେଲ ଏବଂ ସୂର୍ଯ୍ୟମୁଖୀ ତେଲ ଉପରେ ବେସିକ ଡ୍ୟୁଟି ୩୨.୫%ରୁ ୧୭.୫%କୁ ହ୍ରାସ କରାଯାଇଛି। ଏହି ତେଲଗୁଡିକ କ୍ଷେତ୍ରରେ ପୂର୍ବରୁ ୨୦% କୃଷି ଭିତ୍ତିଭୂମି ସେସ୍ ଲାଗୁ ହେଉଥିଲା। ବର୍ତ୍ତମାନ ଟିକସ ହ୍ରାସ ପରେ ଅଶୋଧିତ ପାମ୍ ତେଲ କ୍ଷେତ୍ରରେ ୮.୨୫%, ଅଶୋଧିତ ସୋୟା ଏବଂ ସୋୟାବିନ ତେଲରେ ଟିକସ ୫.୫% ଲେଖାଏ କୃଷି ଭିତ୍ତିଭୂମି ସେସ୍ ଲାଗୁ ହେବ। ଟିକସ ହ୍ରାସ ହେବା ଯୋଗୁ ଖାଇବା ତେଲ ଦର ଆହୁରି କମିବ ବୋଲି କୁହାଯାଉଛି। କିନ୍ତୁ ଅନିୟନ୍ତ୍ରିତ ବଜାରରେ ଖାଇବା ତେଲ ମୂଲ୍ୟ ହ୍ରାସ ନେଇ ସନ୍ଦେହ ରହିଛି।

ଦେଶର ବିଭିନ୍ନ ପ୍ରାନ୍ତରେ ଖାଇବାତେଲ ଦର ପ୍ରାୟ ୨୦ ଟଙ୍କା ହ୍ରାସ ହୋଇଥିବା କେନ୍ଦ୍ର ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ସଚିବ ସୁଧାଂଶୁ ପାଣ୍ଡେ ଶୁକ୍ରବାର ସୂଚନା ଦେଇଛନ୍ତି। ଏକ ଖବରଦାତା କାର୍ଯ୍ୟକ୍ରମରେ ପାଣ୍ଡେ କହିଛନ୍ତି, ଲିଟର ପିଛା ପାମୋଲିନ ୨୦ ଟଙ୍କା, ବାଦାମ ତେଲ ୧୮ଟଙ୍କା, ସୋୟାବିନ ତେଲ ୧୦ ଟଙ୍କା ଏବଂ ସୂର୍ଯ୍ୟମୁଖ୍ୟ ତେଲ ୭ ଟଙ୍କା ପୂର୍ବାପେକ୍ଷା ହ୍ରାସ ହୋଇଛି। ଖାଇବାତେଲ କ୍ଷେତ୍ରରେ ଏହି ୪ ତେଲର ଅଂଶ ପ୍ରାୟ ୮୯% ରହିଛି। ତେବେ ପାଣ୍ଡେଙ୍କ ଦାବି ମୁତାବକ ମୂଲ୍ୟ ଭୁବନେଶ୍ୱର ପ୍ରତିଫଳିତ ହୋଇ ନ ଥିବା ଜଣାପଡ଼ିଛି। କାରଣ ଶୁକ୍ରବାର ଭୁବନେଶ୍ୱରରେ ପାମୋଲିନର ବଜାର ଦର ୧୨୫ରୁ ୧୩୦ ଟଙ୍କା ରହିଛି। ସେହିଭଳି ସୋୟାବିନ ୧୪୫ରୁ ୧୫୦ ଟଙ୍କା, ସୂର୍ଯ୍ୟମୁଖୀର ୧୪୫ରୁ ୧୫୦ ଟଙ୍କା, ରାଇସ୍ ବ୍ରାନ୍ ୧୫୦ରୁ ୧୬୦ ଟଙ୍କା ଏବଂ ସୋରିଷ ତେଲ ୧୯୦ ଟଙ୍କାରୁ ୨୦୦ ଟଙ୍କାରେ ବିକ୍ରି ହେଉଛି। ଏହି ମୂଲ୍ୟ ଗତ ୧୫ ଦିନ ହେଲା ରହିଛି। ଭୁବନେଶ୍ୱର ୟୁନିଟ୍-୧ ବ୍ୟବସାୟୀ ଦିନେଶ ପାତ୍ରଙ୍କ କହିବାନୁଯାୟୀ ସରକାରଙ୍କ ଟିକସ ହ୍ରାସର ପ୍ରଭାବ ପ୍ରାୟ ୮ ଦିନ ପରେ ବଜାରରେ ଦେଖିବାକୁ ମିଳିବ। କାରଣ ବ୍ୟବସାୟୀ ପୂର୍ବରୁ କିଣିଥିବା ତେଲ ମୂଲ୍ୟ ଅନୁଯାୟୀ ହିଁ ବିକିବେ ବୋଲି ପାତ୍ର କହିଛନ୍ତି।

ପାଣ୍ଡେ କହିଛନ୍ତି, ଡାଲି ଏବଂ ଖାଇବା ତେଲ ବୃଦ୍ଧି ଯୋଗୁ ଖାଉଟି ଚିନ୍ତାରେ ରହିଛନ୍ତି। ଏହି ଚାପକୁ କମାଇବା ଦିଗରେ ମଧ୍ୟ ସରକାର ଉଦ୍ୟମ କରୁଛନ୍ତି। ସାମଗ୍ରୀ ମହଜୁଦକାରୀଙ୍କ ଉପରେ ମଧ୍ୟ ଶୀଘ୍ର ରାଜ୍ୟଗୁଡ଼ିକ କଟକଣା ଲଗାଇବେ। ଆସନ୍ତା ସପ୍ତାହଠାରୁ ମହଜୁଦ ସୀମା ମଧ୍ୟ ରାଜ୍ୟ ସ୍ତରରେ ଲାଗୁହେବ। ବ୍ୟବସାୟୀ ଏବଂ ଅଂଶୀଦାରଙ୍କ ସହ ଆଲୋଚନା ପରେ ରାଜ୍ୟଗୁଡ଼ିକ ଏଭଳି ପଦକ୍ଷେପ ଗ୍ରହଣ କରିବେ ବୋଲି ପାଣ୍ଡେ କହିଛନ୍ତି।

ଖାଉଟିଙ୍କୁ ଆଶ୍ୱସ୍ତି ଦେବା ଲାଗି ଆଦାନୀ ୱିଲ୍‌ମର ଏବଂ ରୁଚି ସୋୟା ଭଳି ପ୍ରମୁଖ ଖାଇବାତେଲ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ତେଲର ପାଇକାରୀ ମୂଲ୍ୟ ଉପରେ ଲିଟର ପିଛା ୪ରୁ ୭ ଟଙ୍କା ହ୍ରାସ କରିଛନ୍ତି। ଅନ୍ୟ କମ୍ପାନୀଗୁଡିକ ମଧ୍ୟ ଏହି ଧାରାକୁ ଆପଣାଇବେ ବୋଲି ସଲ୍‌ଭେଣ୍ଟ ଏକ୍ସଟ୍ରାକ୍ଟର୍ସ ଆସୋସିଏଶନ (ଏସ୍‌ଇଏ) ପକ୍ଷରୁ ସ୍ପଷ୍ଟୀକରଣରେ ନିକଟରେ କୁହାଯାଇଛି। ଗତ ଏକ ବର୍ଷ ହେବ ଖାଇବାତେଲ ଦର ଉଚ୍ଚରେ ରହି ଆସିଛି। ଖାଇବା ତେଲ ଆମଦାନୀ ଚାପ କମାଇବା ଲାଗି କେନ୍ଦ୍ର ସରକାର ରାଇସ୍ ବ୍ରାନ୍ ଅଏଲ ଭଳି ତେଲ ଉତ୍ପାଦନ ଉପରେ ନିର୍ଭର କରୁଥିବା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବନ୍ଧୁଙ୍କ ଅନୁରୋଧରେ ଯାତ୍ରା କରିବାକୁ ବାଧ ହେବେ। ସହକର୍ମୀଙ୍କ ସହାୟତାରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବାରେ କୌଣସି ଅସୁବିଧା ରହିବନାହିଁ। ସାମାଜିକ ସ୍ତରରେ କାର୍ଯ୍ୟ ସମ୍ପନ୍ନ କରାଇ ଟେନ୍‌ସନ୍ କମେଇବା ସକାଶେ ଚେଷ୍ଟା କରିବେ।

**ବୃଷ** ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବିଜାତୀୟ ବ୍ୟକ୍ତି ସାହାଯ୍ୟ କରିବେ। ତରବରିଆ କାମଜନିତ ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ପରିବାରର ଆବଶ୍ୟକତାନୁସାରେ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ।

**ମିଥୁନ** ପରିବାରର ଆବଶ୍ୟକତା ପୂରଣ କରିବାକୁ ଯାଇ ଆର୍ଥିକ ଅନଟନର ସମ୍ମୁଖୀନ ହେବେ। ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କିନ୍ତୁ ପୁନର୍ବସୁ ନକ୍ଷତ୍ରର ଆଳସ୍ୟ ଓ ଅବହେଳା ଯୋଗୁ ସୁଯୋଗ ହାତଛଡ଼ା ହୋଇପାରେ। କେତେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** କର୍ମକ୍ଷେତ୍ରରେ ଥିବା ସମୟରେ ମନ ଖୁସୀ ହେଲା ଭଳି କୌଣସି ଖବର ଅସମର୍ଥିତ ସୂତ୍ରରୁ ପାଇବେ। ଆର୍ଥିକ ସ୍ଥିତିରେ କ୍ରମୋନ୍ନତି ପରିସ୍ଥିତିକୁ ଅସ୍ଥିରତା କରିଦେବାର ଆଶଙ୍କା ରହିଛି। ସଭାସମିତିର ଆଲୋଚନା ଅବସରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ ପରିସ୍ଥିତି କେତେକାଂଶରେ ବଦଳିଯିବା ସମ୍ଭାବନା ରହିଛି।

**ସିଂହ** ବାଧ୍ୟବାଧକତା ମଧ୍ୟରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ଶିକ୍ଷା କ୍ଷେତ୍ରରେ କିମ୍ବା ସାହିତ୍ୟ,ସଙ୍ଗୀତର ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି।

**କନ୍ୟା** ଅତୀତରେ ଘଟିଯାଇଥିବା ଘଟଣାରେ ସେମିତି କିଛି ଅସୁବିଧା ନ ହୋଇପାରେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ନିଜ ପରିସରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। କଠୋର ପରିଶ୍ରମ କିମ୍ବା ଅନିଦ୍ରା ହେତୁକ ଜ୍ୱର ଓ ବମନ ଦେଖାଦେଇପାରେ।

**ତୁଳା** ଦୀର୍ଘଦିନର ଆଶା ପୂରଣ ହେବା ଦିଗରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବଧ୍ ହେବେ। ବନ୍ଧୁମାନଙ୍କ ପରୋକ୍ଷଶତ୍ରୁତା କାରଣରୁ ସୁବିଧା ଥାଇ ମଧ୍ୟ ଭୋଗବିଳାସରେ ବାଧାବିଘ୍ନ ଘଟିପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ସ୍ୱାସ୍ଥ୍ୟର ଯତ୍ନ ନ ନେବା ହେତୁ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ।ସଂଘର୍ଷମୟ ସ୍ଥିତିରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ସଙ୍ଗକୁ ଧୈର୍ଯ୍ୟଶୀଳ ହୋଇପାରନ୍ତି। ପଡ଼ୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ। ଅଭାବ ଥିଲେ କ'ଣ ହେଲା ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ ମାନସିକ ଚିନ୍ତାକୁ ଲାଘବ କରିବ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ମକର** ଆକସ୍ମିକଭାବରେ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପାଖ,ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଭାବରୁ ଉଚ୍ଚ ଆଶା କରାଯାଇପାରେ। ଧନିଷ୍ଠାର ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବିରକ୍ତିକର ଭାବରେ ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ମାନସିକ ଆଶ୍ୱସ୍ତି ଲାଭ କରିପାରନ୍ତି।

**ମୀନ** ଯେତେ ସୁବିଧା ଥାଉନା କାହିଁକି କର୍ମକ୍ଷେତ୍ର ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିବାର ଆଶଙ୍କା ଉପୁଜିପାରେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ।


# classifieds Everyday 0674-2580101, 2549302




**SALE**

1500 sqft. converted land available backside of Utkalheight for sale. Contact: 9337413323. D-71510

୫୫ନଂ. ଜାତୀୟ ରାଜପଥଠାରୁ ୪୨୦ ମିଟର ଦୂରରେ ବିରିବାଟି କଟକ ସଦର ବ୍ଲକ୍‌ରେ ଘର କରିବା ପାଇଁ ଉପଯୋଗୀ ଜମି ଉପଲବ୍ଧ ଅଛି। ଯୋଗାଯୋଗ- **9861033990.** D-22171

ଭୁବନେଶ୍ୱର ଗଙ୍ଗପଡ଼ା **tollgate**ରୁ **900mtr** ଦୂରତାରେ ଘର ଉପଯୋଗୀ ପ୍ଲଟ୍ ମିଳୁଛି। **8908122121.** D-71729

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road, sqft.- 700/-ରେ ମିଳୁଛି। 7008045582, 9692003948. D-22146

**Bhubaneswar Puri Bypass NH**କୁ **ଲାଗି ମେହେରପଲ୍ଲୀ ମୌଜାରେ ସଙ୍ଗେ ସଙ୍ଗେ ଘରକଲାଭଳି** Commercial / Residential Plot **ମିଳୁଛି । 9337028135.** D-71733

6BHK duplex finishing Hanspal (Bank finance available), plot Atala- 8018001810. D-70965

7500-Sqft. land with LPG-GAS godown At Andharua, Bhubaneswar 49 Lakhs, which rent coming Rs. 20,000/- Monthly. Also a LPG-GAS DISTIBUTOR having Domestic and Commercial costumer in all area of Bhubaneswar, BDA and nearby village upto 15-K.M. radios from Bhubaneswar-GPO want to sale 49% of his Business (by adding partner) 99 Lakhs, Contact-9090235210 Broker are allowed (COMMISSION SELLER SIDE). D-22172

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22126

**Duplex for sale At-Pokhaript, land area: 2400sqft., construction area: 3600sqft. Contact: 7653927969.** D-22078

**Plot for Sale, 2000sqft (15nos) per sqft-2000/- Gharabari Plot Main Road side infront of Tata ariana, Vipul Garden Backside Ghatikia Mouza-Sankarpur, BBSR. Water & Electricity available 30'Road NH-5 to 1km. Contact: - 7381564227, 8114744495.** D-22136

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22041

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381. D-22104

**Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance ଥାଇ ମିଳୁଛି। 7978230118, 9237480561, 8260722312.** D-71717




Semifurnished Airconditioned 2BHK Marble / Car Parking / 8500/- Oldtown, Bhubaneswar :9437388990. D-70755

House at Nayapalli near DAV/ Stewart School for family. 9438490107. D-71811

Single room for Office/Residence attached Toilet and Kitchen, 5000/month, 5,Kharvelnagar near Keshari Talkies, Bhubaneswar. 9238647661. D-71008

**2200sqft., 1200sqft. space for Official purpose and 150sqft. for Parlour/Saloon purpose available at P.C. Plaza, Cuttack road, Bhubaneswar. Contact: 9437048080, 9437048283.** D-21912

Single rooms attached Toilet near Sisupalgada College, Bhubaneswar. 9437764734, 9556856822. D-70754




Ashirvaad Saloon and SPA get good massage for your health tha best therapy. 7077181074. D-71808

Refreshing your mind and body with the best therapy. 7873794731. D-71197

Newly open SPA positively health benefits by expert therapist. 7846814019. D-71433

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Lotus SPA get refreshment, full body massage by smart/ expert therapist. Contact: 8018891951. D-71193

Newly open SPA Center, Diwali Offer 599/-, smart therapist. 8455987557. D-71431

Newly open SPA positively health benefit with expert. Contact: 7749976301. D-71194

**LOST**

I, Puspalata Nath would like to inform the general public that I have misplaced my original sale deed document bearing No-3195/2003 registered at (SRO), If anyone finds kindly contact-9051185601/ 9178006407 within 15 days of issue of this Ad. At/PO. Mahapada, Mahimagadi, Dist-Dhenkanal. D-70367

**AFFIDAVIT**

I, Purnima Mishra, W/o Mukesh Mishra, R/o address Hig-43, 7 acres, Chandrasekharpur, Bhubaneswar, Odisha-751016 Change my name Purnima Rani Dash to Purnima Mishra for all purpose affidavit No. 51AA775976 dated 01 Nov, 2021. D-22159

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**LEGAL NOTICE**

BEFORE THE NOTARY PUBLIC, BERHAMPUR, GANJAM

AFFIDAVIT

I, Dr. Payal Maharana, aged about 31 years W/o Dr. Abhinash Maharana, D/o Sarat Chandra Maharana, residing of At-Sasibhusan Nagar, Industrial Estate, PS-B.N.Pur, Berhampur, Dist-Ganjam do hereby solemnly affirm on oath and state as follows.

1. That I am the Deponent of this affidavit.
2. That, I have filed Divorce case before the Hon'ble Family Court, Berhampur, Ganjam vide case No CP No 128/2020.
3. That the Hon'ble Court has been pleased pass an order for summoned through publication in newspaper to appear in this court in person or by pleader duly instructed and able to answer all material questions relating to the case on the 22nd day of November 2021 at 10:30 O'Clock without failing and return the all gold ornaments and house hold articles and if you will not attend on this day then the court will be pass as per law.
4. That the above declaration is true and correct if any stage will found false then I will liable as per law.
5. That I am swear this affidavit to produced before concerned authority of DHARITRI DAILY ORIYA NEWSPAPER for providing above information.

That the facts stated above are all true to best of my knowledge and belief.

Payal Maharana
Deponent, 02.11.21
D-22170

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

"ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। – ଶ୍ରୀଅରବିନ୍ଦ

# ପଦବୀ ବିବାଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମିଜୋରାମରେ ଏବେ ଏକାବେଳକେ ଦୁଇଜଣ ମୁଖ୍ୟ ସଚିବ ନିଯୁକ୍ତି ପାଇଛନ୍ତି ଓ ଏଥିପାଇଁ ସେଠାରେ ଏକ କୌତୂହଳପୂର୍ଣ୍ଣ ସ୍ଥିତି ଉପୁଜିଛି। କେନ୍ଦ୍ର ବରିଷ୍ଠ ଆଇଏଏସ୍ ଅଧିକାରୀ ରେଣୁ ଶର୍ମାଙ୍କୁ ମିଜୋରାମର ମୁଖ୍ୟ ସଚିବ ଭାବେ ନିଯୁକ୍ତ କରିଥିବାବେଳେ ଅନୁରୂପ ଭାବେ ରାଜ୍ୟ ସରକାର ଅତିରିକ୍ତ ମୁଖ୍ୟ ସଚିବ ଜେ.ସି. ରାମଥଙ୍ଗାଙ୍କୁ ସମାନ ପଦବୀରେ ନିଯୁକ୍ତି ଦେଇଛନ୍ତି। ଉଭୟଙ୍କ ନିଯୁକ୍ତି ନଭେମ୍ବର ୧ରୁ କାର୍ଯ୍ୟକାରୀ ହୋଇଛି। ଯୋଗ୍ୟ ବା ଅଧିକାରପ୍ରାପ୍ତ ଅଥରିଟିର ସୁପାରିସ କ୍ରମେ ଶର୍ମାଙ୍କ ନିଯୁକ୍ତି ସ୍ପଷ୍ଟ କରାଯାଇଛି ବୋଲି କେନ୍ଦ୍ର ଦାବି କରୁଥିବାବେଳେ ଏହା ଆଦୌ କରାଯାଇ ନାହିଁ। ସେହି ଗୋଟିଏ ପଦବୀରେ ରେଣୁ ଶର୍ମା ନା ରାମଥଙ୍ଗା ରହିବେ, ତାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ତେବେ ଏହି ଅଜବ ଘଟଣାରୁ ସ୍ପଷ୍ଟ ଜଣାପଡୁଛି ଯେ, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟର ଅଭାବ ରହିଛି ଯେଉଁଥିପାଇଁ ଏଭଳି ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ କେଉଁ ଆଧାରରେଏଭଳି ଘଟିବାକୁ ଦିଆଗଲା ତାହା ଏକ ବଡ଼ ପ୍ରଶ୍ନ। ଆଉ ମଧ୍ୟ ପ୍ରଶ୍ନ ଉଠୁଛି ଯେ, ଏହି ଘଟଣାର ସମାଧାନ ପାଇଁ ସିଭିଲ ସର୍ଭିସ ନିୟମରେ କିଛି ବାଟ ରହିଛି ନା ନ୍ୟାୟାଳୟରେ ଏହି ପଦବୀ ବିବାଦର ପୂର୍ଣ୍ଣଚ୍ଛେଦ ପଡ଼ିବ। ନିଯୁକ୍ତିପ୍ରାପ୍ତ ଦୁଇ ଅଧିକାରୀ ଏଥିରୁ ଓହରିଯିବା ଲାଗି ଏକମତ ହେବେ କି ? ନା,ଏସବୁ ଘଟିବା ଏତେ ସହଜ ନୁହେଁ।

### ଖେମ୍‌କା ଭୟ

ହରିୟାଣାର ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ଜଣାଶୁଣା ହ୍ୱିସିଲ୍‌ବ୍ଲୋୟର ଅଶୋକ ଖେମ୍‌କାଙ୍କୁ ତାଙ୍କ ୨୯ ବର୍ଷ ଚାକିରିକାଳ ମଧ୍ୟରେ ୫୪ ଥର ବଦଳି କରାଯାଇଛି। ବାରମ୍ବାର ବଦଳି କରାଯାଉଥିବାରୁ ଏଭଳି ଘଟଣା ପ୍ରାୟତଃ ଚର୍ଚ୍ଚାକୁ ଆସୁନାହିଁ। ତେବେ ସିଭିଲ ସର୍ଭିସରେ ଖେମ୍‌କାଙ୍କ ବଦଳି ସମ୍ଭବତଃ ଏକ ପ୍ରକାର ରେକର୍ଡ। ଏହି ବରିଷ୍ଠ ବାବୁଙ୍କର ତାଙ୍କ ପଲିଟିକାଲ ମାଷ୍ଟରଙ୍କ ସହ ସବୁବେଳେ ବିବାଦ ଲାଗି ରହିଛି। ଏହା ହରିୟାଣା ରାଜନେତାଙ୍କୁ ବିଚଳିତ କରିଦେଇଛି ଓ ସମସ୍ତଙ୍କୁ 'ଖେମ୍‌କା ଭୟ' ଗ୍ରାସିଛି। ଏବେ ଆର୍କାଇଭସ୍. ଆର୍କିଓଲୋଜି ଏବଂ ମ୍ୟୁଜିୟମ୍‌ର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଥିବା ୧୯୯୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଖେମ୍‌କାଙ୍କୁ ମାତ୍ର ୧୧ ମାସ ପରେ ବିଜ୍ଞାନ ଏବଂ ପ୍ରଯୁକ୍ତି ଓ ମତ୍ସ୍ୟପାଳନ ବିଭାଗକୁ ବଦଳି କରାଯାଇଛି। ଏହି ବଦଳି ପାଇଁ କୌଣସି କାରଣ ଦର୍ଶାଯାଇନାହିଁ। ତେବେ ସବୁ ବଦଳି ଭଳି ଏଥର ବି ଖେମ୍‌କାଙ୍କୁ ଏହା ସେମିତି କିଛି ଅସାଧାରଣ ମନେହୋଇନାହିଁ। କିନ୍ତୁ ପର୍ଯ୍ୟବେକ୍ଷକଙ୍କ ସୂତ୍ରରୁ ପ୍ରକାଶ ଯେ,ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ଏବଂ ଗୃହମନ୍ତ୍ରୀ ଅନୀଲ ଭିଜ୍‌ଙ୍କ ରାଜନୈତିକ ବିବାଦ ମଧ୍ୟରେ ଖେମ୍‌କା ଫସିଯାଇଛନ୍ତି। ଖେମ୍‌କା ଭିଜ୍‌ଙ୍କ ଖୁବ୍ ନିକଟତର ବୋଲି କୁହାଯାଉଛି। ଏହା ମଧ୍ୟ ସତ ଯେ, ବିଶେଷକରି ହରିୟାଣାର ଆରାବଳି ପାର୍ବତ୍ୟାଞ୍ଚଳକୁ ବେଆଇନ ମାଇନିଂ ଏବଂ କନଷ୍ଟ୍ରକ୍‌ଶନରୁ ରକ୍ଷା କରିବା ପାଇଁ ଖେମ୍‌କାଙ୍କର ପ୍ରବଳ ଆଗ୍ରହ ରହିଛି ଓ ଏହା ଉପରେ ସେ ଉତ୍‌ଥାପନ କରୁଥିବା ଅଡୁଆ ପ୍ରଶ୍ନ ସବୁବେଳେ ସରକାରଙ୍କୁ ସମସ୍ୟାରେ ପକାଉଛି। ଏଥିପାଇଁ ସରକାର ଚିଡ଼ିଯାଇଛନ୍ତି। ଖେମ୍‌କା ଏହି ସ୍ଥିତିରୁ ବାହାରି ଆସିବା ଲାଗି ଚେଷ୍ଟା କରି ମଧ୍ୟ ସଫଳ ହୋଇନାହାନ୍ତି। କେନ୍ଦ୍ର ନିଯୁକ୍ତି ତାଲିକାରେ ସାମିଲ କରିବା ପାଇଁ ସେ ଆବେଦନ କରିଥିଲେ। ହେଲେ କେନ୍ଦ୍ର ସରକାରରେ ତାଙ୍କର ଅଭିଜ୍ଞତା ଅଭାବ ଥିବା ଦର୍ଶାଇ ଗତମାସ ପ୍ରାରମ୍ଭରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ଉକ୍ତ ଆବେନଦନକୁ ଖାରଜ କରିଦେଇଥିଲା। ଏଥିରୁ ସ୍ପଷ୍ଟ ଯେ, କେନ୍ଦ୍ର ହ୍ୱିସିଲ୍‌ବ୍ଲୋୟର ଖେମ୍‌କାଙ୍କୁ ଗ୍ରହଣ କରିବାକୁ ନାରାଜ। ତେବେ ହରିୟାଣା ସରକାର ତାଙ୍କୁ ଭଲ ପାଆନ୍ତୁ କି ନାହିଁ ତାଙ୍କ ଚାପ ସହି କାର୍ଯ୍ୟ କରିବେ।

### ସମନ୍ୱୟ ଲୋଡ଼ା

ଏୟାର ଇଣ୍ଡିଆର ବିନିବେଶ ପ୍ରକ୍ରିୟା ଶେଷ ହୋଇଛି। ଟାଟା ଏହାକୁ ନେବା ପରେ ଏହାର ସବୁ ବକେୟା ଦେୟ ତୁରନ୍ତ ଦେଇଦେବା ପାଇଁ ସରକାର ସମସ୍ତ କେନ୍ଦ୍ର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଅର୍ଥ ମନ୍ତ୍ରଣାଳୟ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଟାଟାକୁ ଏକ ବକେୟା ମୁକ୍ତ ଏୟାରଲାଇନ ହସ୍ତାନ୍ତର କରିପାରିବେ। ବିଭିନ୍ନ ମନ୍ତ୍ରଣାଳୟ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଅନ୍ୟ ବିଭାଗଗୁଡ଼ିକୁ ଭିଭିଆଇପି, ମନ୍ତ୍ରୀ ଏବଂ ବିଦେଶୀ ପଦାଧିକାରୀମାନଙ୍କ ଯାତାୟାତ ଖର୍ଚ୍ଚକୁ ଛାଡ଼ି ଏୟାରଲାଇନ୍‌କୁ ୬୦୦ କୋଟି ଟଙ୍କାରୁ ଅଧିକ ଦେବାକୁ ଅଛି। ଏ ସଂକ୍ରାନ୍ତରେ ବର୍ତ୍ତମାନ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ନିର୍ମଳା ଦେବ କହିଛନ୍ତି , ଅଂଶଧନ ବିକ୍ରି ପରେ ଟିକେଟ କିଣିବା ପାଇଁ ଏୟାର ଇଣ୍ଡିଆ ଦେଉଥିବା କ୍ରେଡିଟ୍ ସୁବିଧା ବନ୍ଦ କରିଦେବାରୁ ଏସବୁ ନଗଦ ଆକାରରେ ଦେବାକୁ ପଡ଼ିବ। ଏହାସହ ସବୁ ବକେୟା ଟଙ୍କା ଏକକାଳୀନ ପଇଠ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବକେୟା ଅର୍ଥ ଫେରିପାଇପାରିଲେ ବୃତାନ୍ତ ହସ୍ତାନ୍ତର ପୂର୍ବରୁ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା ଏୟାରଲାଇନର ପ୍ରଥମଥର ଲାଗି ଏକ ସ୍ପଷ୍ଟ ବାଲାନ୍ସ ଶିଟ୍ ପ୍ରସ୍ତୁତ କରିବାକୁ ପଦକ୍ଷେପ ନିଆଯାଇପାରିବ। ତେବେ ଏହା ପାଇଁ ଅର୍ଥ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ବିନିବେଶ ସଚିବ ତୁହିନ କାନ୍ତ ପାଣ୍ଡେଙ୍କ ମଧ୍ୟରେ ସୁଚିନ୍ତିତ ସମନ୍ୱୟ ଆବଶ୍ୟକ। ଡିସେମ୍ବର ଶେଷସୁଦ୍ଧା ଏୟାରଇଣ୍ଡିଆ ହସ୍ତାନ୍ତର ପାଇଁ ସରକାର ଯେଉଁ ସମୟ ସୀମା ନିର୍ଦ୍ଧାରଣ କରିଛନ୍ତି ତାହାକୁ ପୂରଣ କରିବେ ବୋଲି ସୁନିଶ୍ଚିତ କରିବାକୁ ହେବ। କେବଳ ବକେୟା ଦେୟଗୁଡ଼ିକ ଦେଇଦେଲେ ହେବ ନାହିଁ, ବରଂ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ (ସିସିଆଇ) ସମେତ ବିଭିନ୍ନ ବୈଧାନିକ ମଞ୍ଜୁରୀ ମଧ୍ୟ ନିଶ୍ଚିତ କରିବାକୁ ହେବ।

Email: dilipcherian@gmail.com

## su|do|ku
Puzzles by Srikant Ghosh
## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 4 | | | | 2 | | | |
| | | 3 | 5 | | | | | |
| | | 1 | | | | 6 | | 2 |
| 4 | | 6 | 8 | | 7 | 9 | | |
| | | | 9 | | | | | 5 |
| 9 | | | | 6 | | 7 | | |
| | | 2 | | | | 1 | | |
| | | | | 2 | 3 | | | 7 |
| | 3 | | 6 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 5 | 1 | 7 | 2 | 8 | 9 | 3 |
| 1 | 3 | 7 | 4 | 9 | 8 | 6 | 5 | 2 |
| 8 | 2 | 9 | 6 | 3 | 5 | 1 | 4 | 7 |
| 5 | 1 | 3 | 8 | 6 | 7 | 4 | 2 | 9 |
| 4 | 7 | 2 | 9 | 1 | 3 | 5 | 6 | 8 |
| 9 | 8 | 6 | 2 | 5 | 4 | 3 | 7 | 1 |
| 7 | 5 | 8 | 3 | 4 | 9 | 2 | 1 | 6 |
| 2 | 6 | 4 | 7 | 8 | 1 | 9 | 3 | 5 |
| 3 | 9 | 1 | 5 | 2 | 6 | 7 | 8 | 4 |

ପୂର୍ବ ସଂସ୍କରଣର ଉତ୍ତର

# ଆଉଟସୋର୍ସିଂର ଭାରତୀୟକରଣ



ଅରୁଣ କୁମାର ତ୍ରିପାଠୀ

ଦୀପାବଳି ଅବସରରେ ଓଡ଼ିଶା ସରକାର ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କ ୨୫% ଦରମା ବୃଦ୍ଧି ଘୋଷଣା କରିଛନ୍ତି। ଏଥିନିମନ୍ତେ ରାଜ୍ୟ ସରକାର ବାର୍ଷିକ ଅତିରିକ୍ତ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି। ଏହାଦ୍ୱାରା ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ନିୟୋଜିତ ପ୍ରାୟ ୩୩,୦୦୦ କର୍ମଚାରୀ ଉପକୃତ ହେବେ। ତେବେ ଉକ୍ତ ଆଲେଖ୍ୟରେ ଶୁଣିବାକୁ ଭଲ ଲାଗୁଥିବା ଏହି ପ୍ରସ୍ତାବ ସମ୍ପର୍କିତ ବିଭିନ୍ନ ବିଭବ ଆଲୋଚନା କରାଯାଇଛି।

ଶିଳ୍ପ ବିପ୍ଳବ ସମୟରେ ଶିଳ୍ପ ସମୂହ ସେମାନଙ୍କ ଅନୁଷ୍ଠାନକୁ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ସ୍ଥାପନ କରିବାକୁ ଲାଗିଲେ। ଶିଳ୍ପ ବିପ୍ଳବ ପରଠାରୁ, ଶିଳ୍ପମାନ ସେମାନଙ୍କର ବଜାର ଏବଂ ଲାଭ ବୃଦ୍ଧି ପାଇଁ ପ୍ରତିଯୋଗିତାମୂଳକ ପରିସ୍ଥିତି କିଭଳି ସାମ୍ନା କରିବେ ସେନେଇ ବିଚାର ବିମର୍ଷ ପରେ 'ଆଉଟସୋର୍ସିଂ' ଶବ୍ଦଟିର ଉନ୍ମେଷ ହେଇଥିଲା ; ଯାହାର ବୈଶିଷ୍ଟ୍ୟ ଥିଲା, ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ ଅଥବା ସ୍ୱତନ୍ତ୍ର ଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ସ୍ୱଳ୍ପ ସମୟରେ ନିଜସ୍ୱ ସେବା ଯୋଗାଇ ଉପଯୁକ୍ତ ପାରିଶ୍ରମିକ ଲାଭ କରିବେ ଏବଂ ସେବା ଗ୍ରହଣ କରୁଥିବା ସଂସ୍ଥାର ଉତ୍ପାଦିକତା ବୃଦ୍ଧି। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଧାରାଟି ଅନ୍ୟଭାବେ ବ୍ୟବହୃତ ହୋଇଗଲା। କେବଳ ସ୍ୱତନ୍ତ୍ର କର୍ମ ସମ୍ପାଦନ ନିମିତ୍ତ ସୃଜିତ ହୋଇଥିବା ପରମ୍ପରା କାଳକ୍ରମେ ନିତ୍ୟ ନିୟମିତ କାର୍ଯ୍ୟ ଆଡ଼କୁ ଅଗ୍ରସର ହୋଇଅଛି। ଅନ୍ୟସ୍ଥାନରେ ନୂତନ ଉପାଂଶ ସୃଷ୍ଟି ଏବଂ ତାହାର ପରିଚାଳନା ନିମନ୍ତେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉଟସୋର୍ସିଂର ବହୁଳ ବ୍ୟବହାର କରାଗଲା। ଏକବିଂଶ ଶତାବ୍ଦୀର ଅୟମାରମ୍ଭ ସହ ଆଉଟସୋର୍ସିଂ ଶବ୍ଦର ମାନ ଏବଂ ଗୁଣରେ ଅନେକାଂଶରେ ପରିବର୍ତ୍ତନ ହୋଇଅଛି। କଳକାରଖାନାଗୁଡ଼ିକରେ ଜନ୍ମଲାଭ କରିଥିବା ଏହି ଶବ୍ଦ କାଳକ୍ରମେ ସରକାରୀ ସଂସ୍ଥାରେ ପ୍ରବେଶ ହୋଇଥିଲା।

ବିକାଶଶୀଳ ଅର୍ଥବ୍ୟବସ୍ଥାରେ ନିୟମିତ ପଦବୀରେ ନିୟୋଜନ କରାଗଲେ ଅର୍ଥବିଭାଗରେ ଯେଉଁ ବୋଝ ପଡ଼ନ୍ତା ତାହାର ପ୍ରାୟତଃ ୩୦% ଖର୍ଚ୍ଚରେ ଆଉଟସୋର୍ସିଂରେ ସେହି କାର୍ଯ୍ୟ ସମ୍ପାଦିତ ହୋଇପାରେ। ଉଦାହରଣ ସ୍ୱରୂପ ପ୍ରଥମତଃ ନିୟୋଜନର ବିଜ୍ଞାପନ ବାବଦର ଖର୍ଚ୍ଚକାଟ୍। ଯଦି ବିଜ୍ଞାପନରେ କୌଣସି ତ୍ରୁଟିବିଚ୍ୟୁତି ରହିଗଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ କୌଣସି ପ୍ରତ୍ୟାଶୀ ନ୍ୟାୟାଳୟର ଆଶ୍ରୟ ନେଇଗଲେ, ସେବେ ସଂପୃକ୍ତ ବିଜ୍ଞାପନ ବିନା ଅଗ୍ରଗତିରେ ରହିଯାଉଥିଲା, ତଥା କାର୍ଯ୍ୟାଳୟର ମାନ ପ୍ରଭାବିତ ହେଉଥିଲା ; ଯେଉଁଥିପାଇଁ ସାଧାରଣ ଜନତା ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କ ତାଲିମ ନିମନ୍ତେ ଯାହା ଖର୍ଚ୍ଚ ସେୟା ମଧ୍ୟ ସଞ୍ଚୟ ହେଉଅଛି। କର୍ମଚାରୀଗଣ ପରବର୍ତ୍ତୀ ସମୟରେ ଦରମା ବୃଦ୍ଧି ଆଉ ଅନ୍ୟାନ୍ୟ ସୁବିଧା ସୁଯୋଗରେ ବୃଦ୍ଧି ନିମନ୍ତେ 'ତାଲାବନ୍ଦ' ଆନ୍ଦୋଳନ କରିବା ଦ୍ୱାରା ସେବା ପ୍ରଦାନ ବନ୍ଦ ରହୁଥିଲା, ସେହି ସମସ୍ୟାର ମଧ୍ୟ ସମାଧାନ କରେଇଲା ଆଉଟସୋର୍ସିଂ, କାରଣ ଏଥିରେ ନିୟୋଜିତ କର୍ମଚାରୀ ସେହିସବୁ କର୍ମ କରିବେନି ବୋଲି ବାଇଦା କରନ୍ତି। ଦରମାରେ ନିୟମିତ ବୃଦ୍ଧି ତଥା ଅବସର ସୁବିଧା ସୁଯୋଗ ଆଉଟସୋର୍ସିଂ କର୍ମଚାରୀଙ୍କୁ ମିଳେନି, ଫଳତଃ କମ୍ ଖର୍ଚ୍ଚରେ ସମସ୍ତ ସମସ୍ୟାରୁ ମୁକ୍ତି ନିମିତ୍ତ ଆଜି ଆଉଟସୋର୍ସିଂ ସାଜିଛି ସଞ୍ଜୀବନୀ।

ଉକ୍ତ ଆଲେଖ୍ୟ ନିମିତ୍ତ ବିଭିନ୍ନ ଅନୁଷ୍ଠାନରେ ନିୟୋଜିତ ଆଉଟସୋର୍ସିଂ କର୍ମଚାରୀଙ୍କ ସାକ୍ଷାତ୍‌କାର କରାଯାଇ ସେମାନଙ୍କ ସମସ୍ୟା ତଥା ତାହାର ସମାଧାନ ନିମିତ୍ତ କିଛି ପ୍ରୟାସ କରାଯାଇ ଅଛି । ବର୍ତ୍ତମାନ ସମୟରେ ନିୟୋଜନର ଘୋର ଅଭାବ। ଆଉ ଏହି ଘଡ଼ିସନ୍ଧି ସମୟରେ ଯୁବପିଢ଼ି ଯେକୌଣସି ଉପାୟରେ ହେଉ କର୍ମସଂସ୍ଥାନ ନିମିତ୍ତ ଆପ୍ରାଣ ଉଦ୍ୟମ କରୁଛନ୍ତି। ପ୍ରଥମରେ ସେମାନଙ୍କୁ କୌଣସି ସେବାପ୍ରଦାନକାରୀ ସଂସ୍ଥାରେ ପଞ୍ଜୀକରଣ ନିମନ୍ତେ କିଛି ପାରିଶ୍ରମିକ ଦେବାକୁ ପଡ଼େ, ଯାହା କିଛି ଆନୁଷ୍ଠାନିକ ଏବଂ ବହୁଳ ମାତ୍ରାରେ ଅଣଆନୁଷ୍ଠାନିକ। ଯେଉଁ ସମୟରେ ସେମାନେ ନିୟୋଜିତ ହୁଅନ୍ତି କିଛି କ୍ଷଣ ହସଖୁସିରେ କଟେ। କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟରେ ବହୁଳ ମାତ୍ରାରେ ପରିବର୍ତ୍ତନ ହୁଏ। ବୟସ ବଢ଼ିବା ସହ ସେମାନଙ୍କ ଅଭିଜ୍ଞତାରେ ବୃଦ୍ଧିହୁଏ, କିନ୍ତୁ ପାରିଶ୍ରମିକ ବୃଦ୍ଧି ହୁଏନି। ଛଟେଇ ଡରର ଛାଟ ସେମାନଙ୍କ ଉପରେ ପ୍ରତିମୁହୂର୍ତ୍ତରେ ପ୍ରହାର ହୁଏ। ସମାନ କର୍ମ ନିମିତ୍ତ ସମାନ ଦରମା ନୀତି ସେମାନଙ୍କ କ୍ଷେତ୍ରରେ ଲାଗୁ ହୁଏନି।

କେନ୍ଦ୍ର ସରକାରଙ୍କ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ନିର୍ଦ୍ଦେଶନାମାନୁସାରେ ସାଧାରଣ ଶ୍ରମ ଏବଂ ଆକସ୍ମିକ ଶ୍ରମ ନିମନ୍ତେ ବିଭାଗୀକରଣ କରାଯାଇଛି। କିନ୍ତୁ ଆଉଟସୋର୍ସିଂ କର୍ମଚାରୀଙ୍କ ଯୋଗ୍ୟତାର ମୂଲ୍ୟାଙ୍କନ ନିମିତ୍ତ କିଛି ମାପଦଣ୍ଡର ଅଭାବ ରହିଛି। ଫଳତଃ ଶ୍ରମିକଙ୍କ ନିକିତିରେ ସେମାନଙ୍କ ଶ୍ରମ ତଉଲି ପାରିଶ୍ରମିକ ନିର୍ଦ୍ଧାରଣ କରାଯାଏ। ବିଭିନ୍ନ ସାମାଜିକ ସୁରକ୍ଷାରେ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ମଧ୍ୟ ସଂପୃକ୍ତ ସେବାପ୍ରଦାନକାରୀ ସଂସ୍ଥା ନିୟମିତ ପ୍ରଦାନ କରିପାରେନି। ସେମାନଙ୍କ ମୂଳପ୍ରାପ୍ୟ ମଧ୍ୟ ଅନେକଦିନ ପରେ ମିଳେ। କର୍ମ ଯଦିଓ କିଛିମାତ୍ରାରେ ଅଧିକ ସମ୍ପାଦିତ କରନ୍ତି କିନ୍ତୁ ବାଛବିଚାରର ସାମ୍ନା କରିବାକୁ ପଡ଼େ। ମାନସିକ ଚାପରେ ରହି ମଧ୍ୟ ଅନୁଷ୍ଠାନର ସେବାରେ ସେମାନେ ପ୍ରତିନିମିଷକୁ ଉତ୍ସର୍ଗୀକୃତ କରନ୍ତି କେବଳ ସେହି ଆଶାରେ ଯେ, କେବେ ତ ସରକାରଙ୍କ କୃପାଦୃଷ୍ଟି ସେମାନଙ୍କ ଉପରେ ପଡ଼ିବ ଏବଂ ସେମାନେ ନିଜର ସ୍ୱପ୍ନର ସୌଧ ଗଢ଼ିବେ। ସେମାନଙ୍କୁ ନିଜର ଅଭିଜ୍ଞତା ନିମିତ୍ତ ଅନୁଷ୍ଠାନରୁ ପ୍ରମାଣପତ୍ର ବି ମିଳେନା, ଫଳତଃ ସେମାନଙ୍କ ଅଭିଜ୍ଞତା ଅନ୍ୟସ୍ଥାନରେ ପ୍ରତିଫଳନ କରେଇପାରନ୍ତିନି। ଏତଦ୍‌ବ୍ୟତୀତ ଏକଚାଟିଆ ଶାସନ କିଛିମାତ୍ରାରେ ଦେଖିବାକୁ ମିଳେ। ସେମାନଙ୍କ ସମୟ ଏହିଭଳି ଭାବେ ଶୋଷିତ ହୁଏ, ସେମାନେ ପରିବାର ତଥା ନିଜସ୍ୱ ବିକାଶରେ ସ୍ୱଳ୍ପ ସମୟ ହିଁ ପାଆନ୍ତି। ଆଉ ସାମାଜିକ ସ୍ଥିତି କହିଲେ, ସେମାନେ ସର୍ବଦା ନିଜର ପଦବୀ ଲୁଚେଇ ପରିଚୟ ଦିଅନ୍ତି।

ଓଡ଼ିଶା ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଆଉଟସୋର୍ସିଂ କର୍ମଚାରୀ ମୁହଁରେ ହସ ଖେଳେଇଦେଇଛି। ଏହିଭଳି ଘୋଷଣାନାମା ନିୟମିତ ବ୍ୟବଧାନରେ କରାଯିବା କଥା। ଏଥିସହ ସରକାର ଆଉ କିଛି ପଦକ୍ଷେପ ନେଲେ ଅନେକ ପରିବାର ଯେଉଁମାନେ ଆଉଟସୋର୍ସିଂ ଉପରେ ନିର୍ଭରଶୀଳ ଅଛନ୍ତି ସେମାନେ ଉପକୃତ ହୁଅନ୍ତେ। ୧. ସମାନ କାମକୁ ସମାନ ଦରମା ନୀତି ସେମାନଙ୍କ କ୍ଷେତ୍ରରେ ପ୍ରଦାନ କରାଯାଇପାରେ। ଅଧିକ ସୁବିଧା ସୁଯୋଗ ବ୍ୟତୀତ କେବଳ ସ୍ଥିରୀକୃତ ଦରମା ଦିଆଯାଇପାରେ। ୨.ବିଭିନ୍ନ ସାମାଜିକ ସୁରକ୍ଷା ବ୍ୟବସ୍ଥା ନିୟମିତ ସେମାନଙ୍କୁ ପ୍ରଦାନ କରିବା ସେବାପ୍ରଦାନ କାରୀ ସଂସ୍ଥା ତଥା ସେବା ଗ୍ରହଣକାରୀ ସଂସ୍ଥା ନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶନାମା ଦୃଢୀଭୂତ କରାଯାଇପାରେ। ୩. ଜୀବନ ବୀମା ତଥା ମାତୃତ୍ୱ ଅବକାଶ ସେମାନଙ୍କୁ ପ୍ରଦାନ କରାଯାଇପାରେ। ୪. ଲକ୍ଷ ଏବଂ ଉପଲବ୍ଧି ହାସଲ କ୍ଷେତ୍ରରେ ସେମାନଙ୍କୁ ସ୍ୱତନ୍ତ୍ର ଉପହାରର ବ୍ୟବସ୍ଥା କରାଯାଇପାରେ। ୫. ମାସିକ ତଥା ବାର୍ଷିକ ଅବକାଶ(ଦେୟଯୁକ୍ତ ) ନିମନ୍ତେ ମଧ୍ୟ ସ୍ୱତନ୍ତ୍ର ନିୟମ ଆବଶ୍ୟକ। ୬. ସେମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ନିମିତ୍ତ ବିଭିନ୍ନ ପ୍ରତିଯୋଗିତା ତଥା ପୁରସ୍କାରର ବ୍ୟବସ୍ଥା ବିଧେୟ। ୭. ଯଦିଓ ନିୟମିତ ବ୍ୟବସ୍ଥା କରାଯିବା ବ୍ୟୟସାପେକ୍ଷ, କିନ୍ତୁ ସ୍ଥିରନିଶ୍ଚିତ ନିଯୁକ୍ତିର ସର୍ତ୍ତରେ ସେମାନଙ୍କ ଗୁଣବତ୍ତାର ବିକାଶ ହୋଇପାରିବ। ସର୍ବୋପରି ସମସ୍ତଙ୍କ ସହଯୋଗରେ ଦେଶର ବିକାଶ ସମୟର ଆବଶ୍ୟକତା। ସମସ୍ତ ନାଗରିକ ନିଜକୁ ଦେଶ ସେବାରେ ନିୟୋଜିତ କରେଇପାରିଲେ ଭାରତ ବିଶ୍ୱର ନେତୃତ୍ୱ ଯେ ଦିନେ ନେବ– ଏଥିରେ ସନ୍ଦେହର ଅବକାଶ ନାହିଁ।

**ଶୈକ୍ଷିକ ପରାମର୍ଶଦାତା, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା**
aktripathy@cuo.ac.in

# ଜଣେ ଅନ୍ତରଙ୍ଗ ବନ୍ଧୁର ଅପମୃତ୍ୟୁ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ମଧୁସୂଦନ ରାଓଙ୍କ ଷଡ଼ଋତୁ ବର୍ଣ୍ଣନାରେ ବର୍ଷ ସାରା ବିଭିନ୍ନ ଋତୁ ଓ ମାସ ସମ୍ପର୍କରେ ଯାହା କ୍ରମାନ୍ୱୟରେ ବ୍ୟକ୍ତ କରାଯାଇଛି, ତାହା ବାସ୍ତବ ଏବଂ ମନୋରମ। ଆବାଳବୃଦ୍ଧବନିତା ସମସ୍ତେ ଏହାର ସାରାଂଶ ମର୍ମେ ମର୍ମେ ଉପଲବ୍ଧି କରି ଆସୁଛନ୍ତି। ତେବେ ଋତୁଭିତ୍ତିକ ବିଚାର ବିଭିନ୍ନ କବିଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ଭାବ ଓ ବର୍ଣ୍ଣନା ଉଦ୍ରେକ କରିଥାଏ। ଶ୍ରୀମଦ୍ ଭାଗବତ ରଚୟିତା ଜଗନ୍ନାଥ ଦାସଙ୍କ ନବାକ୍ଷରୀ ଓଡ଼ିଆ ଭାଗବତରେ ଋତୁ ସମ୍ପର୍କିତ ବ୍ୟାଖ୍ୟା ମଧ୍ୟରେ ଆଧ୍ୟାତ୍ମିକତାର ସ୍ପର୍ଶ ସ୍ପଷ୍ଟ ପ୍ରତୀତ ହୁଏ:

ଭୂମିରେ ଯେତେ ଜଳ ଥିଲା,
ଶରତେ ନିର୍ମଳ ହୋଇଲା।
ଭ୍ରଷ୍ଟଯୋଗୀଙ୍କ ଚିତ୍ତ ଯେହ୍ନେ,
ପୁଣି ନିର୍ମଳ ଯୋଗାସନେ।

ଏଥିରେ ଶ୍ରୀକୃଷ୍ଣଙ୍କ ମହିମାକୁ ଲକ୍ଷ୍ୟ କରି କବି ନିଜ ମନର ପବିତ୍ର ଭାବ ପ୍ରକଟ କରିଛନ୍ତି।

ତେବେ ପଦ୍ମଶ୍ରୀ ଉପାଧିରେ ଭୂଷିତ ମାୟାଧର ମାନସିଂଙ୍କୁ ପ୍ରେମିକ –କବି ଭାବେ କେହି କେହି ବିଚାର କରନ୍ତି। ସେ 'ମହାନଦୀରେ ଜ୍ୟୋସ୍ନା ବିହାର' ରଚନା କରିବା ବେଳେ ଭ୍ରମଣକାଳୀନ ଅନୁଭୂତି ବର୍ଣ୍ଣନା କରିଛନ୍ତି।

''ଏ ମହା ନୀରବ କ୍ଷଣେ, ଏ ଜ୍ୟୋଛ୍ନା ତଳେ
ମୁଗ୍ଧ ମୁଁ ଅନାଇ ଏହି ବିପୁଳ ଶୋଭାରେ, ଅନୁଭବ
ଆହା କାର ସ୍ପର୍ଶ ଏ ଅନ୍ତରେ
ବଚନୁ ଅତୀତ, ମୁହିଁ ପ୍ରଣମେ ତାହାରେ।''

ଜ୍ୟୋସ୍ନା –ଉଦ୍‌ଭାସିତ ରଜନୀରେ ମହାନଦୀର ଉତ୍କର୍ଷ ଶୋଭା ତାଙ୍କୁ ଯେମିତି ଆହ୍ଲାଦିତ କରିଛି, ତାଙ୍କ ମନରେ ତତ୍କାଳୀନ ହତଶ୍ରୀ ମାତୃଭୂମିର ଦୁଃଖ–ଦୁର୍ଦ୍ଦଶା ସେମିତି ଗ୍ଲାନିରେ ବିଷାଦଗ୍ରସ୍ତ କରିଛି। ତେଣୁ ଏହି ପୃଷ୍ଠଭୂମିରେ ସେ ଉଲ୍ଲେଖ କରିଛନ୍ତି–

ହାୟ ଲୋ ଉତ୍କଳ ଭୂମି, ପ୍ରକୃତି ସୁନ୍ଦରୀ,
ମନ୍ଦାକିନୀ ସମନଦୀ, ମାରକତ ଗିରି,
କାନନେ କେଦାରେ ଲକ୍ଷ ଶୋଭାର ବହର
ଆଉଁ ତୋର, କହ କିପାଁ ଏତେ ହତଶିରି ?

ମେଘମୁକ୍ତ ଆକାଶରେ ଚନ୍ଦ୍ରର ଅବସ୍ଥିତି ଚନ୍ଦ୍ରିକା ରଞ୍ଜିତ କୋମଳ ସ୍ପର୍ଶରେ ଯେମିତି ମନକୁ ପ୍ରଫୁଲ୍ଲ କରେ, ସେଥିରେ ଜଣେ ଭାବୁକ ଆତ୍ମବିସ୍ମୃତ ନ ହୋଇ, ଅତୀତ ଉତ୍କଳର ଗୌରବମୟ ଗାଥା ଭୁଲି ନ ଯାଇ ଖେଦ ପ୍ରକଟ କରିପାରେ। ମାନସିଂ ଏକକାଳୀନ ଏହା ଅନୁଭବ କରିଛନ୍ତି।

ତେବେ ବୈଜ୍ଞାନିକଙ୍କ ମତରେ ଋତୁ ପରିବର୍ତ୍ତନର ହେତୁ ହେଉଛି ଚନ୍ଦ୍ରର ଅବସ୍ଥିତି। ଚନ୍ଦ୍ରର ଅନୁପସ୍ଥିତିରେ ମାନବ ସମାଜ ତ ଚନ୍ଦ୍ରକିରଣରେ ବିଭୋର ହେବା ଅସମ୍ଭବ। ତତ୍ ସହିତ ପୃଥିବୀରେ ଆମର ସ୍ଥିତି ବିପର୍ଯ୍ୟସ୍ତ ହୋଇଯିବ ; ଯେମିତି ଆମେ ବିଭିନ୍ନ ଋତୁ ସହ ଖାପଖୁଆଇ ଆଜି ପର୍ଯ୍ୟନ୍ତ ବଞ୍ଚି ଆସିଛନ୍ତି, ସେମିତି ଜୀବନ ଶୈଳୀ ଦୁଷ୍ପ୍ରାପ୍ୟ ହେବା ନିଧାର୍ଯ୍ୟ। ଏପରି କି ମଣିଷ ସମେତ ସମଗ୍ର ଜୀବଜଗତ ଏହା ଦ୍ୱାରା ଅତିଶୟ ପ୍ରଭାବିତ ହେବେ। ତେବେ କ'ଣ ଚନ୍ଦ୍ରର ସ୍ଥିତି ବିପନ୍ନ ହେବା ଆଶଙ୍କା ରହିଛି? ଉଦ୍‌ବେଗର ବିଷୟ , ଆମ ସୌରଜଗତରେ ବିଭିନ୍ନ କ୍ରିୟା ପ୍ରତିକ୍ରିୟା ଅହରହ ଚାଲୁ ରହିଛି। ତେଣୁ ସାଂପ୍ରତିକ ସୌରମଣ୍ଡଳ ଯେ ଚିରଦିନ ଏମିତି ସ୍ଥିତିରେ ରହିବ, ଏହା ଭାବିବା ପ୍ରମାଦପୂର୍ଣ୍ଣ।

ଏହି ଦୃଷ୍ଟିରୁ ପ୍ରୋଟୋପ୍ଲାନେଟ ବିଷୟ ଚିନ୍ତା କରାଯାଇପାରେ। ଏହା ଏକ ଖଗୋଳୀୟ ପିଣ୍ଡ ; ଯାହାର ଆକାର ବର୍ତ୍ତୁଳାକାର ହୋଇ ନ ଥାଏ। ସୌରଜଗତ ସୃଷ୍ଟି ହେବା ସମୟରୁ ଆକାଶରେ ବିଦ୍ୟମାନ କିଛି ମୁକ୍ତ ସୌରକଣିକା ମାଧ୍ୟାକର୍ଷଣଜନିତ ପାରସ୍ପରିକ ଆକର୍ଷଣରୁ ଏକତ୍ରିତ ହୋଇଯାଆନ୍ତି। ଏଥିରେ ଉପାଦାନ ଭାବେ ରହିଥାଏ ଧୂଳିକଣା ଓ ଗ୍ୟାସ– ଅଣୁ। ଏହି ପିଣ୍ଡଟି ସୂର୍ଯ୍ୟ ଚାରିପଟେ ଘୂରେ। ଜଣାଯାଏ ଯେ, ଆମ ସୌରଜଗତରେ ଯେଉଁ ଗ୍ରହମାନ ଅବସ୍ଥିତ, ସେମାନେ ଏହି ପ୍ରୋଟୋପ୍ଲାନେଟରୁ ଜାତ। ସଂପ୍ରତି ବିଦ୍ୟମାନ ପ୍ରୋଟୋପ୍ଲାନେଟମାନେ ଅଧାରୁ ଅଧିକ ମୁକ୍ତ ଅଣୁକୁ ନିଜ ଆଡ଼କୁ ଟାଣି ବାନ୍ଧି ରଖୁଛନ୍ତି। ଉଦାହରଣ ହେଉଛି ସେରେସ ପଲ୍ଲାସ ଓ ଭେଷ୍ଟ (ଗ୍ରହାଣୁପୁଞ୍ଜ ଆଷ୍ଟେରୋଇଡ)। ଏମାନଙ୍କ ଭବିଷ୍ୟତ ବ୍ୟବହାର ଅନିଶ୍ଚିତ। ଅନୁମାନ କରାଯାଏ ଯେ, ପୃଥିବୀ ସହ ଏମିତି ଏକ ପ୍ରୋଟୋପ୍ଲାନେଟର ଧକ୍କା (କଲିଜନ) ଫଳରେ ପ୍ରାୟ ୪୫୦୦ ନିୟୁତ ବର୍ଷ ପୂର୍ବେ ଚନ୍ଦ୍ରର ସୃଷ୍ଟି। କେହି କେହି ଆଶଙ୍କା କରନ୍ତି ଯେ, ସୁଦୂର ଭବିଷ୍ୟତରେ ଚନ୍ଦ୍ର ଏତାଦୃଶ ପ୍ରୋଟୋପ୍ଲାନେଟ ସହ ଦିନେ ସଂଘାତ ଦ୍ୱାରା ଧ୍ୱଂସପ୍ରାପ୍ତ ହୋଇ ଯିବନି ତ ? ଅବଶ୍ୟ ଏହା ଏକ ଦୈବୀ ଅଘଟଣ। ତଥାପି ବିଚାର୍ଯ୍ୟ। ଏମିତି ଏକ ସମ୍ଭାବ୍ୟ ବିପର୍ଯ୍ୟୟ ସମ୍ପର୍କରେ ସମ୍ୟକ୍ ଧାରଣା ପାଇବା ପାଇଁ ମନୁଷ୍ୟକୃତ ଏକ ଅତୀତ ଯୋଜନା ସମ୍ପର୍କରେ କିଛି ବିବରଣୀ ପ୍ରଣିଧାନଯୋଗ୍ୟ।

୧୯୫୯ ମସିହାର ଘଟଣା। ସେତେବେଳେ ସୋଭିଏଟ୍ ରୁଷିଆ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଶୀତଳ ଯୁଦ୍ଧ ଲାଗିଥିଲା। 'ଏ ଷ୍ଟର୍ଟ ଅଫ ଲୁନାର ରିସର୍ଚ୍ଚ ଫ୍ଲାଇଟ୍ସ' ନାମକ ଏହି ଯୋଜନା ଅନୁସାରେ ବୋମା ଦ୍ୱାରା ଚନ୍ଦ୍ରକୁ ଆକ୍ରମଣ କରିବା ବିଷୟ ଏଥିରେ ଅନ୍ତର୍ଭୁକ୍ତ ଥିଲା। ଏପରି କି ବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ କାର୍ଲ ସାଗାନ ଏହାର ରୂପରେଖ ପ୍ରସ୍ତୁତିରେ ସଂପୃକ୍ତ ଥିଲେ ବୋଲି ଶୁଣାଯାଏ। କିନ୍ତୁ ସେମାନେ ଗଭୀର ଭାବେ ଅନୁଧ୍ୟାନ କରିବା ପରେ ଏହା ଏକ ଉଦ୍ଭଟ ପରିକଳ୍ପନା ବୋଲି ହୃଦୟଙ୍ଗମ କଲେ। ହିସାବରୁ ଜଣାଗଲା ଯେ, ତିରିଶ ଟ୍ରିଲିୟନ (ଅର୍ଥାତ୍ ଏକ ଲକ୍ଷ କୋଟି, ଯାହା କି ଏକରେ ବାରଟି ଶୂନ) ମେଗାଟନ ସମ୍ପନ୍ନ ଟିଏନ୍‌ଟି ଏଥିପାଇଁ ଆବଶ୍ୟକ। ପ୍ରକାଶଥାଉ କି ରୁଷିଆ ଶକ୍ତିଶାଳୀ କିଙ୍ଗ ବମ୍ ପଚାଶ ମେଗାଟନ ଶକ୍ତିସମ୍ପନ୍ନ। ତେଣୁ ଚନ୍ଦ୍ର ଧ୍ୱଂସ ପାଇଁ କେତେ ସଂଖ୍ୟାରେ ବମ୍ ଏବଂ ଏହାକୁ ନିକ୍ଷେପ କରିବାକୁ କେତେ ଅଗଣିତ ମଲ୍‌ଟି ଷ୍ଟେଟ ରକେଟ ଆବଶ୍ୟକ, ଏହା ଅନୁମେୟ। ପରିଶେଷରେ ଆମେରିକା ଏହି ଯୋଜନାରୁ କ୍ଷାନ୍ତ ରହି ସୋଭିଏଟ୍‌ର ଚନ୍ଦ୍ର ଅଭିଯାନ ସହ ପ୍ରତିଯୋଗିତାରେ ଲିପ୍ତ ରହିଲା।

ବର୍ତ୍ତମାନ ଦୈବୀ ଦୁର୍ବିପାକ ଉପରେ ଦୃଷ୍ଟିନିବଦ୍ଧ କରି ଅବଗତ ହେଲେ ଯେ, ଆମ ସୌର ମଣ୍ଡଳର ସର୍ବବୃହତ୍ ଗ୍ରହାଣୁ ହେଉଛି ସେରେସା। ଧରାଯାଉ, ଏହି ଗ୍ରହାଣୁଟି ମୁକ୍ତ ହୋଇ ଚନ୍ଦ୍ର ଦେହରେ ପିଟି ହୋଇଯିବ। ତଥାପି ଚନ୍ଦ୍ର ବଞ୍ଚି ରହିବ। କାରଣ ଚନ୍ଦ୍ରର ବସ୍ତୁତ୍ୱ ତୁଳନାରେ ଏହା ଯଥେଷ୍ଟ କମ୍ (ମୋଟେ ଶତକଡା ୧.୩ ଭାଗ)। ଚନ୍ଦ୍ର ଧ୍ୱଂସ ହେବା ପାଇଁ ଚନ୍ଦ୍ର ସହ ପ୍ରାୟ ସମାନ ଓଜନ ଥିବା ଏକ ସୌରପିଣ୍ଡ ଆବଶ୍ୟକ। ଅବଶ୍ୟ ମହାଜାଗତିକ ବିଚିତ୍ର ଘଟଣା ମାନ ଦେଖାଯାଏ। ତେଣୁ ଏକ ବୃହତ୍ ଅଜଣା ସୌରପିଣ୍ଡ ଏହି କାମ କରିପାରେ। ସମ୍ଭାବନା ନଗଣ୍ୟ ହେଲେ ମଧ୍ୟ ସମ୍ଭବପର।

ଯଦି ଏମିତି ଦୁର୍ବିପାକ ଘଟେ, ତେବେ ଚନ୍ଦ୍ର ଖଣ୍ଡ ବିଖଣ୍ଡିତ ହେବ। ସେମାନଙ୍କ ମଧ୍ୟରେ ଯେଉଁ ଖଣ୍ଡଗୁଡ଼ିକର ବେଗ ଏସ୍କେପ ଭେଲୋସିଟି (ପଳାୟନ–ପରିବେଗ)ଠାରୁ ଅଧିକ, ସେମାନେ ଖସି ଚାଲିଯିବେ। କିନ୍ତୁ ଯେଉଁ ଖଣ୍ଡଗୁଡ଼ିକର ଗତି ମନ୍ଥର, ସେମାନେ ପାରସ୍ପରିକ ମାଧ୍ୟାକର୍ଷଣରୁ ଏକତ୍ର ମିଶି ପୁଣି ଏକ କ୍ଷୁଦ୍ର ଚନ୍ଦ୍ର ଗଢ଼ିପାରନ୍ତି। ଏହା ଗୋଲାକାର ନ ହୋଇ ବେଢ଼ଙ୍ଗିଆ କୁତ୍ସିତ ରୂପ ନେବ। (ଦ୍ରଷ୍ଟବ୍ୟ: ଖ୍ରୀଷ୍ଟୋଫର ହେଲମାନ, ଫୋର୍ବସ ଡଟ କମ୍ ୨୬ ନଭେମ୍ବର ୨୦୧୨)।

ଏମିତି ଏକ କଦର୍ଯ୍ୟ ଚନ୍ଦ୍ର ନାମକ ସୃଷ୍ଟ ପିଣ୍ଡଟି କବି ମାନସିଂ ବା ଜଗନ୍ନାଥ ଦାସଙ୍କୁ ଅନୁପ୍ରାଣିତ କରିଥାନ୍ତା କି ? ଶରତଚନ୍ଦ୍ରଙ୍କ ଉପନ୍ୟାସ ଦେବଦାସ (୧୯୧୭)ରେ ଯେଉଁ ରୂପବତୀ ଗଣିକା ଚରିତ୍ର ବର୍ଣ୍ଣିତ, ତାକୁ ସେ ନାମକରଣ କରିଥିଲେ ଚନ୍ଦ୍ରମୁଖୀ (ସୁନ୍ଦରୀ ଚନ୍ଦ୍ରର ଅବତାର ଭାବେ)। ଏହାର ନିର୍ଦ୍ଦେଶକ ବିମଳ ରାୟ ଏକ ରୂପସୀ ଅଭିନେତ୍ରୀକୁ ଏହି ଭୂମିକା ପାଇଁ ବାଛିବା ଅଭିପ୍ରାୟରେ ନର୍ଗିସ, ସୁରୋୟା, ବୀଣା ରାୟ, ବୈଜୟନ୍ତୀମାଳା ଆଦିଙ୍କ ସହ ସାକ୍ଷାତ କରି ପରିଶେଷରେ ବୈଜୟନ୍ତୀମାଳାଙ୍କୁ ବାଛିଥିଲେ। ସର୍ବୋପରି ସାରା ବିଶ୍ୱବାସୀ ଜାଣନ୍ତୁ ଯେ, ଚନ୍ଦ୍ର ଯୋଗୁ ଋତୁ ପରିବର୍ତ୍ତନ ହୁଏ, ପୃଥିବୀ ଟଳମଳ ହୁଏ ନାହିଁ। ଦିନରାତି, ଜୁଆର ଭଟ୍ଟା ଇତ୍ୟାଦିର ସୃଷ୍ଟି। ଦୈବାତ୍ ଏହା ଧ୍ୱଂସପ୍ରାପ୍ତ ବା ବିକୃତ ହେଲେ, ପୃଥିବୀ ତା'ର ଅନ୍ତରଙ୍ଗ ବିଶ୍ୱସ୍ତ ସାଥୀକୁ ହରାଇବ।

ମୋ:୯୦୭୮୭୪୩୮୪୩

## ଏଇ ଭାରତରେ

ଭାରତରେ ବିଭିନ୍ନ ବର୍ଗରେ ଭିନ୍ନ ଭିନ୍ନ ପରମ୍ପରା ବହୁକାଳରୁ ଚଳିଆସୁଛି। ସେଥିମଧ୍ୟରେ ରାଜସ୍ଥାନର ବାଂଶୱାରା ଜିଲା ଡୁଙ୍ଗୁରପୁର ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟରେ ଏକ ଅଜବ ପରମ୍ପରା ରହିଛି। ଏହା ଅନୁଯାୟୀ, ଆଦିବାସୀ ସମ୍ପ୍ରଦାୟରେ ପ୍ରଥମ ବିବାହ ପରେ ନବ ଦମ୍ପତିଙ୍କୁ ନେଇ ଦିୱାଲି ଆଣା ଓ ମେରିୟୁ ପାଳନ କରାଯାଏ। ନବ ବିବାହିତ ଦମ୍ପତି ବିବାହର ପ୍ରଥମ ଦୀପାବଳି ପରଦିନ ଏହା ପାଳନ କରିଥାଆନ୍ତି। ସେମାନଙ୍କ ସୁଖୀ ଜୀବନ ପାଇଁ ଏହା ଉଦ୍ଦିଷ୍ଟ। ପରମ୍ପରା ଅନୁଯାୟୀ ନବବିବାହିତା କନ୍ୟା ପ୍ରଥମ ଦୀପାବଳି ପୂର୍ବରୁ ତାଙ୍କ ବାପଘରକୁ ଚାଲିଯାଆନ୍ତି ଓ ମାସେକାଳ ସେଠାରେ ରହନ୍ତି। ପରେ ଦୀପାବଳିର ଏକ ସପ୍ତାହ ପୂର୍ବରୁ ତାଙ୍କ ସ୍ୱାମୀ ସାଙ୍ଗ, ଭାଇ ଓ ପରିବାର ସହ କନ୍ୟା ଘରେ ପହଞ୍ଚିଥାଆନ୍ତି। ସେଠାରେ ମହିଳାମାନେ ମଙ୍ଗଳଗୀତ ଗାଇ ଝିଅକୁ ବିଦା କରନ୍ତି। ପରେ ରୋଶଣି କରି ଦମ୍ପତି ଫେରନ୍ତି। ବାହାଘର ସମୟରେ ଯେଭଳି ବର କନ୍ୟାଙ୍କୁ ସ୍ୱାଗତ କରାଯାଏ ଠିକ୍ ସେହିଭଳି ବର ଘରେ ସେମାନଙ୍କୁ ପାଛୋଟି ନିଆଯାଏ। ଏହା ପରେ ଉଭୟେ ଦୀପାବଳି ପାଳନ କରନ୍ତି। ଦୀପାବଳି ପରଦିନ ଗୋବର୍ଦ୍ଧନ ପୂଜା ହୁଏ। ଏହି ଦିନ ସୂର୍ଯ୍ୟୋଦୟ ପୂର୍ବରୁ ଦୁଆର ମୁହଁରେ ବର ଠିଆ ହୋଇ କନ୍ୟାଙ୍କୁ ଗୀତ ଗାଇ ଡାକିଥାନ୍ତି। ବର ପାଖକୁ ଆସିବା ପାଇଁ କନ୍ୟା ବାରମ୍ବାର ମନା କରନ୍ତି। ପରେ କନ୍ୟା ସଜେଇ ହୋଇ ହାତରେ ତେଲ ଧରି ବର ପାଖକୁ ଯାଏ ଓ ବର ହାତରେ ଧରିଥିବା ପଞ୍ଚମୁଖୀ ଦୀପରେ ତେଲ ଭରିବା ପରେ ନବଦମ୍ପତି ପରିବାର ସଦସ୍ୟଙ୍କୁ ନେଇ ଗାଁ ସାରା ବୁଲିଥାଆନ୍ତି। ଏହି ସମୟରେ ଗାଁର ସମସ୍ତେ ନବ ଦମ୍ପତିଙ୍କୁ ସୁଖୀ ଜୀବନ ପାଇଁ ଆଶୀର୍ବାଦ କରିଥାଆନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୬ ନଭେମ୍ବର ୧୯୯୬

- ପାକିସ୍ତାନ ରାଷ୍ଟ୍ରପତି ଫାରୁକ୍ ଲେଘାରୀ ଅପ୍ରତ୍ୟାଶିତ ଭାବେ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋ ଓ ତାଙ୍କର ୩ ବର୍ଷର ପୁରୁଣା ସରକାରକୁ ବରଖାସ୍ତ କରିଛନ୍ତି।
- ସାମୁଖ୍ୟ ସହ ସମ୍ପର୍କ ତୁଟାଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାଧବରାଓ ସିନ୍ଧିଆ କଂଗ୍ରେସ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।
- ଏ.ଭି. ଗୋକକ୍ ଯୋଗାଯୋଗ ବିଭାଗର ସଚିବ ତଥା ଟେଲିକମ୍ କମିଶନର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ଚିରନ୍ତନୀ

ଜାପାନ, ଚାଏନା, ବ୍ରହ୍ମ, ଭାରତ, ପାରସ୍ୟ
ଆଫଗାନ,
ଆରବ, ତୁର୍କି, ଆଫ୍ରିକା, ରୁଷିଆ, ୟୁରୋପ,
ଅଷ୍ଟ୍ରେଲିଆ, ଆମେରିକା ମହାଦେଶେ ଉଡ଼ଇ
ନିଶାଣ
କୁମେରୁ ସୁମେରୁ ବେଢ଼ି ଉଠେ ଭୂମିକମ୍ପ।
–(ଶତାବ୍ଦୀ–ସୈନିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଦୂଷଣ କଷଣ ବଢ଼ାଉଛି

ମହାଶୟ,

ରାଜ୍ୟରେ ୪ ହଜାରରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ରହିଛି। ସେଥିମଧ୍ୟରୁ ୬୦୯ଟି ଶିଳ୍ପ ଅଧିକ ମାତ୍ରାରେ ପ୍ରଦୂଷଣ ସୃଷ୍ଟି କରୁଛି। କଳକାରଖାନାରୁ ନିର୍ଗତ ଧୂଳି କଳାଧୂଆଁ ଅନେକ ସମୟରେ ଆକାଶକୁ ଆଚ୍ଛାଦିତ କରିରଖୁଛି। ଅମ୍ଳଜାନ ଅଭାବରୁ ବହୁ ରୋଗ ଦେଖାଯାଉଛି। ରାଜ୍ୟରେ ଇସ୍ପାତ, ଶକ୍ତି, ସିମେଣ୍ଟ, ସାର, ବାଣ, ଆଲୁମିନିୟମ ସ୍ପଞ୍ଜ ଆଇରନ ଭଳି ୧୭ଟି କାରଖାନା ସହିତ ଅତି ପ୍ରଦୂଷଣ ଶିଳ୍ପ ରହିଛି। ୨୦୧୪ରୁ ଅନ୍‌ଲାଇନ ମାଧ୍ୟମରେ ନଜର ରଖାଯାଇଥିଲେ ମଧ୍ୟ ଏଥିରେ ୫୪ଟି ଶିଳ୍ପ ବାଦ୍ ପଡ଼ିଛି। ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଥିଲେ ମଧ୍ୟ ନିୟମ ଭଙ୍ଗ କରୁଥିବା ଶିଳ୍ପାନୁଷ୍ଠାନ ପ୍ରତି କଠୋର ପଦକ୍ଷେପ ନେଇପାରୁ ନାହିଁ। ଏହାର ରହସ୍ୟ କ'ଣ ? ବାୟୁ ପ୍ରଦୂଷଣ ଯୋଗୁ ଲକ୍ଷ ଲକ୍ଷ ବ୍ୟକ୍ତିଙ୍କ ଜୀବନ ଯାଉଛି। ପଞ୍ଜାବ ଓ ହରିୟାଣା ଚାଷୀ ଫସଲ ଅମଳ ପରେ ନଡ଼ାମୂଳ ପୋଡ଼ିଦେବା ଦ୍ୱାରା ଆଖପାଖ ରାଜ୍ୟ ଓ ସହର ଧୂଆଁରେ ଆଚ୍ଛାଦିତ ହୋଇଯାଉଛି। ନେଡିଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ଏଥିପ୍ରତି ସରକାର ଧ୍ୟାନ ଦିଅନ୍ତୁ।

**– ନିର୍ମଳ ସାମଲ, ସାମାଜିକ କର୍ମୀ, ବିରଜାଭୂମି, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ନଭେମ୍ବର ୬/୨୦୨୧ Bhubaneswar, Saturday, November 6/ 2021

## ସଂକ୍ଷେପରେ

### ତୃତୀୟ ଟେଷ୍ଟ ମ୍ୟାଚ କେପ୍‌ଟାଉନକୁ ସ୍ଥାନାନ୍ତରିତ

**ଜୋହାନ୍ସବର୍ଗ, ୫।୧୧(ପି.ଟି.):** ଆଗକୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା କ୍ରିକେଟ ଟେଷ୍ଟ ସିରିଜ ଅନ୍ତର୍ଗତ ତୃତୀୟ ମ୍ୟାଚ ଜୋହାନ୍ସବର୍ଗ ପରିବର୍ତ୍ତେ କେପ୍‌ଟାଉନ୍‌ରେ ଖେଳାଯିବ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜୋହାନ୍ସବର୍ଗରେ ସିରିଜ ଓପନର (ଡିସେମ୍ବର ୧୭ରୁ ଆରମ୍ଭ) ଓ ତୃତୀୟ ଟେଷ୍ଟ (ଜାନୁୟାରୀ ୩ରୁ ୭) ଖେଳାଯାଇଥାନ୍ତା। ସେଞ୍ଚୁରିଅନ୍‌ଠାରେ ଡିସେମ୍ବର ୨୬ରୁ ବକ୍ସିଂ ଡେ' ଟେଷ୍ଟ ହୋଇଥାନ୍ତା। ତେବେ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ତୃତୀୟ ଟେଷ୍ଟର ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ନିଷ୍ପତ୍ତି ନେଇଛି। ସିଏସ୍‌ଏ ପକ୍ଷରୁ କିନ୍ତୁ କୌଣସି କାରଣ ଦର୍ଶାଯାଇନାହିଁ। ଦକ୍ଷିଣ ଆଫ୍ରିକା ଟୁର୍ ବେଳେ ଭାରତ ଟେଷ୍ଟ ସିରିଜ ପରେ ୩ ଅନ୍ତର୍ଜାତୀୟ ଦିନିକିଆ ଓ ୪ ଟି୨୦ ମ୍ୟାଚ ଖେଳିବ। ଏହା ଜାନୁୟାରୀ ୧୧ରୁ ଆରମ୍ଭ ହେବ। ଜାନୁୟାରୀ ୨୬ରେ ଚତୁର୍ଥ ଟି୨୦ ସହ ଟୁର୍ ଶେଷ ହେବ।

### ହିଲୋ ଓପନ୍ ବ୍ୟାଡ୍‌ମିଣ୍ଟନ: ସେମିରେ ଶ୍ରୀକାନ୍ତ

**ସାରବ୍ରୁକେନ (ଜର୍ମାନୀ),୫।୧୧:** ଏଠାରେ ଚାଲିଥିବା ହିଲୋ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ତାରକା ଖେଳାଳି କିଡ଼ାମ୍ବି ଶ୍ରୀକାନ୍ତ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଷଷ୍ଠ ସିଡ୍ ମାନ୍ୟତା ପାଇଥିବା ଶ୍ରୀକାନ୍ତ ଶୁକ୍ରବାର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ନିଜଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗ୍ ଖେଳାଳି ହଂକଂର ଏନ୍.ଜି. କା ଲଙ୍ଗ୍ ଅଙ୍ଗସଙ୍କୁ ୨୧-୧୧, ୧୨-୨୧, ୨୧-୧୯ରେ ପରାସ୍ତ କରିଛନ୍ତି। ସେମିରେ ଶ୍ରୀକାନ୍ତ ମାଲେସିଆର ଲି ଜି ଜିଆଙ୍କୁ ଭେଟିବେ। ବିଶ୍ୱର ୧୫ନମ୍ବର ଖେଳାଳି ଶ୍ରୀକାନ୍ତଙ୍କୁ ବିଜୟୀ ହେବା ପାଇଁ ଏକ ଘଣ୍ଟା ସମୟ ଆବଶ୍ୟକ ହୋଇଥିଲା। ପ୍ରଥମ ଗେମ୍‌ରେ ବିଜୟୀ ହୋଇଥିବା ଶ୍ରୀକାନ୍ତ ଦ୍ୱିତୀୟ ଗେମ୍‌ରେ ପରାସ୍ତ ହୋଇଥିଲେ। ହେଲେ ପ୍ରତ୍ୟାବର୍ତ୍ତନ କରି ସେ ତୃତୀୟ ଗେମ୍ ଜିତି ନେଇଥିଲେ।

### ଅବସର ନେବେ ବ୍ରାଭୋ



**ଆବୁଧାବି, ୫।୧୧ (ପି.ଟି.):** ଚଳିତ ଟି୨୦ ବିଶ୍ୱକପ୍ ପରେ ୱେଷ୍ଟଇଣ୍ଡିଜର ଷ୍ଟାର ଅଲ୍‌ରାଉଣ୍ଡର ଡ୍ୱେନ ବ୍ରାଭୋ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ। ୩୮ ବର୍ଷୀୟ ବ୍ରାଭୋ ୨୦୧୯ରେ ଅବସରରୁ ଖେଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚଳିତ ଟି୨୦ ବିଶ୍ୱକପ୍‌ରେ ସେ ଜଣେ ପ୍ରମୁଖ ସଦସ୍ୟ। ଗୁରୁବାର ସୁପର ୧୨ରେ ଶ୍ରୀଲଙ୍କାଠାରୁ ପରାଜିତ ହେବା ପରେ ୱେଷ୍ଟଇଣ୍ଡିଜ ୩ ପରାଜୟ ସହ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ଦଳ ଶନିବାର ଏକ ଗୁରୁତ୍ୱହୀନ ମ୍ୟାଚରେ ଅଷ୍ଟ୍ରେଲିଆକୁ ଭେଟିବ। ବ୍ରାଭୋଙ୍କ ୧୭ବର୍ଷରୁ ଊର୍ଦ୍ଧ୍ୱ କ୍ୟାରିୟରର ଏହା ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ ହେବ। ବ୍ରାଭୋ ୪ଥର ଆଇପିଏଲ୍ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ସେ ତାଙ୍କ କ୍ୟାରିୟରରେ ସାତ ଟି୨୦ ବିଶ୍ୱକପ୍ ଖେଳିଛନ୍ତି। ତାଙ୍କ ସମୟରେ ୱେଷ୍ଟଇଣ୍ଡିଜ ୨୦୧୨ ଓ ୨୦୧୬ରେ ଟ୍ରଫି ଜିତିପାରିଛି। ବ୍ରାଭୋ ନିଜ ଦେଶ ତରଫରୁ ୯୦ ଅନ୍ତର୍ଜାତୀୟ ଟି୨୦ ଖେଳି ୧୨୪୫ ରନ ସଂଗ୍ରହ କରିବା ସହ ୭୮ ଉଇକେଟ ଅକ୍ତିଆର କରିଛନ୍ତି। ସେ ଟି ୨୦ ଫର୍ମାଟରେ ଓଭର ଅଲ୍ ୫୦୦ରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳିଛନ୍ତି। ସେ ୨୦୦୪ରେ ପଦାର୍ପଣରେ ୪୦ ଟେଷ୍ଟ ଖେଳି ୩୧.୪୨ ଆଭରେଜରେ ୨୨୦୦ ରନ ସ୍କୋର କରିଛନ୍ତି ଓ ୮୬ ଉଇକେଟ ଅକ୍ତିଆର କରିଛନ୍ତି। ସେ ୧୬୪ ଅନ୍ତର୍ଜାତୀୟ ଦିନିକିଆ ଖେଳି ୨୯୬୮ ରନ ସଂଗ୍ରହ କରିବା ସହ ୧୯୯ ଉଇକେଟ ଅକ୍ତିଆର କରିଛନ୍ତି।

# ନ୍ୟୁଜିଲାଣ୍ଡର ତୃତୀୟ ବିଜୟ

**ଶାରଜା,୫।୧୧**

ଟି୨୦ ବିଶ୍ୱକପ୍ ସୁପର ୧୨ ପର୍ଯ୍ୟାୟରେ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫୨ ରନରେ ନାମ୍ବିଆକୁ ପରାସ୍ତ କରିଛି। ଶାରଜା ଷ୍ଟାଡିୟମରେ ଗ୍ରୁପ୍-୨ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନାମ୍ବିଆ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୨୦ ଓଭରରେ ୪ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଜବାବରେ ନାମ୍ବିଆ ୭ ଉଇକେଟ ହରାଇ ୧୧୧ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଗୋଟିଏ ଉଇକେଟ ନେବା ସହ ୨୩ ବଲରୁ ୧ ଚୌକା ଓ ୨ ଛକା ସହ ଦ୍ରୁତ ଅପରାଜିତ ୩୫ ରନ ସଂଗ୍ରହ କରିଥିବା ଜେମ୍ସ ନିଶାମ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥି ସହ ୪ଟି ମ୍ୟାଚ୍ ଖେଳି ୩ ବିଜୟ ଓ ୧ ପରାଜୟ ସହ ୬ ପଏଣ୍ଟ ହାସଲ କରି ନ୍ୟୁଜିଲାଣ୍ଡ ଗ୍ରୁପ୍-୨ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହି ତା'ର ସେମିଫାଇନାଲ ଆଶାକୁ ଆହୁରି ଦୃଢ଼ କରିଛି। ଅନ୍ୟପଟେ ନାମ୍ବିଆ ୪ ମ୍ୟାଚ୍ ଖେଳି ୧ ବିଜୟ ଓ ୩ ପରାଜୟ ସହ ୨ ପଏଣ୍ଟ ହାସଲ କରି ପଞ୍ଚମ ସ୍ଥାନରେ ରହି ସେମି ଦୌଡ଼ରୁ ବାଦ୍ ପଡିସାରିଛି।

୧୬୪ ରନ ଟାର୍ଗେଟର ପିଛା କରି ନାମ୍ବିଆ ନ୍ୟୁଜିଲାଣ୍ଡ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ନିୟମିତ ଅନ୍ତରରେ ଉଇକେଟମାନ ହରାଇବା ସହ ଆବଶ୍ୟକ ହାରରେ ରନ ସଂଗ୍ରହ କରିପାରି ନ ଥିଲା। ଦଳ ତରଫରୁ ମାଇକେଲ ଭାନ ଲିନ୍‌ଗେନ ସର୍ବାଧିକ ୨୫, ଉଇକେଟକିପର ବ୍ୟାଟର ଜେନ୍ ଗ୍ରୀନ ୨୩, ଓପନର ଷ୍ଟିଫେନ ବାର୍ଡ ୨୧, ଡେଭିଡ୍ ୱାଇଜ ୧୬ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ନ୍ୟୁଜିଲାଣ୍ଡ ତରଫରୁ ଟିମ୍ ସୌଦି ଓ ଟ୍ରେଣ୍ଟ ବୋଲ୍ଟ ୨ଟି ଲେଖାଏ, ମିଚେଲ ସାଣ୍ଟନର, ଜେମ୍ସ ନିଶାମ ଓ ଇଶ୍ ସୋଧି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ଗ୍ଲେନ ଫିଲିପ୍ସ ୩୯ (୨୧ ବଲ, ୧ ଚୌକା, ୩ ଛକା) ଓ ଜେମ୍ସ ନିଶାମ ୩୫ ରନକରି ଅପରାଜିତ ରହିବା ସହ ଦଳକୁ ବୃହତ ସ୍କୋର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୧୮, ଡାରିଲ ମିଚେଲ ୧୯, ଅଧିନାୟକ କେନ୍ ୱିଲିୟମସନ ୨୮, ଡେଭନ କନୱେ ୧୭ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ନାମ୍ବିଆ ତରଫରୁ ବର୍ନାଡ ସ୍କୋଲଜ, ଡେଭିଡ୍ ୱାଇଜ ଓ ଗେରହାର୍ଡ ଏରାସମସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଜେମ୍ସ ନିଶାମ।

**ଟି୨୦ ବିଶ୍ୱକପ**
(ଆଜିର ମ୍ୟାଚ)
**ଅଷ୍ଟ୍ରେଲିଆ ବନାମ ୱେଷ୍ଟଇଣ୍ଡିଜ**
ସ୍ଥାନ: ଆବୁଧାବି, ସମୟ: ଅପରାହ୍ନ ୩ଟା ୩୦
**ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଶାରଜା, ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୬୩/୪ (ଗ୍ଲେନ ଫିଲିପ୍ସ- ୩୯*, ଜେମ୍ସ ନିଶାମ- ୩୫*, କେନ ୱିଲିୟମସନ- ୨୮, ମାର୍ଟିନ ଗୁପ୍ଟିଲ- ୧୮, ଡାରିଲ ମିଚେଲ- ୧୯, ଡେଭନ କନୱେ- ୧୭, ବର୍ନାଡ ସ୍କୋଲଜ- ୧/୧୫, ଡେଭିଡ- ୧/ ୪୦, ଗେରହାର୍ଡ ଏରାସମସ- ୧/୨୨)। ନାମ୍ବିଆ ୨୦ ଓଭରରେ ୧୧୧/୭ (ମାଇକେଲ ଭାନ ଲିନ୍‌ଗେନ- ୨୫, ଜେନ ଗ୍ରୀନ- ୨୩, ଷ୍ଟିଫେନ ବାର୍ଡ- ୨୧, ଡେଭିଡ ୱାଇଜ- ୧୬, ଟିମ ସୌଦି- ୨/୧୫, ଟ୍ରେଣ୍ଟ ବୋଲ୍ଟ- ୨/୨୦)।

# ମହିଳା ଖେଳାଳିଙ୍କୁ ଶର୍ଟ୍ସ ପରିଧାନ ପାଇଁ ଅନୁମତି



ନରୱେ ବିଚ୍ ହ୍ୟାଣ୍ଡବଲ ମହିଳା ଦଳ।

**ବାସେଲ, ୫।୧୧**

**ବିଚ୍ ହ୍ୟାଣ୍ଡବଲ**

ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଫେଡେରେଶନ (ଆଇଏଚ୍‌ଏଫ୍) ମହିଳା ଖେଳାଳିମାନଙ୍କ ୟୁନିଫର୍ମକୁ ନେଇ ରହିଥିବା ଏହାର ନିୟମରେ ଏକ ପରିବର୍ତ୍ତନ କରିଛି। ନୂଆ ନିୟମ ଅନୁସାରେ ମହିଳା ବିଚ୍ ହ୍ୟାଣ୍ଡବଲ୍ ଖେଳାଳିମାନେ ଏଣିକି ବିକିନି ବଟମ୍ସ ପରିବର୍ତ୍ତେ ଶର୍ଟ୍ସ ପିନ୍ଧିପାରିବେ। ବିକିନି ବଟମ୍ସ ପିନ୍ଧିବା ଅଶ୍ଳୀଳତାକୁ ସୂଚାଉଥିବା ଅଭିଯୋଗ ପରେ ଆଇଏଚ୍‌ଏଫ୍ ଏହି ନିଷ୍ପତ୍ତି ନେଇଛି।

ଗତ ଜୁଲାଇରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍‌ରେ ନରୱେ ଖେଳାଳିମାନେ ଉପଯୁକ୍ତ ୟୁନିଫର୍ମ ପିନ୍ଧି ନ ଥିଲେ। ସେମାନେ ବିକିନି ବଟମ୍ସ ବଦଳରେ ଶର୍ଟ୍ସ ବ୍ୟବହାର କରିଥିଲେ। ଏଥିପାଇଁ ଖେଳାଳିମାନଙ୍କୁ ୧,୭୩୫ ଆମେରିକୀୟ ଡଲାର ଜରିମାନା କରାଯାଇଥିଲା। ନରୱେ କ୍ରୀଡ଼ାମନ୍ତ୍ରୀ ଅବିଦ ରାଜା ଏହି ଘଟଣାକୁ ହାସ୍ୟାସ୍ପଦ ବୋଲି କହି ସମାଲୋଚନା କରିଥିଲେ। ଏ ସଂକ୍ରାନ୍ତରେ ନିୟମ ପରିବର୍ତ୍ତନ କରାଯିବା ଉଚିତ ବୋଲି ସେ ମତ ଦେଇଥିଲେ। ଆମେରିକାର ଜଣାଶୁଣା ଗାୟିକା ତଥା ଗୀତିକାର ପିଙ୍କ୍ ନରୱେ ମହିଳା ଦଳକୁ ସମର୍ଥନ କରିଥିଲେ ଓ ଦଳ ପାଇଁ ଗର୍ବିତ ବୋଲି କହିଥିଲେ। ସେ ମଧ୍ୟ ଧାର୍ଯ୍ୟ ହୋଇଥିବା ଜରିମାନା ଦେବାକୁ ପ୍ରସ୍ତାବ ଦେଇଥିଲେ।

ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଆଇସ୍‌ଲାଣ୍ଡ, ନରୱେ ଓ ସ୍ୱିଡେନର ମନ୍ତ୍ରୀମାନେ ୟୁନିଫର୍ମକୁ ନେଇ ରହିଥିବା ନିୟମ ନେଇ ପୁନର୍ବିଚାର କରିବାକୁ ଆଇଏଚ୍‌ଏଫ୍‌କୁ ଅନୁରୋଧ କରିଥିଲେ। ଲିଙ୍ଗଗତ ସମାନତାକୁ ଭିତ୍ତିକରି ନିୟମରେ ପରିବର୍ତ୍ତନ ଲୋଡ଼ା ବୋଲି ସେମାନେ ମତ ରଖିଥିଲେ। ମହିଳା ଖେଳାଳିମାନେ ଏଣିକି ଫିଟ୍ ହେଉଥିବା ଶର୍ଟ ଟାଇଟ୍ ପ୍ୟାଣ୍ଟ ଓ ବଡି ଫିଟ୍ ଟ୍ୟାଙ୍କ ଟପ୍ସ ପିନ୍ଧିପାରିବେ। ପୁରୁଷ ଖେଳାଳିମାନଙ୍କୁ ଅବଶ୍ୟ ଶର୍ଟ୍ସ ପିନ୍ଧିବା ପାଇଁ ଅନୁମତି ଦିଆଯାଇଛି। ତେବେ ଏହା ଆଣ୍ଠୁ ଉପରକୁ ୧୦ ସେ.ମି. ଉପରେ ରହିଥିବ ଓ ଅତ୍ୟଧିକ ଢିଲା ହୋଇ ନ ଥିବ।

# ମାଧୁରୀଙ୍କ ଶତକ: ଓଡ଼ିଶା ବିଜୟୀ

**ଭୁବନେଶ୍ୱର, ୫।୧୧(କ୍ରୀଡ଼ା ପ୍ରତିନିଧି)**

**ମହିଳା ସିନିୟର ଦିନିକିଆ କ୍ରିକେଟ**

ମାଧୁରୀ ମେହେଟାଙ୍କ ଶତକ ସହାୟତାରେ ଓଡ଼ିଶା ପୁଣେର ପିୱାଇସି ଜିମ୍‌ଖାନା ଗ୍ରାଉଣ୍ଡରେ ଅନୁଷ୍ଠିତ ମହିଳା ସିନିୟର ଦିନିକିଆ କ୍ରିକେଟର ଏଲିଟ-ବି ମ୍ୟାଚରେ ଉତ୍ତରାଖଣ୍ଡକୁ ୭ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରାଖଣ୍ଡ ୫୦ ଓଭରରେ ୫ ଉଇକେଟ ହରାଇ ୨୨୭ ରନ କରିଥିଲା। ଏ.ଏନ.ତୋମାର ସର୍ବାଧିକ ୪୭ ଓ ସାରିକା କୋଲି ୩୭ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଅଧିନାୟିକା ମଧୁସ୍ମିତା ବେହେରା ୨ଟି ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୨୮ ରନ ବିଜୟ ଲକ୍ଷ୍ୟକୁ ଓଡ଼ିଶା ୪୬.୨ ଓଭରରେ ମାତ୍ର ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ମାଧୁରୀ ୧୦୮ ଓ ପ୍ରଜ୍ଞା ମହାନ୍ତି ୩୧ ରନ କରି ଅପରାଜିତ ରହିଥିବାବେଳେ କାଜଲ ଜେନା ୪୧ ରନ କରିଥିଲେ। ଓଡ଼ିଶା ଏହାର ୫ମ ତଥା ଅନ୍ତିମ ମ୍ୟାଚ ଶନିବାର ରେଲୱେ ବିପକ୍ଷରେ ଖେଳିବ।



ମାଧୁରୀ ମେହେଟା

# ଅଷ୍ଟ୍ରେଲିଆର ସେମି ଆଶା ଉଜ୍ଜୀବିତ

**ଦୁବାଇ,୫।୧୧:** ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଏବେ ସେମି ଫାଇନାଲ ଦୌଡ଼ରେ ସାମିଲ ହୋଇଛି। ସୁପର ୧୨ ପର୍ଯ୍ୟାୟର ଗ୍ରୁପ୍ ୨ରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୮ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ୮୨ଟି ବଲ ବାକିଥାଇ ଅଷ୍ଟ୍ରେଲିଆ ବୃହତ୍ ବିଜୟ ହାସଲ କରି ସେମି ଆଶା ଉଜ୍ଜୀବିତ ରଖିଛି। ୪ଟି ମ୍ୟାଚ୍ ଖେଳି ୩ଟି ବିଜୟ ସହ ଅଷ୍ଟ୍ରେଲିଆ ୬ ପଏଣ୍ଟ ହାସଲ କରି ଗ୍ରୁପ-୧ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

# ଭାରତ-ସ୍କଟ୍‌ଲାଣ୍ଡ ସ୍କୋର ବୋର୍ଡ

**ସ୍କଟଲାଣ୍ଡ ଇନିଂସ**
ଜର୍ଜ ମୁନ୍‌ସେ-କ-ହାର୍ଦ୍ଦିକ-ବୋ-ଶାମି-୨୪
କାଇଲ କୋଜର-ବୋ-ବୁମ୍‌ରା-୧
ମାଥ୍ୟୁ କ୍ରସ୍-ଏଲବିଡବ୍ଲ୍ୟୁ-ଜାଡେଜା-୨
ରିଚି ବରିଙ୍ଗଟନ-ବୋ-ଜାଡେଜା-୦
କାଲମ ମ୍ୟାକ୍‌ଲିଓଡ୍-ବୋ-ଶାମି-୧୬
ମାଇକେଲ ଲିସ୍କ-ଏଲବିଡବ୍ଲ୍ୟୁ-ଜାଡେଜା-୨୧
କ୍ରିସ୍ ଗ୍ରିଭ୍ସ-କ-ହାର୍ଦ୍ଦିକ-ବୋ-ଅଶ୍ୱିନ-୧
ମାର୍କ ୱାଟ୍-ବୋ-ବୁମ୍‌ରା-୧୪
ସାଫୟାନ ଶରିଫ୍- ରନ ଆଉଟ୍-୦
ଅଲାସଡେୟାର ଇଭାନ୍ସ-ବୋ-ଶାମି-୦
ବ୍ରାଡ୍‌ଲେ ହ୍ୱିଲ୍-ନଟ ଆଉଟ-୨
ଅତିରିକ୍ତ-୪
**ମୋଟ:** (୧୭.୪ ଓଭର/ଅଲଆଉଟ) ୮୫।
**ଉଇକେଟ ପତନ:** ୧/୧୩, ୨/୨୭, ୩/୨୮, ୪/୨୯, ୫/୫୮, ୬/୬୩, ୭/୮୧, ୮/୮୧, ୯/୮୧,୮୫/୧୦।

**ବୋଲିଂ(ଭାରତ)**
ଯଶପ୍ରୀତ୍ ବୁମ୍‌ରା ୩.୪-୧-୧୦-୨
ବରୁଣ ଚକ୍ରବର୍ତ୍ତୀ ୩-୦-୧୫-୦
ରବିଚନ୍ଦ୍ରନ ଅଶ୍ୱିନ ୪-୦-୨୯-୧
ମହମ୍ମଦ ଶାମି ୩-୧-୧୫-୩
ରବୀନ୍ଦ୍ର ଜାଡେଜା ୪-୦-୧୫-୩।

**ଭାରତ ଇନିଂସ**
ରାହୁଲ-କ-ମ୍ୟାକ୍‌ଲିଓଡ୍-ବୋ-ୱାଟ୍-୫୦
ରୋହିତ-ଏଲ୍‌ବିଡବ୍ଲ୍ୟୁ-ହ୍ୱିଲ୍-୩୦
କୋହଲି-ନଟ ଆଉଟ-୨
ସୂର୍ଯ୍ୟକୁମାର- ନଟ ଆଉଟ-୬
ଅତିରିକ୍ତ-୧
ମୋଟ: (୬.୩ ଓଭର/୨ଉଇକେଟ) ୮୯।
ଉଇକେଟ ପତନ: ୧/୭୦, ୨/୮୨।

**ବୋଲିଂ (ସ୍କଟଲାଣ୍ଡ)**
ମାର୍କ ୱାଟ୍ ୨-୦-୨୦-୧
ବ୍ରାଡ୍‌ଲେ ହ୍ୱିଲ୍ ୨-୦-୩୨-୧
ଆଲାସଡେର ଇଭାନ୍ସ ୧-୦-୧୬-୦
ସାଫୟାନ ଶରିଫ ୧-୦-୧୪-୦
କ୍ରିସ୍ ଗ୍ରିଭ୍ସ ୦.୩-୦-୭-୦।

# କୁଚ୍ ବିହାର ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୫।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୨୯ରୁ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାକୁ ଥିବା ୧୯ ବର୍ଷରୁ କମ୍ ପୁରୁଷ କୁଚ ବିହାର ଟ୍ରଫି ପାଇଁ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଶ୍ରେଷ୍ଠ ସିଂ ଏହି ୨୨ ଜଣିଆ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ଦଳ: ଶ୍ରେଷ୍ଠ ସିଂ (ଅଧିନାୟକ), ସାରାଂଶ କୁମାର (ଉଇକେଟକିପର), ଆଶୀର୍ବାଦ ସ୍ୱାଇଁ (ଉଇକେଟକିପର), ଦୀନେଶ କୁମାର ମାଝି (ଉଇକେଟକିପର), ମହମ୍ମଦ ସୋହେଲ ଖାଁ, ସାଇଦୀପ ମହାପାତ୍ର, ସୂର୍ଯ୍ୟ ମହାପାତ୍ର, ବିଶ୍ୱ ବି. ମୁଦୁଲି, ଆଶୁତୋଷ ଛୁରିଆ, ଆଦିତ୍ୟ ଜୟସିଂ, ଶୁଭମ ସିଂ, ସୁଶୀଲ କୁମାର ବାରିକ, ଅଂଶୁମାନ ବେଜ, ଅଂଶୁମାନ ସାହୁ, ସାଇ ଶୁଭମ, ସମ୍ବିତ ବରାଳ, ସୁଦର୍ଶନ ସ୍ୱାଇଁ, ନିରଞ୍ଜନ ଗୌଡ଼, ରାକେଶ ସାହୁ, ଗୌତମ ସୁନା, ରିତେଶ ପ୍ରିୟରଞ୍ଜନ ଓ ସାହିଲ ପ୍ରସାଦ।

# ରସୁଲଗଡ଼ ଦିୱାଲି କପ୍ ଆଜିଠାରୁ

**ଭୁବନେଶ୍ୱର, ୫।୧୧(କ୍ରୀଡ଼ା ପ୍ରତିନିଧି)**

ଆଲିଆନ୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ରସୁଲଗଡ଼ ଦିୱାଲି କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ ଶନିବାରଠାରୁ ଜିଜିପି କଲୋନୀ ପଡ଼ିଆରେ ଆରମ୍ଭ ହେବ। ଏଥିରେ ମୋଟ ୪ଟି ଦଳ ଡାଇମଣ୍ଡ ଏକାଦଶ, ଡାଇନାମିକ୍ ଏକାଦଶ, ସୁପର କିଙ୍ଗ୍ସ ଓ ପିଭିଜି ଏକାଦଶ ଅଂଶଗ୍ରହଣ କରିବେ। ୪ ଦଳର ଅଧିନାୟକ ସମ୍ବିତ ପାଇକରାୟ, ପ୍ରଦୀପ୍ତ ପଣ୍ଡା, ସୋମନାଥ ମହାନ୍ତି ଓ ମିଲନ ଜ୍ୟୋତି ବେହେରାଙ୍କ ଉପସ୍ଥିତିରେ ଶୁକ୍ରବାର ପ୍ରତିଯୋଗିତାର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଶୁକ୍ରବାର ଟ୍ରଫି ଉନ୍ମୋଚନ ଅବସରରେ ୪ ଦଳର ଅଧିନାୟକ।

# ଅନାଡକଟ୍ ଚାମ୍ପିୟନ

**ପ୍ରଦୀପ ମେମୋରିଆଲ ଚେସ୍**

**ଭୁବନେଶ୍ୱର, ୫।୧୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ପ୍ରଦୀପ କୁମାର ରଥ ମେମୋରିଆଲ ଅନ୍‌ଲାଇନ୍ ଓପନ ଚେସ୍ ଟୁର୍ନାମେଣ୍ଟରେ ଗୁଜରାଟର ଅନାଡକଟ୍ କର୍ତ୍ତବ୍ୟ ଚାମ୍ପିୟନ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଅନାଡକଟ୍ ୭.୫ ପଏଣ୍ଟ ପାଇଥିଲେ। ହର୍ଷିତ ରଞ୍ଜନ ସାହୁ ଓ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ୭ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ଓଝା, ଆରିନ ଅନ୍ୱେଷ ସ୍ୱାଇଁ (ଉଭୟେ ୬.୫), ପ୍ରିୟାଂଶ ଦାସ, ଶ୍ରୀୟାଂଶ ଦାସ, ଆଦିତ୍ୟ ନାରାୟଣ ମହାନ୍ତି, ସତ୍ୟମ ସରବଜିତ ମିଶ୍ର, ଦୟାନିଧି ରାଉତ (ସମସ୍ତେ ୬ ପଏଣ୍ଟ), ଦାଶରଥି ସାହୁ, ସୁରଜିତ ନାୟକ(ଉଭୟେ ୫.୫) ଟପ୍-୧୨ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରୁଦ୍ର ପ୍ରତାପ ସିଂଘଲ, ଶିବମ୍ ସାବତ, ପ୍ରତୀକ କୁଶାଲ ରାଉତ, ସାନ୍‌ଭି ମହାନ୍ତି, ସିଦ୍ଧାର୍ଥ ମିଶ୍ର, ଶ୍ରୀହନ ସାବତ, ଶ୍ରୀୟାଂଶ ଶେଖର ରାଉତ, ଶ୍ରେୟାନ ପଣ୍ଡା, ଅଦିତି ଉପାସନା ପଟ୍ଟନାୟକ ଓ ସାହାନା ଲେଙ୍କା ସ୍ୱତନ୍ତ୍ର ପୁରସ୍କାର ପାଇଛନ୍ତି। ଲଳିତ କୁମାର ଦିଗଲ (୬୧ ବର୍ଷ) ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ଗୁଗୁଲ ମିଟ୍‌ରେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିବାବେଳେ କୋଲକାତାସ୍ଥିତ ଟିସିଏସର ସିନିୟର ପ୍ରୋଜେକ୍ଟ ମ୍ୟାନେଜର ପାର୍ଥ ଅଦକ ମୁଖ୍ୟ ଅତିଥି ଏବଂ ପୁରୀ ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ବିମଳ ପ୍ରସାଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆୟୋଜକ ଆସୋସିଏଶନ ସମ୍ପାଦକ ସ୍ମୃତିରଞ୍ଜନ ଦାସ, ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଓ ସହକାରୀ ଆର୍ବିଟର ଦୀପକ କୁମାର ପଲାଇ ଉପସ୍ଥିତ ଥିଲେ।



ଚାମ୍ପିୟନ ଅନାଡକଟ୍ କର୍ତ୍ତବ୍ୟ।

# ଓଡ଼ିଶା ୧ ରନରେ ହାରିଲା

**ଭୁବନେଶ୍ୱର, ୫।୧୧(କ୍ରୀଡ଼ା ପ୍ରତିନିଧି)**

**ସୟଦ ମୁସ୍ତାକ ଅଲୀ ଟ୍ରଫି**

ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟର ଲକ୍ଷ୍ନୌରେ ଶୁକ୍ରବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ମାତ୍ର ୧ ରନରେ ତାମିଲନାଡୁଠାରୁ ହାରିଯାଇଛି। ଟସ୍ ଜିତି ଓଡ଼ିଶା ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ତାମିଲନାଡୁ ୨୦ ଓଭରରେ ୫ ଉଇକେଟ ହରାଇ ୧୬୫ ରନ କରିଥିଲା। ବି. ଅପରାଜିତ ସର୍ବାଧିକ ୪୪ ଓ ଏନ. ଜଗଦୀଶନ ୩୭ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଅଭିଷେକ ରାଉତ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ୧୬୬ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଓଡ଼ିଶା ୨୦ ଓଭରରେ ୬ ଉଇକେଟ ହରାଇ ୧୬୪ ରନ କରି ପାରିଥିଲା। ଦଳ ପକ୍ଷରୁ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୬୭ ଓ ଅଭିଷେକ ରାଉତ ୩୮ ରନ କରିଥିଲେ। ତାମିଲନାଡୁ ପକ୍ଷରୁ ଟି. ନଟରାଜନ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ପ୍ରତିଯୋଗିତାରେ ଗୁରୁବାର କିନ୍ତୁ ଓଡ଼ିଶା ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା। ଦଳ ନିଜର ପ୍ରଥମ ମ୍ୟାଚରେ ଗୋଆକୁ ୪ ଉଇକେଟରେ ପରାସ୍ତ କରିଥିଲା। ଗୋଆ ୨୦ ଓଭରରେ ୮ ଉଇକେଟ ହରାଇ ୧୦୪ ରନ କରିଥିଲା। ଦଳ ପକ୍ଷରୁ ଶୁଭମ ରଞ୍ଜନେ ସର୍ବାଧିକ ୩୨ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଜୟନ୍ତ ବେହେରା, ବିକାଶ ରାଉତ ୩ଟି ଲେଖାଏ ଓ ଆଶିଷ ରାୟ ୨ଟି ଉଇକେଟ ନେଇଥିଲେ। ଓଡ଼ିଶା ୧୯.୫ ଓଭରରେ ୬ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରି ନେଇଥିଲା। ଅଂଶୁମାନ ରଥ ସର୍ବାଧିକ ୨୯ ଓ ଗୋବିନ୍ଦ ପୋଦ୍ଦାର ୨୪ ରନ କରିଥିଲେ। ଓଡ଼ିଶା ଏହାର ତୃତୀୟ ମ୍ୟାଚ ଶନିବାର ମହାରାଷ୍ଟ୍ର ବିପକ୍ଷରେ ଖେଳିବ।



ଶୁଭ୍ରାଂଶୁ ସେନାପତି



ଅଭିଷେକ ରାଉତ



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ନଭେମ୍ବର ୬/୨୦୨୧ (୮+୮ପୃଷ୍ଠା) | Bhubaneswar, Saturday, November 6/2021 | ପୃଷ୍ଠା-୧

# ଜଳଭଣ୍ଡାର ୧୪% ଶୁଖିଛି



*ଜଳବାୟୁ ପରିବର୍ତ୍ତନ ବିଦ୍ୟୁତ୍ ଉତ୍ପାଦନ ଏବଂ ଜଳସେଚନ ଉପରେ ପ୍ରତିକୂଳ ପ୍ରଭାବ ପକାଇଲାଣି। ଗତ କିଛିବର୍ଷ ହେଲା ଓଡ଼ିଶାରେ ଏହା ଅନୁଭୂତ ହେଲାଣି। ଅନିୟମିତ ବର୍ଷା ଯୋଗୁ ଦେଶର ପ୍ରମୁଖ ଜଳ ଭଣ୍ଡାରଗୁଡ଼ିକ ଶୁଷ୍କ ହେଉଥିବାରୁ ଏଭଳି ସ୍ଥିତି ଉପୁଜିଛି। ବିଶେଷକରି ଗତ ଦଶନ୍ଧି ମଧ୍ୟରେ ଜଳଭଣ୍ଡାରଗୁଡ଼ିକର ଜଳଧାରଣ କ୍ଷମତା (ଲାଇଭ ଷ୍ଟୋରେଜ) ପ୍ରାୟ ୩୩% ହ୍ରାସ ପାଇଛି। ସେହିପରି ଓଡ଼ିଶାର ଜଳଭଣ୍ଡାର ୧୪% ଶୁଖିଯାଇଛି।*

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ଗତ ସପ୍ତାହରେ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ଦେଶର ୧୩୦ ଜଳଭଣ୍ଡାରରେ ଜଳ ଧାରଣ କ୍ଷମତା ୨୫୭.୮୧୨ ବିଲିୟନ କ୍ୟୁବିକ୍ ମିଟର (ବିସିଏମ୍) ଥିବା ବେଳେ ଗତ ୧୦ ବର୍ଷ ମଧ୍ୟରେ ଏହା ୩୩.୩% ହ୍ରାସ ପାଇ ୧୭୧.୫୮ ବିଲିୟନ କ୍ୟୁବିକ୍ ମିଟରକୁ ଖସିଆସିଛି। ବିଶେଷକରି ଓଡ଼ିଶା ସମେତ ପଞ୍ଜାବ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ ଏବଂ ମଧ୍ୟପ୍ରଦେଶର ଜଳଭଣ୍ଡାରଗୁଡ଼ିକ ସ୍ୱଳ୍ପ ବୃଷ୍ଟି ଯୋଗୁ ଜଳଧାରଣ କ୍ଷମତାଠାରୁ କମ୍ ରହୁଛି। ଅକ୍ଟୋବର ୨୧ ସୁଦ୍ଧା ଓଡ଼ିଶାର ଜଳଭଣ୍ଡାରଗୁଡ଼ିକରେ ୧୪% କମ୍ ଜଳ ରହିଥିବା ବେଳେ ପଞ୍ଜାବରେ ୩୧%, ହିମାଚଳ ପ୍ରଦେଶରେ ୨୭%, ନାଗାଲାଣ୍ଡରେ ୬% ଏବଂ ମଧ୍ୟପ୍ରଦେଶରେ ୨% କମ୍ ଜଳ ରହିଛି। ୨୦୨୦ ସେପ୍ଟେମ୍ବରରେ ୧୩୦ ଜଳଭଣ୍ଡାରଗୁଡ଼ିକରେ ୧୫୦.୭୮୯ ବିସିଏମ୍ ଜଳ ରହିଥିବାବେଳେ ଚଳିତବର୍ଷ ସେପ୍ଟେମ୍ବରରେ ସେଗୁଡ଼ିକରେ ୧୪୧.୯୨୭ ବିସିଏମ୍ ଜଳ ରହିଥିଲା। ସେପ୍ଟେମ୍ବରରେ ଅଧିକ ବର୍ଷା ଯୋଗୁ ଅକ୍ଟୋବରରେ ଜଳଭଣ୍ଡାରଗୁଡ଼ିକର ସ୍ଥିତିରେ ସାମାନ୍ୟ ସୁଧାର ଆସିଥିଲା।

ସ୍ୱଳ୍ପ ବୃଷ୍ଟି ଯୋଗୁ ଓଡ଼ିଶାର ବିଭିନ୍ନ ଜଳଭଣ୍ଡାରରେ ଏହାର ପ୍ରତିକୂଳ ପ୍ରଭାବ ଦେଖିବାକୁ ମିଳିଛି। ଜୁନ୍ ପହିଲାରୁ ଅଗଷ୍ଟ ୩୧ ମଧ୍ୟରେ ଓଡ଼ିଶାର ୨୭ ଜିଲାରେ ହାରାହାରି ୪୦ରୁ ୪୫% କମ୍ ବର୍ଷା ହୋଇଛି। ସେପ୍ଟେମ୍ବରର ଅଧିକ ବର୍ଷା ସ୍ଥିତିରେ କିଛିଟା ଉନ୍ନତି ଆଣିଥିଲା। ମିଳିଥିବା ସୂଚନା ଅନୁଯାୟୀ ହୀରାକୁଦ ଜଳଭଣ୍ଡାର ଜଳଧାରଣ କ୍ଷମତା ଗତବର୍ଷ ୬୨୯.୮୭ ଫୁଟ ଥିବାବେଳେ ଚଳିତବର୍ଷ ଅକ୍ଟୋବର ଶେଷ ସୁଦ୍ଧା ଏହା ୬୨୯.୭୦ ଫୁଟରେ ରହିଥିଲା। ସେହିପରି ବାଲିମେଳା ଜଳଭଣ୍ଡାରରେ ଗତବର୍ଷ ୧୫୦୩.୮୦ ଫୁଟ ଥିବାବେଳେ ଚଳିତବର୍ଷ ଏହା ୧୪୮୩.୪୦ ଫୁଟକୁ ଖସି ଆସିଛି। ☞ପୃଷ୍ଠା-୫

## ଖସୁଛି ଭୂତଳ ଜଳସ୍ତର

# ଜଟିଳ ଆଡ଼କୁ ୬ ବ୍ଲକ

**ଯାଜପୁର ଅଫିସ,୫।୧୧**

ଦିନକୁ ଦିନ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଗ୍ରୀଷ୍ମ ପ୍ରବାହ ସମୟରେ ପାଣି ପାଇଁ ହାହାକାର ପଡୁଛି। ଏପରି ସ୍ଥିତିରେ ଜଳାଶୟ କିସମ ଜମି ମଧ୍ୟ କମିବାରେ ଲାଗିଛି।। ପୋଖରୀ ପୁନରୁଦ୍ଧାର ଅବା ଖୋଳାଯିବା ପରିବର୍ତ୍ତେ ପୁରାତନ ପୋଖରୀକୁ ପୋତା ଚାଲିଛି। ସେହିପରି ଗଢି ଉଠୁଥିବା ଶିଳ୍ପ କାରଖାନାଗୁଡିକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଆଖିବୁଜା ଭୂତଳ ଜଳ ବ୍ୟବହାର ପାଇଁ ଅନୁମତି ଦିଆଯାଉଛି। ଫଳରେ ଭୂତଳ ଜଳ ହ୍ରାସ ଅଣାୟତ୍ତ ହେବାରେ ଲାଗିଛି। ଏନେଇ ଗ୍ରାଉଣ୍ଡ ୱାଟର ରିସୋର୍ସ ଆସେସ୍‌ମେଣ୍ଟ (ଜିଡବ୍ଲ୍ୟୁଆର୍‌ଏ)-୨୦୨୦ ରିପୋର୍ଟରେ ସତର୍କ କରାଇ ଦିଆଯାଇଛି। ଓଡ଼ିଶା ସରକାରଙ୍କ ଷ୍ଟେଟ୍ ଲେଭଲ କମିଟି (ଏସ୍‌ଏଲ୍‌ସି) ଏବଂ କେନ୍ଦ୍ରର ସରକାରଙ୍କ ସେଣ୍ଟ୍ରାଲ ଲେଭଲ ଏକ୍ସପର୍ଟ ଗ୍ରୁପ୍‌ର ତତ୍ତ୍ୱାବଧାନରେ ପ୍ରସ୍ତୁତ ହୋଇଥିବା ଜିଡବ୍ଲ୍ୟୁଆର୍‌ଏ ରିପୋର୍ଟରେ ଯାଜପୁର ଜିଲାର କୋରେଇ ବ୍ଲକ, ବାଲେଶ୍ୱର ଜିଲାର ବାଲିଆପାଳ, କେନ୍ଦ୍ରାପଡ଼ା ଜିଲାର ଗରଦପୁର, ଖୋର୍ଦ୍ଧା ଜିଲାର ଭୁବନେଶ୍ୱର, ବୋଲଗଡ଼ ଏବଂ ନୂଆପଡ଼ା ଜିଲାର ନୂଆପଡ଼ା ବ୍ଲକ ପ୍ରାୟ ଜଟିଳ(ସେମି କ୍ରିଟିକାଲ) ସ୍ଥିତିରେ ରହିଛି। ଏହି ରିପୋର୍ଟକୁ ଆଧାର କରି ଜଳ ଶକ୍ତି ମନ୍ତ୍ରଣାଳୟର ସଚିବ ପଙ୍କଜ କୁମାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଓଡ଼ିଶାର ମୁଖ୍ୟ ଶାସନ ☞ପୃଷ୍ଠା-୫





ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁରରେ ଶୁକ୍ରବାର ଦନ୍ତାହାତୀ ଆତଙ୍କରେ ଲୋକେ ଜୀବନ ବିକଳରେ ଧାଉଁଛନ୍ତି। (ରିପୋର୍ଟ: ପୃଷ୍ଠା-୫)

# ୭ ମାସ ପରେ ୧୭୦କୁ ଖସିଲା ସଂକ୍ରମଣ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**



ଦୀର୍ଘଦିନ ପରେ ରାଜ୍ୟରେ କରୋନା ସଂକ୍ରମଣ ୨ଶହ ତଳକୁ ଖସିଆସିବା ସହ ୭ମାସ ତଳର ସ୍ଥିତିକୁ ଚାଲିଆସିଛି। ମାର୍ଚ୍ଚ ୨୩ରେ ରାଜ୍ୟରେ ୧୭୦ଜଣ ଆକ୍ରାନ୍ତ ହୋଇଥିଲେ। ତେବେ ଗତ ୨୪ ଘଣ୍ଟାରେ ୫୫,୭୪୩ ନମୁନାରୁ ମଧ୍ୟ ୧୭୦ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୦ ରୁ ୧୮ ବର୍ଷରୁ କମ୍ ବୟସ୍କ ଆକ୍ରାନ୍ତ ୨୪ଜଣ ରହିଛନ୍ତି। ସେହିଭଳି ଖୋର୍ଦ୍ଧା ଜିଲାରେ ବି ଦୈନିକ ସଂକ୍ରମଣ ଶହେ ତଳକୁ ଖସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଏହି ଜିଲାରୁ ୬୧ଜଣ ରହିଛନ୍ତି। ବାକିସବୁ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୦ତଳେ ରହିଛି। ସେପଟେ ରାଜ୍ୟରେ ଦୈନିକ ସଂକ୍ରମଣ ହାର ବି ହ୍ରାସ ପାଇଥିବା ଦେଖାଯାଇଛି। ଏବେ ରାଜ୍ୟରେ ଦୈନିକ ସଂକ୍ରମଣ ହାର ୦.୩୧% ଥିବାବେଳେ ସବୁ ଜିଲାରେ ଏହି ହାର ୧% ପ୍ରତିଶତ ତଳେ ରହିଛି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୪୨,୯୪୩ରେ ପହଞ୍ଚିଛି।

ଅପରପକ୍ଷେ ରାଜ୍ୟରେ ଆଉ ୩ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱର, ମୟୂରଭଞ୍ଜ ଓ ନୟାଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ମୟୂରଭଞ୍ଜ ମୃତକ ଜଣକ ୩୧ ବର୍ଷୀୟ ଯୁବକ ବୋଲି ଜଣାପଡିଛି। ସେ ଅନ୍ୟ କୌଣସି ରୋଗରେ ପୀଡିତ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ କରୋନା ଜନିତ ମୃତ୍ୟୁ ୮,୩୫୦କୁ ବୃଦ୍ଧି ପାଇଛି।

## ୯ରେ ଲଘୁଚାପ, କମିବ ଶୀତ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ):** ଆସନ୍ତା ୯ ତାରିଖରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ସମେତ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହାର ପ୍ରଭାବରେ ଆସନ୍ତା ୧୧ ତାରିଖରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବ। ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ କନ୍ଧମାଳ ଜିଲାର କେତେକ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ବର୍ଷା ଯୋଗୁ ରାଜ୍ୟରେ ପାଗ ମେଘୁଆ ରହିବ। ବାୟୁମଣ୍ଡଳରେ ଜଳୀୟବାଷ୍ପ ରହିବା କାରଣରୁ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ଉଭୟ ଦିନ ଓ ରାତିର ତାପମାତ୍ରା ବଢ଼ିବ। ତେବେ ପାହାଡ଼ିଆ ଅଞ୍ଚଳରେ ସାମାନ୍ୟ ଅଧିକ ଶୀତ ଅନୁଭୂତ ହେବ। ରାଜ୍ୟରେ ଦିନର ତାପମାତ୍ରା ୩୦ ଡିଗ୍ରୀ ସେଲ୍‌ସିୟସ ରହୁଥିବା ବେଳେ ରାତିର ତାପମାତ୍ରା ୧୫ରୁ ୨୨ ଡିଗ୍ରୀ ମଧ୍ୟରେ ରହୁଛି।

# ୬.୩ ଓଭରରେ ଜିତିଲା ଭାରତ

**ଟି୨୦ ବିଶ୍ୱକପ**

## ଜନ୍ମଦିନରେ ବିରାଟଙ୍କ ବିଜୟ ଭେଟି

**ଦୁବାଇ, ୫।୧୧**

ନିଜ ଜନ୍ମ ଦିନରେ ଭାରତକୁ ବିଜୟ ଭେଟି ଦେଇଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ଏବଂ ଲୋକେଶ ରାହୁଲ ଓ ରୋହିତ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ଭାରତ ଚଳିତ ଟି୨୦ ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ୮ ଉଇକେଟରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ସ୍କଟ୍‌ଲାଣ୍ଡ ୧୭.୪ ଓଭରରେ ୮୫ ରନକରି ଅଲ୍‌ଆଉଟ ହୋଇଥିଲା। ଭାରତ ୬.୩ ଓଭରରେ ୨ ଉଇକେଟ ହରାଇ ୮୯ ରନ ସଂଗ୍ରହ କରି ନେଇଥିଲା। ରାହୁଲ ଓ ରୋହିତ ଓପନିଂ ଯୋଡ଼ିରେ ୨୩ ବଲ୍‌ରୁ ୫୦ ରନ ପୂରଣ କରିଥିଲେ। କୌଣସି ଟି୨୦ରେ ଭାରତର ଏହାଥିଲା ଦ୍ରୁତତମ ଅର୍ଦ୍ଧଶତକ। ୩୦ ବଲ୍‌ରୁ ୭୦ ରନ ସଂଗ୍ରହ ପରେ ରୋହିତ ବ୍ୟକ୍ତିଗତ ୩୦(୧୬ ବଲ, ୫ ଚୌକା, ୧ ଛକା) ରନ କରି ବ୍ରାଡ୍ ହୁଇଲଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ। ୧୯ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ୫୦ ରନ କରିବାପରେ ରାହୁଲ ପ୍ୟାଭିଲିୟନ ଫେରିଥିଲେ। ମାର୍କ ୱାଟ୍‌ଙ୍କ ଲେଗ୍ ଷ୍ଟମ୍ପ ଉପରର ବଲ୍‌କୁ ମାରିବାକୁ ଯାଇ ସେ କାଲୁମ ମ୍ୟାକଲିଓଡଙ୍କୁ କ୍ୟାଚ ଦେଇଥିଲେ। ୭ମ ଓଭରର ତୃତୀୟ ବଲ୍‌ରେ କ୍ରିସ୍ ଗେଭ୍ସଙ୍କୁ ଛକା ମାରି ସୂର୍ଯ୍ୟକୁମାର ଯାଦବ ମ୍ୟାଚର ପରିସମାପ୍ତି ଘଟାଇଥିଲେ। ରବୀନ୍ଦ୍ର ଜାଡେଜା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ୮୧ଟି ବଲ୍ ବାକିଥାଇ ମ୍ୟାଚ ଜିତିଥିବାରୁ ଭାରତର ରନ୍‌ହାର ୦.୦୭୩ରୁ ୧.୬୧୯ରେ ପହଞ୍ଚିଛି। ବଲ୍ ବ୍ୟବଧାନ ଦୃଷ୍ଟିରୁ ଭାରତର ଏହା ସର୍ବଶ୍ରେଷ୍ଠ ବିଜୟ। ପୂର୍ବରୁ ୨୦୧୬ରେ ମୀରପୁରରେ ୟୁଏଇ ବିପକ୍ଷରେ ଭାରତ ସର୍ବାଧିକ ୫୯ଟି ବଲ୍ ବାକିଥାଇ ବିଜୟୀ ହୋଇଥିଲା। ୪ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ଭାରତ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ପହଞ୍ଚିଛି। ତେଣୁ ରନ୍‌ହାରକୁ ନେଇ ଯେଉଁ ବାଧା ଥିଲା ତାହା ଦୂର ହୋଇଛି। ଏବେ କେବଳ ନ୍ୟୁଜିଲାଣ୍ଡ-ଆଫଗାନିସ୍ତାନ ମ୍ୟାଚ ଉପରେ ଦୃଷ୍ଟି ☞ପୃଷ୍ଠା-୫



ଉଇକେଟ୍ ନେବା ପରେ ରବୀନ୍ଦ୍ର ଜାଡେଜାଙ୍କୁ ବଧେଇ ଜଣାଉଛନ୍ତି ଅଧିନାୟକ ବିରାଟ କୋହଲି।

# 'ତୃତୀୟ ଲହର ଆଶଙ୍କା ଟଳିନି, ସତର୍କ ରୁହ'

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ରାଜ୍ୟରେ ସଂକ୍ରମଣ କମିଛି। ହେଲେ ତୃତୀୟ ଲହର ଭୟ ପୁଣି ଘାରିଛି। ଅନ୍ୟ ଦେଶରେ କରୋନାର ନୂଆ ଡେଲ୍‌ଟା ଭାରିଆଣ୍ଟ ବ୍ୟାପୁଥିବାରୁ ଭାରତରେ ମଧ୍ୟ ଛନକା ପଶିଛି। ତୃତୀୟ ଲହର ଆସିବା ନେଇ ମଧ୍ୟ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିବା ସହ ରାଜ୍ୟବାସୀଙ୍କୁ ସତର୍କ କରାଇଛନ୍ତି।

ଡିଏମ୍‌ଇଟି ରମା ରମଣ ମହାନ୍ତି କହିଛନ୍ତି, ରାଜ୍ୟରେ ସଂକ୍ରମଣ କମିଥିଲେ ବି ସତର୍କ ରହିବାକୁ ପଡ଼ିବ। ବର୍ତ୍ତମାନର ସଂକ୍ରମଣ ସ୍ଥିତି ଆଶ୍ୱସ୍ତିକର ରହିଛି, କିନ୍ତୁ ସାବଧାନ ରହିବା ବି ଉଚିତ। ପୂର୍ବରୁ ମଧ୍ୟ ଡେଲ୍‌ଟା ଭାରିଆଣ୍ଟ ମୁକାବିଲା କରିବାର ଅଭିଜ୍ଞତା ରହିଛି। ଏଥିସହ ଆମର ଶଯ୍ୟା, ଚିକିତ୍ସା ସୁବିଧା ଓ ଅକ୍ସିଜେନ ମହଜୁଦ ରହିଛି। ତେଣୁ ଆତଙ୍କିତ ନ ହୋଇ ସତର୍କ ରହିବା ଜରୁରୀ ବୋଲି ସେ କହିଛନ୍ତି। ସେହିଭଳି ଏବେ ବି ତୃତୀୟ ଲହର ଆଶଙ୍କା ଟଳିନାହିଁ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଚାଇନା ଓ ୟୁରୋପୀୟ ଦେଶରେ ଡେଲ୍‌ଟା ଭାରିଆଣ୍ଟ ବ୍ୟାପୁଛି। ଏଥିରେ ଆମେ ଭୟଭୀତ ହେବାର କାରଣ ନାହିଁ। ଦ୍ୱିତୀୟ ଲହରରେ ଡେଲ୍‌ଟା ଭାରିଆଣ୍ଟକୁ ଆମେ ସାମ୍ନା କରି ସାରିଛୁ। ଆମର ଇମ୍ୟୁନିଟି ମଧ୍ୟ ଅଧିକ ରହିଛି। ଏବେ ବି ଟିକାକରଣ ଚାଲିଥିବାରୁ ଇମ୍ୟୁନିଟି ବଢୁଛି। ତେବେ ତୃତୀୟ ଲହର ଆଶଙ୍କା ଏବେ ବି କମିନି। ଆମକୁ ଏବେ ବି ସତର୍କତା ଅବଲମ୍ବନ କରିବାକୁ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି। ସେପଟେ ରାଜ୍ୟରେ ଟିକାକରଣ ନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ପାଣିଗ୍ରାହୀ କହିଛନ୍ତି, ଅନ୍ୟ ଦେଶରେ ସଂକ୍ରମଣ ବଢୁଥିବାରୁ ରାଜ୍ୟରେ ଦ୍ୱିତୀୟ ଡୋଜ୍ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଇତିମଧ୍ୟରେ ରାଜ୍ୟ ସରକାର ଟିକାକରଣକୁ ତ୍ୱରାନ୍ୱିତ କରିଥିବା ସେ କହିଛନ୍ତି।

## ପ୍ରଥମରୁ ପଞ୍ଚମ ସ୍କୁଲ ଖୋଲିବା ପ୍ରସଙ୍ଗ

## ସରକାରଙ୍କୁ ସୁପାରିସ କରିବେ ଓଏସ୍‌ସିପିସିଆର୍

**ଭୁବନେଶ୍ୱର,୫।୧୧(ବ୍ୟୁରୋ):** ପ୍ରଥମରୁ ପଞ୍ଚମ ଶ୍ରେଣୀ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିବେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍)। ଏ ନେଇ ଶୁକ୍ରବାର ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ସୂଚନା ଦେଇ କହିଛନ୍ତି, ପ୍ରାଥମିକ ଶିକ୍ଷା ହେଉଛି ମୂଳଦୁଆ। ମୂଳଦୁଆ ବିଗିଡ଼ିଗଲେ ଉଚ୍ଚ ଶ୍ରେଣୀରେ ବହୁତ ଅସୁବିଧା ହେବ। ଛୋଟ ପିଲାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅଧିକ ରହିଥାଏ, ତେଣୁ ପ୍ରଥମଠାରୁ ପଞ୍ଚମ ଶ୍ରେଣୀ ଖୋଲିଲେ କୌଣସି ଅସୁବିଧା ହେବ ନାହିଁ। ତା'ଛଡ଼ା ଶିଶୁଙ୍କ ପାଇଁ ଟିକା ମଧ୍ୟ ଖୁବ୍‌ଶୀଘ୍ର ଆସିବ। ସ୍କୁଲ୍ ଖୋଲିବା ପରେ ସଚେତନତା ଓ ସୁରକ୍ଷା ନେଇ ଅଭିଯାନ ହେବ। କୋଭିଡ୍ ସଚେତନତା ରଥ ☞ପୃଷ୍ଠା-୫

# ଲଣ୍ଡନରେ ରହିବେ ଅମ୍ବାନୀ

## ଖଣ୍ଡନ କଲା ରିଲାଏନ୍ସ

**ମୁମ୍ବାଇ,୫।୧୧**

ଏସିଆର ସବୁଠୁ ଧନୀ ମୁକେଶ ଅମ୍ବାନୀ ନିଜ ତଥା ପରିବାର ପାଇଁ ଦ୍ୱିତୀୟ ବସା ତିଆରି କରୁଛନ୍ତି। କିନ୍ତୁ ଏଥର ତାଙ୍କ ବସତି ପାଶ୍ଚାତ୍ୟରେ ହେବାକୁ ଯାଉଛି। ଏକାଧିକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ଅନୁସାରେ ଅମ୍ବାନୀ ଓ ତାଙ୍କ ପରିବାର ଲଣ୍ଡନରେ ରହିବାକୁ ଯୋଜନା କରୁଛନ୍ତି। ବକିଂହାମ୍ ଶେୟାରସ୍ଥିତ ୩୦୦ ଏକର ପରିମିତ ଷ୍ଟୋକ୍ ପାର୍କରେ ସେମାନେ ରହିବେ।

ମହାମାରୀ କରୋନାଜନିତ ଲକ୍‌ଡାଉନ୍ ବେଳେ ଅମ୍ବାନୀ ପରିବାର ମୁମ୍ବାଇର ଆଣ୍ଟିଲିଆ ରୋଡ୍‌ସ୍ଥିତ ନଭଶ୍ଚୁମ୍ବି ବିଳାସପୂର୍ଣ୍ଣ ଆଣ୍ଟିଲିଆରେ ରହୁଥିଲେ। ମୁମ୍ବାଇର ଅନ୍ୟତମ ବ୍ୟୟବହୁଳ ଅଟ୍ଟାଳିକା ଭାବେ ପରିଚିତ ଏହି ବାସଭବନରେ ଅବସ୍ଥାନ ବେଳେ ସେମାନେ ନିଜ ପାଇଁ ଦ୍ୱିତୀୟ ବାସଭବନର ଆବଶ୍ୟକତା ଅନୁଭବ କରିଥିଲେ। ଏଥିପାଇଁ ଅମ୍ବାନୀ ପରିବାର ଚଳିତ ବର୍ଷ ଲଣ୍ଡନରେ ପ୍ରାୟ ୫୯୨ କୋଟି ଟଙ୍କାରେ କିଣିଥିବା ସମ୍ପତ୍ତିକୁ ଦ୍ୱିତୀୟ ଘର କରିବାକୁ ମନସ୍ଥ କରିଛନ୍ତି। ☞ପୃଷ୍ଠା-୫



ମୁକେଶ ଅମ୍ବାନୀଙ୍କ ସହ ସ୍ତ୍ରୀ ନୀତା ଅମ୍ବାନୀ



ଲଣ୍ଡନର ବକିଂହାମ୍ ଶେୟାରସ୍ଥିତ ଷ୍ଟୋକ୍ ପାର୍କ।

## ସଂକ୍ଷେପରେ

### ଆଜି ଶଙ୍ଖ ଧରିବେ ପ୍ରଦୀପ

ନବରଙ୍ଗପୁର,୫।୧୧(ବି.ପ୍ର.): ପୂର୍ବତନ ନବରଙ୍ଗପୁର ଏମ୍‌ପି ପ୍ରଦୀପ ମାଝି ଶନିବାର ବିଜେଡିରେ ବିଧିବଦ୍ଧଭାବେ ଯୋଗଦେବେ।



ସ୍ଥାନୀୟ ସର୍କିଟ ହାଉସ ନିକଟସ୍ଥ ପଡ଼ିଆ ଠାରେ ପୂର୍ବାହ୍ନ ୧୧ଟାରେ ଆୟୋଜିତ ସମାବେଶରେ ପ୍ରଦୀପ ଶଙ୍ଖ ଧରିବେ। ଉକ୍ତ ସମାବେଶରେ ଏକ ବଡ଼ଧରଣର ମିଶ୍ରଣ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ। ଏଥିରେ ପ୍ରଦୀପଙ୍କ ସମେତ ତାଙ୍କର ଯୁବ ସମର୍ଥକ ତଥା ସଙ୍ଗଠକମାନେ ବିଜେଡିରେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଏହା ସମେତ ମାଲକାନଗିରି ନିର୍ବାଚନ ମଣ୍ଡଳୀ ଓ କୋଟପାଡ଼ ନିର୍ବାଚନ ମଣ୍ଡଳୀର କଂଗ୍ରେସର କେତେଜଣ ବରିଷ୍ଠ ଓ ଯୁବନେତା ବିଜେଡିରେ ଯୋଗ ଦେବ ବୋଲି ଜଣାପଡ଼ିଛି। ସମାବେଶରେ ଅତିଥିଭାବେ ରାଜ୍ୟ ବିଜେଡି ସାଙ୍ଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ରାଜ୍ୟ ବିହନ ନିଗମ ଅଧକ୍ଷ ଈଶ୍ୱର ପାଣିଗ୍ରାହୀ, ନିକଟରେ ବିଜେଡିରେ ଯୋଗ ଦେଇଥିବା ଚନ୍ଦ୍ରଶେଖର ମାଝି ପ୍ରମୁଖ ଉପସ୍ଥିତ ରହିବେ। ସେହିପରି ସ୍ଥାନୀୟ ଚାମୁରିଆଗୁଡ଼ାଠାରୁ ବିଶାଳ ଶୋଭାଯାତ୍ରା ବାହାରି ସର୍କିଟ ହାଉସ୍ ପଡ଼ିଆ ନିକଟରେ ପହଞ୍ଚିବ। କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗ ଦେବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି ।

### ଭାଜପା ଛାଡ଼ିଲେ ପୂର୍ବତନ ବିଧାୟକ ଧନୁର୍ଜୟ

କେନ୍ଦୁଝର,୫।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ ଶୁକ୍ରବାର ଭାଜପା ଛାଡ଼ିଛନ୍ତି। ହରିଚନ୍ଦନପୁର ବ୍ଲକ ତେନ୍ତୁଳପଶିଠାରେ ଆୟୋଜିତ ଏକ କର୍ମୀ ସଭାରେ ସେ ଏହା ଘୋଷଣା କରିଛନ୍ତି। ସମର୍ଥକଙ୍କ ସହ ଆଲୋଚନା କରି ସେ ଏହି ନିଷ୍ପତ୍ତି ନେଇଥିବା ଓ ସ୍ୱାଧୀନ ଭାବରେ ଲୋକଙ୍କ ସେବା ଜାରି ରଖିବେ ବୋଲି କହିଛନ୍ତି। ଆବଶ୍ୟକ ହେଲେ ରାଜନୀତି ଛାଡ଼ିବେ କିମ୍ବା ସମର୍ଥକଙ୍କ ପରାମର୍ଶ କ୍ରମେ ଅନ୍ୟ କେଉଁ ଦଳରେ ମିଶିବା ନେଇ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଧନୁର୍ଜୟ କେନ୍ଦୁଝର ଜିଲାର ଜଣେ ଟାଣୁଆ ନେତା ଭାବେ ବେଶ ଜଣାଶୁଣା। ୨୦୦୪ରେ କଂଗ୍ରେସ ଟିକେଟରେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ତେଲକୋଇରୁ ଭାଜପା ଟିକେଟରେ ଲଢ଼ି ପରାସ୍ତ ହୋଇଥିଲେ। ଭାଜପାରେ କୋଣଠେସା କରାଯାଉଥିବା ଏବଂ ତାଙ୍କୁ ହରାଇବା ପାଇଁ ଯେଉଁମାନେ ଉଦ୍ୟମ କରିଥିଲେ ସେମାନଙ୍କୁ ଦଳ ଗୁରୁତ୍ୱ ଦେଉଥିବାରୁ ସେ ଦଳ ଛାଡ଼ିଥିବା କହିଛନ୍ତି। ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କୁହନ୍ତି ଦଳ ତାଙ୍କୁ ସବୁ କିଛି ଦେଇଥିଲା। ହେଲେ ସେ ଦଳ ଛାଡ଼ିଲେ କିଛି କ୍ଷତି ହେବ ନାହିଁ ବୋଲି କହିଛନ୍ତି।

# ‘ପଞ୍ଚାୟତିରାଜ୍ ନୁହେଁ, ଅଫିସର ରାଜ୍’

ଭୁବନେଶ୍ୱର,୫।୧୧(ବ୍ୟୁରୋ)

- ସରପଞ୍ଚଙ୍କୁ ଜିଲାପାଳ କ୍ଷମତା ଦେବା ଏକ ପ୍ରହସନ
- ଗ୍ରାମସଭା ଗୁରୁତ୍ୱକୁ ଅବମାନନା, ସିଟ୍ ସଂରକ୍ଷଣ ପ୍ରଭାବିତ
- ସର୍ବଦଳୀୟ ବୈଠକରେ ଅଭିଯୋଗ କରିବ କଂଗ୍ରେସ

ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ବିଜେଡି ଶାସିତ ସରକାର ଏକ ପ୍ରକାର କ୍ଷମତାହୀନ ଓ ଥାଣୁ କରିଦେଇଛି। ୧୯୯୨ ମସିହାରେ ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଯେଉଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସାମ୍ବିଧାନିକ ସ୍ୱୀକୃତି ଦିଆଯାଇଥିଲା, ବର୍ତ୍ତମାନ ଏହା ଅଫିସର ରାଜ୍‌ରେ ପରିଣତ ହୋଇଛି ବୋଲି କଂଗ୍ରେସ ଗୁରୁତର ଅଭିଯୋଗ ଆଣିଛି।

ରାଜ୍ୟ କଂଗ୍ରେସ ଭବନରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ତଥା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଅଧକ୍ଷ ସୁଦର୍ଶନ ଦାସ କହିଛନ୍ତି, ରାଜ୍ୟରେ ବିଜେଡି ସରକାର ପ୍ରରୋଚନା କରି ଗ୍ରାମ ସଭାକୁ ବନ୍ଦ କରି ଦେଇଛି। ସମ୍ବିଧାନ ମୁତାବକ ଗ୍ରାମସଭା ମାଧ୍ୟମରେ ଗାଁ ବା ପଞ୍ଚାୟତର ବିକାଶ ମୂଳକ ପ୍ରକଳ୍ପଗୁଡ଼ିକ ଅନୁମୋଦିତ ହେବା କଥା। ମାତ୍ର ‘ଆମ ଗାଁ , ଆମ ବିକାଶ’ ଯୋଜନାରେ ପ୍ରକଳ୍ପଗୁଡ଼ିକ ଗ୍ରାମ ସଭାର ବିନା ଅନୁମୋଦନରେ କାର୍ଯ୍ୟକାରୀ ହେଉଛି। ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ସରକାରୀ ଅଫିସର ଓ ବାବୁଙ୍କ ହାତରେ କ୍ରୀଡ଼ନକ ସାଜିଛନ୍ତି। ମୁଖ୍ୟମନ୍ତ୍ରୀ ସରପଞ୍ଚଙ୍କୁ ଜିଲାପାଳ କ୍ଷମତା ଦେବା ଏକ ପ୍ରହସନ ବ୍ୟତୀତ ଆଉ କିଛି ନୁହେଁ। କାରଣ ସେହିସମୟରେ ପଞ୍ଚାୟତିରାଜ ବିଭାଗର ସଚିବ ସର୍କୁଲାର ଜାରି କରିଥିଲେ ଯେ, ବିଡିଓଙ୍କ ବିନା ଦସ୍ତଖତରେ ସରପଞ୍ଚମାନେ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରି ପାରିବେ ନାହିଁ। ପିସି କାରବାର ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ଦେଇଥିବା ଆହ୍ୱାନ ଏକ ଧୂଆଁବାଣ। ନିକଟରେ ବାଲେଶ୍ୱର ଜିଲା ଜଳେଶ୍ୱରର କଳମା ସମେତ ଅନେକ ପଞ୍ଚାୟତରେ ଆର୍‌ଟିଆଇ ମାଧ୍ୟମରେ ପିସି କାରବାର ଘଟଣାର ରହସ୍ୟ ଉନ୍ମୋଚନ କଲାପରେ ଭିଜିଲାନ୍ସ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି। ସେହିପରି ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳୀୟ ନେତାଙ୍କ ପ୍ରରୋଚନା ଓ ସରକାରୀ କର୍ମଚାରୀଙ୍କ ସହଯୋଗରେ ସଂରକ୍ଷଣ ବ୍ୟବସ୍ଥାକୁ ଶାସନରେ ଥିବା ବିଜେଡି ସରକାର ପ୍ରଭାବିତ କରିଛି। ଗୋଟିଏ ବର୍ଗର ଜନସଂଖ୍ୟା ନଗଣ୍ୟ ବା ଆଦୌ ନ ଥିବା ବେଳେ ସେଠାରେ ପଞ୍ଚାୟତ ପ୍ରତିନିଧିଙ୍କୁ ସେହି ବର୍ଗ ପାଇଁ ସଂରକ୍ଷଣ କରାଯିବାର ଅନେକ ଦୃଷ୍ଟାନ୍ତ ଆମ ନଜରକୁ ଆସିଛି। ଶାସକ ଦଳକୁ ସୁହାଇଲା ଭଳି ଅନେକ ସ୍ଥାନରେ ସଂରକ୍ଷଣ ବ୍ୟବସ୍ଥା କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଶନିବାର ହେବାକୁଥିବା ସର୍ବଦଳୀୟ ବୈଠକରେ କଂଗ୍ରେସ ଏହାକୁ ଉତ୍ଥାପନ କରିବ ବୋଲି ଦାସ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ସୁଦର୍ଶନ ଦାସ।

# ୧୦ ଦିନ ପାଇଁ ବିଜେଡି ଆନ୍ଦୋଳନ ସ୍ଥଗିତ



ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଅହେତୁକ ଦରବୃଦ୍ଧି ବିରୋଧରେ ବିଜେଡି ଆରମ୍ଭ କରିଥିବା ଆନ୍ଦୋଳନକୁ ୧୦ଦିନ ପାଇଁ ସ୍ଥଗିତ ରଖିଛି। ତୈଳ ଦରରେ ସାମାନ୍ୟ ହ୍ରାସ ପରେ ଦଳ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ସମୟ ମଧ୍ୟରେ କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍ ଦର ହ୍ରାସ ନ କଲେ ପୁଣି ଆନ୍ଦୋଳନ ଆରମ୍ଭ ହେବ ବୋଲି ଯୁବ ବିଜେଡି ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି । ଦଳର ଯୁବ ଓ ଛାତ୍ର ଶାଖା ପକ୍ଷରୁ ଆସନ୍ତା ୩ଦିନ ଯାଏ ଜୋରଦାର ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଇତିମଧ୍ୟରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଯଥାକ୍ରମେ ୫ ଓ ୧୦ ଟଙ୍କା ଏକ୍ସାଇଜ ଟିକସ ହ୍ରାସ କରିଛନ୍ତି। ଓଡ଼ିଶା ସରକାର ମଧ୍ୟ ଉଭୟ ତୈଳ ଉପରୁ ୩ ଟଙ୍କା ଲେଖାଏ ଭାଟ୍ କମାଇଛନ୍ତି। ତେବେ ରନ୍ଧନ ଗ୍ୟାସ୍ ଦର ୧୦୦୦ ଟଙ୍କା ଛୁଇଁଛି। କେନ୍ଦ୍ର ସରକାର ୧୦ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନ ହେଲେ ବିଜେଡି ପୁଣି ଆନ୍ଦୋଳନକୁ ଜୋରଦାର କରିବ। ସୂଚନାଯୋଗ୍ୟ, ତୈଳ, ରନ୍ଧନ ଗ୍ୟାସ୍ ଓ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ପ୍ରତିବାଦରେ ବିଜେଡିର ବିଭିନ୍ନ ଶାଖା ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯାଇଥିଲା। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଉପସ୍ଥିତ ଥିଲେ।



## ଗୋବର୍ଦ୍ଧନ ପୂଜାରେ ଚାବୁକ ମାଡ଼ ଖାଇଲେ ଭୂପେଶ ବଘେଲ

ରାୟପୁର, ୫।୧୧

ଗୋବର୍ଦ୍ଧନ ପୂଜା ଅବସରରେ ଶୁକ୍ରବାର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କୁ ଚାବୁକ୍ ମାଡ଼ ହୋଇଛି। ପରମ୍ପରା ଅନୁଯାୟୀ ଏହି ପୂଜା ବେଳେ ରିଷ୍ଟ ଖଣ୍ଡନ ଲାଗି ଭକ୍ତମାନଙ୍କୁ କୁଶରେ ତିଆରି ଚାବୁକ (ସୋଣ୍ଟା)ରେ ପିଟାଯାଇଥାଏ। ବଘେଲ ରାଜ୍ୟର ସମୃଦ୍ଧି ପାଇଁ କାମନା କରିବା ସହ ସୋଣ୍ଟାରେ ମାଡ଼ ଖାଇଥିଲେ। ଉକ୍ତ ଭିଡିଓକୁ ନିଜେ ବଘେଲ ଟୁଇଟରରେ ଶେୟାର କରିଛନ୍ତି। ଡ୍ରମ୍ ବାଦ୍ୟ ବାଜୁଥିବାବେଳେ ଜଣେ ମଧ୍ୟବୟସ୍କ ବ୍ୟକ୍ତି ବଘେଲଙ୍କୁ ଖୁବ୍‌ଜୋର୍‌ରେ ପିଟୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି।

# ଇସ୍ତଫା ଫେରାଇନେଲେ ସିଦ୍ଧୁ

ନୂଆଦିଲ୍ଲୀ,୫।୧୧

**କଂଗ୍ରେସକୁ ଦେଲେ ନୂଆ ମହଲତ**



ନବଜୋତ୍ ସିଂ ସିଦ୍ଧୁ

ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି (ପିପିସିସି) ସଭାପତି ନବଜୋତ୍ ସିଂ ସିଦ୍ଧୁ ନିଜ ଇସ୍ତଫାପତ୍ର ପ୍ରତ୍ୟାହାର କରିନେଇଛନ୍ତି। କିନ୍ତୁ କଂଗ୍ରେସ ହାଇକମାଣ୍ଡଙ୍କୁ ନୂଆ ମହଲତ ଦେବାକୁ ବିଳମ୍ବ କରିନାହାନ୍ତି। ଆଡ୍‌ଭୋକେଟ ଜେନେରାଲ ଏପିଏସ୍ ଦେଓଲଙ୍କୁ ହଟାଇ ତାଙ୍କ ସ୍ଥାନରେ ନୂଆ ନିଯୁକ୍ତି ଦିଆଗଲେ ସେ ପାର୍ଟି ଅଫିସକୁ ଫେରି ଦାୟିତ୍ୱ ସମ୍ଭାଳିବେ ବୋଲି ସିଦ୍ଧୁ ସର୍ତ୍ତ ବାଢ଼ିଛନ୍ତି। ସିଦ୍ଧୁ ଏପରି ଅଡ଼ିବସିଥିବାରୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି ଅସନ୍ତୁଷ୍ଟ ଥିବା କୁହାଯାଉଛି। ୨୦୧୫ର ଏକ ପୋଲିସ ଫାୟାରିଂ ମାମଲାକୁ ନେଇ ସିଦ୍ଧୁ ଲଗାତର ଭାବେ ଟାର୍ଗେଟ କରିବା ପରେ ଦେଓଲ ସୋମବାର ଚନ୍ନିଙ୍କୁ ଇସ୍ତଫାପତ୍ର ଦେଇଥିଲେ। ତେବେ ତାହା ଗ୍ରହଣ ହୋଇଛି କି ନାହିଁ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ସୂତ୍ରରୁ ମିଳିଥିବା ସୂଚନାନୁସାରେ ଚନ୍ନି ଦେଓଲଙ୍କ ଇସ୍ତଫା ଗ୍ରହଣ କରିନାହାନ୍ତି, ଯେଉଁଥିପାଇଁ ସିଦ୍ଧୁ ଆହୁରି ରାଗିଯାଇଛନ୍ତି। ନୂଆ ଆଡ୍‌ଭୋକେଟ ଜେନେରାଲ ନିଯୁକ୍ତି ସହ ପଞ୍ଜାବ ପୋଲିସ ମୁଖ୍ୟ ପଦରୁ ଆଇପିଏସ୍ ଅଫିସର ସହୋଟାଙ୍କୁ ମଧ୍ୟ ହଟାଯାଉ ବୋଲି ସେ ଦାବି କରିଛନ୍ତି। ୨୦୧୫ ମାମଲାର ତଦନ୍ତ ପାଇଁ ତତ୍କାଳୀନ ଅକାଳୀ ଦଳ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଥିଲେ, ଯାହାର ନେତୃତ୍ୱ ସହୋଟା ନେଉଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ବେଳେ ଜନତା କର୍ଫ୍ୟୁ

ଭବାନୀପାଟଣା,୫।୧୧(ସ୍ୱ.ପ୍ର.)

**କଳାହାଣ୍ଡି ଗସ୍ତକୁ କଂଗ୍ରେସର ବିରୋଧ**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣା ରାଜ୍ୟରେ ଏବେ ହଇଚଇ ସୃଷ୍ଟି କରିଛି। ଏପରିସ୍ଥଳେ ମମିତାଙ୍କୁ ନ୍ୟାୟ ଦେବା ପାଇଁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସ ଲଢେଇ ଜୋର୍‌ଦାର କରିଛନ୍ତି। ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ବେଳେ ଜନତା କର୍ଫ୍ୟୁ କରିବା ପାଇଁ ଜିଲାବାସୀଙ୍କୁ ସେ ଆହ୍ୱାନ ଦେଇଛନ୍ତି, ଯାହାର ଏକ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ସୂଚନାଯୋଗ୍ୟ ଯେ, ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଳାହାଣ୍ଡି ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହାକୁ ବିରୋଧ କରି ଭକ୍ତ ଦାସ କଳାହାଣ୍ଡି ବାସିନ୍ଦାଙ୍କୁ ଏହି ଦିନ ଜନତା କର୍ଫ୍ୟୁ ପାଳନ କରିବା ପାଇଁ ନିବେଦନ କରିଛନ୍ତି। ସେହିପରି ୭ ତାରିଖରେ ମମିତାଙ୍କ ଆତ୍ମାର ସଦ୍‌ଗତି, ପାପୀ ଓ ପାପର ଅନ୍ତ ପାଇଁ ପୂର୍ବାହ୍ନ ୧୧ଟାରେ ୨ ମିନିଟ ନିରବ ପ୍ରାର୍ଥନା କରିବାକୁ ମଧ୍ୟ ନିବେଦନ କରିଛନ୍ତି। ମମିତାଙ୍କୁ ନ୍ୟାୟ ଦେବା ପାଇଁ ପ୍ରତି ଗାଁ ଓ ସହରରେ ନୀରବ ପ୍ରାର୍ଥନା କରିବାକୁ ସମସ୍ତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି, ମମିତା ହତ୍ୟାକାଣ୍ଡ ମାମଲାରେ ମନ୍ତ୍ରୀଙ୍କୁ ତାଙ୍କ ପଦରୁ ହଟାଇ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରାଯାଉ ବୋଲି ଓଡ଼ିଶାବାସୀ ଓ ବିରୋଧୀ ଦଳ ଦାବି କରୁଛନ୍ତି। ହେଲେ ସରକାର ତାଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରୁଛନ୍ତି। ମୁଖ୍ୟମନ୍ତ୍ରୀ ୮ ତାରିଖରେ କଳାହାଣ୍ଡି ଜିଲା ଗସ୍ତରେ ଆସି ମନ୍ତ୍ରୀଙ୍କୁ ବାହାଦୁରି ଦେବାକୁ ଚେଷ୍ଟା କରୁଛନ୍ତି। ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଗସ୍ତରେ ନ ଆସି ଭୁବନେଶ୍ୱରରେ ରହି ଭିଡିଓ କନ୍‌ଫରେନ୍ସ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରନ୍ତୁ। ମମିତାଙ୍କୁ ନ୍ୟାୟ ମିଳୁ। କଳାହାଣ୍ଡି ଜିଲା କଳଙ୍କିତ ନ ହେଉ ବୋଲି ଭକ୍ତ କହିଛନ୍ତି।



ଭକ୍ତ ଦାସ

# ବିଜେଡିରେ ମିଶିଲେ ଶତାଧିକ ଛାତ୍ରନେତା

ବାଲେଶ୍ୱର ଅଫିସ,୫।୧୧

ବାଲେଶ୍ୱର ନିର୍ବାଚନମଣ୍ଡଳୀ ବିଜେଡି ତରଫରୁ ଶୁକ୍ରବାର ଆୟୋଜିତ ଏକ ମିଶ୍ରଣ ପର୍ବରେ ଶତାଧିକ ଛାତ୍ର ନେତା ଯୋଗଦେଇଛନ୍ତି। ବିଧାୟକ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ୩ଶହରୁ ଉର୍ଦ୍ଧ୍ୱ ଛାତ୍ର ନେତା ବିଜେଡିରେ ଯୋଗଦେଇଛନ୍ତି। ଗତ ବାଲେଶ୍ୱର ଉପ-ନିର୍ବାଚନରେ ଲଢ଼ିଥିବା ସ୍ୱାଧୀନ ପ୍ରାର୍ଥୀ ଭାଗ୍ୟଉଦିତ ଦାସ ପଟ୍ଟନାୟକ, ଛାତ୍ର ନେତା ବିଭୁ ଦତ୍ତ ପରିଡ଼ା, ସଞ୍ଜୀବ ହେିଟ, ସମର୍ଜିତ ପାତ୍ର, ପ୍ରଦୋଷ ମହାନ୍ତି, ବିକାଶ ବେହେରା, ବିଶ୍ୱଜିତ ବେହେରା, ସୁଜନ କୁମାର ଜେନା, ଯୋଗେଶ ଦାସ, ଦିବ୍ୟଜ୍ୟୋତି ମହାନ୍ତି, ଅଜୟ ନାୟକ, ସତ୍ୟ ପ୍ରକାଶ ନାୟକ ଏବଂ ଗତିରାଜ ଜେନା ଓ ଅନ୍ୟମାନଙ୍କୁ ବିଧାୟକ ଦାସ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ।

# ୮ ଘଣ୍ଟା ଅଟକ ପରେ ଚାଷୀଙ୍କୁ କ୍ଷମା ମାଗିଲେ ପୂର୍ବତନ ମନ୍ତ୍ରୀ

ଗୁରୁଗ୍ରାମ, ୫।୧୧

କେଦାରନାଥ ମନ୍ଦିରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ପାଇଁ ହରିୟାଣାର ଏକ ମନ୍ଦିରକୁ ଯାଇଥିବା କେତେଜଣ ଭାଜପା ନେତା ଓ ପୂର୍ବତନ ମନ୍ତ୍ରୀ ମନୀଷ ଗ୍ରୋଭର ଅଡୁଆରେ ପଡ଼ିଯାଇଥିଲେ। ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ବର୍ଷେ ହେଲା ଆନ୍ଦୋଳନ ଚଳାଇଥିବା ଚାଷୀମାନେ ଉକ୍ତ ମନ୍ଦିରକୁ ଚାରିପଟୁ ଘେରିଯାଇ ମନୀଷ ଓ ଭାଜପା ନେତାମାନଙ୍କୁ ୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅଟକାଇ ରଖିଥିଲେ। ଶେଷରେ ମନୀଷ କ୍ୟାମେରା ସମ୍ମୁଖରେ ଚାଷୀମାନଙ୍କୁ କ୍ଷମା ମାଗିଛନ୍ତି। ପୂର୍ବରୁ ମନୀଷ କୃଷକମାନଙ୍କ ସମ୍ପର୍କରେ ଦେଇଥିବା ଆପତ୍ତିଜନକ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ବୋଲି ଚାଷୀ ଦାବି କରିଥିଲେ। ଚାଷୀଙ୍କ ଦ୍ୱାରା ଅଟକ ରହିଥିବା ଭାଜପା ନେତାମାନେ ହେଲେ ଦଳର ସଂଗଠନ ମନ୍ତ୍ରୀ ରବୀନ୍ଦ୍ର ରାଜୁ, ମେୟର ମନମୋହନ ଗୋୟଲ, ଭାଜପା ଜିଲା ସଭାପତି ଅଜୟ ବଂଶଲ ଏବଂ ଦଳୀୟ ନେତା ସତୀଶ ନନ୍ଦାଲ। ରୋହତକ ଜିଲା କିଲୋଇ ଗ୍ରାମରେ ଥିବା ଉକ୍ତ ମନ୍ଦିରରେ ଉତ୍ତେଜନାପୂର୍ଣ୍ଣ ସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଅନ୍ୟ ଜିଲାରୁ ପୋଲିସ ଫୋର୍ସ ମଗାଯାଇଥିଲା। ଦୁଇଜଣ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି। ଏହାର ପ୍ରତିବାଦରେ ଉତ୍ୟକ୍ତ ଚାଷୀ ଦିଲ୍ଲୀ-ହିସାର ଜାତୀୟ ରାଜପଥକୁ ଅବରୋଧ କରି ରଖିଥିଲେ।

**ଭାଜପା ଏମ୍‌ପିଙ୍କ କାର୍ ଉପରେ ଆକ୍ରମଣ**

ଅନ୍ୟ ଏକ ଘଟଣାରେ ହରିୟାଣାର ହିସାର ଜିଲାକୁ ଭାଜପା ଏମ୍‌ପି ରାମଚନ୍ଦ୍ର ଜାଙ୍ଗ୍ରା ଗସ୍ତରେ ଯାଇଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କ କାର ଉପରକୁ ଲାଠି ଫିଙ୍ଗିବାରୁ କାର୍ କାଚ ଭାଙ୍ଗିଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି।



ପୂର୍ବତନ ମନ୍ତ୍ରୀ ମନୀଷ ଗ୍ରୋଭର

# ଭାଜପାରେ ମିଶିଲେ ଦିଲୀପ, ଉତ୍ତମ




ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

ଭୁବନେଶ୍ୱର,୫।୧୧(ବ୍ୟୁରୋ)

ନିମାପଡ଼ା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଦିଲୀପ ନାୟକ ଏବଂ ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ଉତ୍ତମ ପାଣିଗ୍ରାହୀ ଆନୁଷ୍ଠାନିକ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ଦିଲୀପଙ୍କ ସମେତ ବାଦଲ ବେହେରା, ନବଘନ ବଳବନ୍ତରାୟ, କାହ୍ନୁଚରଣ ଦାଶ ପ୍ରମୁଖ ବହୁ ସମର୍ଥକ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି । ସେହିପରି ଉତ୍ତମଙ୍କ ସହ ଦିଗପହଣ୍ଡି ଅଞ୍ଚଳର ପ୍ରତାପ ବିଶୋୟୀ, ଶୁଭେନ୍ଦୁ ପାଢ଼ୀ, ଖଲି ମହାପାତ୍ର, ମନୋଜ ପଣ୍ଡା, ରଘୁନାଥ ସାମନ୍ତରାୟ, ବଳରାମ ପ୍ରଧାନ, ଅନିଲ ମିଶ୍ର, ଶୁଭ୍ରାଂଶୁ ପ୍ରଧାନ, ଅରୁଣ ଗୌଡ଼, ଅରବିନ୍ଦ ବିଶୋୟୀ, ନରସିଂହ ପଣ୍ଡାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଭାଜପାରେ ସାମିଲ ହୋଇଛନ୍ତି। ଆଇନ ବାଟରେ ଛିଡ଼ାହୋଇ ରାଜ୍ୟବାସୀଙ୍କୁ ନ୍ୟାୟ ଦେବାରେ ବାଧା ସୃଷ୍ଟି କରାଯାଉଛି । କଳବଳ ବ୍ୟବହାରକରି ଶାସକ ବିଜେଡି ଯେଉଁଭଳି ଭାବେ ସ୍ୱେଚ୍ଛାଚାରୀ ଶାସନ ଜାରି ରଖିଛି, ତାକୁ ରାଜ୍ୟବାସୀ କେବେହେଲେ ବରଦାସ୍ତ କରିବେ ନାହିଁ । ଆଗାମୀ ଦିନରେ ନିଶ୍ଚିତ ଭାବେ ଦୃଢ଼ ଜବାବ ଦେବେ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଏହି ଅବସରରେ କହିଛନ୍ତି ।

# ମହିଳା କଂଗ୍ରେସ କମିଟି ଜିଲା ସଭାନେତ୍ରୀଙ୍କ ନାମ ଘୋଷଣା

ଭୁବନେଶ୍ୱର,୫।୧୧(ବ୍ୟୁରୋ)

ରାଜ୍ୟ ମହିଳା କଂଗ୍ରେସ କମିଟିର ୩୩ ସାଙ୍ଗଠନିକ ଜିଲାର ନୂତନ ସଭାନେତ୍ରୀ ଓ କର୍ମକର୍ତ୍ତାଙ୍କ ନାଁ ଶୁକ୍ରବାର ଘୋଷଣା କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପ୍ରସ୍ତାବକ୍ରମେ ଏଆଇସିସି କାର୍ଯ୍ୟନିର୍ବାହୀ ସଭାନେତ୍ରୀ ନିତା ଡି’ସୌଜା ଏହାକୁ ଅନୁମୋଦନ କରିଥିବା ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଅନୁଗୋଳ ପାଇଁ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଭାବେ ତପସ୍ୱିନୀ ବିଶ୍ୱାଳ ମନୋନୀତ ହୋଇଥିବାବେଳେ ଅନୁଗୋଳ ସହର ପାଇଁ କଶିଦ ବିବି, ବାଲେଶ୍ୱର ପାଇଁ ପ୍ରଜ୍ଞାପାରମିତା ମହାନ୍ତି, ବଲାଙ୍ଗୀର ପାଇଁ ମିଲନି ସାହୁ, ବରଗଡ଼ ପାଇଁ ପିକେଶ୍ୱର ଛତର, ଭଦ୍ରକ ପାଇଁ ସବିତା ଚାନ୍ଦ, ଭୁବନେଶ୍ୱର ପାଇଁ ଗୀତାଞ୍ଜଳି ମହାନ୍ତି, ବୌଦ୍ଧ ପାଇଁ କବିତା ମହାକୁଡ଼, କଟକ ସହର ପାଇଁ ଶୈଳବାଳା ଜେନା, କଟକ ପାଇଁ ଶୋଭାମୟୀ ସିଂ, ଢେଙ୍କାନାଳ ପାଇଁ ମମତାଞ୍ଜଳି ବେହେରା, ଦେବଗଡ଼ ପାଇଁ ମଞ୍ଜୁଲତା ନାୟକ, ଗଜପତି ପାଇଁ ସସ୍ମିତା ରାଇକା, ଗଞ୍ଜାମ ପାଇଁ ବନଜା ପଣ୍ଡା, ଯାଜପୁର ପାଇଁ ରିତାଶ୍ରୀ ମହାନ୍ତି, ଜଗତ୍‌ସିଂହପୁର ପାଇଁ ସୁଚିତ୍ରା ବେଉରା, ଝାରସୁଗୁଡ଼ା ପାଇଁ ପ୍ରଦୀପ୍ତା ପାତ୍ର, କନ୍ଧମାଳ ପାଇଁ ରୁଦା ମଲ୍ଲିକ, କୋରାପୁଟ ପାଇଁ ନଳିନୀ ରଥ, କଳାହାଣ୍ଡି ପାଇଁ ମାହେନ୍ଦ୍ରୀ ସାହୁ, କେନ୍ଦ୍ରାପଡ଼ା ପାଇଁ ଅନ୍ନପୂର୍ଣ୍ଣା ସାହୁ, ଖୋର୍ଦ୍ଧା ପାଇଁ ଜ୍ୟୋତିର୍ମୟୀ ଛୋଟରାୟ, ମୟୂରଭଞ୍ଜ ପାଇଁ ସୁସ୍ମିତା ଘୋଷାଲ, ନୟାଗଡ଼ ପାଇଁ ପ୍ରତିମା ଜେନା, ନୂଆପଡ଼ା ପାଇଁ ଉଷା ଚନ୍ଦ୍ରକାର, ପୁରୀ ପାଇଁ ନିରୁପମା ପାତ୍ର, ରାଉରକେଲା ପାଇଁ ନିରୁପମା ବଳିଆର ସିଂ, ରାୟଗଡ଼ା ପାଇଁ ଇପିଲି ନାଗଲକ୍ଷ୍ମୀ, ନବରଙ୍ଗପୁର ପାଇଁ ପି. ନାଗରତ୍ନମ, ସୁନ୍ଦରଗଡ଼ ପାଇଁ ସବିତା ଟପୋ, ସମ୍ବଲପୁର ପାଇଁ ସୁତପା ମିତ୍ର, ସୋନପୁର ପାଇଁ ସୂର୍ଯ୍ୟକାନ୍ତି ବାଗ ଏବଂ ମାଲକାନଗିର ପାଇଁ ପୁଷ୍ପା କାବାସୀଙ୍କୁ ନିଯୁକ୍ତ କରାଯାଇଛି।

ସେହିପରି ନିର୍ମଳା ମଲ୍ଲିକ କୋଷାଧକ୍ଷ ରହିଥିବାବେଳେ ୧୦ ଉପସଭାନେତ୍ରୀ ଭାବେ ମୋତି କୈବର୍ତ୍ତ, ଆଇସା ବାନୁ, କୁସୁମ ପ୍ରଧାନ, ସ୍ୱରୂପା ତ୍ରିପାଠୀ, କନକଲତା ମଲ୍ଲିକ, ଚୌଧୁରୀ ସ୍ନେହଲତା ରାୟ, ଚାରୁଲତା ସାହୁ, ନିରୁପମା ଦାସ, ସବିତା ଧିର ଓ ରୁପାଦିପ୍ତା ମହାପାତ୍ର ମନୋନୀତ ହୋଇଛନ୍ତି। ସେହିପରି ୧୧ଜଣ ସାଧାରଣ ସମ୍ପାଦିକା ଓ ୪୮ ଜଣଙ୍କୁ ସମ୍ପାଦିକା ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କମିଟିରେ ୭୦ଜଣ ମହିଳା ବିଭିନ୍ନ ପଦପଦବୀରେ ସ୍ଥାନ ପାଇଥିବାବେଳେ ୨୨ ଜଣଙ୍କୁ କାର୍ଯ୍ୟକାରିଣୀ ସଭ୍ୟା ଓ ୧୫ ଜଣଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ରଖାଯାଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ ସମ୍ମୁଖ ଓ ମୁଖ୍ୟ ଡାକଘର ପାଖ, ସକାଳ ୯ଟା।
- ଓଡ଼ିଆ ସାପ୍ତାହିକ ଖବରକାଗଜ ସ୍ୱାଧୁତାର ସ୍ୱନକ୍ଷତ୍ର ଉତ୍ସବ, ଲୋହିଆ ଏକାଡେମୀ, ସକାଳ ୯ଟା।
- ଉତ୍କଳିକା ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନୀ, ଏକାମ୍ର ହାଟ, ପୂର୍ବାହ୍ନ ୧୦ଟା।
- ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୫ମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତି ସଭା, ରୋଟାରି ଭବନ, ୟୁନିଟ-୯, ପୂର୍ବାହ୍ନ ୧୧ଟା।
- ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଧାରଣା, ଲିଙ୍ଗରାଜ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ, ମଧ୍ୟାହ୍ନ ୧୨ଟା।
- ପାନାସିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାତୃଭୂମିକୁ ପ୍ରଣାମର ପୁରସ୍କାର ବିତରଣ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୯, ଅପରାହ୍ନ ୫ଟା।
- ଲୁଲୁ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ଶହୀଦ ନଗର ଦୁର୍ଗାପୂଜା ମଣ୍ଡପ, ସନ୍ଧ୍ୟା ୬ଟା।
- ବିଶ୍ୱ ଓଡ଼ିଶା ସମାଜ ଅନୁଷ୍ଠାନର ଉଦ୍‌ଘାଟନ ସମାରୋହ ଏବଂ ଆଲୋକ ଉତ୍ସବ, ମୁଖ୍ୟ କାର୍ଯ୍ୟାଳୟ, ଏନ୍‌୧/୧୧୫, ଆଇଆର୍‌ସି ଭିଲେଜ, ସନ୍ଧ୍ୟା ୬ଟା।

# ସଞ୍ଜ ହେଲେ ଭୟ, ଟାଟିକବାଟ ପଡୁଛି

## ହାତୀ ଆକ୍ରମଣରେ ଜଣେ ମୃତ, ଯୁବକ ଗୁରୁତର

ନିରାକାରପୁର,୫।୧୧(ଡି.ଏନ୍.ଏ.)

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟାହେଲେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକମାନଙ୍କ ବିଲ ଓ ବାରିରେ ପଶି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଏପରିକି ଘର ଭାଙ୍ଗି ଦେଉଛନ୍ତି। ଭୟରେ ଗାଁରେ ଟାଟିକବାଟ ପଡ଼ିଯାଉଛି। ଅନେକ ସମୟରେ ହାତୀ ହାବୁଡ଼ରେ ପଡ଼ି ଲୋକଙ୍କ ଜୀବନ ଯାଉଛି। ଏହିକ୍ରମରେ ଗୁରୁବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଛଣଗିରି ପଞ୍ଚାୟତ ରମାବିଲି ନରସିଂହପାଟଣା ଗ୍ରାମର ଶରତ ଜେନା ଓରଫ ବାଘ(୫୦)। ସେହିପରି ଆହତ ଟାଙ୍ଗୋଳ ବ୍ରାହ୍ମଣ ସାହିର ଦେବାଶିଷ ସାହୁ ଓରଫ ବାପିଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଶରତ ତାଙ୍କ ପୁରୁଣା ଘରୁ ବଡବଡୁଆ ଡାକି ନୂଆ ଘରକୁ ଫେରୁଥିବା ବେଳେ ହଠାତ୍ ହାତୀ ହାବୁଡରେ ପଡିଯାଇଥିଲେ। ହାତୀ ଆକ୍ରମଣର ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଟାଙ୍ଗୋଳର ଦେବାଶିଷ ଅଚ୍ୟୁତପୁରରୁ ନିଜ ଗ୍ରାମକୁ ରାତିରେ ବାଇକ୍‌ରେ ଫେରୁଥିବା ବେଳେ ହାତୀ ଗୋଡ଼ାଇବାରୁ ସେ ବାଇକ୍‌ରୁ ଖସିପଡି ଗୁରୁତର ଆହତ ହୋଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦେବାଶିଷଙ୍କୁ ଆହତ ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍‌ସ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏସିଏଫ୍ ଅରବିନ୍ଦ ମହାନ୍ତି, ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, ଭୂଷଣ୍ଡପୁର ଫରେଷ୍ଟର ସିଧୁ ଚରଣ ସିଁ ପ୍ରମୁଖ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କାର ଏକ ଚେକ ପ୍ରଦାନ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଉ ୩ ଲକ୍ଷ ୬୦ ହଜାର ଟଙ୍କା ଦିଆଯିବ ବୋଲି ଫରେଷ୍ଟର ସିଂ କହିଛନ୍ତି। ଅନ୍ୟପଟେ ବ୍ୟବଚ୍ଛେଦ ପରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିଲା। ସୂଚନାଥାଉ କି, ଗତ ଅକ୍ଟୋବର ୩୧ ତାରିଖ ସନ୍ଧ୍ୟାରେ ନିରାକାରପୁର ବିଦ୍ୟୁତ୍ କାର୍ଯ୍ୟାଳୟ ପଛ ପାଖ ଜଙ୍ଗଲ ନିକଟରେ ହାତୀ ଆକ୍ରମଣରେ ଡିଆ ପଞ୍ଚାୟତ ଭୋଇସାହି ଗ୍ରାମର ଶିକ୍ଷକ ବିଜୟ କୁମାର ପଟ୍ଟନାୟକଙ୍କ ମୃତ୍ୟୁ ହୋଇଥିଲା। ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବା ବେଳେ ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବା ସହ ହାତୀଙ୍କୁ ଘଉଡ଼ାଇବା ଲାଗି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


ଭୁବନେଶ୍ୱରସ୍ଥିତ ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ସୁଧନ୍ୟା କ୍ରିଏଶନର ପ୍ରଥମ ଚଳଚ୍ଚିତ୍ର 'ବିଶ୍ୱାସ-ଦ ଲାଇଟ୍ ଓଭର୍ ଡାର୍କନେସ୍'ର ପ୍ରଥମ ଅଡ଼ିଓ ରିଲିଜ ଅବସରରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ ।

# ଚଳଚ୍ଚିତ୍ର 'ବିଶ୍ୱାସ'ର ପ୍ରଥମ ଅଡିଓ ରିଲିଜ୍

## ଖୁବ୍‌ଶୀଘ୍ର ପ୍ରେକ୍ଷାଳୟକୁ ଆସିବ

ଭୁବନେଶ୍ୱର,୫।୧୧

ସୁଧନ୍ୟା କ୍ରିଏଶନର ପ୍ରଥମ ଚଳଚ୍ଚିତ୍ର 'ବିଶ୍ୱାସ-ଦ ଲାଇଟ୍ ଓଭର୍ ଡାର୍କନେସ୍' ଚଳିତ ମାସରେ ପ୍ରେକ୍ଷାଳୟକୁ ଆସିବ। ତେବେ ଶୁକ୍ରବାର ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଏହାର ପ୍ରଥମ ପୋଷ୍ଟର ଓ ଅଡିଓ ଉନ୍ମୋଚିତ ହୋଇଛି। ମୁଖ୍ୟ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ।

ଚଳଚ୍ଚିତ୍ରରେ ଅଭିନୟ କରିଥିବା ସମସ୍ତ କଳାକାର ପ୍ରଥମଥର ବଡ଼ ପରଦାରେ ଦେଖିବାକୁ ମିଳିବେ। ପ୍ରଥମ କରି ନିର୍ଦ୍ଦେଶନା ଦେଇଛନ୍ତି ଚିନ୍ମୟ ଦାସ ପଟ୍ଟନାୟକ। ଅନ୍ଧବିଶ୍ୱାସ ଉପରେ ପର୍ଯ୍ୟବସିତ ଏହି ଚଳଚ୍ଚିତ୍ରରେ ସାମାଜିକ ଜୀବନ ସହିତ ଓତଃପ୍ରୋତ ଭାବେ ଜଡ଼ିତ ଧର୍ମ, ପରମ୍ପରା, ସଂସ୍କୃତିର ନିଚ୍ଛକ ପ୍ରତିଛବିକୁ ଅତ୍ୟନ୍ତ ନିଖୁଣ ଭାବରେ ବର୍ଣ୍ଣନା କରାଯାଇଛି। ଚଳଚ୍ଚିତ୍ରରେ ରହିଥିବା ଗୀତଗୁଡିକ ବେଶ୍ ସୁମଧୁର ଓ ଏହା ଶ୍ରୋତାଙ୍କ ମନକୁ ଛୁଇଁ ପାରିବ ବୋଲି ଏହାର ସଙ୍ଗୀତ ନିର୍ଦ୍ଦେଶକ ସାନ୍ତନୁ ଶତପଥୀ ଆଶା ରଖିଛନ୍ତି।

# ଦେବେନ୍ଦ୍ରନାଥଙ୍କୁ 'ଦଣ୍ଡପାଣି ମିଶ୍ର ସାମ୍ବାଦିକ' ସମ୍ମାନ

ଭୁବନେଶ୍ୱର,୫।୧୧ (ବ୍ୟୁରୋ)

କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଗୁରୁବାର ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ରନାଥ ଦାଶଙ୍କୁ 'ଦଣ୍ଡପାଣି ମିଶ୍ର ସାମ୍ବାଦିକ' ସମ୍ମାନରେ ସମ୍ମାନିତ କରାଯାଇଛି। ସେ 'ଶ୍ୱେତ ସଙ୍କେତ' ସାହିତ୍ୟ ପତ୍ରିକା ଓ 'ସାହିତ୍ୟ ମେଳା' ଖବରକାଗଜର ସମ୍ପାଦକ। ଏହି ଉତ୍ସବକୁ ଡ.ସୁଚେତା ରାଉତ ଅଧ୍ୟକ୍ଷତା କରିଥିବାବେଳେ ବିଶିଷ୍ଟ ଅନୁବାଦକ ପ୍ରଫେସର ମୋହିନୀକାନ୍ତ ମିଶ୍ର ସମ୍ମାନ ପ୍ରଦାନ କରିଥିଲେ। ଡ. ହୁସେନ ରବି ଗାନ୍ଧୀ, ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଡ. ବିବେକାନନ୍ଦ ପାଣିଗ୍ରାହୀ, ଡ. ବିନେଦିନୀ ପାତ୍ର, ଡ.ରମେଶଚନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଦେବାଶିଷ ମହାପାତ୍ର ପରିଚାଳନା କରିଥିଲେ।

# ଯବାନଙ୍କ ବୀରତ୍ୱ, ବଳିଦାନ ପାଇଁ ଦେଶ ସୁରକ୍ଷିତ

## ସ୍ୱର୍ଣ୍ଣିମ ବିଜୟ ମଶାଲକୁ ପୁରୀରେ ସ୍ୱାଗତ

ପୁରୀ ଅଫିସ, ୫।୧୧

ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଶୁକ୍ରବାର ପୁରୀରେ ସ୍ୱାଗତ କରାଯାଇଛି। ପୂର୍ବାହ୍ନ ୮ଟାରେ ବ୍ଲୁ ଫ୍ଲାଗ ବିଚ୍‌ରେ ବିଜୟ ମଶାଲ ପହଞ୍ଚିବା ପରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସୁଭାଷ ଚନ୍ଦ୍ର ନାଥଶର୍ମା ଏବଂ ଡିଏଫ୍‌ଓ ପି. ରାମାସ୍ୱାମୀ ପ୍ରମୁଖ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କର୍ଣ୍ଣେଲ ମାନସ ରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ କର୍ଣ୍ଣେଲ ଦେବଦତ୍ତ ସ୍ୱାଇଁ, କର୍ଣ୍ଣେଲ ପି.ଏସ୍. ଶେଖାୱତ, କର୍ଣ୍ଣେଲ ଇ.ପି. ଇଲିଆସ୍, ଲେଫ୍ଟନାଣ୍ଟ କର୍ଣ୍ଣେଲ ରିଶି ୱାହି ପ୍ରମୁଖ ଯୋଗଦେଇଥିଲେ। ଭାରତୀୟ ଯବାନଙ୍କ ବୀରତ୍ୱ ଓ ବଳିଦାନ ଯୋଗୁ ଦେଶ ଆଜି ଶତ୍ରୁ କବଳରୁ ସୁରକ୍ଷିତ। ବିଭିନ୍ନ ପଡ଼ୋଶୀ ରାଷ୍ଟ୍ର ସହ ସୀମା ବିବାଦ ସତ୍ତ୍ୱେ ଭାରତୀୟ ସେନା ଅତ୍ୟନ୍ତ ନିଷ୍ଠା ଓ ଶୃଙ୍ଖଳିତ ଭାବେ ଦାୟିତ୍ୱ ତୁଲାଉଛି ବୋଲି ଅତିଥିମାନେ କହିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତ ବିଜୟ ଲାଭ କରିବା ସହ ବାଂଲାଦେଶ ଗଠନ ନେଇ ସ୍ମୃତି ଉଦ୍ଦେଶ୍ୟରେ ଡିସେମ୍ବର ୧୬କୁ ଭାରତ ବିଜୟ ଦିବସ ଭାବେ ପାଳନ କରିଆସୁଛି। ଚଳିତ ବର୍ଷ ୫୦ବର୍ଷ ପୂର୍ତ୍ତି ଅବସରରେ ପ୍ରତି ଭାରତୀୟଙ୍କ ମନରେ ଅସ୍ମିତା ଭରିଦେବା ନିମନ୍ତେ ଭାରତୀୟ ସେନା ପକ୍ଷରୁ ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ ସହ ସ୍ୱର୍ଣ୍ଣିମ ବିଜୟ ମଶାଲ ଯାତ୍ରା କରାଯାଉଛି। ପ୍ରାରମ୍ଭରେ ଅତିଥିମାନେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ବ୍ଲୁ ଫ୍ଲାଗ୍ ବିଚ୍‌ରେ ନିର୍ମିତ ବାଲୁକା କଳା ଦେଖିଥିଲେ। ପରେ ଦଶଭୂଜା ଗୋଟିପୁଅ ଏବଂ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଚାରା ରୋପଣ କରାଯାଇଥିଲା। ପରେ ଏହି ମଶାଲକୁ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ୱାଗତ କରାଯାଇଥିଲା। ୧୯୭୧ ଯୁଦ୍ଧର ଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡ. ସୁଜାତା ମିଶ୍ର, ଏନ୍‌ସିସି ଅଫିସର୍ ଲେଫ୍ଟନାଣ୍ଟ ସଞ୍ଜୟ କୁମାର ସୁନ୍ଦରାୟଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଭୁବନେଶ୍ୱର ବ୍ଲକ କଂଗ୍ରେସର ୧୦ ସଭାପତିଙ୍କ ଦାୟିତ୍ୱ ଗ୍ରହଣ

**ଭୁବନେଶ୍ୱର,୫।୧୧(ବ୍ୟୁରୋ):** ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ବିଶ୍ୱଜିତ ଦାଶଙ୍କ ପ୍ରସ୍ତାବକ୍ରମେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଗୁରୁବାର ଭୁବନେଶ୍ୱର ଅନ୍ତର୍ଗତ ୧୦ଟି ବ୍ଲକ ସଭାପତିଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ସେମାନେ ହେଲେ ବ୍ଲକ-୧ ପାଇଁ ମନୋରଞ୍ଜନ ଜେନା, ବ୍ଲକ ୨ ଅଶୋକ କୁମାର ଦାସ, ବ୍ଲକ ୩ ବ୍ରହ୍ମାନନ୍ଦ ସାହୁ, ବ୍ଲକ ୪ ଅନୱର ଖାନ, ବ୍ଲକ ୫ ଦେବରାଜ ମିଶ୍ର, ବ୍ଲକ ୬ ଶ୍ରୀଧର ବଳିଆରସିଂ, ବ୍ଲକ ୭ ମିହିର ରଞ୍ଜନ ଆଚାର୍ଯ୍ୟ, ବ୍ଲକ ୮ ମନୋରଞ୍ଜନ ବଟୁ, ବ୍ଲକ ୯ ସେକ୍ ଆଫତାବ ଅଲ୍ଲି ଓ ବ୍ଲକ ୧୦ ସଭାପତି ଭାବେ ଇନ୍ଦ୍ରଜିତ୍ ପରିଡ଼ା ଦାୟିତ୍ୱ ଗ୍ରହଣ କରିଛନ୍ତି।

### ବରମୁଣ୍ଡା ବସ୍ ଟର୍ମିନାଲ ଲାଗି ଉଚ୍ଛେଦ ଜାରି

**ଭୁବନେଶ୍ୱର,୫।୧୧(ବ୍ୟୁରୋ):** ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଖୁବଶୀଘ୍ର ଆନ୍ତଃରାଜ୍ୟ ବସ୍ ଟର୍ମିନାଲରେ ପରିଣତ ହେବାକୁ ଯାଉଛି। ଏଥିପାଇଁ ଜୋର୍‌ଦାର କାମ ଆଗେଇ ଚାଲିଛି। ସେହି ସ୍ଥାନରେ ବେଆଇନ ଭାବେ ଥିବା ପୁରୁଣା ଦୋକାନ ଓ ହୋଟେଲଗୁଡ଼ିକୁ ଉଚ୍ଛେଦ କରି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଜମି ହସ୍ତାନ୍ତର କରୁଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବରମୁଣ୍ଡା ବସଷ୍ଟାଣ୍ଡର ପ୍ରସ୍ଥାନ ପଥରେ ଥିବା କେତେକ ହୋଟେଲ ଓ ଦୋକାନଗୁଡ଼ିକୁ ବିଡିଏ ପକ୍ଷରୁ ଉଚ୍ଛେଦ କରଯାଇଥିଲା। ପ୍ରଥମ ଦିନରେ କେତେକ ଦୋକାନ ହଟିଥିବାବେଳେ ଶନିବାର ମଧ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ। କେତେକ ଘର ରାଜୀବ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ଥିବାରୁ ସେଗୁଡ଼ିକୁ ଭଙ୍ଗାଯାଇ ନ ଥଲା। ଶନିବାର ବାକି ହିତାଧିକାରୀଙ୍କୁ ସ୍ଥାନାନ୍ତରଣ କରିବା ପରେ ସେହି ଘରଗୁଡ଼ିକ ଭଙ୍ଗାଯିବ ବୋଲି ବିଡିଏ ଅଧିକାରୀ ସୂଚନା ଦେଇଛନ୍ତି। ବିଡିଏ ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ୯ଟି ଆଜବେଷ୍ଟସ ଘର, ୨୦୦ ମିଟର ଲମ୍ବର ପାଚେରି, ଗୋଟିଏ ହୋଟେଲ ଓ ୩ଟି କ୍ୟାବିନକୁ ଉଚ୍ଛେଦ କରାଯାଇଥିଲା। ଏହି ସମୟରେ ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର ଓ ବିଡିଏ ଲିଆସନିଂ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ।

# ଗିରିଗୋବର୍ଦ୍ଧନ ପୂଜା, ଅନ୍ନକୂଟ ମହୋତ୍ସବ

ବାରଙ୍ଗ,୫।୧୧(ଡି.ଏନ୍.ଏ.)

ମଧୁବନ ଗ୍ରାମର ପୁରୀ ମେନ୍‌କେନାଲ କୂଳରେ ଅବସ୍ଥିତ ଶ୍ରୀଶ୍ରୀସଚ୍ଚିଦାନନ୍ଦ ସାରସ୍ୱତ ଆଶ୍ରମରେ ଶୁକ୍ରବାର ଗିରିଗୋବର୍ଦ୍ଧନ ପୂଜା ଓ ଅନ୍ନକୂଟ ମହୋତ୍ସବ ପାଳିତ ହୋଇଛି। କଟକ ବଙ୍ଗାଳି ସାହି ନିତାଇଗୌରାଙ୍ଗ ମଠର ବୈଷ୍ଣବ ଚରଣଦାସ, କଟକ-ପୁରୀ ଘାଟ ରାସବିହାରୀ ମଠର ନୀଳାଚଳ ଦାସ ବାବାଜୀ, ଖଣ୍ଡଗିରିର ଶିବ ଚିଦାନନ୍ଦସ୍ୱାମୀ ଆଶ୍ରମର ପ୍ରତିଷ୍ଠାତା ବାବା ସୁବଳ ଦାସ, ଖବରଦାତା ଦେବେନ୍ଦ୍ର ବେହେରା ପ୍ରମୁଖଙ୍କ ସମେତ ଆଖପାଖ ଗ୍ରାମର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ପରେ ଗିରିରାଜଙ୍କ ପ୍ରତିମାକୁ ସୁସଜ୍ଜିତ ବିମାନରେ ନେଇ ଗ୍ରାମ ପରିକ୍ରମା କରାଯାଇଥିଲା।

# କେନାଲକୁ ପଶିଗଲା କାର୍

## ଚାଳକ ମୃତ, ଜଣେ ନିଖୋଜ

ବାଲିଅନ୍ତା,୫।୧୧(ଡି.ଏନ୍.ଏ.)

ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅଧୀନ ନଗରଗଡ଼ା ସମ୍ମୁଖ ପୁରୀ ମୁଖ୍ୟ କେନାଲରେ ଗୁରୁବାର ରାତିରେ ଏକ କାର୍ ଭାରସାମ୍ୟ ହରାଇ ପଶିଯାଇଛି। ଫଳରେ ଏଥିରେ ଥିବା ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ନିଖୋଜ ହୋଇଛନ୍ତି। ଚାଳକଙ୍କ ମୃତଦେହକୁ ପୋଲିସ ଶୁକ୍ରବାର ସ୍ଥାନୀୟ ଶ୍ରୀରାମପୁର ଗ୍ରାମ ନିକଟ କେନାଲରୁ ଜବତ କରିଛି। ସେ ହେଲେ ହଂସପାଳରେ ରହୁଥିବା ରାଜସ୍ଥାନର ସନ୍ଦୀପ କୁମାର। ସୂଚନା ଅନୁଯାୟୀ, ସନ୍ଦୀପ ଓ ତାଙ୍କ ସାଙ୍ଗ ମହେନ୍ଦ୍ର ସିଂ କାର୍ ଯୋଗେ ହଂସପାଳ ଶିବନଗର ଆଡ଼କୁ ଯାଉଥିଲେ। କିନ୍ତୁ ନଗରଗଡ଼ାରେ ଭାରସାମ୍ୟ ହରାଇ ନିକଟସ୍ଥ କେନାଲକୁ ପଶିଯାଇଥିଲେ। ସ୍ଥାନୀୟ ଲୋକ ଦେଖି ପୋଲିସକୁ ଜଣାଇଥିଲେ।

# ଗୁହାଳ ଜଳିଗଲା

ବାଲିପାଟଣା,୫।୧୧(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ଅନ୍ତର୍ଗତ କିଆଜୋରୀ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗାଈ ଗୁରୁତର ହୋଇଥିବାବେଳେ ବାଛୁରି ଆହତ ହୋଇଛି। ସୂଚନା ମୁତାବକ, ସତେନ ପ୍ରଧାନ ଗୁହାଳେ ଧୂଆଁ ଦେଇ ବାହାରକୁ ଯାଇଥିଲେ। ହଠାତ ଗୁହାଳରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ବାସିନ୍ଦା ଗାଈ ଓ ବାଛୁରି ଫିଟେଇ ଦେଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସନିଆ


@ ଅବିନାଶ


@ ଆକାଶଦୀପ୍


@ ସନ୍ତୋଷ


@ ମନୋଜ


@ ଜ୍ଞାନ

# ପୁତୁରାକୁ ବଞ୍ଚାଇବାକୁ ଯାଇ ଦାଦାଙ୍କ ଜୀବନ ଗଲା

ବାରଙ୍ଗ,୫।୧୧(ଡି.ଏନ୍.ଏ.)

କୁଆଖାଇ ନଦୀରେ ଶୁକ୍ରବାର ବୁଡି ଯାଉଥିବା ପୁତୁରାକୁ ବଞ୍ଚାଇବାକୁ ଯାଇ ଦାଦାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ କୁସିନ୍ଦା ଗ୍ରାମର ପ୍ରଶାନ୍ତ ମୁଦୁଲି(୩୦)। ଏ ନେଇ ପୋଲିସ ଏକ ମାମଲା(ନଂ.୧୨/୨୧) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ପ୍ରଶାନ୍ତ ସକାଳ ୧୦ଟାବେଳେ ପୁତୁରା ସହ ଘରପାଖ କୁଆଖାଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ସୁବାସ ବୋଷ ସେତୁ ବ୍ରିଜ ତଳେ ଗାଧୋଉଥିବାବେଳେ ଅସାବଧାନତାବଶତଃ ପୁତୁରାର ଗୋଡ଼ ଖସିଯାଇଥିଲା। ଏହାଦେଖି ଦାଦା ପ୍ରଶାନ୍ତ ପୁତୁରାକୁ ବଞ୍ଚାଇବାକୁ ନଦୀ ମଧ୍ୟକୁ ପଶିଥିଲେ। ପୁତୁରା ସିନା ବଞ୍ଚିଗଲା, ହେଲେ ନିଜେ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ପରିବାର ଲୋକ ଓ ଦମକଳ ବାହିନୀଙ୍କୁ ଜଣାଇଥିଲେ। ଦମକଳ ଆସିବା ମଧ୍ୟରେ ସ୍ଥାନୀୟ ଯୁବକମାନେ ନଦୀକୁ ଯାଇ ପ୍ରଶାନ୍ତଙ୍କୁ ଖୋଜାଖୋଜି କରିଥିଲେ। ଦମକଳ ଓ ବାରଙ୍ଗ ଥାନା ପୋଲିସ ପହଞ୍ଚିବାବେଳେ ଯୁବକମାନେ ପ୍ରଶାନ୍ତଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗ୍ରାମରେ ପ୍ରଶାନ୍ତଙ୍କ ଅକାଳ ବିୟୋଗକୁ ନେଇ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।



ପୁରୀ ଉତ୍କଳ ବାଳାଶ୍ରମର ଅନ୍ତେବାସୀମାନେ ଆଶ୍ରମ ଆଗରେ ଝୋଟି ପକାଇବା ସହ ଦୀପ ଜାଳି ଦୀପାବଳି ପାଳନ କରୁଛନ୍ତି।


ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ ପରିସରରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଉଛି।


ପୋଖରୀ ନିଲାମ ଅନିୟମିତତା ପ୍ରତିବାଦରେ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳାମାନେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ସୀମାନ୍ତରୁ ୮ ମାଓବାଦୀ ଗିରଫ

**ମାଲକାନଗିରି,୫।୧୧ (ଡି.ଏନ.ଏ.):** ଜଙ୍ଗଲରେ ସର୍ଚ୍ଚ ଅପରେଶନ ଚାଲିଥିବା ସମୟରେ ମାଲକାନଗିରି ଜିଲା ସୁକ୍ମା ପୋଲିସ ହାତରେ ୮ ଜଣ ମାଓବାଦୀ ଶୁକ୍ରବାର ଧରାପଡିଛନ୍ତି। ଜିଲାର ଚିନ୍ତଲନାର ଥାନା ଅନ୍ତର୍ଗତ ମୋରାପାଲ୍ଲି, ତିମ୍ମାପୁରମ ଓ ଜଗ୍ଗାଗଟା ଜଙ୍ଗଲରେ ଡିଆରଜି ଓ ୨୦୧ କୋବ୍ରା ବାଟାଲିୟନ ଯବାନମାନେ ମିଳିତ ଭାବେ କୋମ୍ବିଂ ଅପରେଶନ କରୁଥିଲେ। ଏହି ସାମୟରେ ଗୋଇନ୍ଦା ସୂଚନା ଅନୁସାରେ ୮ ଜଣ ମାଓବାଦୀ ଧରାପଡିଥିଲେ। ଏମାନେ ମଓବାଦୀ ସଙ୍ଗଠନରେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିଲେ। ଯବାନଙ୍କ ଉପରେ ଆକ୍ରମଣ, ଉନ୍ନୟନମୂଳକ କାମକୁ ବିରୋଧ କରି ଗାଡିମୋଟର ପୋଡିବା, ରାସ୍ତା କାଟିବା, ସାଧାରଣ ଲୋକଙ୍କୁ ପୋଲିସ ଇନଫର୍ମର ସନ୍ଦେହରେ ହତ୍ୟା କରିବା ଆଦି ଘଟଣାରେ ସମ୍ପୃକ୍ତ ଥିଲେ। ଗିରଫ ପରେ ଶୁକ୍ରବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ସୁକୁମା ଏସପି କହିଛନ୍ତି।

### ବେଆଇନ ବାଣ ବିକ୍ରି କରି ୮ ଗିରଫ

**ଧର୍ମଶାଳା,୫।୧୧(ଡି.ଏନ.ଏ.):** ଜେନାପୁର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ବାଣ ବିକୁଥିବା ୮ଜଣ ବେପାରୀଙ୍କୁ ଗିରଫ କରିବା ସହ ବିପୁଳ ବାଣ ଜବତ କରିଛି। କରୋନା କଟକଣା ଯୋଗୁ ସରକାର ବାଣ ବିକ୍ରି ଉପରେ କଟକଣା ଜାରି କରିଥିଲେ। ମାତ୍ର ଉକ୍ତ ନିୟମ ଉଲ୍ଲଙ୍ଘନ କରି ସମ୍ପୃକ୍ତ ବ୍ୟବସାୟୀମାନେ ବାଣ ବିକ୍ରି କରୁଥିଲେ। ଗିରଫ ପରେ ସେମାନଙ୍କୁ ଶୁକ୍ରବାର ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଥିବା ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସୂଚନା ଦେଇଛନ୍ତି।

# ହତ୍ୟା ଅଭିଯୋଗ ପରେ ପୋଲିସର ଛାନ୍‌ଭିନ୍

**କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା**

**୨ ଶିକ୍ଷକଙ୍କୁ ପଚରାଉଚରା**

ଚଣ୍ଡିଖୋଲ,୫।୧୧(ଡି.ଏନ.ଏ.)

ବଡ଼ଚଣା ଥାନା ଅଧୀନ ସୁଙ୍ଗୁଡ଼ାଠାରେ ଥିବା ଏକ ଘରୋଇ କଲେଜ ଛାତ୍ରୀନିବାସରେ ଗତ ୩ ତାରିଖରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିଲେ। ସେ ହେଲେ କାଳିଆପାଣି ଥାନା ଅନ୍ତର୍ଗତ କରଡ଼ି ଗ୍ରାମର ରବୀନ୍ଦ୍ର ଦାସଙ୍କ ଝିଅ ସ୍ମୃତିଶ୍ରୀ ଦାସ(୧୮)। ତେବେ ଏହା ଆତ୍ମହତ୍ୟା ନୁହେଁ, ଏହା ଏକ ହତ୍ୟାକାଣ୍ଡ ବୋଲି ଛାତ୍ରୀଙ୍କ ମା'ବାପା ଅଭିଯୋଗ କରିବା ପରେ ପୋଲିସ ନଂ.୪୧୯/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଥାଉକି, ସ୍ମୃତିଶ୍ରୀ ଉକ୍ତ କଲେଜରେ ଯୁକ୍ତ୨ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ। ଘଟଣା ଦିନ କଲେଜ ପରିସରରେ ଥିବା ଛାତ୍ରୀ ନିବାସରେ ପଙ୍ଖାରେ ଏକ ଓଢଣି ଓ ଗାମୁଛା ଲଗାଇ ସେ ଆତ୍ମହତ୍ୟା କରିଥିବା ନେଇ କଲେଜ କର୍ତ୍ତୃପକ୍ଷ କହୁଥିବାବେଳେ ଛାତ୍ରୀଙ୍କ ବାପା ରବୀନ୍ଦ୍ର ଦାସ ଓ ମାତା ସୌଦାମିନୀ ଦାସ ଝିଅକୁ କଲେଜ କର୍ତ୍ତୃପକ୍ଷ ମାରି ଟଙ୍ଗାଇ ଦେଇଥିବା ଗଣମାଧ୍ୟମ ଆଗରେ କହିଛନ୍ତି। ଏହା ସହ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସ୍ମୃତିଶ୍ରୀ ଗତ ମାସ ୨୪ରେ ଘରୁ କଲେଜକୁ ଆସିଥିଲେ। ସେଠାରେ ସେ ଏକ କୋଠରିରେ ୫ଜଣ ଛାତ୍ରୀଙ୍କ ସହ ରହୁଥିଲେ। ତେବେ ଝିଅର ଦିନ ୨ଟା ବେଳେ ମୃତ୍ୟୁ ହୋଇଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷ ଅପରାହ୍ନ ୫ଟାରେ ତାଙ୍କ ମା'ବାପାଙ୍କୁ ଫୋନ କରି ଜଣାଇଥିଲେ। ସେମାନେ ଆସି ଦେଖିବାବେଳକୁ ଛାତ୍ରୀ ଏକ ଖଟ ଉପରେ ମୃତ ଅବସ୍ଥାରେ ପଡ଼ିଥିଲେ। ତାଙ୍କ ବେକରେ ଗାମୁଛା କିମ୍ବା ଓଢ଼ଣି ଲାଗି ନ ଥିଲା। ତେଣୁ କଲେଜ କର୍ତ୍ତୃପକ୍ଷ ତାଙ୍କୁ ହତ୍ୟା କରି ମାରିଦେଇଥିବା ପ୍ରକାଶ କରିଛନ୍ତି। ପୂର୍ବରୁ କଲେଜର ଦୁଇ ଜଣ ଶିକ୍ଷକଙ୍କ ସହିତ ଝିଅର ପାଟିତୁଣ୍ଡ ହୋଇଥିଲା। ଏହି ଘଟଣାକୁ ନେଇ ତାଙ୍କର କିଛି ସହପାଠୀ ତାଙ୍କୁ ଖରାପ ଇଙ୍ଗିତ କରିଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ସହିତ ଛାତ୍ରୀଙ୍କ ଏକ ସୁଇସାଇଡ୍ ନୋଟ୍‌କୁ ପୋଲିସ ଜବତ କରିଛି। ଯେଉଁଥିରେ ବିଭିନ୍ନ ସମୟରେ ତାଙ୍କୁ କେତେଜଣ ବ୍ୟକ୍ତି ହଇରାଣ କରୁଥିବା ସେ ସୂଚନା ଦେବା ସହ ସେଥିପାଇଁ ଆତ୍ମହତ୍ୟା କରୁଥିବା ଉଲ୍ଲେଖ କରିଛନ୍ତି। ଯାହାକୁ ନେଇ ପୋଲିସ କଲେଜର ଦୁଇ ଜଣ ଶିକ୍ଷକଙ୍କୁ ଡାକି ପଚରାଉଚରା କରୁଛି। ତେବେ ଘଟଣାଦିନ ସ୍ମୃତିଶ୍ରୀଙ୍କ ମୃତ୍ୟୁ ପରେ ତାଙ୍କ ସହ ଗୋଟିଏ କୋଠରିରେ ରହୁଥିବା ସହପାଠୀ ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କୁ କଲେଜ କର୍ତ୍ତୃପକ୍ଷ ୫ଟା ପୂର୍ବରୁ ବିଦା କରିଦେଇଛନ୍ତି। ଯାହାକୁ ନେଇ ସନ୍ଦେହ ଅଧିକ ଘନୀଭୂତ ହୋଇଛି। ଗୁରୁବାର ଯାଜପୁରର ଅତିରିକ୍ତ ଏସ୍‌ପି, ଯାଜପୁର ଏସ୍‌ଡିପିଓ ପ୍ରମୁଖ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ସ୍ମୃତିଶ୍ରୀଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି। ପୋଲିସ ଖୁବ୍‌ଶୀଘ୍ର ସନ୍ଦେହ ଦୂର କରିବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ ଥାନାଧିକାରୀ ପ୍ରିୟବ୍ରତ ରାଉତଙ୍କୁ ପଚାରିବାରେ ସେ କୁହନ୍ତି, ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛୁ। ରିପୋର୍ଟ ଆସିଲା ପରେ ଏହା ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ। ତେବେ ବିଭିନ୍ନ ଦିଗକୁ ନେଇ ପଚରା ଉଚରା ଚାଲିଛି। ଯେଉଁମାନଙ୍କ ନାମରେ ଅଭିଯୋଗ ଆସିଛି ସେମାନେ ତଦନ୍ତ ପରିସରଭୁକ୍ତ ହେବେ।

# ଏଥର ବିନ୍ଦୁସାଗରରେ ହେବନି ବୋଇତ ବନ୍ଦାଣ

ପୁରୁଣା ଭୁବନେଶ୍ୱର,୫।୧୧(ଡି.ଏନ୍.ଏ.)



ଓଡ଼ିଶାର ଗୌରବମୟ ନୌ-ବାଣିଜ୍ୟ ଇତିହାସକୁ ଉଜ୍ଜୀବିତ କରି ରଖିବା ପାଇଁ ପ୍ରତିବର୍ଷ ଏକାମ୍ର ସାଂସ୍କୃତିକ ପରିଷଦ ପକ୍ଷରୁ ବିନ୍ଦୁ ସାଗରରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ଏକାମ୍ର ସାଂସ୍କୃତିକ ସମ୍ମାନରେ ସମ୍ମାନିତ କରାଯାଏ। କୋଭିଡ୍ କଟକଣା ଯୋଗୁ ଚଳିତ ବର୍ଷ ଏଠାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ହେବ ନାହିଁ ବୋଲି ପରିଷଦ ସଭାପତି ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ସେହିପରି ଦୟା ନଦୀ ଘାଟରେ ହେବାକୁ ଥିବା ବୋଇତ ବନ୍ଦାଣ ଉତ୍ସବ ମଧ୍ୟ ହେବ ନାହିଁ। କୋଭିଡ୍ କଟକଣାକୁ ସ୍ୱାଗତ ଜଣାଇ ଆୟୋଜକ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ କହିଛନ୍ତି। ଉକ୍ତ ଦିନ ପୋଷ୍ଟର ଲଗାଯାଇ ନଦୀ ପ୍ରଦୂଷଣ ରୋକିବା ଏବଂ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ପାଇକରାୟ କହିଛନ୍ତି।

# କମେଣ୍ଟ ମରାକୁ ନେଇ ୩ ଗାଁରେ ଉତ୍ତେଜନା

**ଅଭିଭାବକମାନେ ଯୁବକଙ୍କୁ ଅଟକ ରଖିଲେ**

ନୟାଗଡ଼ ଅଫିସ,୫।୧୧

କମେଣ୍ଟ ମରାକୁ ନେଇ ନୟାଗଡ଼ ଜିଲା ରଣପୁର ଥାନାର ରଙ୍କଦେଉଳି, ଶରଣକୁଳ ଥାନାର ପଞ୍ଚରିଡା ଓ ବଧିସାହିରେ ଶୁକ୍ରବାର ରାତିରେ ଉତ୍ତେଜନା ଦେଖାଦେଇଛି। ତେବେ ଖଳିପାଟଣା ଓ ବାଦଭୁଇଁ ରାସ୍ତାରେ କମେଣ୍ଟ କରୁଥିବା ବେଳେ ଡମସାହିର ସନ୍ତୋଷ ମହାରଣା(୩୮)ଙ୍କୁ କେତେଜଣ ଅଭିଭାବକ କାବୁ କରି ନେଇଛନ୍ତି।

ପ୍ରାପ୍ତ ସୂଚନା ଅନୁସାରେ, ଖଳିପାଟଣା, ବାଦଭୁଇଁ ଓ ରଙ୍କଦେଉଳି ଅଞ୍ଚଳର ଛାତ୍ରୀମାନେ ଡମସାହିକୁ ଟିଉସନ ହେବାକୁ ଆସନ୍ତି। ପ୍ରାୟ ୧୫ ଦିନ ହେବ ଡମସାହିର ସନ୍ତୋଷ ଛାତ୍ରୀମାନଙ୍କୁ କମେଣ୍ଟ ମାରୁଥିଲେ। କମେଣ୍ଟ ମାରିବା ବେଳେ ଛାତ୍ରୀମାନଙ୍କୁ ଅଶ୍ଳୀଳ ଇଙ୍ଗିତ ଦେଖାଇବା ସହ ରାସ୍ତାରେ ଠିଆ ହୋଇପଡନ୍ତି। ଛାତ୍ରୀମାନେ ଏ ସମ୍ପର୍କରେ ଘରେ ଜଣାଇଥିଲେ। ଛାତ୍ରୀଙ୍କ ବାରମ୍ବାର ଅଭିଯୋଗ ପରେ କେତେଜଣ ଅଭିଭାବକ ମିଳିତ ହୋଇ ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଯୁବକ କମେଣ୍ଟ ମାରିବା ପରେ ଅଭିଭାବକମାନେ କାବୁ କରି ନେଇଥିଲେ। ଏ ନେଇ ଖଳିପାଟଣା ଓ ବାଦଭୁଇଁ ଅଞ୍ଚଳରେ ସଭା ବସି ବିଚାର ଚାଲିଛି। ଅନ୍ୟପକ୍ଷେ ଶରଣକୁଳ ଥାନାର ଛାତ୍ରୀଙ୍କୁ କମେଣ୍ଟ ମାରିବାକୁ ନେଇ ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜାଲ୍ ସାର୍ଟିଫିକେଟରେ ଚାକିରି, ଶିକ୍ଷକ ଗିରଫ

ଆସିକା,୫।୧୧(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଜାଲ୍ ସାର୍ଟିଫିକେଟ ଦେଇ ଶିକ୍ଷକତା କରୁଥିବା ଜଣେ ଶିକ୍ଷକଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଆସିକା ବ୍ଲକ ଅନ୍ତର୍ଗତ ପାଣିଆପଥର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବାୟାମନ ପଣ୍ଡା। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ପଣ୍ଡା ଚାକିରି ପୂର୍ବରୁ ଏମ୍‌ଏ, ବିଇଡି ଯୋଗ୍ୟତା ହାସଲ କରିଥିବା ନେଇ ସାର୍ଟିଫିକେଟ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। ବିଇଡି ସାର୍ଟିଫିକେଟ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏକ କେନ୍ଦ୍ରରୁ ହାସଲ କରିଥିବା ଦର୍ଶାଇଥିଲେ। ଏ ସମ୍ପର୍କରେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ସହ ଯୋଗାଯୋଗ କରାଯିବାରେ ଏପରି କୌଣସି ସୂଚନା ବିଶ୍ୱବିଦ୍ୟାଳୟରେ ନ ଥିବା ଦର୍ଶାଯାଇଥିଲା। ତେଣୁ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କାଙ୍କ ପକ୍ଷରୁ ଆସିକା ଥାନାରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ନଂ. ୭୨୦/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଆସିକା ବ୍ଲକରେ ଏବେ ସୁଦ୍ଧା ୮ଜଣ ଶିକ୍ଷକ ଏଭଳି ଜାଲ ସାର୍ଟିଫିକେଟ ଦାଖଲ କରି ଗିରଫ ହୋଇସାରିଲେଣି। ଆହୁରି ୧୦ରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କ ଦାଖଲ ସାର୍ଟିଫିକେଟକୁ ଯାଞ୍ଚ ଲାଗି ପଠାଯାଇଛି।


OFFICE OF THE
NOTIFIED AREA COUNCIL, BOUDHGARH
e-mail: boudhgarhnac@yahoo.co.in, Ph. No.: 06841-222024
Letter No. 4742 Dated: 05.11.2021

QUOTATION CALL NOTICE

No. C-1209: Sealed quotations are invited from the General Order Supplier/Authorised Dealer/Contractor having Registration Certificate from the Govt., PAN Card uptodate GST Registration Certificate for **(1) Providing Play and Outdoor Gym Equipments and (2) Providing Water Fountain at Mahanadi Bhiar Park of NAC, Boudhgarh**. The quotation paper will be availale in the Office of the undersigned, which can be downloaded from the website i.e. **(www.boudh.nic.in** and **www.boudhgarhnac.in)** on payment of Rs.6000/- (Rupees six thousand) only in any working day from Dt.08.11.21 at 10.00 A.M. to Dt.17.11.21 upto 3.00 P.M. in shape of Demand Draft/Bank Draft in the name of Executive Officer, NAC Boudhgarh payable at Boudh. The quotation should be reached at Office of the NAC Boudhgarh through Speed Post/ Regd. Post or in person on or before Dt.17.11.21 by 3.30 P.M. and same will be opened on same day at Dt.17.11.21 by 3.30 P.M. in presence of quotationers or their authorized agent who may wish to attend. The quotationer quote their rate including annual maintenance cost of all the equipment for three year. Any other details can be had from the DTCN.

The authority reserves the right to accept or reject any or all quotation without assigning any reason thererof.

Sd./- Executive Officer
Boudhgarh N.A.C.
OIPR-13155/11/0013/2122


# ଘର ନାହିଁ: ବିଦ୍ୟାଳୟରେ ରହୁଛନ୍ତି



ପକ୍ଷାଘାତରେ ପୀଡ଼ିତା ପ୍ରମିଳା।



ବିଦ୍ୟାଳୟ ବାରଣ୍ଡାରେ ରୋଷେଇ ଚାଲିଛି।

ଡେରାବିଶ, ୫।୧୧(ସ୍ୱ.ପ୍ର.)

କଚ୍ଚାଘର ଥିବା ପରିବାରକୁ ବାସଗୃହ ଯୋଜନାରେ ସାମିଲ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ ଯୋଜନା କରିଛନ୍ତି। ଅର୍ଥାଭାବରୁ ନିଜର ଘର ଖଣ୍ଡିଏ କରି ନ ପାରି ପରିବାରକୁ ଧରି ବିଦ୍ୟାଳୟ ଗୃହରେ ମୁଣ୍ଡ ଗୁଞ୍ଜିଛନ୍ତି ପରିବାରର ୪ ସଦସ୍ୟ। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଭାଗବତପୁର ପଞ୍ଚାୟତ ମେଳକସାହି ଗାଁରେ। ଗାଁର ପଦ୍ମ ଚରଣ ରାଉତ ନିଜର ଘର ଖଣ୍ଡିଏ ନ ଥିବାରୁ ସ୍ତ୍ରୀ ଓ ଦୁଇ ଝିଅଙ୍କୁ ଧରି ମେଳକସାହି ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ହେବ ଆଶ୍ରୟ ନେଇଛନ୍ତି। ନିଜେ ଅସୁସ୍ଥ ଥିବାରୁ ପଦ୍ମଚରଣ କୌଣସି କାର୍ଯ୍ୟ କରିବାକୁ ସକ୍ଷମ ନୁହନ୍ତି। ପେଟକୁ ମୁଠାଏ ଦାନା ଓ ମୁଣ୍ଡ ଗୁଞ୍ଜିବାକୁ ବାସସ୍ଥାନ ଚିନ୍ତାରେ ଥିବା ପଦ୍ମଚରଣଙ୍କର ଦୁଃଖ ଏତିକିରେ ସରିନାହିଁ। ସ୍ତ୍ରୀ ପ୍ରମିଳା (୬୨) ଏହି ସମୟ ମଧ୍ୟରେ ଅର୍ଥାଭାବ ଚିନ୍ତାରେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇପଡ଼ିଛନ୍ତି। ପ୍ରମିଳାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ପଦ୍ମଚରଣଙ୍କ ପାଖରେ ଅର୍ଥ ନାହିଁ। ବହୁ କଷ୍ଟରେ ୩ ଝିଅଙ୍କୁ ବିବାହ ଦେଇଛନ୍ତି। ସାନ ଦୁଇ ଝିଅ ପ୍ରଣତି, ପ୍ରଗତି, ପଦ୍ମଚରଣ ଓ ପ୍ରମିଳାଙ୍କ ସାହାରା ପାଲଟିଛନ୍ତି। ବିଦ୍ୟାଳୟ ବାରଣ୍ଡାରେ ରୋଷେଇ ସହ ଏକ ଗୃହରେ ଆଶ୍ରୟ ନେଇଛନ୍ତି। ମା'ଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି ବୋଲି ଝିଅ ପ୍ରଣତି କହିଛନ୍ତି। ଗୋଟିଏ ସ୍ଥାନରେ କେବଳ ଏକ ଚେୟାର ଉପରେ ପ୍ରମିଳା ବସି ରହୁଛନ୍ତି। ସ୍ଥାନୀୟ ସରପଞ୍ଚ ଧରଣୀଧର ଦାସ ନିଜେ ବିଦ୍ୟାଳୟକୁ ଆସି ପଦ୍ମଚରଣଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଧରଣୀଧରଙ୍କ ସୂଚନା ଅନୁଯାୟୀ, ତହସିଲ କାର୍ଯ୍ୟାଳୟରୁ ଏହି ପରିବାରଙ୍କୁ ପଲିଥିନ୍ ଯୋଗାଇ ଦିଆଯିବା ସହ ବ୍ଲକ ପ୍ରଶାସନ ପକ୍ଷରୁ ପଦ୍ମଚରଣଙ୍କୁ ତୁରନ୍ତ ବାସଗୃହ ଯୋଜନାରେ ସାମିଲ କରିବାକୁ ବିଡିଓଙ୍କୁ ଅନୁରୋଧ କରାଯାଇଛି। ତେବେ ବିଡିଓ ଅଶ୍ୱିନୀ କୁମାର ଦାସ କୁହନ୍ତି, ବାସଗୃହ ଯୋଜନାରେ ଥିବା ଯୋଗ୍ୟ ତାଲିକାରେ ପଦ୍ମଚରଣଙ୍କ ନାମ ଅନ୍ତର୍ଭୁକ୍ତ କରାଯାଇଛି। ଏଥିସହ ସେ ନିଜେ ଘଟଣାସ୍ଥଳକୁ ଯାଇ ପଦ୍ମଚରଣ ଓ ତାଙ୍କ ପରିବାରର ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଭାଙ୍ଗି ଯାଇଥିବା ଘରକୁ ମରାମତି କରିବାକୁ ପଦ୍ମଚରଣଙ୍କୁ ସହାୟତା କରିଥିବା ବିଡିଓ ଦାସ ସୂଚନା ଦେଇଛନ୍ତି। ତେବେ ଆବାସ ଖଣ୍ଡେ କେବେ ମିଳିବ, ତାହା ତଳେ ପରିବାର ସହ ମୁଣ୍ଡ ଗୁଞ୍ଜିବେ ସେହି ଚିନ୍ତାରେ ପଦ୍ମଚରଣ ରହିଛନ୍ତି।


OFFICE OF THE
MUNICIPAL COUNCIL, BHAWANIPATNA
Letter No. 3738/BPM Dated: 02.11.2021

NOTICE INVITING EXPRESSION OF INTEREST (EOI)

No. C-1204: Expression of Interest (EOI) is invited from registered architects for field survey, suitable feasibility test, soil bearing capacity, study of required data as per OPWD related guidelines governing stipulation for preapration of Detail Project Report (DPR) including plan, site map, deail drawing, structural desing working drawing and estiamte for the following works to be executed in Bhawanipatna Municipality in the District of Kalahandi, Odisha. In case of proprietorship firm, the proprietor and all the partner must have valid registration. The quotation shall be submitted on or before date 16.11.2021 upto 5 P.M. through Registered Post/Speed Post only. The intending architect may consult the Municipal Engineer, Bhawanipatna Municipality for inspection of the site. The bidders will be intimated by the undersigned for power presentation of the project indicating the plan, front elevation, efficient space utilization, arrangement of elements and landscaping before the committee. The comittee will evaluate the presentation and award marks. The bidders who secure 60% or more marks only their financial bid will be opened on a date will be intimated by the undersigned. The Lowest (L1) rate quoted by the bidder will be approved for award the work. The bid can be downloaded from the district website i.e. **www.kalahandi.nic.in**.

The authority reserves the right to accept or reject any or all tender without assigning any reason thereof.

| Sl. No. | Name of the Project | Approx. Plinth Area/Area | Location |
|---|---|---|---|
| 01 | Construction of Market Complex with parking facility at Laxmi Market at Gandhi Chowk | 5627 Sq. Mtr. | Gandhi Chowk, Ward No. 8 |
| 02 | Renovation of Daily Market | 4293 Sq. Mtr. | Near Gandhi Park, Ward No. 20 |
| 03 | Development and Beautification of Water Bodies (Pond) | 4.5 Acrs | At: Purnapada, Ward No. 15 |

Sd./- Executive Officer
Bhawanipatna Municipality
OIPR-13100/11/0010/2122



Dept. of Fisheries and Animal Resources Development, Govt. of Odisha
OFFICE OF THE JOINT DIRECTOR, FROZEN SEMEN BANK, KHAPURIA, CUTTACK- 753 010, ODISHA
An ISO 9001:2015 Certified Unit
E-Mail- jdfsbctc@gmail.com, Tel.No.-0671-2344532
No.2072/FSB Date: 03.11.2021

NOTICE INVITING TENDER

No.M-44:- Sealed tenders are invited from reputed Firms/ Suppliers registered under GST in two part bid for supply of Liquid Nitrogen (LN2) at seven different locations in Odisha for the year 2021-22. A complete set of tender papers containing the details of item with specifications, terms and conditions will be available at office of the Joint Director, Frozen Semen Bank, Khapuria, Cuttack from 05.11.2021 to 25.11.2021 upto 12 O'Clock on working days within office hours on payment of non-refundable fees of Rs.11800/- (Rupees Eleven thousands eight hundred only) by Cash / Demand Draft, which includes cost of tender paper at Rs.10000/- + GST @ 18% i.e. Rs.1800/-. The sealed tender will be received from 05.11.2021 to 25.11.2021 upto 01.00 P.M. The tender papeprs can also be download from website http://odishaahvs.nic.in/ www.cuttack.nic.in/www.olrds.com and submitted along with the above cost in shape of Bank Draft drawn in favour of **"The Joint Director, Frozen Semen Bank, Khapuria, Cuttack" payable at SBI Kalyaninagar Branch, Cuttack.** Tender papers downloaded and submitted without the cost of the tender paper shall be liable for rejection. The tender (Technical bid) will be opened on 25.11.2021 at 03.00 P.M. & Financial bid will be opened on 29.11.2021 at 11.00 A.M. in the Chamber of the Joint Director, Frozen Semen Bank, Cuttack.

Sd./- Joint Director, Frozen Semen Bank, Cuttack
OIPR-06080/11/0001/2122


# ଏଥର ବି ଫିକା ପଡ଼ିଲା

ଭଦ୍ରକ ଅଫିସ/ବାସୁଦେବପୁର/ଭଣ୍ଡାରିପୋଖରୀ,୫।୧୧(ଡି.ଏନ.ଏ.)

ଭଦ୍ରକର ପ୍ରସିଦ୍ଧ କାଳୀପୂଜା ଚଳିତବର୍ଷ ମଧ୍ୟ କରୋନା କଟକଣା ଯୋଗୁ ଫିକା ପଡ଼ିଛି।



ଭଦ୍ରକ ଜିଲା ଭଣ୍ଡାରିପୋଖରୀ ମଞ୍ଜୁରୀରୋଡ଼ ବଜାରରେ ପୂଜା ପାଉଥିବା ମା' ଶ୍ୟାମାକାଳୀ।

୧୩ଟି ମଣ୍ଡପରେ ପୂଜା ପାଉଛନ୍ତି ମା' କାଳୀ। କଟକଣା ଯୋଗୁ ଚାରିପଟୁ ମଣ୍ଡପ ଆବଦ୍ଧ ହୋଇଛି। କେବଳ ୭ଜଣ ଆୟୋଜକଙ୍କୁ ନେଇ ପୂଜାର୍ଚ୍ଚନା ଚାଲିଛି। ମୁଖ୍ୟତଃ ଯାତ୍ରା, ମୀନାବଜାର ଯୋଗୁ ଜନଗହଳି ହେଉଥିବା ଚରମ୍ପା ଅଞ୍ଚଳ ଏବେ ଖାଁ ଖାଁ। ୯ ଦିନ ଧରି ଅନୁଷ୍ଠିତ ହେଉଥିବା କାଳୀପୂଜା ଏଥର ମାତ୍ର ଦୁଇଦିନ ପୂଜାର୍ଚ୍ଚନା ପରେ ଶନିବାର ମା'ଙ୍କୁ ସୀମିତ ଆୟୋଜକଙ୍କୁ ନେଇ ବାଦ୍ୟଯନ୍ତ୍ରରେ ନିର୍ଦ୍ଦିଷ୍ଟ ପୋଖରୀରେ ମେଲାଣି ଦିଆଯିବ।

ସେହିଭଳି ବାସୁଦେବପୁରରେ ୪ ମଣ୍ଡପରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇଛି। ବାସୁଦେବପୁରର ସର୍ବପୁରାତନ କାଳୀ ମଣ୍ଡପରେ ଆମ କାଳୀ କମିଟି ପକ୍ଷରୁ ମା'ଙ୍କ ମୂର୍ତ୍ତିକୁ ଆକର୍ଷଣୀୟ ଭାବେ ଅଳଙ୍କାରରେ ସୁସଜ୍ଜିତ କରାଯାଇଛି। ବ୍ଲକରୋଡ଼, ହାଇସ୍କୁଲ ଛକ ଓ ତାରିଣୀ ଛକ କାଳୀ ମଣ୍ଡପରେ ମଧ୍ୟ ମା'ଙ୍କ ମୂର୍ତ୍ତି ସହ ପାର୍ଶ୍ୱମୂର୍ତ୍ତି ପୂଜାର୍ଚ୍ଚନା କରାଯାଇଛି। କଟକଣା ଯୋଗୁ ଆଲୋକସଜ୍ଜା ଓ ତୋରଣ ନିର୍ମାଣ ଉପରେ ପୂଜା କମିଟିଗୁଡ଼ିକ ଗୁରୁତ୍ୱ ଦେଇନାହାନ୍ତି।

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ କାଳୀପୂଜା ପାଳନ କରାଯାଉଛି। ଭଣ୍ଡାରିପୋଖରୀ ବଜାର ସମେତ ମଞ୍ଜୁରୀରୋଡ଼ ବଜାରଠାରେ ମା' ଶ୍ୟାମାକାଳୀଙ୍କୁ ପୂଜାର୍ଚ୍ଚନା କରାଯାଉଛି। ମଞ୍ଜୁରୀରୋଡ଼ଠାରେ ବିଦ୍ୟାଧର ରାଉତ ଘଟ ଉତ୍ତୋଳନ କରିଥିଲେ। ସେହିପରି ନାଆଁମିଠାରେ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଓ ମଞ୍ଜୁରୀ ସ୍ଥିତ ରକ୍ଷାକାଳୀ ମନ୍ଦିରରେ ମା'ଙ୍କୁ ଆରାଧନା କରାଯାଉଛି।


ROURKELA SMART CITY LIMITED, ROURKELA
Udit Nagar, Rourkela-769012, Email: rourkelascl@gmail.com
Bid ID:- RSCL/4228/2021 Date: 05.11.2021

NOTICE INVITING TENDER NATIONAL COMPETITIVE BIDDING

The Chief Executive Officer, RSCL invites bids from eligible contractors for the following project.

| Sl. No. | Name of the projects | Estimated cost of the project Rs. Cr. |
|---|---|---|
| 1 | Streetscaping of Road from Chhend Main Road and Chhend-BPUT Road on percentage rate basis | 6.42 |
| 2 | Streetscaping of Hockey Chowk to Labour Chowk, Panposh to Ambedkar Chowk and Hi-Tech Hospital Chowk to Shastri Chowk on percentage rate basis | 3.16 |
| 3 | Streetscaping of Mahatab Road, Koel Nagar Main Road and Madhusudan Road on percentage rate basis | 3.18 |
| 4 | Plumbing and electrical works for Basanti Food Court "Near Basanti Colony Flyover" in Rourkela on percentage rate basis | 0.27 |
| 5 | Development of Science Park Consisting of Civil work, Architectural Works and Electrical works along with Operation and Maintenance in Rourkela on percentage rate basis | 8.33 |

Tender Fees is Rs.11,200/- each. The copmlete BID documents can be viewed / downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 06.11.2021 to 23.11.2021 (upto 17.00 hrs. IST). Pre-bid meeting will be held on 15.11.2021 at 12.30 A.M. in the Conference Hall of RSCL. For queries, intending bidder may contact General Manager (E&T) vide Phone No. 8249833105 and Email Id: rourkelascl@gmail.com.

Sd./- Chief Executive Officer
Rourkela Smart City Limited



e-TENDER CALL NOTICE
Office of the Commissioner of Police
Bhubaneswar-Cuttack
No.D-183

| Sl. No. | Event | Tentative Schedule |
|---|---|---|
| 1 | PUBLICATION RFP ON THE MSTC WEBSITE FOR IMPLEMENTATION OF HOLISTIC DRUG DE-ADDICTION PILOT PROJECT "DREAMS" IN BHUBANESWAR UPD | |
| 2 | Publication of advertisement in Newspapers (if applicable) | By 06.11.2021 |
| 3 | Display of Tender documents in M/s. MSTC Website (www.mstcecommerce.com/eproc) | Dt.06.11.2021, Time: 5.00 PM |
| 4 | Last date & time to accept pre-bid queries through email mail to krushna.palei@odisha.gov.in and dephq2@nic.in | Dt.12.11.2021 |
| 5 | Pre-bid meeting | Date: 15.11.2021, Time 11.00 AM, Venue: Through Virtual Mode |
| 6 | Publication of Corrigendum to RFP (if any) on the Website of MSTC/Police Commisionerate, Bhubaneswar-Cuttack. | Date: 17.11.2021 |
| 7 | Bid Commencement date | Date: 19.11.2021 at 10.00 AM |
| 8 | Bid closing Date | Date: 08.12.2021, 5.00 PM |
| 9 | Opening of Techno Commercial Bids | Date: 09.12.2021, Time: 11.00 AM |
| 10 | Opening of Price Bid | To be informed to the Technically qualified Bidders |
| 11 | Earnest Money Deposit (EMD) | There shall be no provision for earnest money deposit. However, the bidder will have to execute the bid security declaration in lieu of bid security with stipulation that if they withdraw, re-modify their bills during the period of validity, they will be suspended for 2 years |

Any change to the above schedule shall be notified on the MSTC website (www.mstcecommerce.com/eproc and Commissionerate Police website (https://bhubaneswarcuttackpolice.gov.in/. Interested parties are advised to regularly check these websites. Therefore, interested bidders are requested to register on MSTC portal for detailed e-tender and participation.

Sd./- Dy. Commissioner of Police, Hdqrs., Bhubaneswar-Cuttack (Tender Calling Authority)
OIPR-12015/11/0024/2122

# ଗାଁରେ ପଶିଲା ଦନ୍ତା

**ଢେଙ୍କାନାଳ ଅଫିସ, ୫।୧୧:** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁର ଗ୍ରାମରେ ଶୁକ୍ରବାର ଏକ ଦନ୍ତାହାତୀ ଆତଙ୍କ ସୃଷ୍ଟି କରିଛି। ପଲରୁ ଅଲଗା ହୋଇଯିବା ପରେ ହାତୀଟି ଇତଃସ୍ତତଃ ହୋଇ ଦୌଡ଼ିଥିଲା। ହାତୀ ହାବୁଡ଼ରେ ପଡ଼ି ଜଣେ ଚାଷୀ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ପରଜଙ୍ଗ ଏବଂ ପରେ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବନ କର୍ମଚାରୀ ଦନ୍ତାକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍ଏ) ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ଅନ୍ୟ ଏକ ଦଳର ଦନ୍ତା ସହ ହାତୀଟିର ସଂଘର୍ଷ ହୋଇଛି। ଫଳରେ ହାତୀଟି ଅଧିକ ହିଂସ୍ର ହୋଇଯାଇଛି। ଶୁକ୍ରବାର ଉକ୍ତ ହାତୀ ଗୋଠଛଡ଼ା ହୋଇ ବାରିହାପୁର ଗ୍ରାମରେ ପଶିଯାଇଥିଲା। ବନ ବିଭାଗ ଏହା ଉପରେ କଡ଼ା ନଜର ରଖିଛି। ସନ୍ଧ୍ୟାରେ ହାତୀ ବସୋଇ ଅଞ୍ଚଳକୁ ପଳାଇଯାଇଥିବା ଡିଏଫ୍ଓ ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ମୁଖ୍ୟ କିରାଣି

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ବିଲ୍ କରାଇଦେବା ପାଇଁ ୩୫୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଆର୍ ଏଣ୍ଡ ବି ଭୁବନେଶ୍ୱର ଡିଭିଜନ୍-୪ର ମୁଖ୍ୟ କିରାଣି ପ୍ରଣୟ କୁମାର ପଟ୍ଟନାୟକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କଠାରୁ ଭିଜିଲାନ୍ସ ଲାଞ୍ଚ ଟଙ୍କା ଜବତ କରିଛି। ଭିଜିଲାନ୍ସ ଏନେଇ ଏକ ମାମଲା (ନଂ.୩୩/୨୧) ରୁଜୁ କରି ଅଭିଯୁକ୍ତ ପ୍ରଣୟଙ୍କୁ ଗିରଫ କରିବା ପରେ ଶୁକ୍ରବାର ସ୍ୱତନ୍ତ୍ର କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସର ସୂଚନା ଅନୁଯାୟୀ, ଏକ କାମର ବିଲ୍ ପାସ କରାଇଦେବା ପାଇଁ ଜଣେ କଣ୍ଟ୍ରାକ୍ଟରଙ୍କଠାରୁ ପ୍ରଣୟ ୩୫୦୦ ଟଙ୍କା ଦାବି କରିଥିଲେ। ଏନେଇ ସେ ଭୁବନେଶ୍ୱର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଶୁକ୍ରବାର ପ୍ରଣୟ ନିଜ କାର୍ଯ୍ୟାଳୟରେ ଉକ୍ତ ଲାଞ୍ଚ ନେଉଥିବାବେଳେ ପୂର୍ବ ଯୋଜନା ଅନୁଯାୟୀ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ।

# ଟ୍ରଲର ଜବତ, ୧୧ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୫।୧୧(ଡି.ଏନ.ଏ.)**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ଗୋଟିଏ ଟ୍ରଲର ଜବତ ସହ ୧୧ ମତ୍ସ୍ୟଜୀବୀଙ୍କୁ ବନବିଭାଗ ଗିରଫ କରିଛି। ଫରେଷ୍ଟର ବିଭୂତି ଭୂଷଣ ତରାଇଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ କଟକଣା ନ ମାନି ମାଛ ଧରୁଥିବା ଧାମରା ଅଞ୍ଚଳର ମା' ଶୁଭଲକ୍ଷ୍ମୀ ନାମକ ଟ୍ରଲରକୁ ଜବତ କରାଯାଇଛି। ଟ୍ରଲରରୁ ୪୬ କୁଇଣ୍ଟାଲ ମାଛ ଜବତ କରାଯାଇଛି। ଟ୍ରଲରରେ ଥିବା ୨ଟି ଜିପିଏସ, ଗୋଟିଏ ଫିଶ୍ ଫାଇଣ୍ଡର, ୩ଟି ଭିଏଚ୍ଏଫ୍, ୧୪ଟି ଟ୍ରଲିଂ ନେଟ ଜବତ ହୋଇଛି। ବନ ବିଭାଗ ପକ୍ଷରୁ ନଂ. ୩୩ଜି/୨୦୨୧–୨୨ରେ, ୧୯୭୨ ବନ୍ୟପ୍ରାଣୀ ପ୍ରୋଟେକ୍ସନ ଆକ୍ଟ ସେକ୍ସନ ୫୧ରେ ମାମଲା ରୁଜୁ କରାଯାଇଛି।

# ନିଜ ମାଟିରୁ ପୁରସ୍କାର ପାଇବା ଅଲଗା ଅନୁଭୂତି



ଘନଶ୍ୟାମ ମହାପାତ୍ର

**ବିଶିଷ୍ଟ ନିର୍ଦ୍ଦେଶକ ତଥା ପ୍ରଯୋଜକ ଘନଶ୍ୟାମ ମହାପାତ୍ର ୧୯୩୩ ଜାନୁୟାରୀ ୧ରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିଲେ। ପିଲାଟିବେଳୁ ତାଙ୍କର କଳାପ୍ରତି ଭିନ୍ନ ରୁଚି ରହିଥିଲା। ରେଭେନ୍ସା କଲେଜରେ ପାଠ ପଢ଼ିବାବେଳେ ସେ ନାଟକ ପ୍ରତି ଆକର୍ଷିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ନିଜେ ଡକ୍ୟୁମେଣ୍ଟାରି ଫିଲ୍ମ ନିର୍ମାଣ କରିବା ସହ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ। ୧୯୬୦ରୁ ଏଯାଏ ଅର୍ଥାତ୍ ୬୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଚଳଚ୍ଚିତ୍ର ଜଗତ ସହିତ ରହି ଆସିଛନ୍ତି। ତାଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ହେଉଛି 'ମା' ଓ ଶିଶୁ'। ସେହିଭଳି ତାଙ୍କ ନିର୍ମିତ ପ୍ରଥମ ଡକ୍ୟୁମେଣ୍ଟାରି ଫିଲ୍ମ ଓଡ଼ିଶା ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ପୁରସ୍କାର ଲାଭ କରିଥିଲା। ଏହା ଭିତରେ ସେ ବହୁ ଉଚ୍ଚମାନର ଡକ୍ୟୁମେଣ୍ଟାରି ଫିଲ୍ମ ନିର୍ମାଣ କରି ଅନେକ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ତେବେ ୨୦୧୯ ମସିହା ପାଇଁ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ସର୍ବୋଚ୍ଚ ପୁରସ୍କାର 'ଶ୍ରୀ ଜୟଦେବ ସମ୍ମାନ' ପାଇବାକୁ ମନୋନୀତ ହୋଇଥିବାରୁ ତାଙ୍କ ସହ 'ଧରିତ୍ରୀ'ର ବନ୍ଦନା ସେଠୀଙ୍କ ଆଳାପ।**

**ଧରିତ୍ରୀ ଆଳାପ**

**ପ୍ରଶ୍ନ– 'ଶ୍ରୀ ଜୟଦେବ ସମ୍ମାନ' ପାଇବେ, କିପରି ଲାଗୁଛି?**

ଉତ୍ତର– ନିଶ୍ଚିତ ଖୁସିର ଖବର। ରାଜ୍ୟ ସରକାର ମୋତେ ପୁରସ୍କାର ଦେବାକୁ ମନୋନୀତ କରିଥିବାରୁ ଭଲ ଲାଗୁଛି। କିନ୍ତୁ ଏହା ଆଗରୁ ମୋତେ ବହୁ ଜାତୀୟ, ଅନ୍ତର୍ଜାତୀୟ ପୁରସ୍କାର ମିଳିଛି। ତେଣୁ ତା' ତୁଳନାରେ ଓଡ଼ିଶା ସରକାରଙ୍କ ଏହି ପୁରସ୍କାର କ'ଣ। ତେବେ ବେଟର ଲେଟ୍ ଦ୍ୟାନ୍ ନେଭର୍।

**ପ୍ରଶ୍ନ– ରାଜ୍ୟ ସରକାର ଆପଣଙ୍କ ପ୍ରତି ଅବହେଳା କରିଛନ୍ତି ବୋଲି ଭାବୁଛନ୍ତି କି?**

ଉତ୍ତର– ନା, ସେପରି ନୁହେଁ। ନିଜ ରାଜ୍ୟ ପୁରସ୍କାର କ'ଣ ଆଉ ଖରାପ ଜିନିଷ କି। ମୁଁ ୬୦ ବର୍ଷ ହେବ ଚଳଚ୍ଚିତ୍ର ଜଗତ ସହିତ ଜଡିତ ଅଛି। ବାହାରେ ବହୁତ କାମ କରିଛି। ତେବେ ଓଡ଼ିଶାରେ କାମ କରିବାର ଅନୁଭୂତି ଅଲଗା। ଓଡ଼ିଆ ଲୋକ ଭାବେ ନିଜ ମାଟିକୁ ଭଲ ପାଉଛୁ। ସେହିଭଳି ଯେତେ ପୁରସ୍କାର ପାଇଲେ ବି ଓଡ଼ିଶା ସରକାରଙ୍କଠାରୁ ପୁରସ୍କାର ପାଇବା ନିଶ୍ଚିତ ଅଲଗା ଅନୁଭୂତି।

**ପ୍ରଶ୍ନ– ଚଳଚ୍ଚିତ୍ରକୁ ନେଇ ଆଗକୁ କିଛି ଯୋଜନା ରହିଛି କି?**

ଉତ୍ତର– ମୁଁ ଜଣେ ଅବସରପ୍ରାପ୍ତ ବ୍ୟକ୍ତି। ବୃଦ୍ଧ ହୋଇ ସାରିଲିଣି। ତେଣୁ ଆଉ ଚଳଚ୍ଚିତ୍ର କରିବାର ଯୋଜନା ନାହିଁ। ମୁଁ ଜାଣିବାରେ ସମଗ୍ର ଭାରତରେ ବି ଏତେବର୍ଷ କେହି ଏହି ଲାଇନ୍‌ରେ କାମ କରି ନାହାନ୍ତି। ମୁଁ ଏକ ମାଇଲ୍‌ଷ୍ଟୋନ୍ ତିଆରି କରିଛି।

**ପ୍ରଶ୍ନ– ଆପଣଙ୍କ ସମୟ ଓ ଏବେକାର ଚଳଚ୍ଚିତ୍ର ଭିତରେ କ'ଣ ପ୍ରଭେଦ ରହିଛି?**

ଉତ୍ତର– ଆମର ମାଟି, କଳା, ସଂସ୍କୃତି, ପରମ୍ପରାକୁ ନେଇ ଯେପରି ଚଳଚ୍ଚିତ୍ର କରିବା କଥା ତାହା ଆଉ ହେଉନାହିଁ। ଓଡ଼ିଶାର ସବୁଥିରେ ଭିନ୍ନ। ଏହାର ନିଜର ସମୃଦ୍ଧ କଳା ରହିଛି। ଏଠାରେ ଯେଉଁସବୁ ଚଳଚ୍ଚିତ୍ର ନିର୍ମାଣ ହେଉଛି ତାହା ଆମ ଲୋକଙ୍କ ପାଇଁ। ତେଣୁ ଏଥିରେ ଆମ ମାଟିର ବାସ୍ନା ଓ ସଂସ୍କୃତି ରହିବା ଦରକାର। ଏବେ ଚଳଚ୍ଚିତ୍ର ଯେପରି ନିର୍ମାଣ କରୁଛନ୍ତି ସେଥିରେ କିଛି ବି ରହୁନି।

**ପ୍ରଶ୍ନ– ଆପଣଙ୍କ ଚଳଚ୍ଚିତ୍ରରେ କ'ଣ ସ୍ୱତନ୍ତ୍ରତା ରହିଛି?**

ଉତ୍ତର– ମୋ ଚଳଚ୍ଚିତ୍ରରେ ବିଶେଷକରି ଓଡ଼ିଶାର କଳା ଓ ସଂସ୍କୃତିକୁ ଆଗକୁ ନେବା ପାଇଁ ଚେଷ୍ଟା କରେ। ସେହିପରି କାହାଣୀକୁ ସବୁବେଳେ ପ୍ରାଥମିକତା ଦିଏ। ମାତ୍ର ଏବେ ତାହା ହେଉନାହିଁ। ଅନ୍ୟ ଭାଷାଭାଷୀ ଚଳଚ୍ଚିତ୍ରରୁ କାହାଣୀ କପି ହେଉଛି।

**ପ୍ରଶ୍ନ– ଓଡ଼ିଶାରେ ଏବେ ଚଳଚ୍ଚିତ୍ରର ସ୍ଥିତି କିପରି ଅଛି?**

ଉତ୍ତର– ଅନ୍ୟ ରାଜ୍ୟରେ ଚଳଚ୍ଚିତ୍ରର ବିକାଶ ପାଇଁ ଯେପରି ପ୍ରୋତ୍ସାହନ ମିଳୁଛି, ଓଡ଼ିଶାରେ ସେପରି ମିଳୁ ନାହିଁ। ସେଥିପାଇଁ ଏହାର ସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଲାଣି। ଦର୍ଶକ ରାଜ୍ୟ ସରକାର କଳାକାରଙ୍କୁ ଏପରି ପୁରସ୍କୃତ କରିବା ଦ୍ୱାରା ସେମାନଙ୍କର ମନୋବଳ ବଢ଼ିବ ଓ ଭଲ କାମ କରିବାକୁ ଆଗେଇବେ।

**ପ୍ରଥମ ପୃଷ୍ଠାରୁ...**

## ଜଳଭଣ୍ଡାର ୧୪%...

ସେହିପରି ରେଙ୍ଗାଲିରେ ଗତବର୍ଷ ୧୨୨.୬୯ ଫୁଟ ଥିବା ବେଳେ ଚଳିତବର୍ଷ ୧୨୨.୭୫, ଅପରକୋଲାବରେ ଗତବର୍ଷ ୮୫୨.୬୮ ଫୁଟ ଥିବା ବେଳେ ଚଳିତବର୍ଷ ୮୫୧.୬୬ ଫୁଟ, ଅପର ଇନ୍ଦ୍ର ଜଳଭଣ୍ଡାରରେ ଗତବର୍ଷ ୬୩୮.୩୮ ଫୁଟ ଥିବାବେଳେ ଚଳିତବର୍ଷ ୬୩୨.୦୯ ଫୁଟ ଏବଂ ମାଛକୁଣ୍ଡ ଜଳଭଣ୍ଡାରରେ ଗତବର୍ଷ ୨୭୪୯.୬୦ ଫୁଟ ଥିବାବେଳେ ଚଳିତବର୍ଷ ଏହା ୨୭୪୯.୫୦ ଫୁଟକୁ କମି ଆସିଛି। ଏହି ଜଳଭଣ୍ଡାରଗୁଡ଼ିକରୁ ରାଜ୍ୟ ପାଇଁ ୪୮୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ପିକ୍ ଆୱାରରେ ଜଳ ଭଣ୍ଡାରଗୁଡ଼ିକ ରାଜ୍ୟର ବିଦ୍ୟୁତ୍ ଚାହିଦା ମେଣ୍ଟାଇ ଥାଆନ୍ତି। ଅକ୍ଟୋବରରୁ ଯଦି ଜଳଭଣ୍ଡାରଗୁଡ଼ିକରେ ଶୁଖିବା ଆରମ୍ଭ କଲାଣି ତେବେ ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ପରିସ୍ଥିତି ଆହୁରି ଉଦ୍‌ବେଗଜନକ ହେବ। ଏହାର ପ୍ରଭାବ ସିଧା ବିଦ୍ୟୁତ୍ ଉତ୍ପାଦନ, ଜଳସେଚନ ଏବଂ ଶିଳ୍ପ ଉପରେ ପଡ଼ିବା ନେଇ ପରିବେଶବିତ୍ ଆଶଙ୍କା କଲେଣି। ଷ୍ଟେଟ୍ ଲୋଡ ଡେସ୍‌ପାଚ ସେଣ୍ଟରର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଜଳଭଣ୍ଡାରଗୁଡ଼ିକରେ ଆବଶ୍ୟକ ଜଳ ନ ଥିବାରୁ ବ୍ୟବହୃତ ଜଳକୁ ପୁନଃ ବ୍ୟବହାର ପାଇଁ ବ୍ୟବସ୍ଥା କରିବାକୁ ହେବ। ନଚେତ୍ ଜଳ ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହେବ।

## ଜଟିଳ ଆଡ଼କୁ...

ସଚିବଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଡବ୍ଲ୍ୟୁଆର୍ଏ ରିପୋର୍ଟ ଅନୁଯାୟୀ, ରାଜ୍ୟରେ ବାର୍ଷିକ ୧୮,୭୯,୧୫୦.୫୩ ଏଚ୍ଏମ୍ (ହେକ୍ଟର ମିଟର) ଜଳ ରିଚାର୍ଜ ହୋଇଥାଏ। ସେଥିରୁ ପ୍ରାକୃତିକ ଭାବେ ବାର୍ଷିକ ୧,୫୩,୧୭୩.୧୬ ଏଚ୍ଏମ୍ ଭୂତଳ ଜଳ ଖଲାସ ହୋଇଥାଏ। ଅନ୍ୟପକ୍ଷରେ ୭,୦୧,୮୬୬.୦୧ ଏଚ୍ଏମ୍ (୪୦.୬୬%) ଭୂତଳ ଜଳ ବାର୍ଷିକ ବ୍ୟବହାର ହେଉଛି। ସେଥିମଧ୍ୟରୁ ଜଳସେଚନ କ୍ଷେତ୍ରରେ ୫,୫୭,୩୩୦.୫୫ ଏଚ୍ଏମ୍, ଶିଳ୍ପ କାରଖାନା ପାଇଁ ୧୫,୬୮୪.୪୪ ଏଚ୍ଏମ୍, ଘରୋଇ କ୍ଷେତ୍ରରେ ୧,୨୮,୮୫୧.୦୨ ଏଚ୍ଏମ୍ ଭୂତଳ ଜଳ ବ୍ୟବହାର ହେଉଛି। ଏହି ପ୍ରକ୍ରିୟାରେ ରାଜ୍ୟର ୩୦୨ଟି ବ୍ଲକ ନିରାପଦ ରହିଥିବାବେଳେ ୬ଟି ସେମି କ୍ରିଟିକାଲ ବ୍ଲକ ଓ ୬ଟି ଲବଣାକ୍ତ (ସାଲାଇନ) ବ୍ଲକ ଅଞ୍ଚଳ ରହିଛି। ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଲାଗି ରହିଥିବା କୋରେଇ ବ୍ଲକରେ ବାର୍ଷିକ ଭୂତଳ ଜଳ ସ୍ଥିତି ୮,୭୩୦.୬୭ ଏଚ୍ଏମ୍ ରହିଥିଲାବେଳେ ୭୫୪୯.୮୬ ଏଚ୍ଏମ୍(୮୬.୪୮%)ବିଭିନ୍ନ କ୍ଷେତ୍ରରେ ବ୍ୟବହାର ହେଉଛି। ଏଥିମଧ୍ୟରୁ ଜଳସେଚନ କ୍ଷେତ୍ରରେ ସର୍ବାଧିକ ୬୮୬୮.୭୧ ଏଚ୍ଏମ୍ ଭୂତଳ ଜଳ ବ୍ୟବହାର ହେଉଥିବା ରିପୋର୍ଟରେ ଦର୍ଶାଯାଇଛି। ବାସ୍ତବରେ କୋରେଇ ବ୍ଲକ ଅଞ୍ଚଳରେ ଏଯାଏ ସେତେଟା ଜଳସେଚନ ବ୍ୟବସ୍ଥା ହୋଇ ପାରିନାହିଁ। କୋରେଇ ବ୍ଲକକୁ ଲାଗି ଦାନଗଦି ବ୍ଲକ ଅଞ୍ଚଳରେ ରହିଥିବା ଶିଳ୍ପ ଏବଂ ବ୍ୟାସନଗର ସହରରେ ଘରୋଇ କ୍ଷେତ୍ରରେ ଅଧିକ ଭୂତଳ ଜଳ ବ୍ୟବହାର ହେଉଛି। ତେଣୁ ଶିଳ୍ପାଞ୍ଚଳରେ ଭୂତଳ ଜଳ ବ୍ୟବହାରକୁ ଲୁଚାଇବାକୁ ଯାଇ ଏଭଳି ରିପୋର୍ଟର ସତ୍ୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ଭୂତଳ ଜଳ ସମ୍ବଳଠାରୁ ବାଲିଆପାଳ ବ୍ଲକ ଅଞ୍ଚଳରେ ୮୬.୩୦%, ଗରଦପୁରରେ ୭୪.୬୭%, ଭୁବନେଶ୍ୱରରେ ୮୦.୩୪%, ବୋଲଗଡ଼ରେ ୮୦.୩୭% ଓ ନୂଆପଡ଼ାରେ ୭୫.୩୫% ଭୂତଳ ଜଳ ବ୍ୟବହାର ହେଉଛି। ଏହି ରିପୋର୍ଟରେ ନୂତନ ଭାବେ ନୂଆପଡ଼ା ଏବଂ ଭୁବନେଶ୍ୱର ସେମି କ୍ରିଟିକାଲ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି। ନୂଆପଡ଼ାରେ ଜଳସେଚନ ପାଇଁ ଅଧିକ କୂଅ ଖୋଳିବା ଏବଂ ଭୁବନେଶ୍ୱରରେ ଜନସଂଖ୍ୟା ବୃଦ୍ଧି ସହ ଶିଳ୍ପକ୍ଷେତ୍ରରେ ଅଧିକ ଭୂତଳ ଜଳ ବ୍ୟବହାରରୁ ଏଭଳି ସ୍ଥିତି ଉପୁଜିଛି ବୋଲି ଗତ ମାର୍ଚ୍ଚ ୨୫ରେ ଅନୁଷ୍ଠିତ ଏସ୍ଏଲ୍‌ସି ବୈଠକରେ ମତପ୍ରକାଶ ପାଇଥିଲା। ଅନ୍ୟପକ୍ଷେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ପୂର୍ବରୁ ସେମି କ୍ରିଟିକାଲ ସ୍ଥିତିରେ ରହିଥିଲାବେଳେ ଏବେ ନିରାପଦ ଅବସ୍ଥାରେ ରହିଛି। ବିପୁଳ ସଂଖ୍ୟାରେ ଭୂତଳ ଜଳ ପୁନଃ ଭରଣ ପ୍ରକଳ୍ପ ଯଥା ପୋଖରୀ, ଟ୍ୟାଙ୍କ ଆଦି ନିର୍ମାଣ ହୋଇଥିବାରୁ ଭୂତଳ ଜଳସ୍ତର ବୃଦ୍ଧି ହୋଇଛି ବୋଲି ଏସ୍ଏଲ୍‌ସି ପକ୍ଷରୁ କୁହାଯାଇଛି। ତେଣୁ ପ୍ରତ୍ୟେକ ସେମି କ୍ରିଟିକାଲ ବ୍ଲକ ଅଞ୍ଚଳରେ ଏଭଳି ପୁନଃ ଭରଣ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ କରିବାକୁ ଏସ୍ଏଲ୍‌ସିର ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ।

ଜଳ ଶକ୍ତି ମନ୍ତ୍ରଣାଳୟ ସଚିବଙ୍କ ପତ୍ର ଅନୁଯାୟୀ ଭୂତଳ ଜଳ ହେଉଛି ବର୍ଷସାରା ଚାଷ ଏବଂ ପାନୀୟ ଜଳ ପାଇଁ ମେରୁଦଣ୍ଡ ସଦୃଶ। ତେଣୁ ଏହା ଉପରେ ଗୁରୁତର ଭାବେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ତଦନୁସାରେ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ଓ ନଗର ଉନ୍ନୟନ, ଶିଳ୍ପ, କୃଷି, ଶକ୍ତି ବିଭାଗୀୟ ଅଧିକାରୀଙ୍କୁ ଭୂତଳ ଜଳ ସଂରକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟ ଜଳ ସମ୍ପଦ ବିଭାଗ ଅତିରିକ୍ତ ସଚିବ ଅନିଲ କୁମାର ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

## ୬.୩ ଓଭରରେ...

ନିବଦ୍ଧ ହୋଇଛି। ଏହି ମ୍ୟାଚରେ ଯଦି ଆଫଗାନିସ୍ତାନ ବିଜୟୀ ହୁଏ ତେବେ ଭାରତର ସେମିଫାଇନାଲ ପ୍ରବେଶ ଆଶା ଉଜ୍ଜ୍ୱଳ ହେବ। ଟସ୍ ଜିତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ବିରାଟ। ତାଙ୍କର ଏହି ନିଷ୍ପତ୍ତି ଭାରତ ପାଇଁ ଲକି ସାବ୍ୟସ୍ତ ହୋଇଥିଲା। ଭାରତୀୟ ବୋଲରମାନେ ୨୯ ରନ ମଧ୍ୟରେ ଟପ୍ ଅର୍ଡରର ୪ଟି ଉଇକେଟ ଅକ୍ତିଆର କରି ସ୍କଟ୍‌ଲାଣ୍ଡକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ। ଅଧିନାୟକ କାଏଲ କୋଏଜର (୧ ରନ)ଙ୍କୁ ଯଶପ୍ରୀତ୍ ବୁମ୍‌ରା କ୍ଲିନବୋଲ୍ଡ କରିଥିବାବେଳେ ଦ୍ରୁତ ହାରରେ ରନ୍ ସଂଗ୍ରହ କରି ବିପଜ୍ଜନକ ସାବ୍ୟସ୍ତ ହୋଇ ଆସୁଥିବା ଜର୍ଜ ମୁନ୍‌ସେ (୨୪ ରନ, ୧୯ ବଲ, ୪ ଚୌକା, ୧ ଛକା)ଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ହାତରେ କ୍ୟାଚ କରାଇ ପ୍ୟାଭିଲିୟନ ଫେରାଇଥିଲେ ମହମ୍ମଦ ଶାମି। ଏହାପରେ ସ୍କଟ୍‌ଲାଣ୍ଡକୁ ଡବଲ ଝଟକା ଦେଇଥିଲେ ତାରକା ସ୍ପିନର ରବୀନ୍ଦ୍ର ଜାଡେଜା। ସେ ରିଚି ବାରିଙ୍ଗଟନ(୦)ଙ୍କୁ ବୋଲ୍ଡ କରି ଦେଇଥିବାବେଳେ ମାଥ୍ୟୁ କ୍ରସ୍(୨)ଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରିଥିଲେ। ପରେ ୧୨ ବଲ୍‌ରୁ ୨୧(୨ ଚୌକ, ୧ ଛକା) ରନ କରିଥିବା ମାଇକେଲ ଲିଆସ୍କଙ୍କୁ ମଧ୍ୟ ଏଲ୍‌ବିଡବ୍ଲ୍ୟୁ କରି ପ୍ୟାଭିଲିୟନ ପଥ ଦେଖାଇଥିଲେ ଜାଡେଜା। ନିଜ ପ୍ରଥମ ଓଭରରେ ୧୨ ରନ ଦେଇ ମହଙ୍ଗା ସାବ୍ୟସ୍ତ ହୋଇଥିବା ଭେଟେରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ କିନ୍ତୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ନିଜ ତୃତୀୟ ଓଭରରେ ସେ କ୍ରିସ୍ ଗ୍ରେଭ୍ସ(୧)ଙ୍କୁ ଆଉଟ କରି ପ୍ରଥମ ସଫଳତା ପାଇଥିଲେ। ୧୭ତମ ଓଭରର ପ୍ରଥମ ତିନି ବଲ୍‌ରେ ସ୍କଟଲାଣ୍ଡ ୩ଟି ଉଇକେଟ ହରାଇଥିଲା। ଏଥିରୁ ଶାମି ୨ଟି ଉଇକେଟ ନେଇଥିବାବେଳେ ଶାଫ୍ୟାନ ସରିଫ ରନ୍‌ଆଉଟ ହୋଇଥିଲେ। ୧୮ତମ ଓଭରର ୪ର୍ଥ ବଲ୍‌ରେ ମାର୍କ ୱାଟଙ୍କୁ ଆଉଟ କରି ସ୍କଟ୍‌ଲାଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ ବୁମ୍‌ରା। ଏଥିସହ ଟି୨୦ରେ ବୁମ୍‌ରା ଭାରତର ସର୍ବାଧିକ ଉଇକେଟ ହାସଲକାରୀ ହୋଇଥିଲେ। ତାଙ୍କ ଉଇକେଟ ସଂଖ୍ୟା ୬୪ରେ ପହଞ୍ଚିଥିଲା। ଭାରତ ପକ୍ଷରୁ ଶାମି ଓ ଜାଡେଜା ୩ଟି ଲେଖାଏ, ବୁମ୍‌ରା ୨ଟି ଓ ଅଶ୍ୱିନ ଗୋଟିଏ ଉଇକେଟ ନେଇଥିଲେ।

## ଲଣ୍ଡନରେ ରହିବେ...

କେବଳ ଏତିକି ନୁହେଁ, ସେମାନେ ଏହାକୁ ନିଜ ଆବଶ୍ୟକତା ଅନୁସାରେ ବାସୋପଯୋଗୀ କରିବା ଲାଗି ଗତ ଅଗଷ୍ଟରୁ ଉଦ୍ୟମ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଷ୍ଟୋକ୍ ପାର୍କରେ ୪୯ ବେଡ୍‌ରୁମ୍ ସହ ଏକ ଛୋଟ ହସ୍ପିଟାଲ ମଧ୍ୟ ରହିଛି। ଅମ୍ବାନୀ ପରିବାର ପ୍ରାୟତଃ ଆଣ୍ଟିଲିଆରେ ଦୀପାବଳି ପାଳନ କରିଥାଆନ୍ତି। କିନ୍ତୁ ଏଥର ସେମାନେ ଦୀପାବଳି ପାଳନ କରିବା ପାଇଁ ବ୍ରିଟେନ ଯାଇଛନ୍ତି। ସେମାନେ ଭାରତ ଫେରିବା ପରେ ନୂଆବର୍ଷରେ ପୁଣି ଲଣ୍ଡନ ଯିବେ। ସେମାନେ ଷ୍ଟୋକ୍ ପାର୍କରେ ଆସନ୍ତା ଏପ୍ରିଲରୁ ରହିବେ ବୋଲି ଜଣାପଡ଼ିଛି। ତେବେ ଏହି ବିତ୍ତଶାଳୀ ପରିବାର ମୁମ୍ବାଇରୁ ଲଣ୍ଡନକୁ କାହିଁକି ସ୍ଥାନାନ୍ତର ହେବାକୁ ଯୋଜନା କରୁଛନ୍ତି ବୋଲି କେତେକ ମହଲରେ ଆଲୋଚନା ହେଉଛି। ରିପୋର୍ଟ ଅନୁସାରେ ଅମ୍ବାନୀ ପରିବାର ବିସ୍ତୃତ ଅଞ୍ଚଳରେ ସମୟ ବିତାଇବାକୁ ଚାହାନ୍ତି, ଯେଉଁ ସୁବିଧା ଭୂଲମ୍ବ ଆଣ୍ଟିଲିଆରେ ନାହିଁ। ତେବେ ଅମ୍ବାନୀ ପରିବାର ଉଭୟ ଆଣ୍ଟିଲିଆ ଏବଂ ଷ୍ଟୋକ୍ ପାର୍କରେ ଭାଗବଣ୍ଟା କରି ରହିବେ ବୋଲି ଅନ୍ୟ କେତେକ ରିପୋର୍ଟ ପ୍ରକାଶ ପାଇଛି।

ପ୍ରକାଶ ଯେ, ଘରୋଇ ବାସଭବନ ଭାବେ ବ୍ୟବହୃତ ଷ୍ଟୋକ୍ ପାର୍କ ମେନ୍‌ସିଅନ୍‌କୁ ୧୯୦୮ ପରେ ଏକ କଣ୍ଟ୍ରି କ୍ଲବ୍ ରୂପେ ପରିବର୍ତ୍ତିତ କରାଯାଇଥିଲା। ଜେମ୍ସ ବଣ୍ଡ ଫିଲ୍ମରେ ମଧ୍ୟ ଏହି ଘର ଆସିସାରିଛି। ବିଳାସପୂର୍ଣ୍ଣ ଜୀବନଶୈଳୀ ବିତାଇବା ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ଏଠାରେ ରହିଛି। ସେଠାରେ ଏକ ମିନି ହସ୍ପିଟାଲ ରହିଛି। ଉକ୍ତ ହସ୍ପିଟାଲରେ ଜଣେ ବ୍ରିଟିଶ୍ ଡାକ୍ତର ଅଛନ୍ତି। ତେବେ ପ୍ରକାଶିତ ରିପୋର୍ଟକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଖଣ୍ଡନ କରିଛି। ମୁକେଶ ଓ ତାଙ୍କ ପରିବାର ଲଣ୍ଡନ କିମ୍ବା ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ରହିବା ପାଇଁ ଯୋଜନା କରି ନ ଥିବା କମ୍ପାନୀ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

## ସରକାରଙ୍କୁ ସୁପାରିସ...

ସବୁ ସ୍କୁଲ ବୁଲିବ। ଓଏସ୍‌ସିପିସିଆର୍‌ର ପ୍ରତିଷ୍ଠା ଦିବସ ଅବସରରେ ଗତ ୧ ତାରିଖରୁ ୪୦ ଦିନିଆ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଆସନ୍ତା ୧୯ ତାରିଖରୁ ସ୍ୱତନ୍ତ୍ର ଭ୍ରାମ୍ୟମାଣ ଭ୍ୟାନ୍‌ର ଶୁଭାରମ୍ଭ ହେବ। ଏହା ଭୁବନେଶ୍ୱରରୁ ଆରମ୍ଭ କରି ରାଜ୍ୟର ସମସ୍ତ ଜିଲାରେ ବୁଲିବୁଲି ଶିଶୁଙ୍କ ସୁରକ୍ଷା ଓ ସଚେତନତା ଦିଗରେ ବାର୍ତ୍ତା ଦେବ। ଏହାସହ ରାଜଧାନୀରେ ଏକ ରାଜ୍ୟସ୍ତରୀୟ ଶିଶୁ ବିଧାନସଭାର ଆୟୋଜନ କରାଯିବ। ଏଥିରେ ସାରା ରାଜ୍ୟରୁ ଶିଶୁଙ୍କୁ ସାମିଲ କରାଯିବା ସହ ଆୟୋଗ ସେମାନଙ୍କ ଦକ୍ଷତା ଓ ମାନସିକତା ପରଖିବେ। ସେହିପରି ବିଧାୟକମାନଙ୍କୁ ନେଇ ମଧ୍ୟ ଏକ ପରାମର୍ଶଦାତା ବୈଠକ ଆୟୋଜନ କରାଯିବ। ଡିସେମ୍ବର ୧୦ରେ ୪୦ ଦିନିଆ ଅଭିଯାନ ଶେଷ ହେଉଥିବାବେଳେ ସମସ୍ତ କାର୍ଯ୍ୟକ୍ରମ ଏହାରି ଭିତରେ ଶେଷ କରିବାକୁ ଲକ୍ଷ୍ୟ ରହିଥିବା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ସୂଚନା ଦେଇଛନ୍ତି।

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST.: KALAHANDI - 766026, E-mail: sgmel_uihep@ohpcltd.com

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office: OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar - 751022, Tel.: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-29/2021-22 Dated: 02.11.2021**

No. CAD-1718: Sealed tenders are invited in two part i.e. (i) Techno Commercial Bid & (ii) Price Bid in separate sealed envelopes from registered contractor/registered firm/registered agency meeting eligibility criteria only for execution of the following work.

| Description of Work | Cost of Tender Paper (Non-refundable) in Rs. | EMD in shape Declaration | Period of sale/ download of tender document | Last date & time of receipt of tender | Date & time of opening of Techno Commercial Bid |
|---|---|---|---|---|---|
| Providing Services of 01 (One) No. of Ward attendant & 02 (Two) Nos. of Hospital attendant at UIP, Hospital, Mukhiguda on contractual basis for a period of one year. | 2,360/- (Inclusive of GST) | In Lieu of EMd, Bid Security Declaration form to be submitted | From 08.11.2021 to 20.11.2021 upto 13.00 hrs. | 20.11.2021 (upto 13.00 hrs.) | 20.11.2021 at 16.30 P.M. |

For details of the tender documents, terms and conditions please visit our website www.ohpcltd.com
OIPR-04012/11/0019/2122 Sd./- Unit Head, UIHEP, Mukhiguda

**WORKS DEPARTMENT** No. B-548
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA**
E-mail ID: eepwdrkl@gmail.com
**Government of Orissa "e" Procurement Notice**
**Bid Identification No. 34/2021-2022 Dated: 01.11.2021**
1. Number of Works : 11 (Eleven) number of works
2. Estimated Cost : Rs.79.99 lakhs to 99.99 lakhs
3. Period of Completion : 3 (Three) Calendar Months
4. Date & time of availability of bid document in the portal : Dt.08.11.2021 at 11.00 A.M.
5. Last date/time for receipt of bids in the portal : Dt.15.11.2021 upto 05.00 P.M.
6. Date of Opening of Bid : Dt.16.11.2021 at 11.30 A.M.
7. Name and address of the Officer Inviting Bid : Superintending Engineer (R&B), Division, Rourkela, Udit Nagar

Further details can be seen from the e-procurement portal "http//tendersorissa.gov.in".
Sd./- Superintending Engineer
R&B Division, Rourkela
OIPR-34068/11/0015/2122

GOVERNMENT OF ODISHA No. b-14
**OFFICE OF THE CHIEF CONSTRUCTION ENGINEER, SOUTHERN NH CIRCLE, BERHAMPUR**
Phone: 0680-2281544, e-mail: eenhsouthbam@gmail.com
**INVITATIONS FOR BIDS (IFB) [e-Procurement]**
**BID IDENTIFICATION NO. 04/SE NH, South of 2021-22**
No. 3126 Dated:01.11.2021
1. The Chief Construction Engineer, Southern N.H. Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road worsk as detailed in the table below.
2. Nature of work : Road
3. No. of work : 1 No.
4. Tender Cost : Rs.10,000/-
5. Class of Contractor : "A" Class & "B" Class
6. Availability of Bid document in the website : From 09.11.2021, 10.00 A.M. to 16.11.2021, 11.00 A.M.
7. Date of Opening of Bid : 17.11.2021 at 11.00 A.M.
8. The Bidders have to participate in ONLINE bidding only. Further detials can be seen from the website **https://tendersorissa.gov.in.**
9. Any Corrigendum/Addendum/Cancellation of will be displayed in the e-tender website only.

Sd./- Chief Construction Engineer
Southern NH Circle, Berhampur
OIPR-34148/11/0003/2122

GOVERNMENT OF ODISHA No. b-15
**OFFICE OF THE EXECUTIVE ENGINEER, N.H. DIVISION, SUNABEDA**
Phone: 06853-220384, e-mail: eenhsunabeda@ymail.com
**INVITATIONS FOR BIDS (IFB) [e-Procurement]**
**BID IDENTIFICATION NO. 07/EE NH, SBDA of 2021-22**
No. 2167 Dated:28.10.2021
1. The Executive Engineer, N.H. Division, Sunabeda on behalf of Governor of Odisha invites percentage rate bid in single cover system in ONLINE MODE from eligible contractors for construction of Road works as detailed in the table below.
2. Nature of work : Road
3. No. of work : 1 No.
4. Tender Cost : Rs.4,000/-
5. Class of Contractor : "D" Class & "C" Class
6. Availability of Bid document in the portal : From 10.00 A.M. of 08.11.2021 to 5.30 P.M. of 16.11.2021
7. Date of Opening of Bid : 18.11.2021 at 11.00 A.M.
8. The Bidders have to participate in ONLINE bidding only. Further details can be seen from the website **https://tendersorissa.gov.in.**
9. Any Corrigendum/Addendum/Cancellation of will be displayed in the e-tender website only.

OIPR-34045/11/0001/2122 Executive Engineer, N.H. Division, Sunabeda

**ODISHA STATE HIGHER EDUCATION COUNCIL**
**HIGHER EDUCATION DEPARTMENT**
**GOVERNMENT OF ODISHA**
**NOTICE**
**Extension of Date**
No. N-35:- The last date for submission of proposals/applications for Seed Fund and Research Fellowship under OURIIP-2021 invited vide Advertisement No.26 is extended up to 15.11.2021.
Sd./- 03.11.2021
OIPR-11001/11/0021/2122 Finance Officer, OSHEC

GOVERNMENT OF ODISHA No. A-579
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**MAHANADI BRAHAMANI & BAITARANI SYSTEM, CHANDIKHOLE**
**"e" Procurement Notice No. CE&BM, MBBS 02 of 2021-22 (Online)**

| | | |
|---|---|---|
| 1 | Name of the work | Canal Lining and System Rehabilitation Programme (CLSRP) of Gobari Canal from RD 11.40 Km. to 14.40 Km. (Working RD 11.40 Km. to 14.04 Km.) |
| 2 | Total No. of Package | 1 No. Package |
| 3 | Tender Cost | Rs.2314.91 Lakh |
| 4 | Cost of Bid Document | Rs.10,000.00 (Online Payment) |
| 5 | Bid Security | "Bid Security Declaration" as per F.D.O.M. No. FIN-COD-MISC.-0007-2019/8943/F Dated: 18.03.2021 |
| 6 | Class of Contractor | "SUPER" Class Contractor |
| 7 | Period of Completion | 18 (Eighteen) Calendar Months |

8. Other details are as follows:

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer & Basin Manager, Mahanadi, Brahmani & Baitarani System, Chandikhole | CE&BM, MBBS KID 01 of 2021-22 | 08.11.2021 at 10.00 hrs. | 30.11.2021 upto 17.00 hrs. | 01.12.2021 at 11.30 hrs. |

9. e-mail id : **cembbschandikhole@gmail.com**
Further detailed conditions can be seen from the Govt. website **www.tendersorissa.gov.in.**
Sd./- Chief Engineer & Basin Manager, Mahanadi & Brahmani & Baitarani System, Chandikhol
OIPR-32415/11/0003/2122

**TENDER CALL NOTICE**
No. E-595:- Sealed tenders are invited from the registered Firms/ Suppliers/ Manufacturer/ Authorized dealers having valid GST registration & PAN card for supply of equipments for the establishment of MLCU & STMI at O & G Department of SCB Medical College & Hospital, Cuttack. The detailed of Tender papers along with terms and conditions can be obtained from the Hospital Manager, Office of the Superintendent SCB Medical College & Hospital, Cuttack during office hours from 10.00 AM to 05:00 PM on all working days on payment of non refundable deposit Rs.2,000/ - (Rupees Two thousand) only in the Superintendent SCB Medical College & Hospital, Cuttack DD (Demand Draft ) and also obtained it from website i.e . www.scbmch.in from **8.11.2021** to **29.11.2021**. The Tender paper should be reach in the office of the undersigned's through Govt. Speed Post/ Regd. Post only the authority reserves the right to cancel or reject any or all the Tenders without assigning any reason thereof.
**Sd./- Medical Superintendent**
**SCB Medical College & Hospital, Cuttack**
OIPR-10051/11/0015/2122

GOVERNMENT OF ODISHA No. O-895
**OFFICE OF THE SUPERINTENDING ENGINEER RURAL WORKS DIVISION, KENDRAPARA**
**INVITATION FOR BIDS (SHORT NOTICE)**
eerw_kpd@yahoo.com
**'E' PROCUREMENT NOTICE No. RWD/KPD-05/2021-22 Dt.02.11.2021**
1. Name of work : Repair of Road work in the District of Kendrapara for the year 2021-22
2. Total No. of work : 02 Numbers of Road work
3. Estimated Cost : Rs.36.57 Lac approximately
4. Period of Completion : As specified in the Annexure
5. Class of Contractors : As specified in the Annexure
6. Cost of tender paper : Cost of tender paper is to be remitted ONLINE as specified in Column-5 of the Annexure
7. Detail Projects : As specified in the Annexure

**Other details as follows:**
a) Procurement Officer : Superintending Engineer, Rural Works Division, Kendrapara
b) Availability of tender online : 09.11.2021 at 11.00 A.M. to 20.11.2021 upto 5.00 P.M.
c) Last date & time of seeking of tender clarification : 18.11.2021 upto 5.00 P.M.
d) Opening of Tender : 22.11.2021 at 11.00 A.M.
e) Decision to Conduct Lottery : If required, to decide the agency, transparent Lottery shall be conducted on Dt.26.11.2021 at 11.00 A.M. in Office Chamber of the undersigned.

Further details can be seen from the Govt. website **www.tendersorissa.gov.in.**
Sd./- A.K. Sahu
Superintending Engineer
Rural Works Division, Kendrapara
OIPR-25064/11/0011/2122

## ସଂକ୍ଷେପରେ

### ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଋଷି ନିର୍ବାଣ ଉତ୍ସବ

**ଭୁବନେଶ୍ୱର,୫।୧୧(ବ୍ୟୁରୋ):** ସ୍ୱାମୀ ଦୟାନନ୍ଦ ସର୍ଭିସ ମିଶନ ପକ୍ଷରୁ ଗୁରୁବାର ଚନ୍ଦ୍ରଶେଖରପୁରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ଆର୍ଯ୍ୟସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ୧୩୮ତମ ଋଷି ନିର୍ବାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ ଡ.ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ.ବୁଦ୍ଧଦେବ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମହର୍ଷି ଦୟାନନ୍ଦ ସରସ୍ୱତୀ ଭାରତବର୍ଷରେ ସଂସ୍କାରବାଦୀ ଆନ୍ଦୋଳନର ନେତା ଥିଲେ। ଧର୍ମ ନାମରେ ଯେତେବେଳେ ବ୍ୟଭିଚାର, ଜାତିପ୍ରଥା ନାମରେ ସାମାଜିକ ନିର୍ଯ୍ୟାତନା, ବିଶେଷ ଭାବରେ ନାରୀ ଜାତି ପ୍ରତି ଥିବା ଘୃଣା ବିରୋଧରେ ସେ ହିଁ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିବେକାନନ୍ଦ ପାତ୍ର ସ୍ୱାଗତ ଭାଷଣ ଓ ନଳିନୀକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ।

### ସତର୍କତା ସଚେତନତା ସପ୍ତାହ ପାଳିତ

**ଭୁବନେଶ୍ୱର,୫।୧୧(ବ୍ୟୁରୋ):** ସପ୍ତାହ ବ୍ୟାପୀ ଚାଲିଥିବା ସ୍ୱତନ୍ତ୍ର ଭାରତ ୭୫ ଆତ୍ମନିର୍ଭରତା ସହିତ ଅଖଣ୍ଡତାର କାର୍ଯ୍ୟକ୍ରମରେ ବୈଜ୍ଞାନିକମାନଙ୍କ ପାଇଁ ଅନ୍‌ଲାଇନ କାର୍ଯ୍ୟଶାଳା, ନିବନ୍ଧ ପ୍ରତିଯୋଗିତା, ଅଭିଭାଷଣ, ଶପଥ ଗ୍ରହଣ ଆଦି ଆୟୋଜିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମନରେ ଆତ୍ମନିର୍ଭରତା, ଅଖଣ୍ଡତା ସହିତ ସତର୍କତା ସମ୍ବନ୍ଧରେ ସଚେତନତା ଆଣିବା ପାଇଁ ବିଡିଏ କଲୋନୀସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏହି ପ୍ରତିଯୋଗିତାରେ କୁମାରୀ ରଚୟିତା ପ୍ରିୟଦର୍ଶିନୀ ପ୍ରଥମ, କୁମାରୀ ସୋନାଲି ସାହୁ ଦ୍ୱିତୀୟ ଏବଂ ଋଷଭ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବୈଜ୍ଞାନିକଙ୍କ ମଧ୍ୟରେ ନିବନ୍ଧ ପ୍ରତିଯୋଗିତାରେ ଡା. ସୁଶାନ୍ତ ଜେନା ପ୍ରଥମ, ଡା. ପ୍ରତିଭା ସାହୁ ଦ୍ୱିତୀୟ ଏବଂ ଡା. ଅଜିତ ନାୟକ ତୃତୀୟ ସ୍ଥାନ ପାଇଥିଲେ। ସଂସ୍ଥାର ନିର୍ଦ୍ଦେଶକ ଡା. ଆତ୍ମାରାମ ମିଶ୍ର ସତର୍କତା ଏବଂ ଅଖଣ୍ଡତାର ଶପଥ ପାଠ କରାଇବା ସହିତ ବ୍ୟକ୍ତି ଚରିତ୍ରର ବିକାଶ ଦ୍ୱାରା ସାମାଜିକ ଏବଂ ଅର୍ଥନୀତି ଉତ୍କର୍ଷତା ପ୍ରାପ୍ତି ସମ୍ଭବ ବୋଲି କହିଥିଲେ। କାର୍ଯ୍ୟକ୍ରମର ପରିଚାଳନା ଡା. ପି. ଶ୍ରୀନିବାସ ବ୍ରହ୍ମାନନ୍ଦ, ଡା. ଅଶୋକ ନାୟକ, ଡା. ଦେବବ୍ରତ ସେଠୀ, ଡା. ଓ.ପି. ବର୍ମା, ଋଷିକାନ୍ତ ସିଂ ଏବଂ ଡା. ସୁବୋଧ କର୍ଣ୍ଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ବାଣ ବଦଳରେ ବେଲୁନ ଫୁଟାଇ ଦୀପାବଳି ପାଳିଲେ

**ଭୁବନେଶ୍ୱର,୫।୧୧(ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ଚଳିତବର୍ଷ ସବୁଜ ବାଣ ଫୁଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ କେତେକ ଏହି ପର୍ବକୁ ବେଶ୍ ନିଆରା ଢଙ୍ଗରେ ପାଳିଥିବା ଦେଖିବାକୁ ମିଳିଛି। ଚନ୍ଦକା ଡମପଡ଼ା ଅଞ୍ଚଳରେ ରହୁଥବା ଆଦିବାସୀପଲ୍ଲୀ କନ୍ଦଲେଇ ଗ୍ରାମର କୁନିକୁନି ପିଲାମାନେ ଏଥରର ଦୀପାବଳି ବାଣ ବଦଳରେ ବେଲୁନ୍ ଫୁଟାଇ ପାଳନ କରିଛନ୍ତି। ବିପଦ ଓ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣକୁ ନ ଫୁଟାଇ ଦୀପ ଜାଳି, ବେଲୁନ ଫୁଟାଇ ସବୁଜ ଦୀପାବଳି ପାଳନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଉତ୍ସବକୁ ପରିବେଶବିତ୍ ସୁଶାନ୍ତ କୁମାର ସାହୁ ଆୟୋଜିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୋପୀମୋହନ ପଟ୍ଟନାୟକ, ସଂଗ୍ରାମ କେଶରୀ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ଦାସ ଏବଂ ପ୍ରଦୀପ୍ତ ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ଋଣ ଶୁଝିବାକୁ ଲୁଟ୍ ଯୋଜନା କରିଥିଲେ ରୂପେଶ

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାର ଅଞ୍ଚଳରେ ଗତ ୧ ତାରିଖରେ ଜଣେ ଯୁବକ ମହିଳା ପୋଷାକରେ ପଡ଼ୋଶୀଙ୍କ ଘରେ ପଶି ମା' ଝିଅଙ୍କୁ ଛୁରା ମାଡ଼ କରିଥିଲେ। ମା'ଝିଅଙ୍କ ପ୍ରତି ଆକ୍ରମଣରେ ସମ୍ପୃକ୍ତ ଯୁବକ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହି ଚର୍ଚ୍ଚିତ ଘଟଣାର ରହସ୍ୟ ଉନ୍ମୋଚନ କରିଛି କମିଶନରେଟ ପୋଲିସ। ଋଣ ଶୁଝିବାକୁ ଲୁଟ୍ ଯୋଜନା କରିଥିଲେ ମୁଖ୍ୟ ଅଭିଯୁକ୍ତ ରୂପେଶ କୁମାର ପଣ୍ଡା। ଏଥିରେ ତାଙ୍କୁ ସହଯୋଗ କରିଥିଲେ ସହକର୍ମୀ ତଥା ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ବାଲେଶ୍ୱର ଜିଲା ସଦର ଥାନାର ସଞ୍ଜୟ କୁମାର ପଣ୍ଡା। ଉଭୟଙ୍କୁ ପୋଲିସ ଗିରଫ କରିଥିବାବେଳେ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଉଭୟେ ମିଶି ଯେଉଁସବୁ ଦୋକାନରୁ ଛୁରି ଓ ଅନ୍ୟାନ୍ୟ ସାମଗ୍ରୀ କିଣିଥିଲେ ପୋଲିସ ଉକ୍ତ ଦୋକାନୀଙ୍କୁ ପଚରାଉଚରା କରି ଘଟଣାରେ ଅଧିକ ତଥ୍ୟପ୍ରମାଣ ଯୋଗାଡ କରୁଥିବା ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।

#### ସେଦିନ ଏମିତି ଘଟିଥିଲା

ଅବସରପ୍ରାପ୍ତ ପ୍ରଫେସର ସୁରେଶ ମିଶ୍ରାଙ୍କ ପରିବାର ଶୈଳଶ୍ରୀବିହାର ଭିଆଇଏମ୍ କଲୋନୀରେ ରୁହନ୍ତି। ଘଟଣା ଦିନ ମୁଖ୍ୟ ଅଭିଯୁକ୍ତ ରୂପେଶ ନିଜ ବାଇକ୍ ଧରି ଶୈଳଶ୍ରୀବିହାର ପାୱାର ଗ୍ରୀଡ୍ ଅଞ୍ଚଳକୁ ଯାଇ ସେଠାରେ ବାଇକ୍ ରଖିଥିଲେ। ପରେ କିଣିଥିବା ମହିଳା ପୋଷାକ ଓ ହେଲ୍‌ମେଟ୍ ପିନ୍ଧି ପୂରା ପ୍ରସ୍ତୁତ ହୋଇ ଏକ ଅଟୋରେ ପଡୋଶୀଙ୍କ ଘର ନିକଟରେ ଓହ୍ଲାଇଥିଲେ। ମଧ୍ୟାହ୍ନ ୧୨ଟା ୩୦ରେ ମିଶ୍ରାଙ୍କ ଘରର କଲିଂ ବେଲ୍ ମାରିଥିଲେ। ହାତରେ ଥିଲା ଏକ ଛୁରି ଓ ବନ୍ଧୁକ। ଏହି ସମୟରେ ସୁରେଶ ଘରେ ନ ଥିବାରୁ ଝିଅ ଅନନ୍ୟା କବାଟ ଖୋଲିଥିଲେ। ରୂପେଶ ହଠାତ୍ ଭିତରକୁ ପଶି କବାଟ ବନ୍ଦ କରିଦେବା ସହ ତତ୍‌କ୍ଷଣାତ ଛୁରିରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଅନନ୍ୟାଙ୍କ ମା' ପହଞ୍ଚିଯାଇଥିଲେ। ଫଳରେ ବହୁ ସମୟ ଧରି ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ହୋଇଥିଲା। ଜୀବନ ବଞ୍ଚାଇବାକୁ ମା' ଓ ଝିଅ ଛାଡ଼ି ନ ଥିଲେ। ଆତ୍ମରକ୍ଷା କରିବାକୁ ଯାଇ ସେମାନେ ରୂପେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ୩ଜଣ ଯାକ ରକ୍ତାକ୍ତ ହୋଇଯାଇଥିଲେ। ଉକ୍ତ ଘରୁ ଚିତ୍କାର ଶୁଭିବାରୁ ପାଖଘରେ କାମ କରୁଥିବା ଶ୍ରମିକମାନେ ଦୌଡ଼ିଆସି ସମସ୍ତଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ମା' ଓ ଝିଅ ଚିକିତ୍ସା ପରେ ସୁସ୍ଥ ହୋଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୪୫୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।


ରୂପେଶ କୁମାର ପଣ୍ଡା


ସଞ୍ଜୟ କୁମାର ପଣ୍ଡା

**ମହିଳା ବେଶରେ ଘରେ ପଶି ମା'ଝିଅଙ୍କୁ ଛୁରାମାଡ଼ ଘଟଣା**

- ବୁଦ୍ଧି ଦେଇଥିଲେ ସହକର୍ମୀ ସଞ୍ଜୟ କୁମାର ପଣ୍ଡା
- ଉଭୟଙ୍କୁ ଗିରଫ କଲା କମିଶନରେଟ ପୋଲିସ

#### ପୋଲିସକୁ ମିଛ କଥା କହି ବାଉଳା କରିଥିଲେ

ପ୍ରତି ଆକ୍ରମଣରେ ଆହତ ହୋଇ ରୂପେଶ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ହେଉଥିବା ସମୟରେ ସେ ଗଣମାଧ୍ୟମକୁ ଚକିତ କଲା ପରି ବୟାନ ଦେଇଥିଲେ। ୩ଜଣ ଲୋକ ତାଙ୍କୁ ଧରିକି କାର୍‌ରେ ମହିଳା ପୋଷାକ ପିନ୍ଧାଇଥିଲେ। ପରେ ଏକ ଅଟୋରେ ବସାଇ ଉକ୍ତ ଘର ଲୋକଙ୍କୁ ଆକ୍ରମଣ କରବାକୁ ବାଧ କରିଥିଲେ ବୋଲି ସେ କହିଥିଲେ। ତାଙ୍କ ସ୍ତ୍ରୀ ଓ ମା' ମଧ୍ୟ ସେହି କଥାକୁ ଦୋହରାଇ ଭ୍ରମିତ କରିଥିଲେ। ତେଣୁ ତାଙ୍କ କଥାରେ ପୋଲିସ ସନ୍ଦେହ କରୁଥିଲେ ବି ପୋଲିସ ପ୍ରଥମେ ଦ୍ୱନ୍ଦ୍ୱରେ ପଡିଥିଲା। ରୂପେଶ ସୁସ୍ଥ ହୋଇ ଫେରିବା ପରେ ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ରୂପେଶଙ୍କ କଲ୍ ଡିଟେଲ୍ସ ଯାଞ୍ଚରୁ ସେ ଉକ୍ତଦିନ ସଞ୍ଜୟଙ୍କ ସହ ବାରମ୍ବାର କଥା ହୋଇଥିବା ଜଣାପଡିଥିଲା। ଏପରିକି ଯେଉଁସମୟରେ ସେ ଦୁର୍ବୃତ୍ତଙ୍କ କବ୍‌ଜାରେ ଥିବା କହିଥିଲେ ସେହି ସମୟରେ ସେ ତାଙ୍କ ସ୍ତ୍ରୀଙ୍କ ସହ କଥା ବି ହୋଇଥିଲେ। ପୋଲିସକୁ ବାରମ୍ବାର ବାଉଳା କରିବା ପରେ ଶେଷରେ ରୂପେଶ ଶତ ଓକାଳିଥିଲେ।

#### ମାସେ ପୂର୍ବରୁ କିଣିଥିଲେ ଛୁରି, ବନ୍ଧୁକ

ରୂପେଶ ନିଜ ଘରର ଆଉ ୨ ମହଲା କରିବାକୁ ୧୮ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଘର କାମ ଚାଲୁଥିବାବେଳେ ସେ ଉକ୍ତ ଟଙ୍କା କିପରି ଶୁଝିବେ ସେହି ଚିନ୍ତାରେ ଥିଲେ। ରୂପେଶ ଏକ ଘରୋଇ ଟିଭି ଚ୍ୟାନେଲରେ କାମ କରନ୍ତି। ଋଣ ଶୁଝିବା ନେଇ ସେ ସହକର୍ମୀ ସଞ୍ଜୟଙ୍କ ସହ କଥା ହୁଅନ୍ତି। ତେବେ ମାସେ ତଳେ ତାଙ୍କ ପଡୋଶୀ ପ୍ରଫେସର ସୁରେଶ ମିଶ୍ରା ଅବସରକାଳୀନ ୨୦/୨୫ଲକ୍ଷ ଟଙ୍କା ପାଇଥିବା ସଂକ୍ରାନ୍ତରେ ସେ ସଞ୍ଜୟଙ୍କୁ ଜଣାଇଥିଲେ। ପଡୋଶୀଙ୍କ ଘରୁ ଉକ୍ତ ଟଙ୍କା ଲୁଟ୍ କରିବାକୁ ସଞ୍ଜୟ ତାଙ୍କୁ ବୁଦ୍ଧି ଦେଇଥିଲେ। ପଡୋଶୀ ହୋଇଥିବାରୁ ଧରା ନ ପଡ଼ିବା ପାଇଁ ମହିଳା ବେଶରେ ଲୁଟ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ଲୁଟ୍ ଅର୍ଥକୁ ଉଭୟେ ଅଧା ଅଧା ବାଣ୍ଟିନେବାକୁ କଥା ଛିଡିଥିଲା। ତେଣୁ ଭିନ୍ନ ଭିନ୍ନ ଦିନରେ ଉଭୟେ ମିଶି ଲୁଟ୍ ପାଇଁ ଆବଶ୍ୟକ ଛୁରି, ଖେଳନା ବନ୍ଧୁକ, ଦଉଡି, ସେଲୋଟେପ୍ ଇତ୍ୟାଦି ପଟିଆ ଓ ୧ ନମ୍ବର ମାର୍କେଟରୁ କିଣିଥିଲେ। ହେଲେ ସଞ୍ଜୟ ଧରାପଡିଯିବା ଭୟରେ ରୂପେଶଙ୍କ ସହ ଯାଇ ନ ଥିଲେ।

### ସାହସିକତା ପାଇଁ ସମ୍ବର୍ଦ୍ଧିତ ହେଲେ ମା, ଝିଅ



ଝିଅ ଅନନ୍ୟା ଓ ମା' ସ୍ମିତା ଘଟଣାଦିନ ଅଭିଯୁକ୍ତ ରୂପେଶଙ୍କ ହାତରେ ବନ୍ଧୁକ ଓ ଛୁରି ଦେଖି ଡରି ଯାଇ ନ ଥିଲେ। ଅତି ସାହସର ସହିତ ମୁକାବିଲା କରିଥିଲେ। ରୂପେଶ ପ୍ରଥମେ ଉଭୟଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ହେଲେ ଅନନ୍ୟା ବୁଦ୍ଧି ଖଟାଇ ରୂପେଶଙ୍କୁ କାବୁ କରିନେଇଥିଲେ। ଛୁରି, ବନ୍ଧୁକ ଛଡ଼ାଇ ମିଳିତ ଭାବେ ତାଙ୍କୁ ପ୍ରତି ଆକ୍ରମଣ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଚାରିଆଡ଼ୁ ମା' ଓ ଝିଅଙ୍କ ପ୍ରତି ପ୍ରଶଂସାର ସୁଅ ଛୁଟିଥିଲା। ଏହି ସାହାସିକତା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସେମାନଙ୍କୁ ପ୍ରଶଂସା ପତ୍ର ଦିଆଯିବା ସହ ସମ୍ବର୍ଦ୍ଧିତ କରାଯାଇଛି।

### ଅମ୍ବିକା ଫାଉଣ୍ଡେଶନର ବାର୍ଷିକୋତ୍ସବ

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ଅମ୍ବିକା ଫାଉଣ୍ଡେଶନର ସପ୍ତମ ବାର୍ଷିକ ଉତ୍ସବ ଝାରପଡ଼ାସ୍ଥିତ ମଧୁରମୟୀ ଶିକ୍ଷାନିକେତନ ବାଳାଶ୍ରମରେ ପାଳିତ ହୋଇଯାଇଛି। ଉତ୍ସବରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୩ଜଣ ଲେଖାଏ ପିଲାଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ଦିଆଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ରୂପେ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ଯୋଗ ଦେଇଥିବାବେଳେ ବିଜୟଲକ୍ଷ୍ମୀ କର, ମମତା ବାଜପେୟୀ, ସୁଶ୍ରୀ ନିରୋଜାଲକ୍ଷ୍ମୀ ମହାପାତ୍ର, ସମାଜସେବୀ ପ୍ରତାପ ସାହୁ, ରଞ୍ଜନ ମହାପାତ୍ର, ବିଦ୍ୟୁସ୍ମିତା ମନ୍ତ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଟ୍ରଷ୍ଟ ଅଧକ୍ଷା ଡ. ଅମ୍ବିକା ମହାରଣା ଯୋଗଦେଇ କହିଲେ, ଦୁଃଖୀ ଓ ଭୋକିଲାଙ୍କ ମୁହଁରେ ମୁଠେ ଦାନା ଦେଇ ହସ ଫୁଟାଇବା ଅନୁଷ୍ଠାନର ଏକମାତ୍ର ଲକ୍ଷ୍ୟ। ଏହି ଅବସରରେ କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ଓଲିଉଡ଼ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବିନା ଭକ୍ତରେ ହେବ ରାଧାପାଦ ଦର୍ଶନ ନୀତି

**ସାକ୍ଷୀଗୋପାଳ,୫।୧୧ (ସ୍ୱ.ପ୍ର./ଡି.ଏନ୍.ଏ.):**

ସାକ୍ଷୀଗୋପାଳ ମନ୍ଦିରରେ ଆସନ୍ତା ୧୨ ତାରିଖରେ ଅଁଳାନବମୀ ଓ ଶ୍ରୀ ଶ୍ରୀ ରାଧାରାଣୀଙ୍କର ପାଦ ଦର୍ଶନ ଓ ୧୫ ତାରିଖରେ ବଡ଼ ଏକାଦଶୀ, ଠାକୁର ଶ୍ରୀ ଶ୍ରୀ ଗୋପାଳ ଜୀଉ ଓ ଠାକୁରାଣୀ ରାଧାରାଣୀଙ୍କର ଲକ୍ଷ୍ମୀ ନାରାୟଣ ବେଶ ଓ ପ୍ରସିଦ୍ଧ ଚୁଡାଘସା ଭୋଗ ଅନୁଷ୍ଠିତ ହେବ। ଏଥିନିମନ୍ତେ ଶୁକ୍ରବାର ଅପରାହ୍ନରେ ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳା ମଧ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ବୈଠକରେ ସରକାରଙ୍କର କୋଭିଡ୍ କଟକଣା ଅନୁଯାୟୀ ରୀତିନୀତି ଅନୁଯାୟୀ ଦେବନୀତି ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ୧୨ ଓ ୧୫ ତାରିଖ ମନ୍ଦିର ଚତୁର୍ପାର୍ଶ୍ୱରେ ୧୪୪ ଧାରା ଜାରି କରାଯିବ। ଫଳରେ ବିନା ଭକ୍ତରେ ରାଧାପାଦ ଦର୍ଶନ ନୀତି ହେବ। ବୈଠକରେ ସତ୍ୟବାଦୀ ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ତହସିଲଦାର କ୍ଷୀରୋଦ ବେହେରା, ଆରକ୍ଷୀ ନିରୀକ୍ଷକ ଦେବୀ ପ୍ରସାଦ ପାତ୍ର, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ପ୍ରଧାନ, ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର, ସମ୍ପାଦକ ବିଜୟ ନନ୍ଦ, ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଦୀପାବଳିରେ ଭୁବନେଶ୍ୱର ଲୋକେ ଆକାଶ ଛତା ଛାଡୁଛନ୍ତି। (ଫଟୋ: ବିକାଶ)

### କଟକଣା ସତ୍ତ୍ୱେ ବିଳମ୍ବିତ ରାତିଯାଏ ବାଣ ଫୁଟିଲା

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ଦୀପାବଳିରେ କେବଳ ସବୁଜ ବାଣ ଫୁଟାଇବା ପାଇଁ ହାଇକୋର୍ଟ ଅନୁମତି ଦେଇଥିଲେ। ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ଫୁଟାଇବାକୁ ନିର୍ଦ୍ଦେଶ ସତ୍ତ୍ୱେ ଭୁବନେଶ୍ୱରରବାସୀଙ୍କ ଉପରେ ଏହାର କିଛି ପ୍ରଭାବ ପଡ଼ି ନ ଥିଲା। ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସହରରେ ବାଣ ଫୁଟୁଥିବା ଦେଖିବାକୁ ମିଳିଥିଲା। ପୋଲିସ କେତେକ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ଚାରିଆଡେ ନିୟମ ଉଲ୍ଲଂଘନ ହେଉଥିବାରୁ ରୋକିବା ସମ୍ଭବ ନ ଥିଲା। ଏପରିକି ପୋଲିସ ଯିବା ପରେ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଉଥିଲେ ଲୋକେ।

### ଆଜି ଚନ୍ଦ୍ରଶେଖରପୁରରେ ସଫେଇ କର୍ମଚାରୀଙ୍କ କାମ ବନ୍ଦ

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

**ରାମ୍‌କୀ ଅଫିସ ଘେରିବ ୟୁନିୟନ**

ବୋନସ୍ ଟଙ୍କାକୁ ନେଇ ପୁଣି ରାସ୍ତାକୁ ଓହ୍ଲାଇବେ ସଫେଇ କର୍ମଚାରୀ। ଦୀପାବଳୀ ପୂର୍ବରୁ ବୋନସ୍ ଟଙ୍କା ପାଇ ନ ଥିବାବେଳେ ୨୦୧୭ ମସିହାରୁ ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ ପକ୍ଷରୁ ୧୦ଦଫା ଦାବି ଉପସ୍ଥାପନ କରାଯାଉଥିଲେ ସୁଦ୍ଧା ଗ୍ରହଣ କରାଯାଉ ନାହିଁ। ଏପରିକି ଏ ସମ୍ପର୍କରେ ଠିକା ସଂସ୍ଥା ରାମ୍‌କୀ ମଧ୍ୟ ୟୁନିୟନ ସହିତ ଆଲୋଚନା କରିବାକୁ ମନା କରିଦେଇଛି। ଏହାର ପ୍ରତିବାଦସ୍ୱରୂପ ଶନିବାର ଚନ୍ଦ୍ରଶେଖରପୁର ଅଞ୍ଚଳରେ ସଫେଇ କର୍ମଚାରୀମାନେ କାମ ବନ୍ଦ ଡାକରା ଦେଇଛନ୍ତି। ଏଥିସହ ରାମକି ଅଫିସ୍ ଘେରାଉ କରିବା ପାଇଁ ନିଷ୍ପତ୍ତି ହୋଇଥିବା ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ ସଭାପତି ବିଷ୍ଣୁଚରଣ ମହାନ୍ତି ସୂଚନା ଦେଇଛନ୍ତି। ଶୁକ୍ରବାର ୟୁନିୟନ ପକ୍ଷରୁ ଶ୍ରମିକ ଭବନରେ ଏକ ବୈଠକ ହୋଇଥିଲା। ଏଥିରେ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି, ମାସ୍କ, ଗ୍ଲୋଭ୍ସ, ହାତ ଧୋଇବା ପାଇଁ ସାବୁନ୍, ବାର୍ଷିକ ବୋନସ, ପ୍ରସୂତିକାଳୀନ ଛୁଟି ଓ ସୁବିଧା, ଛୁଟି ଦିନରେ କାମ କଲେ ପ୍ରାପ୍ୟ ଦେବା ଭଳି ୧୦ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ୪ବର୍ଷ ହେବ ଦାବି କରାଯାଉଥିଲେ ମଧ୍ୟ କେହି ନ ଶୁଣିବାରୁ ଏଭଳି ପଦକ୍ଷେପ ନିଆଯାଉଥିବା କୁହାଯାଇଛି। ବିଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଅନ୍ୟ ଦାବି ଓ ବୋନସ ପଇଠ ପାଇଁ ସଂଗଠନ ଦାବି କରିଛି। ଅନ୍ୟଥା ଯାହା କ୍ଷୟକ୍ଷତି ହେବ କର୍ତ୍ତୃପକ୍ଷ ସେଥିପାଇଁ ଦାୟୀ ରହିବେ ବୋଲି ୟୁନିୟନ ଚେତାବନୀ ଦେଇଛି। ସୂଚନାଯୋଗ୍ୟ, ଭୁବନେଶ୍ୱରକୁ ସଫା ରଖିବା ପାଇଁ ବିଏମ୍‌ସି ଅଧୀନରେ ପ୍ରାୟ ୨୫୦୦ ଓ ୩ଟି ଠିକାଦାରଙ୍କ ଜରିଆରେ ପ୍ରାୟ ୪୫୦୦ରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ପାଇଛନ୍ତି।

### ନିଖୋଜ ଯୁବକଙ୍କ ମୃତଦେହ ଜବତ

**ପିପିଲି,୫।୧୧(ସ୍ୱ.ପ୍ର.)**

ପିପିଲି ଥାନା ଦୟା ନଦୀରେ ଥିବା ବାଲିଘାଟସ୍ଥିତ ଲେମ୍ବୁଆପଡାରୁ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଖଣ୍ଡଗିରି ଥାନା ପାତ୍ରପଡ଼ା ଅଞ୍ଚଳର ଅଭିନାଶ ଦାଶ (୩୨)। ସେ ଦୁଇଦିନ ତଳେ ବାଲିଘାଟରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଏ ନେଇ ପୋଲିସ ମୃତଦେହ ପୁରୀରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରାୟ ଗୋଟିଏ ବର୍ଷ ମଧ୍ୟରେ ଏହି ବାଲିଘାଟରେ ପଡ଼ି ୪ଜଣଙ୍କ ଜୀବନ ଯାଇଥିବା ସ୍ଥାନୀୟ ଲୋକ କହିଛନ୍ତି। ଫଳରେ ବାଲିଘାଟକୁ ନେଇ ଘଟଣାସ୍ଥଳରେ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେପଟେ ଖବରପାଇ ପିପିଲି ତହସିଲଦାର ସପନ କୁମାର ନନ୍ଦ ବାଲିଘାଟକୁ ପରିଦର୍ଶନ କରି ଫେରିଛନ୍ତି। ପୋଲିସ ସୂଚନା ମୁତାବକ, ଗତ ଦୁଇଦିନ ତଳେ ଅଭିନାଶ ତାର ସାଙ୍ଗମାନଙ୍କ ସହ ଜଟଣୀସ୍ଥିତ କାକୁଡିଆ ବାଲିଘାଟ ନିକଟରେ ଭୋଜି କରିବା ପାଇଁ ଯାଇଥିଲେ। ନଦୀକୁ ଧୋଇ ହେବାକୁ ଯାଇଥିବାବେଳେ ବାଲିଘାଟ ଗଣ୍ଡରେ ପଡ ନିଖୋଜ ଥିଲେ। ଖବରପାଇ ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକଙ୍କ ତତ୍ତ୍ୱାବଧାନରେ ୧ଟି ଓଡ୍ରାଫ ଟିମ ଓ ପିପିଲି ଦମକଳ ବାହିନୀ ନିୟୋଜିତ ହୋଇ ଖୋଜାଖୋଜି କରିଥିଲେ ମଧ୍ୟ ଯୁବକଙ୍କୁ ପାଇ ନ ଥିଲେ। ତେବେ ଶୁକ୍ରବାର ଭୋରୁ ଲେମ୍ବୁଆପଡା ମୌଜା ନଦୀ ପାଣିରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲେ। ଅନ୍ୟପଟେ ଅଭିନାଶଙ୍କ ପରିବାର ଲୋକେ ପୁଅ ନିଖୋଜ ଥିବା ନେଇ ହରିରାଜପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଡେଲାଙ୍ଗ ଥାନାରେ ନଂ. ୮/୨୧ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଗିରଫ ଦାବିରେ ସମାବେଶ

**ବୋଲଗଡ଼,୫।୧୧(ଡି.ଏନ୍.ଏ.)**

ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ ଓ ଗିରଫ ଦାବିରେ ଶୁକ୍ରବାର ଭାଜପା ପକ୍ଷରୁ ବୋଲଗଡ଼ ଥାନା ଆଗରେ ବିକ୍ଷୋଭ ସହ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିସହ ମନ୍ତ୍ରୀ ମିଶ୍ରଙ୍କ ନାଁରେ ଏତଲା ଦିଆଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଋଷଭ ନନ୍ଦଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଠାରୁ ଶୋଭାଯାତ୍ରାରେ ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେବା ସହ ଥାନା ଆଗରେ ପହଞ୍ଚିବା ପରେ ଏକ ସମାବେଶ କରାଯାଇଥିଲା।


ଭୁବନେଶ୍ୱର ଭିଏସ୍ଏସ୍ ନଗରରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।


ସତ୍ୟନଗର କାଳୀମନ୍ଦିର।


ପୁରୁଣା ଷ୍ଟେସନ ବଜାର ।


କଟକ ବାଖରାବାଦର ଛିନ୍ନମସ୍ତା କାଳୀ।

## କହିଲ ଦେଖି

(୧)
ନୀଳ ଆକାଶରେ ଉଡ଼ି ବୁଲୁଥାଏ
ହଳଦୀ ରଙ୍ଗର ଦେହେ,
ଶୁଭାଶିଷ ଢାଳେ ଗଛ ଉପରେ ବସି
ସଭିଙ୍କ ମନକୁ ମୋହେ।



ଉତ୍ତର:- **ହଳଦୀବସନ୍ତ**

(୨)
ଚିଠି ଦିଆ ନିଆ ମାଧ୍ୟମଟେ ଥିଲା
ପୂରୁବ କାଳରେ ସିଏ,
ପକ୍ଷୀଗଣ ମଧ୍ୟେ ସବୁଠୁ ନିରୀହ
ଘୁଉଁ ଘୁଉଁ ରା ଦିଏ।



ଉତ୍ତର- **ପାରା**

(୩)
ରାତିର ଅନ୍ଧାରେ ଅତି ସହଜରେ
ଏଣେ ତେଣେ ପାରେ ବୁଲି,
ମା' ଲକ୍ଷ୍ମୀଙ୍କର ବାହନ ତ ସିଏ
କିଏ ବା ପାରିବ ଭୁଲି।



ଉତ୍ତର- **ପେଚା**

**-ସୁବ୍ରତ ମଲ୍ଲିକ,**
*ମଙ୍ଗଳପୁର, ଅସୁରାଳି, ଭଦ୍ରକ*

## ଖିଲିଖିଲି ହସ

(ମାମୁ ଓ ଭଣଜା ମଧ୍ୟରେ କଥାବାର୍ତ୍ତା)
ଭଣଜା-ମାମୁ! ଆସିବାରେ ଏତେ ଲେଟ୍ କ'ଣ କଲ? ଆଉ ମୋ ପାଇଁ ମିଠା ଆଣିଚ ତ?
ମାମୁ- ହଁ, ତୋ ପାଇଁ ମିଠା ନ ଆଣିଲେ ହେବ କେମିତି?
ଭଣଜା-ଭଲ କଥା ।
ମାମୁ-ଭଣଜା! ଆଉ ଆଗକୁ କ'ଣ ଭାବିଚୁ କରିବୁ ବୋଲି?
ଭଣଜା- ଭାବିଚି .... ଆପଣ କେତେ ଜଲଦି ଘରୁ ଯିବେ, ଆଉ ମୁଁ ସବୁ ମିଠା ଖାଇବି।

---

(ଟି.ଟି.ଆଇ. ଓ ଚିଣ୍ଟୁ)
ଟି.ଟି.ଆଇ.- ତୁମ ଟିକେଟ୍ ଦେଖାଅ।
ଚିଣ୍ଟୁ(ଟିକେଟ୍ ଦେଖାଇ)-ଏଇ ନିଅ।
ଟି.ଟି.ଆଇ.-ଇଏ କ'ଣ? ପୁରୁଣା ଟିକେଟ୍ ଦେଖଉଚ। ଏଇଟା ହବନି। ନୂଆ ଟିକେଟ୍ ଦେଖାଅ।
ଚିଣ୍ଟୁ-ହବନି କାହିଁକି। ତମେ ଏମିତି ନୂଆ ଟିକେଟ୍ ମାଗୁଚ, ଯେମିତି ଟ୍ରେନ୍‌ଟି ବି ନୂଆ ଏବେ ଶୋ'ରୁମ୍‌ରୁ ଆଣିଚ। ଟ୍ରେନ୍ ପୁରୁଣା ତ ଟିକେଟ୍ ବି ପୁରୁଣା।

## ମତାମତ

➤ଗତ ସପ୍ତାହରେ ପ୍ରକାଶିତ କବିତା ଗୁଡ଼ିକ ପଢ଼ି ଭଲ ଲାଗିଲା।
*-ଅଭୟ କୁମାର ମଲ୍ଲିକ, ଯାଜପୁର*

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁପାରୁଛି।
*-ସ୍ନେହାସ୍ମିତା ମହାନ୍ତି, ପୁରୀ*

➤'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣି ହେଉଛି। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ।
*-ଗୀତାଞ୍ଜଳି ନାୟକ, ରେଢ଼ାଖୋଲ*

➤ଏଥର ସଂଖ୍ୟାରେ କିଏ କେମିତି ଦୀପାବଳି ପାଳିବେ ତାକୁ ନେଇ ଏହି ପୃଷ୍ଠାର ଉପସ୍ଥାପନା ଶୈଳୀ ବହୁତ ଭଲ ଲାଗିଲା।
*-ରାମଚନ୍ଦ୍ର ମହାନ୍ତି, ବ୍ରହ୍ମପୁର*




ଆସ ଜାଣିବା

# ସବୁଠାରୁ ବଡ଼ ଓ ଛୋଟ ଫୁଲ

**ଆ**ମର ଏ ପୃଥିବୀ ବୈଚିତ୍ର୍ୟତାରେ ପରିପୂର୍ଣ୍ଣ। କେତେ ପ୍ରକାରର ଗଛଲତା, ଜୀବଜନ୍ତୁ ରହିଛନ୍ତି, ତାହାର କଳନା ବାହାରେ। ଫୁଲଜଗତରେ ବି ସେମିତି ରହିଛି ଅନେକ ଆଶ୍ଚର୍ଯ୍ୟଜନକ ଫୁଲ। ସେହିପରି ପୃଥିବୀର ସବୁଠାରୁ ବଡ଼ ଫୁଲ 'ରାଫ୍ଲେସିଆ ଆର୍ନୋଲ୍‌ଡି' ଓ ସବୁଠାରୁ ଛୋଟ ଫୁଲ 'ୱାଟରମିଲ୍' ଅନେକ ବିସ୍ମୟକର ଫୁଲଗୁଡ଼ିକ ମଧ୍ୟରୁ ଅନ୍ୟତମ।

'ରାଫ୍ଲେସିଆ ଆର୍ନୋଲ୍‌ଡି'ର ଆବିଷ୍କାର ପଛରେ ରହିଛି ଏକ କାହାଣୀ। ଏହାକୁ ପ୍ରଥମେ ଜଣେ ଫରାସୀ ଜୀବ ଓ ଉଦ୍ଭିଦ ବିଶାରଦ ଲୁଇ ଦେସ୍‌ଚାମ୍ପସ୍ ଜାଭା ଦ୍ୱୀପରେ ୧୭୯୧ରୁ ୧୭୯୪ ମସିହା ମଧ୍ୟରେ ଆବିଷ୍କାର କରିଥିଲେ ଓ ଉକ୍ତ ଫୁଲ ବିଷୟରେ ଅନେକ ତଥ୍ୟ ଲେଖିଥିଲେ। ତାଙ୍କ ଲେଖାସବୁକୁ ଇଂରେଜମାନେ





୧୮୦୩ ମସିହାରେ ଜବତ କରି ନେଇଥିଲେ ଏବଂ ୧୮୬୧ ପର୍ଯ୍ୟନ୍ତ ଏ ତଥ୍ୟ ସବୁକୁ ପାଶ୍ଚାତ୍ୟ ଦେଶଗୁଡ଼ିକଠାରୁ ଲୁଚେଇ ରଖିଥିଲେ। ୧୮୧୮ ମସିହାରେ ଜଣେ ଇଂରେଜ ଯୋଶେଫ ଆର୍ନୋଲ୍ଡ ଇଣ୍ଡୋନେସିଆର ଅରଣ୍ୟକୁ ଅନୁସନ୍ଧାନ ଅଭିଯାନରେ ଆସିଥିଲେ। ସେତେବେଳେ ତାଙ୍କ ପାଖରେ କାର୍ଯ୍ୟ କରୁଥିବା ତାଙ୍କର ମାଳବ ଚାକରଟି ଘଞ୍ଚ ଅରଣ୍ୟ ମଧ୍ୟରେ ତାଙ୍କୁ ଏ ଫୁଲଟିକୁ ଦେଖାଇଥିଲା। ଏଇ ଘଟଣା ପରେ ଯୋଶେଫ ଆର୍ନୋଲ୍ଡ ଓ ତାଙ୍କ ଗୋଷ୍ଠୀର ଅନ୍ୟମାନେ ଫୁଲଟିକୁ ପାଶ୍ଚାତ୍ୟ ସମାଜକୁ ଚିହ୍ନେଇ ଥିଲେ। ସେମାନେ ତାଙ୍କର ଏ ଅଭିଯାନର ମୁଖ୍ୟ ଷ୍ଟାଣ୍ଡଫୋର୍ଡ଼ ରାଫେଲ୍‌ଙ୍କ ନାମାନୁସାରେ ପୃଥିବୀର ଏ ବୃହତ୍ ଫୁଲଟିର ନାମକରଣ କରିଥିଲେ 'ରାଫ୍ଲେସିଆ ଆର୍ନୋଲ୍‌ଡି'।

ଉକ୍ତ ଫୁଲଟିର ଆକାର ୩ ଫୁଟ ହେବ ଏବଂ ଓଜନ ୧୫ ପାଉଣ୍ଡ ପାଖାପାଖି। ଏହା ଏକ ପରଜୀବୀ ଉଦ୍ଭିଦ। ଏହାର କୌଣସି ସୁଦୃଶ୍ୟ ପତ୍ର, ମୂଳ ବା ଡାଙ୍ଗ ନଥାଏ। ଫୁଲଟି ଦେଖିବାକୁ ଆକର୍ଷଣୀୟ ରଙ୍ଗର ହୋଇଥିଲେ ମଧ୍ୟ ବାସ୍ନାଯୁକ୍ତ ନୁହେଁ। ଏଥିରୁ ପଚାମାଂସର ଦୁର୍ଗନ୍ଧ ପରି ଏକ ଦୁର୍ଗନ୍ଧ ବାହାରୁଥାଏ। ଏହା ଏକ ମାଂସାହାରୀ ଉଦ୍ଭିଦ ହୋଇଥିବାରୁ ଏ ଦୁର୍ଗନ୍ଧ ଦ୍ୱାରା ବିଭିନ୍ନ କୀଟ, ପତଙ୍ଗଙ୍କୁ ଆକର୍ଷିତ କରି ନିଜ ଖାଦ୍ୟ ବନେଇବାରେ ଓ ପରାଗ ସଙ୍ଗମରେ ଲଗାଇଥାଏ।

ସମ୍ପୃକ୍ତ ଫୁଲଟିକୁ ଦେଖିବାକୁ ଦିନକୁଦିନ ଯାତ୍ରୀମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି। ଏଣୁ ସେଠିକାର ପରିବେଶର ସନ୍ତୁଳନ ବାଧାପ୍ରାପ୍ତ ହୋଇ ଏଇ ଫୁଲର ସଂଖ୍ୟା କମିବାରେ ଲାଗିଛି। ଏଥିପାଇଁ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ପୃଥିବୀର ଏଇ ସର୍ବବୃହତ୍ ଫୁଲ 'ରାଫ୍ଲେସିଆ ଆର୍ନୋଲ୍‌ଡି' ଇଣ୍ଡୋନେସିଆର ଜାତୀୟ ଫୁଲ ଅଟେ।

ଏବେ ଆସନ୍ତୁ ଜାଣିବା ପୃଥିବୀର ସବୁଠୁ ଛୋଟ ଫୁଲ ବିଷୟରେ। ଏହାର ନାମ ହେଲା 'ୱାଟରମିଲ୍'। ତା'ର ଆଉ ଗୋଟିଏ ନାଁ ହେଲା ଉଲ୍‌ଫିଆ ଗ୍ଲୋଗୋସା। ଏହା ଏକ ଜଳଜ ଉଦ୍ଭିଦ, ଯାହାର ଚେର ନ ଥାଏ। ତେଣୁ 'ୱାଟରମିଲ୍' ଜଳ ଉପରେ ଭାସମାନ ଅବସ୍ଥାରେ ଥାଏ। ଏହାର ଫଳ ମଧ୍ୟ ପୃଥିବୀର ସବୁଠୁ ଛୋଟ ଫଳ, ଯାହାର ନାଁ ହେଲା 'ୟୁଟ୍ରିକିଲ୍'। ପୃଥିବୀର ପ୍ରାୟ ଜାଗାରେ ୱାଟରମିଲ୍ ମିଳିଥାଏ। ସୋୟାବିନ୍ ପରି ୱାଟରମିଲ୍‌ରେ ୪୦% ପୁଷ୍ଟିସାର (ପ୍ରୋଟିନ୍) ରହିଚି। ତେଣୁ ଏହାକୁ ଅଧିକାଂଶ ସ୍ଥାନରେ ଖାଦ୍ୟ ରୂପରେ ମଧ୍ୟ ଗ୍ରହଣ କରାଯାଇଥାଏ। 'ୱାଟରମିଲ୍'ର ଆକାର ୨ମି.ମି. ଭିତରେ ସୀମିତ ଥାଏ।

ପୃଥିବୀର ସବୁଠୁ ବଡ଼ ଫୁଲ 'ରାଫ୍ଲେସିଆ ଆର୍ନୋଲ୍‌ଡି' ଏବଂ ସବୁଠୁ ଛୋଟ ଫୁଲ 'ୱାଟରମିଲ୍' ସେମାନଙ୍କର ଆକାର ଓ ଉପାଦେୟତା ପାଇଁ ଉଦ୍ଭିଦ ଜଗତରେ ଏକ ବିଶେଷ ସ୍ଥାନ ଅଧିକାର କରିଛନ୍ତି।

***-ଜାହ୍ନବୀ ମିଶ୍ର***
*ନଭି ମୁମ୍ବାଇ, ମହାରାଷ୍ଟ୍ର*
*ମୋ: ୯୧୩୬୧୧୯୭୫୩*




## ଆସିଛି ଶୀତ

**ଶ**ରତ ଗଲାଣି ସରି ସରି
ବରଷା ଗଲାଣି ଫେରି ଫେରି,
ଶୀତ ଆସିଲା ଥିରି ଥିରି
ପେଡ଼ି ପୁଟୁଳିକୁ ସାଥେ ଧରି।

କାର୍ତ୍ତିକ ଆସିଛି ଧାଇଁ ଧାଇଁ
ଧର୍ମର ମାସଟି ପରା ଏଇ,
ଦୀପାବଳି ସାଥେ ବାଣ ନେଇ
ଡଙ୍ଗା ଭସା ପୁଣି ଶେଷେ ଯାଇ।

ଚାଷୀ ଭାଇର ସେ ଅଟେ ମିତ
ପାଚିଲା ଧାନରେ ହସେ କ୍ଷେତ,
ଖାତିରି କରେନି ଗାଏ ଗୀତ
ଏହା ଦେଖି ତାକୁ ଡରେ ଶୀତ।

ସବୁଜ ପରିବା ଅଛି ଯେତେ
ହସୁ ଥାଏ ପୁଣି ଏଇ ଶୀତେ,
ପାଳଙ୍ଗ,କୋଶଳା, ଧନିଆରେ
ବାଡ଼ି ହସୁଥାଏ ଆନନ୍ଦରେ।

***-ଝରଣା ବାରିକ,***
*ସମଲ, ତାଳଚେର, ଅନୁଗୋଳ*

### ହସ ଖୁସି

କରୋନା ପାଇଁ ଯାଇଛି
ଜୀବନଟି କେତେ
ନାହିଁ ସୁଖ ଦୁଃଖେ ଦିନ
ସଭିଙ୍କର ବିତେ।

ଏକାଠି ହୋଇଲେ ବଢ଼େ
କରୋନାର ଭାଉ
ମଣିଷ ଜୀବନ ନେଇ
ରୋଗ ସାଧେ ଦାଉ।

ଚଉଦିଗେ କଟକଣା
ଲାଗେ ଭାରି ଡର
ଆସଇ ଦେହକୁ ଥଣ୍ଡା
କାଶ ଛିଙ୍କ ଜର।

ସଭିଏଁ ଏକାଠି ବସି
ନାଚିବା ଗାଇବା
ବଣ ବୁଦା ଗଛୁ ତୋଳି
କୋଳିକେ ଖାଇବା।

ଫେରି ଆସୁ ହସ ଖୁସି
ହଟୁ ଦୁଃଖ ରାତି
କରୋନାକୁ ଦେଶୁ ତଡ଼ି
ଖେଳେ ଯିବା ମାତି।

***-ପ୍ରଶାନ୍ତ କୁମାର ଦାଶ***
*କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ*

## ଚାଲ ଆମେ ସ୍କୁଲଯିବା

**ଆ**ସ ପିଲେ ଆମେ ଆଜି ପଢ଼ିବା ପାଠ
ବ୍ୟାଗ ଧରି ସ୍କୁଲ ଯିବା ନ କରି ମଠ ।
ସାଙ୍ଗ ହୋଇ ମିଳିମିଶି ଗଢ଼ିବା ଦେଶ
ସଫା ହୋଇ ସ୍କୁଲ ଯିବା କୁଣ୍ଡାଇ କେଶ ।
ରଙ୍ଗ ଦେବା ଚିତ୍ର ଆଙ୍କି ଭଳିକି ଭଳି
ଗୀତ ଗାଇ ସ୍କୁଲ ଯିବା ନ କରି କଳି ।
ପାଣି ନେଇ ମୂଳେ ଦେବା ଲଗାଇ ଗଛ
ହସି ଖେଳି ସ୍କୁଲ ଯିବା ନ ମଣି ତୁଚ୍ଛ ।
ପାଠେ ଦେବା ମନଧ୍ୟାନ ଛାଡ଼ି କୁପଥ
ଚାଲ ବେଗି ସ୍କୁଲ ଯିବା କରି ଶପଥ ।

**-ରାମଚନ୍ଦ୍ର ପ୍ରଧାନ**, ଶିକ୍ଷକ,
ସାନ୍ତରାପଲ୍ଲୀ, ଗଞ୍ଜାମ

## ଆକାଶ ଦୀପ

**କା**ର୍ତ୍ତିକ ମାସର ସଞ୍ଜ ଆକାଶରେ
ଆକାଶ ଦୀପ ଜଳେ,
ଝୋଟି ଚିତା ଦେଇ ତୁଳସୀ ପୂଜନ୍ତି
ତୁଳସୀ ଚଉରାମୂଳେ।
ସକାଳ ସଞ୍ଜରେ ଗ୍ରାମ, ସହରରେ
ହରେକୃଷ୍ଣ ହରେରାମ,
ନାମ ସଂକୀର୍ତ୍ତନ ମୋହି ନିଏ ମନ
ଲାଗେ ବଇକୁଣ୍ଠ ଧାମ।
କାର୍ତ୍ତିକ ପୂନେଇ ବୋଇତ ବନ୍ଦାଣ
ପିଲାଙ୍କ ମନ ଉଛନ୍ନ
ଜାତି ଜାତିକାର ଡ଼ଙ୍ଗା ଭସାଇବେ
ନଈ ପୋଖରୀରେ ଜାଣ।
କାକର ପଡୁଛି ଶୀତ ଆସିଗଲା
ହେବା ସର୍ବେ ସଚେତନ,
ଶୀତବସ୍ତ୍ର ନିଶ୍ଚେ କର ପରିଧାନ
ଘେନି ମୋର ନିବେଦନ।

***-ସୀମାଞ୍ଚଳ ଖଟୁଆ***
*ମଞ୍ଚେଶ୍ୱର, ଭୁବନେଶ୍ୱର*

## ଧନ୍ୟ ସେହି କାରିଗର

କିଏସେ ଭରିଛି ଫୁଲରେ ମହକ
ଗଛରେ ପତର ମାଳ,
ନାନା ଜାତି ଗଛେ ଭରି ଦେଇଅଛି
ସୁଆଦିଆ କେତେ ଫଳ।

ଆକାଶେ ରଖିଛି ସୂରୁଜ, ଚନ୍ଦ୍ରମା
ଦିନ ଓ ରାତିକୁ ଚାହିଁ
ମଧୁପେ ଦେଇଛି ମଧୁ ଶୋଷା କଳା
ଆଉ କା'ରେ ଦେଇ ନାହିଁ।

ଟିକି ଚଢେଇର ଛୋଟିଆ ଥଣ୍ଟରେ
କ୍ଷୁଦ କେ ଦେଇଛି ଭରି,
କୁନି ଜୀବଟି ବି ବାଟ ନଭୁଲି
ତା' ବସାକୁ ଯାଉଛି ଫେରି।

ଶୂନ୍ୟରୁ ଝରୁଛି ବରଷାର ଝର
ପବନ ଗଢ଼ିଛି କିଏ,
ମଣିଷ ମୁଣ୍ଡରେ ବୁଦ୍ଧି ଭରି ଦେଇ
ଶ୍ରେଷ୍ଠ ଜୀବ ନାମ ଦିଏ।

ଚିର ବନ୍ଦନୀୟ ଚିର ନମସ୍ୟ ସେ
ଅଟନ୍ତି ପରମେଶ୍ୱର,
ପାଦ ତଳେ ତାଙ୍କ ମଥା ନଇଁଯାଏ
ଧନ୍ୟ ସେହି କାରିଗର।

***-ସତ୍ୟବ୍ରତ ସାହୁ***
*ପଲ୍ଲାସାହି, କମାଳପୁର,*
*ଅହିୟାସ, ଯାଜପୁର*



## ତୁମ ପଢ଼ିବା ପାଇଁ

### ଝୁମୁକା




ତ୍ରୈମାସିକ ଶିଶୁ-କିଶୋର ସାହିତ୍ୟ ପତ୍ରିକା 'ଝୁମୁକା'ର ପୂଜା ବିଶେଷାଙ୍କରେ ରହିଛି କବିତା, ଗପ, ଅନୁବାଦ ଗପ, ଅନୁଭୂତି ଏବଂ ବିଜ୍ଞାନଭିତ୍ତିକ ଲେଖା। ଏଥର ସଂଖ୍ୟାରେ ସ୍ଥାନିତ ଦଶହରା, ଏଇ ଯେ ଶରତ, ସତ୍ୟାଗ୍ରହ, ଟିକ୍ ଟିକ୍ ଟିକିଆ, ବିଧାତା ଗଢ଼ିଛି ଯାହାକୁ ଯେମିତି ଆଦି କବିତା ଏବଂ ଗପ ମଧ୍ୟରେ ଠେକୁଆ ପିଲାର ଦୁଃଖ, ଦେବଦୂତ, ଗଛମାନେ ବି କଥା କହନ୍ତି, ପ୍ରାର୍ଥନାର ଶକ୍ତି ପିଲାଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ। ମାନସ ରଞ୍ଜନ ସାମଲଙ୍କ ଦ୍ୱାରା ସମ୍ପାଦିତ ଏହି ଶାରଦୀୟ ସଂଖ୍ୟାର ମୂଲ୍ୟ ରହିଛି ୩୦ ଟଙ୍କା। **ଯୋଗାଯୋଗ** : 'ଝୁମୁକା', ସତ୍ୟଲିପି, ୧୪୪, ଗଭର୍ଣ୍ଣମେଣ୍ଟ ଇଣ୍ଡଷ୍ଟ୍ରିଆଲ ଟେନେମେଣ୍ଟ, ଚାରବାଟିଆ, ଚୌଦ୍ୱାର, କଟକ

ଗିନିଜ୍ ୱାର୍ଲ୍ଡ ରେକର୍ଡ

# ଖେଳନା କାର୍ ସଂଗ୍ରହରେ ରେକର୍ଡ



**ପି**ଲାମାନେ ଡିଜ୍‌ନି କାରରେ ଖେଳିବାକୁ ତୁମକୁ ତ ଭଲ ଲାଗୁଥିବ ନିଶ୍ଚୟ। ହେଲେ ତୁମେମାନେ ହୁଏତ ଜାଣି ନ ଥିବ କି ମେକ୍ସିକୋରେ ଜଣେ ବ୍ୟକ୍ତି ଏଇ ଡିଜ୍‌ନି କାର ରଖି ରେକର୍ଡ କରିଛନ୍ତି। ତାଙ୍କ ନାଁ ହେଉଛି ଜର୍ଜ ଏରିଆସ୍। ସବୁଠୁ ଅଧିକ ଡିଜ୍‌ନି କାର ରଖି ସେ ଏହି ରେକର୍ଡ କରି ପାରିଛନ୍ତି। ୨୦୦୬ ମସିହାରେ ଡିଜ୍‌ନି କାର୍‌କୁ ନେଇ ହୋଇଥିବା ଆନିମେସନ୍ ଫିଲ୍ମ ଦେଖିବା ପରେ ତାଙ୍କର ଏହି କାର୍ ସଂଗ୍ରହ କରିବା ପାଇଁ ଆଗ୍ରହ ସୃଷ୍ଟି ହୋଇଥିଲା। ବିଭିନ୍ନ ପ୍ରକାରର ମୋଟ ୧୨୦୦ଟି ଡିଜ୍‌ନି କାର୍ ସେ ତାଙ୍କ ପାଖରେ ସଂଗ୍ରହ କରି ରଖିଛନ୍ତି। ସବୁ କାରକୁ ସେ କାଚର ସ୍ୱତନ୍ତ୍ର ଥାକ କରି ସଜାଇ ରଖିଛନ୍ତି; ଯାହାଫଳରେ ସେସବୁ ଖରାପ ନ ହୋଇ ଠିକ୍ ରହିପାରିଛି। ଏବେ ଜର୍ଜଙ୍କ ଦ୍ୱାରା ସଂଗୃହୀତ କାରଗୁଡ଼ିକୁ ଦେଖିବା ପାଇଁ ତାଙ୍କ ଘରକୁ ଅନେକେ ଆସୁଛନ୍ତି।

## ଟଗଲା ଭୀମୁ






**ବିଜୟଲକ୍ଷ୍ମୀ ମିଶ୍ର**
କ୍ଲାସ-୯,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
ଟିଗିରିଆ, କଟକ




**ପ୍ରିୟଦର୍ଶିନୀ ଜେନା**
କ୍ଲାସ-୯, ସରକାରୀ ଉଚ୍ଚ ବିଦ୍ୟାଳୟ, ପରିଛଳ, ଖୋର୍ଦ୍ଧା





**ଶୁଭ୍ରଦୀପ ମାଣିକ**
କ୍ଲାସ-୩, ଜଳେଶ୍ୱର ପବ୍ଲିକ ସ୍କୁଲ, ଜଳେଶ୍ୱର,
ବାଲେଶ୍ୱର





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ନଭେମ୍ବର ୬/୨୦୨୧ Bhubaneswar, Saturday, November 6/ 2021

## ସଂକ୍ଷେପରେ

### କୋରାପୁଟ ମେଡିକାଲରେ ଡେଙ୍ଗୁରୋଗୀଙ୍କ ମୃତ୍ୟୁ

**କୋରାପୁଟ,୫।୧୧(ସ୍ୱ.ପ୍ର) :** କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଜଣେ ଡେଙ୍ଗୁରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାଶିପୁର ଅଞ୍ଚଳର ଜଣେ ମହିଳା। ସେ ଗତ କିଛି ଦିନ ହେଲା ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ରାୟଗଡା ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବର୍ତ୍ତମାନ କୋରାପୁଟ ମେଡିକାଲରେ ଆଉ ୫ ଜଣ ଡେଙ୍ଗୁରୋଗୀ ଚିକିତ୍ସିତ ହେଉଥିବା ହସ୍‌ପିଟାଲ ଅଧୀକ୍ଷକ ପ୍ରଫେସର ସୀତାରାମ ମହାପାତ୍ର କହିଛନ୍ତି।

### ପେଟ୍ରୋଲ ପମ୍ପରେ ଡକାୟତି

**ବାରିପଦା ଅଫିସ/ରାଇରଙ୍ଗପୁର, ୫।୧୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ବାସିଙ୍ଗିଠାରେ ଥିବା ଏକ ପେଟ୍ରୋଲ ପମ୍ପରେ ଗୁରୁବାର ରାତିରେ ଡକାୟତି ହୋଇଛି। ଦୁର୍ବୃତ୍ତମାନେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ୨୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୧୦୭/୨୧) ରୁଜୁ ହୋଇଛି। ରାତି ୧୧ଟା ସମୟରେ ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ପେଟ୍ରୋଲ ପମ୍ପରେ ପଶି କର୍ମଚାରୀଙ୍କୁ ଟଙ୍କା ମାଗିବା ସହିତ ଭୟଭୀତ କରିବା ପାଇଁ ଗୋଟିଏ ରାଉଣ୍ଡ ଗୁଳି ଫୁଟାଇଥିଲେ। ପରେ କ୍ୟାଶ୍ କାଉଣ୍ଟରରେ ପଶି ଟଙ୍କା ଲୁଟି ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟ ଆଡ଼କୁ ପଳାଇଥିଲେ। ସାଇଣ୍ଟିଫିକ ଟିମ୍ ସହ ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ ଏବଂ ଥାନା ପୋଲିସ ତଦନ୍ତ ଜାରି ରଖିଛି।

### ପଥରରେ ଛେଚି ମାନସିକ ବିକୃତଙ୍କୁ ହତ୍ୟା

**କେନ୍ଦୁଝର,୫।୧୧(ସ୍ୱ.ପ୍ର.):** କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଦ୍ମପୁର ବଜାରରେ ଗୁରୁବାର ରାତିରେ ଜଣେ ମାନସିକ ବିକୃତ ବ୍ୟକ୍ତିଙ୍କୁ କେହି ପଥରରେ ଛେଚି ହତ୍ୟା କରିଥିବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେ ପଦ୍ମପୁର ଅଞ୍ଚଳରେ କିଛି ଦିନ ହେଲା ବୁଲୁଥିଲେ। ଶୁକ୍ରବାର ସକାଳେ ବଜାର ସଫେଇ କରୁଥିବା ଲୋକେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ପୁରୀ ନାମ ଶ୍ରୀଜଗନ୍ନାଥ ଧାମ ପୁରୀ ହେଉ

**ପୁରୀ ଅଫିସ, ୫।୧୧**



ପୁରୀ ରେଳଷ୍ଟେଶନ ସମ୍ମୁଖରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଧାରଣା ଦିଆଯାଇଛି।

ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ କୋଟି କୋଟି ମଣିଷଙ୍କ ଦେବତା। ତାଙ୍କ ବିନା ପୁରୀ, ଓଡ଼ିଶା କିମ୍ବା ଭାରତର ପରିଚୟ ନାହିଁ। ତେଣୁ ପୁରୀର ନାମ ଜଗନ୍ନାଥ ପୁରୀ ନାମରେ ନାମିତ କରାଯିବାକୁ ଦାବି କରି ସାଧୁସନ୍ଥ, ବୁଦ୍ଧିଜୀବୀ ଏବଂ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏକାଠି ହୋଇଛନ୍ତି। ଏ ନେଇ ଶୁକ୍ରବାର ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ହୋଟେଲ ନାୟକ ପ୍ଲାଜାରେ ଆୟୋଜିତ ବୈଠକରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ସାଧୁସନ୍ଥ, ସେବାୟତ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସେମାନେ କହିଥିଲେ, ଦେଶ ବିଦେଶରେ ପୁରୀକୁ ଜଗନ୍ନାଥ ପୁରୀ ଭାବେ ପରିଚୟ ମିଳିଥାଏ। ପୂର୍ବରୁ ପୌରାଣିକ ତଥ୍ୟରେ ଏହା ଜଗନ୍ନାଥ ପୁରୀ ଭାବେ ପରିଚିତ ଥିଲା। ଜୟଦେବଙ୍କ ଗୀତଗୋବିନ୍ଦ ଠାରୁ ୧୮୨୩ ମସିହାର ସରକାରୀ କାଗଜପତ୍ରରେ ପୁରୀର ନାମ ଜଗନ୍ନାଥ ପୁରୀ ବୋଲି ଉଲ୍ଲେଖ ରହିଛି। ଭାରତବର୍ଷର ବିଭିନ୍ନ ଧାର୍ମିକ ସ୍ଥାନ ପୁରୀ ନଗରୀ ଯୁକ୍ତ। ଯେପରିକି ଦ୍ୱାରିକା, କାଞ୍ଚି, ମାୟା ଓ ଅବନ୍ତୀ ପୁରୀ। ଏହି ଦୃଷ୍ଟିରୁ ପୁରୀ ନାମକୁ ପରିପୂର୍ଣ୍ଣତା ଓ ଆଧାତ୍ମିକତାଯୁକ୍ତ କରିବା ପାଇଁ ଜଗନ୍ନାଥ ପୁରୀ ନାମରେ ନାମିତ କରାଯିବା ଉଚିତ। ଏ ନେଇ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୁରୀ ଏମ୍‌ପି, ସମସ୍ତ ବିଧାୟକ ଓ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ। ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ ହେବ ବୋଲି ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ପାଦକ ରାଜେଶ ମହାନ୍ତି କହିଛନ୍ତି। ବୈଠକରେ ଡ. ହରେକୃଷ୍ଣ ଶତପଥୀ, ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା, ମହନ୍ତ ରାମକୃଷ୍ଣ ଦାସ, ଗବେଷକ ନରେଶ ଚନ୍ଦ୍ର ଦାଶ,

- ଏକାଠି ହେଲେ ସାଧୁସନ୍ଥ, ବୁଦ୍ଧିଜୀବୀ, ସଙ୍ଗଠନ କର୍ମକର୍ତ୍ତା
- ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ସେନାର ଦାବିପତ୍ର

ବଦ୍ରି ମିଶ୍ର, କୈଳାଶ ଚନ୍ଦ୍ର ଟିକାୟତରାୟ, ଚକ୍ରଧର ମହାପାତ୍ର, ହୋଟେଲ ହୋଲି ଡେ ରିସର୍ଟ ପରିଚାଳନା ନିର୍ଦ୍ଦେଶକ ରାଜକିଶୋର ପାତ୍ର, ନାୟକ ବିଚ୍ ରିସୋର୍ଟ ପରିଚାଳନା ନିର୍ଦ୍ଦେଶକ ଗିରିଶ ନାୟକ, ରାମଚରଣ ଦାସ, ଶ୍ୟାମପ୍ରକାଶ ସେନାପତି, କୃଷ୍ଣଚନ୍ଦ୍ର ରଥ, ବିପିନ ଦଳେଇ, ମନୋଜ ରଥ, ମଧୁସୂଦନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ପୁରୀର ନାମ ବଦଳାଯାଇ ଶ୍ରୀଜଗନ୍ନାଥ ଧାମ ପୁରୀ ଓ ରେଳ ଷ୍ଟେଶନ ନାମ ଶ୍ରୀଜଗନ୍ନାଥ ଧାମ ପୁରୀ ରେଳଷ୍ଟେଶନ ରଖାଯାଉ ବୋଲି ଶ୍ରୀଜଗନ୍ନାଥ ସେନା ଦାବି କରିଛି। ଏ ନେଇ ସେନା ପକ୍ଷରୁ ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନେତୃତ୍ୱରେ ପୁରୀ ଷ୍ଟେଶନ ସମ୍ମୁଖରେ ଧାରଣା ଦିଆଯିବା ସହ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ମ୍ୟାନେଜରଙ୍କୁ ଦାବିପତ୍ର ଦିଆଯାଇଛି।

# 'ପୁରୀ ନାମ ପରିବର୍ତ୍ତନ ଆବଶ୍ୟକ ନାହିଁ'

**ପୁରୀ ଅଫିସ, ୫।୧୧**

ପୁରୀର ନାମ ବଦଳାଇ ମହାପ୍ରଭୁଙ୍କ ନାମ ଯୋଡ଼ି ଶ୍ରୀଜଗନ୍ନାଥ ଧାମ ପୁରୀ କରାଯିବା ନିମନ୍ତେ ଗତ କିଛିଦିନ ହେବ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଆସୁଛି। ଏପରି କି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ମଧ୍ୟ ଏ ନେଇ ଆଲୋଚନା ହୋଇଥିଲା। ତେବେ ପୁରୀର ନାମକରଣ ପରିବର୍ତ୍ତନ କରାଯିବା ଆବଶ୍ୟକ ନାହିଁ ବୋଲି ଶୁକ୍ରବାର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି। ବିଶ୍ୱରେ ସମସ୍ତେ ପୁରୀକୁ ଜଗନ୍ନାଥ ଧାମ ଭାବେ ହିଁ ଜାଣିଥାନ୍ତି। ଏଣୁ ପୁରୀ ପୀଠର ନାମ ପରିବର୍ତ୍ତନ କରି ଜଗନ୍ନାଥ ପୁରୀ କରିବାର କୌଣସି ଆବଶ୍ୟକତା ଅଛି କି ବୋଲି ଶଙ୍କରାଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ପୁରୀ କହିଲେ ବିଶ୍ୱବାସୀ ଜାଣନ୍ତି ଯେ, ଏହା ଜଗନ୍ନାଥଙ୍କ ଧାମ। ଅଯୋଧ୍ୟାର ନାଁ ପ୍ରକୃତରେ ଅଯୋଧ୍ୟା ପୁରୀ। ସେହିପରି ମଥୁରାର ନାଁ ମଥୁରା ପୁରୀ। କାଶୀର ନାଁ କାଶୀ ପୁରୀ। କାଞ୍ଚିର ନାଁ କାଞ୍ଚି ପୁରୀ। ଉଜ୍ଜୟିନୀର ନାଁ ଉଜ୍ଜୟିନୀ ପୁରୀ। ଦ୍ୱାରକାର ନାଁ ଦ୍ୱାରକା ପୁରୀ ଏବଂ ହରିଦ୍ୱାରର ନାଁ ହରିଦ୍ୱାର ପୁରୀ। ଅଷ୍ଟମ ପୁରୀ ହେଉଛି ଜଗନ୍ନାଥ ପୁରୀ। କିନ୍ତୁ କେବଳ ପୁରୀ କହିଲେ, ଜଗନ୍ନାଥ ଧାମକୁ ହିଁ ବୁଝାଏ। ଖାଲି ପୁରୀ କହିଲେ କେହି ଅଯୋଧ୍ୟା ପୁରୀ, ମଥୁରା ପୁରୀ ବା କାଶୀ ପୁରୀ ବୋଲି ବୁଝନ୍ତି ନାହିଁ। ସେଥିପାଇଁ ଅଯୋଧ୍ୟା ପୁରୀ ବା ମଥୁରା ପୁରୀ ବୋଲି କହିବାକୁ ପଡ଼ିବ। ଜଗଦ୍‌ଗୁରୁ ଆହୁରି କହିଛନ୍ତି, 'ପୁରୀ'ର ବିଶେଷତ୍ୱ ହେଉଛି, ଏହା ପୂର୍ବରୁ ଜଗନ୍ନାଥ ନ ଲଗାଇଲେ ବି ସାରା ବିଶ୍ୱରେ ସମସ୍ତେ ଜାଣନ୍ତି ଏହା ହେଉଛି ଜଗନ୍ନାଥଙ୍କ ଧାମ। ଅଯୋଧ୍ୟାର ପ୍ରସିଦ୍ଧି 'ଅଯୋଧ୍ୟା' ନାଁରେ ହିଁ ରହିଛି। ସେହିଭଳି 'ଜଗନ୍ନାଥ ପୁରୀ'ର ପ୍ରସିଦ୍ଧି 'ପୁରୀ' ନାଁରେ ହିଁ ରହିଛି। ପୁରୀ କହିଲେ ହିଁ ସମସ୍ତେ ବୁଝନ୍ତି, ଏହା ହେଉଛି ଜଗନ୍ନାଥଙ୍କ ଧାମ। ତେଣୁ 'ପୁରୀ' ଆଗରେ 'ଜଗନ୍ନାଥ' ଯୋଡ଼ିଲେ ଏହାର ପ୍ରସିଦ୍ଧି ବଢ଼ିବ ନା କମିବ ବୋଲି ଜଗଦ୍‌ଗୁରୁ ପ୍ରଶ୍ନ କରିଛନ୍ତି। 'ପୁରୀ' ନାଁ ହିଁ ଯଥେଷ୍ଟ ବୋଲି କହିଛନ୍ତି।


ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ

ଅନ୍ୟପକ୍ଷରେ ଏ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୁରୀର ନାମ ପରିବର୍ତ୍ତନ କରି ଜଗନ୍ନାଥ ପୁରୀ ନାମରେ ନାମିତ କଲେ ଭଲ ହୁଅନ୍ତା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେହିପରି ପୁରୀ ନାମ ଜଗନ୍ନାଥ ପୁରୀ କରିବାକୁ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦାବି କରାଯାଇଛି। ଜିଲା ଯୁବ ଅଧିବକ୍ତା ସଂଘର ଆବାହକ ଆଇନଜୀବୀ ଅନିଲ କୁମାର ସାହୁ କହିଛନ୍ତି, ପୁରୀ ନାମ ପରିବର୍ତ୍ତନର କୌଣସି ଯଥାର୍ଥ କାରଣ ନାହିଁ। ପୁରୀ କହିଲେ ସମସ୍ତେ ଜଗନ୍ନାଥ ଧାମ ବୋଲି ଜାଣିଥାନ୍ତି। ଏଠାରେ ବିଶ୍ୱସ୍ତରୀୟ କାର୍ଯ୍ୟ ହେଉଛି, ତେଣୁ ପୁରୀକୁ ଲୋକେ ଅଧିକ ଜାଣିପାରିବେ ବୋଲି ସାହୁ ମତ ଦେଇଛନ୍ତି।

# ଡ୍ରୋନ୍ ସାହାଯ୍ୟରେ ହେଉ ବାସସ୍ଥଳ ନିରୀକ୍ଷଣ

**କେନ୍ଦ୍ରାପଡ଼ା ଅଫିସ, ୫।୧୧**

ବିରଳ ଅଲିଭ ରିଡ୍‌ଲେର ଜୀବନ ଏବେ ବି ରହସ୍ୟାବୃତ। ଜୀବନ ପ୍ରଣାଳୀକୁ ନେଇ ଗବେଷଣା ଚାଲିଛି। କୁହାଯାଏ, ହଜାର ଶାବକରୁ ମାତ୍ର ଗୋଟିଏ ଅଲିଭ ରିଡ୍‌ଲେ ପୂର୍ଣ୍ଣ ବୟସ୍କ ବଞ୍ଚିଥାନ୍ତି। ସଂଖ୍ୟା ଅତିମାତ୍ରାରେ କମ୍ ଥିବାରୁ ଇଣ୍ଟରନ୍ୟାଶନାଲ ୟୁନିୟନ ଫର କଞ୍ଜରଭେଶନ ଅଫ ନେଚର (ଆଇୟୁସିଏନ୍) ପକ୍ଷରୁ ଏହି ସାମୁଦ୍ରିକ ପ୍ରାଣୀକୁ ରେଡ୍ ଲିଷ୍ଟରେ ରଖାଯାଇଛି। ଗହୀରମଥା ଏମାନଙ୍କ ପ୍ରଜନନ ସ୍ଥଳ ହୋଇଥିବାରୁ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି। ଚଳିତବର୍ଷଠାରୁ ଗୋଆ ବନ ବିଭାଗ ପକ୍ଷରୁ ସୁରକ୍ଷା ଓ ଠିକ୍ ଆକଳନ ପାଇଁ ମୋରଜି ତଟରେ ଡ୍ରୋନ୍ କ୍ୟାମେରାର ବ୍ୟବହାର କରାଯାଉଛି। ଏଠାରେ ମଧ୍ୟ ଡ୍ରୋନ ବ୍ୟବହାର କରାଯାଇ ବାସସ୍ଥଳ ସମ୍ପର୍କରେ ନିରୀକ୍ଷଣ କରାଯାଉ ବୋଲି ଦାବି ହୋଇଛି। ଏହାଦ୍ୱାରା ମୃତାହତ ସଂଖ୍ୟା, ତଟକ୍ଷୟ ଓ ସୁରକ୍ଷା ସମ୍ପର୍କରେ ଥିବା ସମସ୍ୟାର ସମାଧାନ ହୋଇପାରିବ ବୋଲି ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ କଇଁଛ ଓ ହେନ୍ତାଳବଣ ସୁରକ୍ଷା ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ଡ. ପ୍ରଦୀପ ତରାଇ, ଜନ ଅଧିକାର ଅଭିଯାନର ସଭାପତି ଭୁବନମୋହନ ଜେନା, ଅଧ୍ୟାପକ କ୍ଷୀତିଶ କୁମାର ସିଂ, ଡା. ମିଳନ କୁମାର ପ୍ରମୁଖ କହିଛନ୍ତି, ବିଶ୍ୱରେ ୩୬୦ ପ୍ରଜାତିର କଇଁଛ ଅଛନ୍ତି। ଅଲିଭ ରିଡ୍‌ଲେ ପ୍ରଜାତିର ସଂଖ୍ୟା କମ୍ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲା ଗହୀରମଥା ଏମାନଙ୍କ ପ୍ରଜନନସ୍ଥଳୀ ଭାବେ ବିଶ୍ୱ ବିଖ୍ୟାତ ହୋଇଛି। ଏହି ସାମୁଦ୍ରିକ ଅଞ୍ଚଳ ମଧ୍ୟରେ ମାତ୍ର ୨୭ ବର୍ଗ କି.ମି.ରେ ଥିବା ସ୍ଥଳ ଭାଗରେ ଅଣ୍ଡାଦାନ କରିଥାନ୍ତି। ପ୍ରତିବର୍ଷ ପ୍ରାୟ ୫ ଲକ୍ଷ କଇଁଛ ଏଠାକୁ ଆସୁଛନ୍ତି। ତଟକ୍ଷୟ ଯୋଗୁ ଅଣ୍ଡାଦାନ ସ୍ଥଳ କମିବାରେ ଲାଗିଛି। ସେହିପରି ପ୍ରତିବର୍ଷ ବିଭିନ୍ନ କାରଣରୁ ମୃତାହତ ହେଉଛନ୍ତି। ଏମାନଙ୍କ ଜୀବନ ପ୍ରଣାଳୀକୁ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ନିରୀକ୍ଷଣ କରାଯାଉନାହିଁ। ଫଳରେ ଏଠାକୁ ଆସିଥିବା କଇଁଛଙ୍କ ପ୍ରକୃତ ସଂଖ୍ୟା ଓ ସମସ୍ୟାର ଠିକ୍ ସମାଧାନ ହୋଇପାରୁନାହିଁ। ନିକଟରେ ଡ୍ୟୁକ ୟୁନିଭରସିଟି ଓ ୟୁନିଭରସିଟି ଅଫ ଏକ୍ସିଟର ପକ୍ଷରୁ ପ୍ରସ୍ତୁତ ଡ୍ରୋନ ଦ୍ୱାରା କଇଁଛଙ୍କ ସୁରକ୍ଷା ହୋଇପାରିବ ବୋଲି ଗୋଆ ବନ ବିଭଗ ସୂଚନା ଦେବା ସହ ଏକ କର୍ମଶାଳା ଆୟୋଜନ କରିଥିଲା। ସେଠାକାର ବନ ବିଭାଗ ଓ ୱାର୍ଲ୍ଡ ୱାଇଡ ଫଣ୍ଡ ଫର ନେଚର (ଡବ୍ଲ୍ୟୁଡବ୍ଲ୍ୟୁଏଫ) ମାଧ୍ୟମରେ କର୍ମଶାଳା ସହ ଗତ ଏପ୍ରିଲରେ ଗୋଆର ମୋରଜି ତଟଦେଶରେ ଡ୍ରୋନର ବ୍ୟବହାର ହୋଇଛି। ଏହାର ୩୬୦ ଡିଗ୍ରୀ କ୍ୟାମେରା ଲେନ୍ସରେ କଇଁଛଙ୍କ ବାସ୍ତବ ସ୍ଥିତି ସମ୍ପର୍କରେ ଅନୁଧାନ ଚାଲିଛି। ଏହି ଡ୍ରୋନ କ୍ୟାମେରା ଦ୍ୱାରା ମଧ୍ୟ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ହେଉଥିବା ତଟକ୍ଷୟ ସମ୍ପର୍କରେ ଆକଳନ କରିହେବ। ସେହିପରି ଏହି ଜୀବଙ୍କ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ ; ଯାହା ଅଲିଭ ରିଡ୍‌ଲେଙ୍କ ବିଚିତ୍ର ଜୀବନ ପ୍ରଣାଳୀକୁ ସହଜରେ ବୁଝି ହେବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ଯଜ୍ଞଦତ୍ତ ପତିଙ୍କୁ ପଚାରିବାରେ ଚଳିତବର୍ଷର କଇଁଛ ଆଗମନ ପାଇଁ ଗତ ୧ ତାରିଖରୁ ସାମୁଦ୍ରିକ ଅଞ୍ଚଳକୁ କଟକଣା ମଧ୍ୟରେ ରଖାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଡ୍ରୋନ କ୍ୟାମେରା ବ୍ୟବହାର ପାଇଁ ଅଦ୍ୟାବଧି କୌଣସି ଯୋଜନା ପ୍ରସ୍ତୁତ ହୋଇନାହିଁ। ଆଗାମୀ ବର୍ଷରେ ଏ ପ୍ରକାର ଯୋଜନାକୁ କାର୍ଯ୍ୟକାରୀ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ଅଲିଭ ରିଡ୍‌ଲେ ସୁରକ୍ଷା ଚିନ୍ତା



# କୁମ୍ଭୀର ଟାଣି ନେଇଥିବା ଯୁବକଙ୍କ ମୃତଦେହ ମିଳିଲା

**ବରୀ,୫।୧୧(ଡି.ଏନ.ଏ.)**

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ତନ୍ତୀ ଘାଇର ଶାଖା ଚିଙ୍ଗୁଡ଼ିଆ ନାଳରେ ମାଛ ଧରୁଥିବାବେଳେ କୁମ୍ଭୀର ଟାଣି ନେଇଥିବା ଯୁବକଙ୍କ ଶୁକ୍ରବାର ମୃତଦେହ ମିଳିଛି। ମୃତ ଯୁବକ ହେଲେ ଏହି ବ୍ଲକ ଅଧୀନ ଉଦୟନାଥପୁର ପଞ୍ଚାୟତ କହରାଗଣ୍ଡ ଗ୍ରାମର ମୁରଲୀଧର ମଲ୍ଲିକଙ୍କ ପୁଅ ନିଶିକାନ୍ତ ମଲ୍ଲିକ(୨୫)। ଗତ ବୁଧବାର ନିଶିକାନ୍ତ ଓ ତାଙ୍କ ସାନ ଭାଇ ସୌଭାଗ୍ୟ ମଲ୍ଲିକ ନଦୀରେ ମାଛ ଧରୁଥିଲେ। ଏହି ସମୟରେ ନିଶିକାନ୍ତଙ୍କୁ କୁମ୍ଭୀର ଟାଣି ନେଇଥିଲା। ଏ ସମ୍ପର୍କରେ ସୌଭାଗ୍ୟଙ୍କଠାରୁ ଖବର ପାଇ ସ୍ଥାନୀୟ ଲୋକେ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ନିଶିକାନ୍ତଙ୍କ କୌଣସି ପତ୍ତା ପାଇ ନ ଥିଲେ। ଶୁକ୍ରବାର ସକାଳେ ଚିଙ୍ଗୁଡିଆ ନାଳର ଡିଅବାରିଙ୍ଗି ନିକଟରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଗ୍ରାମବାସୀ ଦେଖି ଉଦ୍ଧାର କରିଥିଲେ। ଖବର ପାଇ ଯୁବକଙ୍କ ପରିବାର ଲୋକେ ନିଶିକାନ୍ତଙ୍କୁ ଚିହ୍ନଟ କରିଥିଲେ। ମୃତଦେହ ଉଦ୍ଧାର ସ୍ଥାନଟି ବିଞ୍ଝାରପୁର ଥାନା ଅଧୀନରେ ହୋଇଥିବାରୁ ଘଟଣାସ୍ଥଳରେ ବିଞ୍ଝାରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପୁରୀ ଧାମ, ମଠ ସଂସ୍କୃତିର ବିକାଶ କରାଯିବ: ଧର୍ମେନ୍ଦ୍ର

**ପୁରୀ ଅଫିସ, ୫।୧୧**

କେଦାରନାଥ ପୀଠରେ ଶୁକ୍ରବାର ଆଦିଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଅବସରରେ ପୁରୀରେ ମହୋଦଧି ପୂଜନ ଓ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେଦାରନାଥଠାରେ ଆୟୋଜିତ ଉତ୍ସବରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥିବାବେଳେ ପୁରୀରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ସଂଯୋଜିତ କରାଯାଇଥିଲା। ପୁରୀସ୍ଥିତ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ସମେତ ବହୁ ନେତୃବୃନ୍ଦ ଓ ମଠାଧୀଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ନେତୃବୃନ୍ଦମାନେ ପୁରୀ ବେଳାଭୂମିକୁ ଯାଇ ମହୋଦଧି ପୂଜନ କରିଥିଲେ। ପରେ ସେଠାରୁ ଶୋଭାଯାତ୍ରାରେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ପରିସରରେ ଆୟୋଜିତ ସଭାସ୍ଥଳକୁ ଆସିଥିଲେ। ସେଠାରେ ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଆଧାତ୍ମିକତା ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ଭାରତ ବିଶ୍ୱରେ ପ୍ରମୁଖ ଦେଶ ଭାବେ ପରିଗଣିତ ହେବାକୁ ଯାଉଛି। କେଦାରନାଥ ଭଳି ପୁରୀ ଧାମର ମଧ୍ୟ ବିକାଶ ସହ ମଠ ସଂସ୍କୃତିର ଉନ୍ନତି ଲାଗି ପଦକ୍ଷେପ ନିଆଯିବ। ଏହି ଅବସରରେ ବିଭିନ୍ନ ମଠର ମଠାଧୀଶ ଓ ଧର୍ମାଚାର୍ଯ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଗୋବର୍ଦ୍ଧନ ପୀଠକୁ ଯାଇ ଶଙ୍କରାଚାର୍ଯ୍ୟଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଶିକ୍ଷା ବିଭାଗରେ ସଂସ୍କାର ଆଣିବା ସହ ବନାରସ ବିଶ୍ୱବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ଜାରି ରଖିବାକୁ ପ୍ରଧାନଙ୍କୁ ଶଙ୍କରାଚାର୍ଯ୍ୟ ପରାମର୍ଶ ଦେଇଥିଲେ। ସେଠାରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ପାତ୍ରଙ୍କ ସମେତ ପୁରୀ ଓ ବ୍ରହ୍ମଗିରି ବିଧାୟକ ଉପସ୍ଥିତ ଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। ଭାଜପା ପକ୍ଷରୁ ଦୀପଦାନ କରାଯାଇଥିଲା।

### ଭାଜପା ପକ୍ଷରୁ ମହୋଦଧି ପୂଜନ, ଦୀପଦାନ


କେଦାରନାଥ ଧାମରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଅବସରରେ ଶୁକ୍ରବାର ପୁରୀ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।



କେଦାରନାଥ ଧାମରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଅବସରରେ ଶୁକ୍ରବାର ପୁରୀ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଅଗ୍ନିକାଣ୍ଡ : ୨ ବଖରା ଜଳିଗଲା

**ବେଗୁନିଆ,୫।୧୧(ଡି.ଏନ୍.ଏ.):** ବେଗୁନିଆ ତହସିଲ ଅନ୍ତର୍ଗତ ଗଡ଼ମାଣତୀର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ସୁକାନ୍ତ କୁମାର ଗୁମାନସିଂହଙ୍କ ୨ ବଖରା ଘର ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିପନ୍ନ ପରିବାରକୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ଲୁହା ପାଇପ୍ ଚୋରି : ୨ ଗିରଫ

**ଯାଁଲା, ୫।୧୧(ଡି.ଏନ୍.ଏ.):** ଲୁହା ପାଇପ୍ ଚୋରି ଅଭିଯୋଗରେ ଯାଁଲା ଫାଣ୍ଡି ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ଗଙ୍ଗପଡ଼ା ପଞ୍ଚାୟତର ସୁନୀଲ ପାଣ୍ଡିଆ(୨୯) ଓ ନାରାୟଣ ସାମନ୍ତରାୟ। ଏମାନଙ୍କ ନିକଟରୁ ଲୁହା ପାଇପ୍ ଓ ଗୋଟିଏ ବାଇକ୍ ଜବତ ହୋଇଛି। ସୂଚନା ମୁତାବକ, ତଳଖେତା ଛକ ନିକଟରେ ରାଜପଥ ସମ୍ପ୍ରସାରଣ ଏବଂ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି କାମ ପାଇଁ ଲୁହା ପାଇପ୍ ଓ ରଡ୍ ରାସ୍ତା ପାର୍ଶ୍ୱରେ ରଖାଯାଇଛି। ଅଭିଯୁକ୍ତଦ୍ୱୟ ଗୁରୁବାର ରାତିରେ ଲୁହା ପାଇପ୍ ଓ ରଡ୍ ଚୋରି କରୁଥିବା ବେଳେ ପିସିଆର ପୋଲିସ ସେମାନଙ୍କୁ କାବୁ କରିଥିଲେ।

### ବାଇକ୍ ଚୋର କୋର୍ଟଚାଲାଣ

**ଜଟଣୀ,୫।୧୧(ଡି.ଏନ୍.ଏ.):** ଜଟଣୀ ଥାନା ପୋଲିସ ଜଣେ ବାଇକ୍ ଚୋରଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ପୁରୀ ଜିଲା ବ୍ରହ୍ମଗିରି ବିଦୁରବାଙ୍କ ଅଞ୍ଚଳର ବସନ୍ତ ପ୍ରଧାନ। ଏଥିସହ ତାଙ୍କ ନିକଟରୁ ଏକ ବାଇକ୍ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୭୩/୨୧)ରୁଜୁ ହୋଇଛି। ସୂଚନା ମୁତାବକ, ମାଲଗୋଦାମ ଛକ କୁଦିଆରୀ ବଜାର ନିକଟରୁ ଗୁରୁବାର ବସନ୍ତ ବାଇକ୍ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରାପଡ଼ିଥିଲେ। ଏହା ପରେ ଲୋକେ ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଇଥିଲେ।

### ଗିରି ଗୋବର୍ଦ୍ଧନ ପୂଜା, ଅନ୍ନକୂଟ ଉତ୍ସବ ପାଳିତ

**ଜଟଣୀ,୫।୧୧(ଡି.ଏନ୍.ଏ.):** ଜଟଣୀସ୍ଥିତ ଗୋପୀନାଥ ଦେବଙ୍କ ମନ୍ଦିର ପକ୍ଷରୁ ଗିରି ଗୋବର୍ଦ୍ଧନ ପୂଜା ଓ ଅନ୍ନକୂଟ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରତିବର୍ଷ ପରି ଦୀପାବଳିର ଦ୍ୱିତୀୟ ଦିବସରେ ଉକ୍ତ ଉତ୍ସବ ପାଳିତ ହୋଇଥାଏ। ଚଳିତ ବର୍ଷ କରୋନା କଟକଣା ମଧ୍ୟରେ ଅନୁଷ୍ଠିତ ଉତ୍ସବରେ ଭୁବନେଶ୍ୱର, ଖୋର୍ଦ୍ଧା ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଗୋପୀନାଥ ମନ୍ଦିର କମିଟି, ମାରୱାଡି ଯୁବ ମଞ୍ଚ ଜଟଣୀ ସହର, କର୍ମା ଗ୍ରୁପ, ଜୟ ଶମ୍ଭୁ ଗୋପେଶ୍ୱର ସଙ୍ଘ ସମେତ ବହୁ ସଙ୍ଗଠନର ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ମମିତାଙ୍କୁ ନ୍ୟାୟ ଦାବିରେ ସମୂହ ଦୀପଦାନ

**ଖୋର୍ଦ୍ଧା ଅଫିସ,୫।୧୧:** ଅଧକ୍ଷା ମମିତା ମେହେରଙ୍କୁ ନ୍ୟାୟ ଦାବିରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଦୀପାବଳିରେ ନିଜିଗଡ଼ ତାପଙ୍ଗ ସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ମୋର୍ଚ୍ଚା ସମ୍ପାଦିକା ଶୁଭାଙ୍ଗୀ ପାଲଟାସିଂଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାଧିକ ମହିଳା କର୍ମୀ ଯୋଗଦେଇଥିଲେ। ମମିତାଙ୍କ ହତ୍ୟାକାରୀଙ୍କୁ ଫାଶୀଦଣ୍ଡ ଏବଂ ଏଥିରେ ସମ୍ପୃକ୍ତି ଅଭିଯୋଗରେ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର ଦାବି ହୋଇଛି। ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ, ଚିନ୍ମୟୀ ଛୋଟରାୟ, ସବିତା ଜଗଦେବ, ମୀନାକ୍ଷୀ ଜଗଦେବ, ଉର୍ମିଳା ବେହେରା, ନୟନା ଦେହୁରୀ, ଜୟନ୍ତୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ସଞ୍ଜ ନଇଁଲେ ଭୟ, ତାଟିକବାଟ ପଡୁଛି

**ନିରାକାରପୁର,୫।୧୧(ଡି.ଏନ୍.ଏ.)**

## ହାତୀ ଆକ୍ରମଣରେ ଜଣେ ମୃତ, ଯୁବକ ଗୁରୁତର

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟାହେଲେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକମାନଙ୍କ ବିଲ ଓ ବାରିରେ ପଶି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଏପରିକି ଘର ଭାଙ୍ଗି ଦେଉଛନ୍ତି। ଭୟରେ ଗାଁରେ ତାଟିକବାଟ ପଡ଼ିଯାଉଛି। ଅନେକ ସମୟରେ ହାତୀ ହାବୁଡ଼ରେ ପଡ଼ି ଲୋକଙ୍କ ଜୀବନ ଯାଉଛି। ଏହିକ୍ରମରେ ଗୁରୁବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଛଣଗିରି ପଞ୍ଚାୟତ ରମାବିଲି ନରସିଂହପାଟଣା ଗ୍ରାମର ଶରତ ଜେନା ଓରଫ ବାଘ(୫୦)। ସେହିପରି ଆହତ ଟାଙ୍ଗୋଳ ବ୍ରାହ୍ମଣ ସାହିର ଦେବାଶିଷ ସାହୁ ଓରଫ ବାପିଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଶରତ ତାଙ୍କ ପୁରୁଣା ଘରୁ ବଡବଢୁଆ ଡାକି ନୂଆ ଘରକୁ ଫେରୁଥିବା ବେଳେ ହଠାତ୍ ହାତୀ ହାବୁଡରେ ପଡିଯାଇଥିଲେ। ହାତୀ ଆକ୍ରମଣର ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଟାଙ୍ଗୋଳର ଦେବାଶିଷ ଅଚ୍ୟୁତପୁରରୁ ନିଜ ଗ୍ରାମକୁ ରାତିରେ ବାଇକ୍‌ରେ ଫେରୁଥିବା ବେଳେ ହାତୀ ଗୋଡ଼ାଇବାରୁ ସେ ବାଇକ୍‌ରୁ ଖସିପଡି ଗୁରୁତର ଆହତ ହୋଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦେବାଶିଷଙ୍କୁ ଆହତ ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍ସ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏସିଏଫ୍ ଅରବିନ୍ଦ ମହାନ୍ତି, ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା, ଭୂଷଣ୍ଡପୁର ଫରେଷ୍ଟର ସିଧୁ ଚରଣ ସିଁ ପ୍ରମୁଖ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କାର ଏକ ଚେକ ପ୍ରଦାନ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଉ ୩ ଲକ୍ଷ ୬୦ ହଜାର ଟଙ୍କା ଦିଆଯିବ ବୋଲି ଫରେଷ୍ଟର ସିଂ କହିଛନ୍ତି। ଅନ୍ୟପଟେ ବ୍ୟବଚ୍ଛେଦ ପରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିଲା। ସୂଚନାଥାଉ କି, ଗତ ଅକ୍ଟୋବର ୩୧ ତାରିଖ ସନ୍ଧ୍ୟାରେ ନିରାକାରପୁର ବିଦ୍ୟୁତ୍ କାର୍ଯ୍ୟାଳୟ ପଛ ପାଖ ଜଙ୍ଗଲ ନିକଟରେ ହାତୀ ଆକ୍ରମଣରେ ଡିଆ ପଞ୍ଚାୟତ ଭୋଇସାହି ଗ୍ରାମର ଶିକ୍ଷକ ବିଜୟ କୁମାର ପଟ୍ଟନାୟକଙ୍କ ମୃତ୍ୟୁ ହୋଇଥିଲା। ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବା ବେଳେ ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବା ସହ ହାତୀଙ୍କୁ ଘଉଡ଼ାଇବା ଲାଗି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



ଭୁବନେଶ୍ୱରସ୍ଥିତ ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ସୁଧନ୍ୟା କ୍ରିଏଶନର ପ୍ରଥମ ଚଳଚ୍ଚିତ୍ର 'ବିଶ୍ୱାସ–ଦ ଲାଇଟ୍ ଓଭର୍ ଡାର୍କନେସ୍'ର ପ୍ରଥମ ଅଡ଼ିଓ ରିଲିଜ୍ ଅବସରରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ ।

## ଶ୍ମଶାନରେ ସମୂହ ଦୀପାବଳି ପାଳିଲେ ଗ୍ରାମବାସୀ

**ବେଗୁନିଆ,୫।୧୧(ଡି.ଏନ୍.ଏ.):**

ବେଗୁନିଆ ବ୍ଲକ ଅନ୍ତର୍ଗତ ପର୍ଶୁରାମପୁର ଶ୍ମଶାନରେ ଡିଙ୍ଗର ଗ୍ରାମବାସୀଙ୍କ ପକ୍ଷରୁ ଦୀପାବଳି ପର୍ବକୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ଶ୍ମଶାନ ପରିସରରେ ସାମୂହିକଭାବେ ବଡବଢୁଆଙ୍କୁ ଦୀପଦାନ କରିବା ସହ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ମନୁଷ୍ୟ ମନରେ ବାନ୍ଧିଥିବା ଭୟ ଭାବନାକୁ କିଭଳି ଦୂରେଇ ହେବ ଓ ଭାଇଚାରାର ଭାବ ଧାରାକୁ ବୃଦ୍ଧି କରିବା ପାଇଁ ଗ୍ରାମର କେତେଜଣ ସଚେତନ ନାଗରିକ ଏଭଳି ପ୍ରୟାସ କରିଥିଲେ ବୋଲି ସାମାଜିକ କର୍ମୀ ସୋମନାଥ ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱନାଥ ମାର୍ଥା, ବିଦ୍ୟାଧର ମହାରଣା, ତପନ ବେହେରା, ମହେଶ୍ୱର ବେହେରା, ମାନସ ଦାସ, କାର୍ତ୍ତିକେଶ୍ୱର ସାହୁ, ସର୍ବେଶ୍ୱର ମହାରଣା, ଦେବାନନ୍ଦ ମହାରଣା, ମନୋଜ ବେହେରା ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ।

# ମିଠା ବାଣ୍ଟି ଶୁଭେଚ୍ଛା ଜଣାଇଲା ପ୍ରଶାସନ

**ଖୋର୍ଦ୍ଧା ଅଫିସ,୫।୧୧**

ଆଲୋକର ପର୍ବ ଦୀପାବଳି ଗୁରୁବାର ଉତ୍ସାହର ସହ ଜିଲାର ପୁରପଲ୍ଲୀରେ ପାଳିତ ହୋଇଯାଇଛି। ସବୁଠି ରହିଥିଲା ଆନନ୍ଦ ଉତ୍ସାହ। ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନ, ଜରାନିବାସ, ବୃଦ୍ଧାଶ୍ରମରେ ଦୀପାବଳି ଉତ୍ସବ ପାଳନ କରାଯାଇଥିଲା। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଭରତପୁର ସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନରେ ଯୋଗଦେଇ ପିଲାମାନଙ୍କୁ ମିଷ୍ଟାନ୍ନ ଖୁଆଇବା ସହ ଦୀପାବଳିର ଶୁଭେଚ୍ଛା ଜଣାଇଥିଲେ। ଡେପୁଟି କଲେକ୍ଟର ମୋହନ ସାହୁ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଭୁବନେଶ୍ୱର ସ୍ଥିତ ସୁଭଦ୍ରା ଶିଶୁ ସେବା ସଦନରେ ପିଲାଙ୍କ ସହ ଦୀପାବଳି ପାଳନ କରିଥିଲେ। ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଭୁବନେଶ୍ୱର ସ୍ଥିତ କେତେକ ଶିଶୁ ଯତ୍ନ ଅନୁଷ୍ଠାନରେ ପିଲାଙ୍କ ସହ ଦୀପାବଳି ଉତ୍ସବ ପାଳନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ସତ୍ୟାଭାମାଦେବୀ ୱେଲଫେୟାର ଟ୍ରଷ୍ଟ ଦ୍ୱାରା ଆୟୋଜିତ ଉତ୍ସବରେ ଯୋଗଦେଇ ପିଲାଙ୍କ ସହ ଦୀପାବଳି ଉତ୍ସବ ପାଳନ କରିଥିଲେ। ସେହିପରି ଖୋର୍ଦ୍ଧା ଉପଜିଲାପାଳ ଆଇ. ଗୌରବ ଶିବାଜୀ ଖୋର୍ଦ୍ଧା ବିଶ୍ୱଜୀବନ ସେବାସଂଘ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମରେ ବରିଷ୍ଠ ନାଗରିକଙ୍କ ଦୀପାବଳି ଉତ୍ସବ ପାଳନ କରିଥିଲେ। ଜଟଣୀ ବ୍ଲକ ପ୍ରଶାସନ ଆଶା କିରଣ ହୋମ ବୃଦ୍ଧାଶ୍ରମରେ ଦୀପାବଳି ପାଳନ କରିଥିଲେ। ଟାଙ୍ଗୀ ବିଡିଓ ନିରାକାରପୁର ଏବଂ ଟାଙ୍ଗୀରେ ଥିବା ବୃଦ୍ଧାଶ୍ରମରେ ଦୀପାବଳି ପାଳନ କରିଥିଲେ। ସେମାନଙ୍କ ସହ ଭାବର ଆଦାନପ୍ରଦାନ କରିଥିଲେ। ଖୋର୍ଦ୍ଧା ବ୍ଲକ ପ୍ରଶାସନ ଗୋଡ଼ିପଡ଼ାସ୍ଥିତ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ପାଳନ କରିଥିଲେ। ଭୁବନେଶ୍ୱର ତହସିଲ ପ୍ରଶାସନ ପକ୍ଷରୁ ବିଶ୍ୱରଞ୍ଜନ ସେବାସଂଘରେ ଅନ୍ତେବାସୀଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଥିଲେ।

## କୃଷ୍ଣପ୍ରସାଦରେ ପ୍ରତିଷ୍ଠା ହେବ ଜେଏମ୍ଏଫ୍‌ସି କୋର୍ଟ

**କୃଷ୍ଣପ୍ରସାଦ, ୫।୧୧ (ଡି.ଏନ୍.ଏ.)**

କୃଷ୍ଣପ୍ରସାଦ ବ୍ଲକରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ (ଜେଏମ୍ଏଫ୍‌ସି) ପ୍ରତିଷ୍ଠା ହେବ। ଏନେଇ ସରକାରଙ୍କ ପକ୍ଷରୁ ୨କୋଟି ୬୮ଲକ୍ଷ ଟଙ୍କା ସହ କୃଷ୍ଣପ୍ରସାଦ ଅଞ୍ଚଳରେ ୩ଏକର ୧୭ଡିସିମିଲି ଜାଗା ଚିହ୍ନଟ ହୋଇଛି। ଏବେ ଅସ୍ଥାୟୀ ଭାବେ କାର୍ଯ୍ୟ ଆରମ୍ଭ କରିବା ପାଇଁ ଚିହ୍ନଟ ହୋଇଥିବା ଗୃହ ଶୁକ୍ରବାର ଜିଲା ମୁଖ୍ୟ ଜଜ୍ ସନ୍ତୋଷ କୁମାର ଜେନା ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ସ୍ଥାନୀୟ ତହସିଲଦାର ଉଲ୍ଲାସ କୁମାର ସେଠୀ, ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ, ବିଡିଓ ମନୋଜ କୁମାର ନାୟକ, ବରିଷ୍ଠ ଆଇନଜୀବୀ ସଂଗ୍ରାମ କେଶରୀ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀ ନିଲାମରେ ଅନିୟମିତତା

**ଖୋର୍ଦ୍ଧା ଅଫିସ, ୫।୧୧**

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଶତାଧିକ ମହିଳା

ରାଜ୍ୟ ସରକାର ମହିଳାଙ୍କ ସ୍ୱାବଲମ୍ବୀ ଉପରେ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ଯୋଜନାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଉଛି। ତେବେ ଅନେକ ଯୋଜନାରେ ପ୍ରିୟାପ୍ରୀତି ତୋଷଣ କରାଯାଉଥିବା ଦେଖିବାକୁ ମିଳିଛି। ପୋଖରୀ ନିଲାମରେ ବ୍ୟାପକ ଅନିୟମିତତା ନେଇ ଶୁକ୍ରବାର ଖୋର୍ଦ୍ଧା ବ୍ଲକ ବରସାହି କୁମ୍ଭିଲୋ ଗ୍ରାମର ୨୧ଟି ଏସ୍ଏଚ୍‌ଜି ଗ୍ରୁପର ଶତାଧିକ ମହିଳା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଘଟଣାର ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବିଧାୟକ ରାଉତରାୟଙ୍କ ସମେତ ଏକ ପ୍ରତିନିଧି ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ବିଧାୟକ କହିଛନ୍ତି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ, ଏହି ଗ୍ରାମରେ ୬ଟି ପୋଖରୀ ରହିଛି। ପଞ୍ଚାୟତ ପକ୍ଷରୁ ଏହାର ନିଲାମ ଦିଆଯାଇଥାଏ। ଗ୍ରାମରେ ୨୪ଟି ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ରହିଛି। ୧୨ଟି ଗୋଷ୍ଠୀଙ୍କୁ ନେଇ ଦୁଇଟି ମଞ୍ଚ ରହିଛି। ପୋଖରୀ ନିଲାମ ଏସଏଚ୍‌ଜି ଗ୍ରୁପଙ୍କୁ ଦିଆଯାଇଥାଏ। ଏଥିଲାଗି ନୋଟିସ କରାଯାଇଥାଏ। ତେବେ ଚଳିତ ବର୍ଷ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ କରାଯାଇଛି। ବିନା ପଞ୍ଚାୟତ ବୈଠକରେ ଏହାକୁ ସ୍ଥିର କରାଯାଇ ଚକ୍ରାନ୍ତ ପୂର୍ବକ ୩ଟି ଏସଏଚଜି ଗ୍ରୁପକୁ ଦିଆଯାଇଛି। ଏହା ଜଣାପଡିବା ପରେ ସରପଞ୍ଚ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଅଭିଯୋଗ ଶୁଣିବା ପରିବର୍ତ୍ତେ ଦିନ ଗଡାଇ ଚାଲିଛନ୍ତି ବୋଲି କୁନି ସୁନ୍ଦରାୟ, ସତ୍ୟାଭାମା ସୁନ୍ଦରାୟ, ସବିତା ରଣା, ଶାନ୍ତି ସୁନ୍ଦରାୟ, ସୁଲୋଚନା ବେହେରା, ଝୁନୁଲତା ସୁନ୍ଦରାୟ, ତ୍ରିଲୋଚନା ମହାପାତ୍ର ପ୍ରମୁଖ କହିଛନ୍ତି। ଏନେଇ ବିଡିଓ ରୁମାନା ଜାଫ୍ରିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ। ସରପଞ୍ଚ ମୁଥିରି ନାୟକ କହିଛନ୍ତି, ଏନେଇ ପଞ୍ଚାୟତ ଅଫିସ ପକ୍ଷରୁ ନୋଟିସ ଦିଆଯାଇଛି। ୱାର୍ଡମେମ୍ବର ମାନଙ୍କୁ ମଧ୍ୟ ଅବଗତ କରାଯାଇଛି। ମହିଳା ଏସଏଚ୍‌ଜି ଗ୍ରୁପ ଆଣିଥିବା ଅଭିଯୋଗ ଭିତ୍ତିହୀନ। କୌଣସି ଚକ୍ରାନ୍ତ କରାଯାଇନାହିଁ ବୋଲି ସେ କହିଛନ୍ତି।

## ଅଗ୍ନିକାଣ୍ଡ: ଗାଈ, ବାଛୁରି ଆହତ

**ବାଲିପାଟଣା,୫।୧୧(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ଅନ୍ତର୍ଗତ କିଆଜୋରୀ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗାଈ ଗୁରୁତର ହୋଇଥିବାବେଳେ ବାଛୁରି ଆହତ ହୋଇଛି। ସୂଚନା ମୁତାବକ, ସତେନ ପ୍ରଧାନ ଗୁହାଳେ ଧୂଆଁ ଦେଇ ବାହାରକୁ ଯାଇଥିଲେ। ହଠାତ ଗୁହାଳରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ବାସିନ୍ଦା ଗାଈ ଓ ବାଛୁରି ଫିଟେଇ ଦେଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସରକାରଙ୍କ ମୋ ଗୁହାଳ ଯୋଜନାରେ ସହାୟତା ପାଇଁ ସତେନ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସନିଆ



@ ଅବିନାଶ



@ ଆକାଶଦୀପ୍



@ ସନ୍ତୋଷ



@ ମନୋଜ



@ ଜ୍ଞାନ

# ଇଟାମାଟି ସ୍ପୋର୍ଟିଂ କ୍ଲବ ଚାମ୍ପିୟନ

**ଖୋର୍ଦ୍ଧା ଅଫିସ, ୫।୧୧**

## ଭଗବତୀ ଫୁଟବଲ ଟୁର୍ନାମେଣ୍ଟ

ଖୋର୍ଦ୍ଧା ବ୍ଲକ ନରଣଗଡ଼ ଭଗବତୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଇଟାମାଟି ସ୍ପୋର୍ଟିଂ କ୍ଲବ ଟାଇବ୍ରେକର ମାଧ୍ୟମରେ ଭୁବନେଶ୍ୱର ବିଶ୍ୱାସ କଲେଜକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଦିବସରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜକ କମିଟି ଆବାହକ ରବୀନ୍ଦ୍ର କୁମାର ମାର୍ଥାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, କୃଷକ ମୋର୍ଚ୍ଚା ରାଜ୍ୟ ଉପାଧ୍ୟକ୍ଷ ଶ୍ରୀରଞ୍ଜନ ମଙ୍ଗରାଜ, କେଲୁ ଜଗଦେବ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କମିଟି ସଦସ୍ୟମାନେ ଖେଳ ପରିଚାଳନା ସହଯୋଗ କରିଥିଲେ।





ପୁରୀର ଉତ୍କଳ ବାଳାଶ୍ରମର ଅନ୍ତେବାସୀମାନେ ଝୋଟି ପକାଇବା ସହ ଦୀପ ଜାଳି ଦୀପାବଳି ପାଳନ କରୁଛନ୍ତି।



ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ ପରିସରରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଉଛି।



ପୋଖରୀ ନିଲାମ ଅନିୟମିତତା ପ୍ରତିବାଦରେ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳାମାନେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣା: ବାଇକ୍ ଆରୋହୀ ମୃତ

**ବାଣପୁର,୫।୧୧(ଡି.ଏନ୍.ଏ.):** ୧୬ ନମ୍ବର ଜାତୀୟ ରାଜପଥ ତାରେଣୀ ଢାବା ନିକଟରେ ଶୁକ୍ରବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଖବରପାଇ ବାଣପୁର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି।

### ଇପିଙ୍ଗରେ ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା

**କୃଷ୍ଣପ୍ରସାଦ,୫।୧୧(ଡି.ଏନ୍.ଏ.):** ପୁରୀ ଜିଲା ପାରିକୁଦ ଗଡ଼ର ଇପିଙ୍ଗଠାରେ ୨୫ ବର୍ଷ ଧରି ମା' ଶ୍ୟାମାକାଳୀଙ୍କ ପୂଜା ହୋଇଆସୁଛି। ସ୍ଥାୟୀ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଶୋଭା ପାଉଥିବା ବେଳେ ଗାଁ ଦାଣ୍ଡ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଆୟୋଜିତ ପୂଜା ଉତ୍ସବରେ ପଣ୍ଡିତ ରାକେଶ କର, ପଣ୍ଡିତ ଗୋପାଳ ଚନ୍ଦ୍ର ଦାସ ଯଜ୍ଞକାର୍ଯ୍ୟ ପରିଚାଳନା କରିଛନ୍ତି। ପୂଜା କମିଟି ସଭାପତି ସୁବ୍ରତ ପଣ୍ଡା, ସମ୍ପାଦକ ଅଜିତ୍ ପଣ୍ଡା, କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା, ପରାମର୍ଶଦାତା ନୀଳାଚଳ ପାଣିଗ୍ରାହୀ ପ୍ରମୁଖ ଉତ୍ସବକୁ ପରିଚାଳନା କରୁଛନ୍ତି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କାଳନ୍ଦୀ ଚରଣ ବାରିକ, ଯୁବ କବି ମନୋଜ ବାରିକ, ରାକେଶ କେଶରୀ, ରଞ୍ଜନ ସିଂହସାମନ୍ତଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

### ଶ୍ରମିକ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ବିଜୟୀ

**ଜଟଣୀ,୫।୧୧(ଡି.ଏନ୍.ଏ.):** ପୂର୍ବତଟ ରେଳପଥ ମୁଖ୍ୟ କାର୍ଯ୍ୟାଳୟସ୍ଥିତ ନେତାଜୀ ସୁବାସ ବୋଷ ଇନଷ୍ଟିଚ୍ୟୁଟର କର୍ମଚାରୀ ପରିଷଦ ପାଇଁ ଡେଲିଗେଟମାନଙ୍କ ଭୋଟ ଗ୍ରହଣ କରାଯାଇଥିଲା। ମୋଟ୍ ୧୧ଟି ଆସନ ପାଇଁ ରେଳ ଶ୍ରମିକ କଂଗ୍ରେସ ଓ ରେଳ ଶ୍ରମିକ ୟୁନିୟନର ପ୍ରାର୍ଥୀମାନେ ନିର୍ବାଚନ ଲଢ଼ିଥିଲେ। ବୁଧବାର ସନ୍ଧ୍ୟାରେ ଭୋଟ ଗ୍ରହଣ ଶେଷ ହେବା ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଟ ଗଣନା କରାଯାଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସହାୟକ କାର୍ମିକ ଅଧିକାରୀ ଆର୍.ସି ସେଠୀ ଫଳାଫଳ ଘୋଷଣା କରିଥିଲେ। ଶ୍ରମିକ କଂଗ୍ରେସ ସମର୍ଥିତ ପ୍ରାର୍ଥୀମାନେ ବିଜୟୀ ହୋଇଥିଲେ। ଅନନ୍ତ ନାରାୟଣ ନାୟକ, ଆଶିଷ ରଞ୍ଜନ ରାୟ, ଭଗବାନ ପଣ୍ଡା, ଜୟଦୀପ ମିଶ୍ର, ମନୋରଞ୍ଜନ ବାରିକ, ପ୍ରତାପ କୁମାର ଭଞ୍ଜ, ରଶ୍ମିରଞ୍ଜନ ବେହେରା, ସଞ୍ଜୟ ପରିଡ଼ା, ସୁଶାନ୍ତ ସାହାଣୀ, ସୁଶାନ୍ତ ନନ୍ଦ, ଉତ୍ତମ ବିଶ୍ୱକର୍ମା ବିଜୟୀ ହୋଇଥିଲେ। ଶୁକ୍ରବାର ମଣ୍ଡଳ ସଂଯୋଜକ ପ୍ରମୋଦ ସାହାଣୀଙ୍କ ନେତୃତ୍ୱରେ, ସହ-ସାଧାରଣ ସମ୍ପାଦକ ସୁବ୍ରତ ପଣ୍ଡା, ସହ ସଂଯୋଜକ ସୁନିଲ ଭଞ୍ଜ, ପ୍ରଫୁଲ୍ଲ ବେହେରା, ଏ.ଶ୍ରୀନିବାସ, ଶରତ ପଣ୍ଡା, ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଖୋର୍ଦ୍ଧାରୋଡ୍ ଷ୍ଟେଶନ ଛକ ନିକଟରେ ମିଷ୍ଟାନ୍ନ ବଣ୍ଟନ କରି ଖୁସି ମନାଇଥିଲେ।

### ଅଭିଲିପ୍‌ସାଙ୍କୁ ସମ୍ବର୍ଦ୍ଧନା

**ଖୋର୍ଦ୍ଧା ଅଫିସ,୫।୧୧:** ଖୋର୍ଦ୍ଧା ଜିଲା ମୁକୁନ୍ଦପ୍ରସାଦର ଅଭିଲିପ୍‌ସା ବେହେରା ସର୍ବଭାରତୀୟ ପରୀକ୍ଷା ନିଟ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଶୁକ୍ରବାର ମୁକୁନ୍ଦପ୍ରସାଦସ୍ଥିତ ବାସଭବନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସାମାଜିକ କର୍ମୀ ନରେନ୍ଦ୍ର ପୃଷ୍ଟି, ରାମଶଙ୍କର, ପ୍ରସନ୍ନ ମହାନ୍ତି, ଅତିକୁର୍ ରହମନ୍, ଏସ୍.କାଲାମ୍, ଅବିନାଶ ନାୟକ, ଅଧ୍ୟାପକ ଗୋପାଳ ଦାସ, ସୁଦର୍ଶନ ରଥ, ଏମ୍.ଡି.ବାଶା ଖାନ୍, ବାସୁଦେବ ବେହେରା ଉପସ୍ଥିତ ଥିଲେ। ଆଇଏଏସ୍ ହେବା ଲାଗି ଲକ୍ଷ୍ୟ ରହିଛି ବୋଲି ଅଭିଲିପ୍‌ସା କହିଛନ୍ତି।

# ଋଣ ଶୁଝିବାକୁ ଲୁଟ୍ ଯୋଜନା କରିଥିଲେ ରୂପେଶ

ଭୁବନେଶ୍ୱର,୫।୧୧(ବ୍ୟୁରୋ)


ରୂପେଶ କୁମାର ପଣ୍ଡା


ସଞ୍ଜୟ କୁମାର ପଣ୍ଡା

**ମହିଳା ବେଶରେ ଘରେ ପଶି ମା'ଝିଅଙ୍କୁ ଛୁରାମାଡ଼ ଘଟଣା**

- ବୁଦ୍ଧି ଦେଇଥିଲେ ସହକର୍ମୀ ସଞ୍ଜୟ କୁମାର ପଣ୍ଡା
- ଉଭୟଙ୍କୁ ଗିରଫ କଲା କମିଶନରେଟ ପୋଲିସ

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାର ଅଞ୍ଚଳରେ ଗତ ୧ ତାରିଖରେ ଜଣେ ଯୁବକ ମହିଳା ପୋଷାକରେ ପଡ଼ୋଶୀଙ୍କ ଘରେ ପଶି ମା' ଝିଅଙ୍କୁ ଛୁରା ମାଡ଼ କରିଥିଲେ। ମା'ଝିଅଙ୍କ ପ୍ରତି ଆକ୍ରମଣରେ ସମ୍ପୃକ୍ତ ଯୁବକ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହି ଚର୍ଚ୍ଚିତ ଘଟଣାର ରହସ୍ୟ ଉନ୍ମୋଚନ କରିଛି କମିଶନରେଟ ପୋଲିସ। ଋଣ ଶୁଝିବାକୁ ଲୁଟ୍ ଯୋଜନା କରିଥିଲେ ମୁଖ୍ୟ ଅଭିଯୁକ୍ତ ରୂପେଶ କୁମାର ପଣ୍ଡା। ଏଥିରେ ତାଙ୍କୁ ସହଯୋଗ କରିଥିଲେ ସହକର୍ମୀ ତଥା ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ବାଲେଶ୍ୱର ଜିଲା ସଦର ଥାନାର ସଞ୍ଜୟ କୁମାର ପଣ୍ଡା। ଉଭୟଙ୍କୁ ପୋଲିସ ଗିରଫ କରିଥିବାବେଳେ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଉଭୟେ ମିଶି ଯେଉଁସବୁ ଦୋକାନରୁ ଛୁରି ଓ ଅନ୍ୟାନ୍ୟ ସାମଗ୍ରୀ କିଣିଥିଲେ ପୋଲିସ ଉକ୍ତ ଦୋକାନୀଙ୍କୁ ପଚରାଉଚରା କରି ଘଟଣାରେ ଅଧିକ ତଥ୍ୟପ୍ରମାଣ ଯୋଗାଡ କରୁଥିବା ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।

### ସେଦିନ ଏମିତି ଘଟିଥିଲା

ଅବସରପ୍ରାପ୍ତ ପ୍ରଫେସର ସୁରେଶ ମିଶ୍ରାଙ୍କ ପରିବାର ଶୈଳଶ୍ରୀବିହାର ଭିଆଇଏମ୍ କଲୋନୀରେ ରୁହନ୍ତି। ଘଟଣା ଦିନ ମୁଖ୍ୟ ଅଭିଯୁକ୍ତ ରୂପେଶ ନିଜ ବାଇକ୍ ଧରି ଶୈଳଶ୍ରୀବିହାର ପାୱାର ଗ୍ରୀଡ୍ ଅଞ୍ଚଳକୁ ଯାଇ ସେଠାରେ ବାଇକ୍ ରଖିଥିଲେ। ପରେ କିଣିଥିବା ମହିଳା ପୋଷାକ ଓ ହେଲ୍‌ମେଟ୍ ପିନ୍ଧି ପୂରା ପ୍ରସ୍ତୁତ ହୋଇ ଏକ ଅଟୋରେ ପଡୋଶୀଙ୍କ ଘର ନିକଟରେ ଓହ୍ଲାଇଥିଲେ। ମଧ୍ୟାହ୍ନ ୧୨ଟା ୩୦ରେ ମିଶ୍ରାଙ୍କ ଘରର କଲିଂ ବେଲ୍ ମାରିଥିଲେ। ହାତରେ ଥିଲା ଏକ ଛୁରି ଓ ବନ୍ଧୁକ। ଏହି ସମୟରେ ସୁରେଶ ଘରେ ନ ଥିବାରୁ ଝିଅ ଅନନ୍ୟା କବାଟ ଖୋଲିଥିଲେ। ରୂପେଶ ହଠାତ୍ ଭିତରକୁ ପଶି କବାଟ ବନ୍ଦ କରିଦେବା ସହ ତତ୍‌କ୍ଷଣାତ ଛୁରିରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଅନନ୍ୟାଙ୍କ ମା' ପହଞ୍ଚିଯାଇଥିଲେ। ଫଳରେ ବହୁ ସମୟ ଧରି ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ହୋଇଥିଲା। ଜୀବନ ବଞ୍ଚାଇବାକୁ ମା' ଓ ଝିଅ ଛାଡ଼ି ନ ଥିଲେ। ଆତ୍ମରକ୍ଷା କରିବାକୁ ଯାଇ ସେମାନେ ରୂପେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ୩ଜଣ ଯାକ ରକ୍ତାକ୍ତ ହୋଇଯାଇଥିଲେ। ଉକ୍ତ ଘରୁ ଚିତ୍କାର ଶୁଭିବାରୁ ପାଖଘରେ କାମ କରୁଥିବା ଶ୍ରମିକମାନେ ଦୌଡ଼ିଆସି ସମସ୍ତଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ମା' ଓ ଝିଅ ଚିକିତ୍ସା ପରେ ସୁସ୍ଥ ହୋଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୪୫୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ପୋଲିସକୁ ମିଛ କଥା କହି ବାଉଳା କରିଥିଲେ

ପ୍ରତି ଆକ୍ରମଣରେ ଆହତ ହୋଇ ରୂପେଶ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ହେଉଥିବା ସମୟରେ ସେ ଗଣମାଧ୍ୟମକୁ ଚକିତ କଲା ପରି ବୟାନ ଦେଇଥିଲେ। ୩ଜଣ ଲୋକ ତାଙ୍କୁ ଧରିକି କାର୍‌ରେ ମହିଳା ପୋଷାକ ପିନ୍ଧାଇଥିଲେ। ପରେ ଏକ ଅଟୋରେ ବସାଇ ଉକ୍ତ ଘର ଲୋକଙ୍କୁ ଆକ୍ରମଣ କରବାକୁ ବାଧ କରିଥିଲେ ବୋଲି ସେ କହିଥିଲେ। ତାଙ୍କ ସ୍ତ୍ରୀ ଓ ମା' ମଧ୍ୟ ସେହି କଥାକୁ ଦୋହରାଇ ଭ୍ରମିତ କରିଥିଲେ। ତେଣୁ ତାଙ୍କ କଥାରେ ପୋଲିସ ସନ୍ଦେହ କରୁଥିଲେ ବି ପୋଲିସ ପ୍ରଥମେ ଦ୍ୱନ୍ଦ୍ୱରେ ପଡିଥିଲା। ରୂପେଶ ସୁସ୍ଥ ହୋଇ ଫେରିବା ପରେ ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ରୂପେଶଙ୍କ କଲ୍ ଡିଟେଲ୍ସ ଯାଞ୍ଚରୁ ସେ ଉକ୍ତଦିନ ସଞ୍ଜୟଙ୍କ ସହ ବାରମ୍ବାର କଥା ହୋଇଥିବା ଜଣାପଡିଥିଲା। ଏପରିକି ଯେଉଁସମୟରେ ସେ ଦୁର୍ବୃତ୍ତଙ୍କ କବ୍‌ଜାରେ ଥିବା କହିଥିଲେ ସେହି ସମୟରେ ସେ ତାଙ୍କ ସ୍ତ୍ରୀଙ୍କ ସହ କଥା ବି ହୋଇଥିଲେ। ପୋଲିସକୁ ବାରମ୍ବାର ବାଉଳା କରିବା ପରେ ଶେଷରେ ରୂପେଶ ଶତ ଓକାଳିଥିଲେ।

### ମାସେ ପୂର୍ବରୁ କିଣିଥିଲେ ଛୁରି, ବନ୍ଧୁକ

ରୂପେଶ ନିଜ ଘରର ଆଉ ୨ ମହଲା କରିବାକୁ ୧୮ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଘର କାମ ଚାଲୁଥିବାବେଳେ ସେ ଉକ୍ତ ଟଙ୍କା କିପରି ଶୁଝିବେ ସେହି ଚିନ୍ତାରେ ଥିଲେ। ରୂପେଶ ଏକ ଘରୋଇ ଟିଭି ଚ୍ୟାନେଲରେ କାମ କରନ୍ତି। ଋଣ ଶୁଝିବା ନେଇ ସେ ସହକର୍ମୀ ସଞ୍ଜୟଙ୍କ ସହ କଥା ହୁଅନ୍ତି। ତେବେ ମାସେ ତଳେ ତାଙ୍କ ପଡୋଶୀ ପ୍ରଫେସର ସୁରେଶ ମିଶ୍ରା ଅବସରକାଳୀନ ୨୦/୨୫ଲକ୍ଷ ଟଙ୍କା ପାଇଥିବା ସଂକ୍ରାନ୍ତରେ ସେ ସଞ୍ଜୟଙ୍କୁ ଜଣାଇଥିଲେ। ପଡୋଶୀଙ୍କ ଘରୁ ଉକ୍ତ ଟଙ୍କା ଲୁଟ୍ କରିବାକୁ ସଞ୍ଜୟ ତାଙ୍କୁ ବୁଦ୍ଧି ଦେଇଥିଲେ। ପଡୋଶୀ ହୋଇଥିବାରୁ ଧରା ନ ପଡ଼ିବା ପାଇଁ ମହିଳା ବେଶରେ ଲୁଟ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ଲୁଟ୍ ଅର୍ଥକୁ ଉଭୟେ ଅଧା ଅଧା ବାଣ୍ଟିନେବାକୁ କଥା ଛିଡିଥିଲା। ତେଣୁ ଭିନ୍ନ ଭିନ୍ନ ଦିନରେ ଉଭୟେ ମିଶି ଲୁଟ୍ ପାଇଁ ଆବଶ୍ୟକ ଛୁରି, ଖେଳନା ବନ୍ଧୁକ, ଦଉଡି, ସେଲୋଟେପ୍ ଇତ୍ୟାଦି ପଟିଆ ଓ ୧ ନମ୍ବର ମାର୍କେଟରୁ କିଣିଥିଲେ। ହେଲେ ସଞ୍ଜୟ ଧରାପଡିଯିବା ଭୟରେ ରୂପେଶଙ୍କ ସହ ଯାଇ ନ ଥିଲେ।

## ସାହସିକତା ପାଇଁ ସମ୍ବର୍ଦ୍ଧିତ ହେଲେ ମା, ଝିଅ



ଝିଅ ଅନନ୍ୟା ଓ ମା' ସ୍ମିତା ଘଟଣାଦିନ ଅଭିଯୁକ୍ତ ରୂପେଶଙ୍କ ହାତରେ ବନ୍ଧୁକ ଓ ଛୁରି ଦେଖି ଡରି ଯାଇ ନ ଥିଲେ। ଅତି ସାହସର ସହିତ ମୁକାବିଲା କରିଥିଲେ। ରୂପେଶ ପ୍ରଥମେ ଉଭୟଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ହେଲେ ଅନନ୍ୟା ବୁଦ୍ଧି ଖଟାଇ ରୂପେଶଙ୍କୁ କାବୁ କରିନେଇଥିଲେ। ଛୁରି, ବନ୍ଧୁକ ଛଡ଼ାଇ ମିଳିତ ଭାବେ ତାଙ୍କୁ ପ୍ରତି ଆକ୍ରମଣ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଚାରିଆଡୁ ମା' ଓ ଝିଅଙ୍କ ପ୍ରତି ପ୍ରଶଂସାର ସୁଅ ଛୁଟିଥିଲା। ଏହି ସାହାସିକତା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସେମାନଙ୍କୁ ପ୍ରଶଂସା ପତ୍ର ଦିଆଯିବା ସହ ସମ୍ବର୍ଦ୍ଧିତ କରାଯାଇଛି।

## କେନାଲରୁ ଯୁବକଙ୍କ ମୃତଦେହ ଜବତ

ବାଲିଅନ୍ତା,୫।୧୧(ଡି.ଏନ୍.ଏ.)

ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅଧୀନ ଶ୍ରୀରାମପୁର ଗ୍ରାମ ସମ୍ମୁଖ କେନାଲରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ହଂସପାଳରେ ରହୁଥିବା ରାଜସ୍ଥାନର ସନ୍ଦୀପ କୁମାର। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ପୋଲିସ ସୂଚନା ଅନୁଯାୟୀ, ସନ୍ଦୀପଙ୍କ ସହ ଅନ୍ୟ ଜଣେ ବନ୍ଧୁ ଏକ କାର୍ ଯୋଗେ ହଂସପାଳସ୍ଥିତ ଶିବଶକ୍ତି ନଗର ଆଡ଼କୁ ଯାଉଥିଲେ। କିନ୍ତୁ ନଗରଗଡ଼ା ସମ୍ମୁଖରେ କାର୍‌ଟି ଭାରସାମ୍ୟ ହରାଇ ବାମପଟେ ପ୍ରବାହିତ ପୁରୀ ମୁଖ୍ୟ କେନାଲ ଭିତରକୁ ପଶିଯାଇଥିଲା। କେନାଲରେ ଦଳ ସ୍ରୋତ ପ୍ରଖର ଥିବାରୁ କାର୍ ଭିତରେ ଥିବା ଡ୍ରାଇଭର ସମେତ ୨ଜଣ ଭାସିଯାଇ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ।

## ପୁତୁରାକୁ ବଞ୍ଚାଇବାକୁ ଯାଇ ଦାଦାଙ୍କ ଜୀବନ ଗଲା

ବାରଙ୍ଗ,୫।୧୧(ଡି.ଏନ୍.ଏ.)

କୁଆଖାଇ ନଦୀରେ ଶୁକ୍ରବାର ବୁଡି ଯାଉଥିବା ପୁତୁରାକୁ ବଞ୍ଚାଇବାକୁ ଯାଇ ଦାଦାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ କୁସିନ୍ଦା ଗ୍ରାମର ପ୍ରଶାନ୍ତ ମୁଦୁଲି(୩୦)। ଏ ନେଇ ପୋଲିସ ଏକ ମାମଲା(ନଂ.୧୨/୨୧) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ପ୍ରଶାନ୍ତ ସକାଳ ୧୦ଟାବେଳେ ପୁତୁରା ସହ ଘରପାଖ କୁଆଖାଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ସୁବାସ ବୋଷ ସେତୁ ବ୍ରିଜ ତଳେ ଗାଧୋଉଥିବାବେଳେ ଅସାବଧାନତାବଶତଃ ପୁତୁରାର ଗୋଡ଼ ଖସିଯାଇଥିଲା। ଏହାଦେଖି ଦାଦା ପ୍ରଶାନ୍ତ ପୁତୁରାକୁ ବଞ୍ଚାଇବାକୁ ନଦୀ ମଧ୍ୟକୁ ପଶିଥିଲେ। ପୁତୁରା ସିନା ବଞ୍ଚିଗଲା, ହେଲେ ନିଜେ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ପରିବାର ଲୋକ ଓ ଦମକଳ ବାହିନୀଙ୍କୁ ଜଣାଇଥିଲେ। ଦମକଳ ଆସିବା ମଧ୍ୟରେ ସ୍ଥାନୀୟ ଯୁବକମାନେ ନଦୀକୁ ଯାଇ ପ୍ରଶାନ୍ତଙ୍କୁ ଖୋଜାଖୋଜି କରିଥିଲେ। ଦମକଳ ଓ ବାରଙ୍ଗ ଥାନା ପୋଲିସ ପହଞ୍ଚିବାବେଳେ ଯୁବକମାନେ ପ୍ରଶାନ୍ତଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗ୍ରାମରେ ପ୍ରଶାନ୍ତଙ୍କ ଅକାଳ ବିୟୋଗକୁ ନେଇ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।


ଦୀପାବଳିରେ ଭୁବନେଶ୍ୱର ଲୋକେ ଆକାଶ ଛତା ଛାଡୁଛନ୍ତି। (ଫଟୋ: ବିକାଶ)

## ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଗିରଫ ଦାବିରେ ସମାବେଶ

ବୋଲଗଡ଼,୫।୧୧(ଡି.ଏନ୍.ଏ.)

**ଭାଜପା ପକ୍ଷରୁ ଥାନାରେ ଏତଲା**

ଅଧ୍ୟକ୍ଷା ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତଦନ୍ତ ପରିସରଭୁକ୍ତ ଓ ଗିରଫ ଦାବିରେ ଶୁକ୍ରବାର ଭାଜପା ପକ୍ଷରୁ ବୋଲଗଡ଼ ଥାନା ଆଗରେ ବିକ୍ଷୋଭ ସହ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିସହ ମନ୍ତ୍ରୀ ମିଶ୍ରଙ୍କ ନାଁରେ ଏତଲା ଦିଆଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଋଷଭ ନନ୍ଦଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଠାରୁ ଶୋଭାଯାତ୍ରାରେ ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେବା ସହ ଥାନା ଆଗରେ ପହଞ୍ଚିବା ପରେ ଏକ ସମାବେଶ କରାଯାଇଥିଲା। ଲୋତକବିନ୍ଦୁ ପଟ୍ଟନାୟକଙ୍କ ସଞ୍ଚାଳନରେ ରାଜ୍ୟ କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ବୋଲଗଡ଼ ମଣ୍ଡଳ ସଭାପତି ସଞ୍ଜୟ ବେହେରା, ସମ୍ପାଦକ ଟଇ ପଟ୍ଟନାୟକ, ପାଞ୍ଚଗଡ ମଣ୍ଡଳ ସଭାପତି ଅଶୋକ ରାଉତ, ପିଚୁକୁଳି ମଣ୍ଡଳ ସଭାପତି ଦୌଲତ ଅଲ୍ଲୀ, ଜିଲା ଉପସଭାପତି ରଘୁନାଥ ଷଡ଼ଙ୍ଗୀ, ବୋଲଗଡ ପ୍ରଭାରୀ ସୁବାସ ମିଶ୍ର, ହରିହର ମହାରଣା, ଭଗବାନ ପଣ୍ଡା, ଜମ୍ବେଶ୍ୱର ସୁନ୍ଦରା ପ୍ରମୁଖ ମନ୍ତ୍ରୀ ମିଶ୍ରଙ୍କ ଇସ୍ତଫା ଓ ଗିରଫ ଦାବି ସହ ରାଜ୍ୟ ସରକାରଙ୍କ ଘଣ୍ଟଘୋଡାଇବା ନୀତିକୁ ସମାଲୋଚନା କରିଥିଲେ। ଏହି ଅବସରରେ ଭାଜପା କର୍ମୀମାନେ ଆଇଆଇସି ବିଦିତା ନାୟକଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ।

## ବିନା ଭକ୍ତରେ ହେବ ରାଧାପାଦ ଦର୍ଶନ ନୀତି

ସାକ୍ଷୀଗୋପାଳ, ୫।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)

ସାକ୍ଷୀଗୋପାଳ ମନ୍ଦିରରେ ଆସନ୍ତା ୧୨ ତାରିଖରେ ଅଁଳାନବମୀ ଓ ରାଧାରାଣୀଙ୍କର ପାଦ ଦର୍ଶନ ଓ ୧୫ ତାରିଖରେ ବଡ଼ ଏକାଦଶୀ, ଠାକୁର ଗୋପାଳ ଜୀଉ ଓ ଠାକୁରାଣୀ ରାଧାରାଣୀଙ୍କର ଲକ୍ଷ୍ମୀ ନାରାୟଣ ବେଶ ଓ ପ୍ରସିଦ୍ଧ ଚୁଡାଘସା ଭୋଗ ଅନୁଷ୍ଠିତ ହେବ। ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ବୈଠକରେ କୋଭିଡ୍ କଟକଣା ଅନୁଯାୟୀ ରୀତିନୀତି ଓ ବିନା ଭକ୍ତରେ ରାଧାପାଦ ଦର୍ଶନ ନୀତି ହେବ ବୋଲି ନିଷ୍ପତ୍ତି ହୋଇଛି।

## ଆଜି ଚନ୍ଦ୍ରଶେଖରପୁରରେ ସଫେଇ କର୍ମଚାରୀଙ୍କ କାମ ବନ୍ଦ

ଭୁବନେଶ୍ୱର,୫।୧୧(ବ୍ୟୁରୋ)

**ରାମ୍‌କୀ ଅଫିସ ଘେରିବ ୟୁନିୟନ**

ବୋନସ୍ ଟଙ୍କାକୁ ନେଇ ପୁଣି ରାସ୍ତାକୁ ଓହ୍ଲାଇବେ ସଫେଇ କର୍ମଚାରୀ। ଦୀପାବଳି ପୂର୍ବରୁ ବୋନସ୍ ଟଙ୍କା ପାଇ ନ ଥିବାବେଳେ ୨୦୧୭ ମସିହାରୁ ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ ପକ୍ଷରୁ ୧୦ଦଫା ଦାବି ଉପସ୍ଥାପନ କରାଯାଉଥିଲେ ସୁଦ୍ଧା ଗ୍ରହଣ କରାଯାଉ ନାହିଁ। ଏପରିକି ଏ ସମ୍ପର୍କରେ ଠିକା ସଂସ୍ଥା ରାମ୍‌କୀ ମଧ୍ୟ ୟୁନିୟନ ସହିତ ଆଲୋଚନା କରିବାକୁ ମନା କରିଦେଇଛି। ଏହାର ପ୍ରତିବାଦ ସ୍ୱରୂପ ଶନିବାର ଚନ୍ଦ୍ରଶେଖରପୁର ଅଞ୍ଚଳରେ ସଫେଇ କର୍ମଚାରୀମାନେ କାମ ବନ୍ଦ ଡାକରା ଦେଇଛନ୍ତି। ଏଥିସହ ରାମକୀ ଅଫିସ୍ ଘେରାଉ କରିବା ପାଇଁ ନିଷ୍ପତ୍ତି ହୋଇଥିବା ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ ସଭାପତି ବିଷ୍ଣୁଚରଣ ମହାନ୍ତି ସୂଚନା ଦେଇଛନ୍ତି। ଶୁକ୍ରବାର ୟୁନିୟନ ପକ୍ଷରୁ ଶ୍ରମିକ ଭବନରେ ଏକ ବୈଠକ ହୋଇଥିଲା। ଏଥିରେ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି, ମାସ୍କ, ଗ୍ଲୋଭ୍ସ, ହାତ ଧୋଇବା ପାଇଁ ସାବୁନ୍, ବାର୍ଷିକ ବୋନସ, ପ୍ରସୂତିକାଳୀନ ଛୁଟି ଓ ସୁବିଧା, ଛୁଟି ଦିନରେ କାମ କଲେ ପ୍ରାପ୍ୟ ଦେବା ଭଳି ୧୦ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ୪ବର୍ଷ ହେବ ଦାବି କରାଯାଉଥିଲେ ମଧ୍ୟ କେହି ନ ଶୁଣିବାରୁ ଏଭଳି ପଦକ୍ଷେପ ନିଆଯାଉଥିବା କୁହାଯାଇଛି। ବିଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଅନ୍ୟ ଦାବି ଓ ବୋନସ ପଇଠ ପାଇଁ ସଂଗଠନ ଦାବି କରିଛି। ଅନ୍ୟଥା ଯାହା କ୍ଷୟକ୍ଷତି ହେବ କର୍ତ୍ତୃପକ୍ଷ ସେଥିପାଇଁ ଦାୟୀ ରହିବେ ବୋଲି ୟୁନିୟନ ଚେତାବନୀ ଦେଇଛି। ସୂଚନାଯୋଗ୍ୟ, ଭୁବନେଶ୍ୱରକୁ ସଫା ରଖିବା ପାଇଁ ବିଏମ୍‌ସି ଅଧୀନରେ ପ୍ରାୟ ୨୫୦୦ ଓ ୩ଟି ଠିକାଦାରଙ୍କ ଜରିଆରେ ପ୍ରାୟ ୪୫୦୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ ନିଯୁକ୍ତି ପାଇଛନ୍ତି।

## କଟକଣା ସତ୍ତ୍ୱେ ବାଣ ଫୁଟାଇଲେ

ଖୋର୍ଦ୍ଧା ଅଫିସ,୫।୧୧

ଦୀପାବଳିରେ କେବଳ ଗ୍ରୀନ କ୍ରାକର (ସବୁଜ ବାଣ) ଫୁଟାଇବା ପାଇଁ ହାଇକୋର୍ଟ ଅନୁମତି ପ୍ରଦାନ କରିଥିଲେ। ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ଏହି ବାଣ ଫୁଟାଇବାକୁ ନିର୍ଦ୍ଦେଶ ସତ୍ତ୍ୱେ ଖୋର୍ଦ୍ଧାରେ ଏହି କଟକଣାର କୌଣସି ପ୍ରଭାବ ପଡିନଥିଲା। ଦୀପାବଳିର ଦିନକ ପୂର୍ବରୁ ପୋଲିସ ପକ୍ଷରୁ ବିଭିନ୍ନ ବାଣ ଗୋଦାମ ଏବଂ ଦୋକାନରେ ଚଢ଼ାଉ କରାଯାଇ ବିପୁଳ ବାଣ ଜବତ କରାଯାଇଥିଲା। କଟକଣା ସତ୍ତ୍ୱେ ଦୀପାବଳିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସହରରେ ବାଣ ଫୁଟୁଥିବା ଦେଖିବାକୁ ମିଳିଥିଲା। ତେବେ ପ୍ରଶାସନର ଅବହେଳାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାଣ ଫୁଟିଥିବା ସାଧାରଣରେ ଅଭିଯୋଗ ହୋଇଛି।


ଭୁବନେଶ୍ୱର ଭିଏସ୍ଏସ୍‌ନଗରରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।


ସତ୍ୟନଗର କାଳୀମନ୍ଦିର।


ପୁରୁଣା ଷ୍ଟେଶନ ବଜାର ।


କଟକ ବାଖରାବାଦର ଛିନ୍ନମସ୍ତା କାଳୀ।

## ଶ୍ମଶାନରେ ସମୂହ ଦୀପଦାନ

ପିପିଲି,(ଡି.ଏନ୍.ଏ.): ଦୀପାବଳି ଉତ୍ସବ ପାଳନ ଅବସରରେ ପିତୃପୁରୁଷମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପିପିଲି ବଜାର ଶେଷରେ ଜାତୀୟ ରାଜପଥ କଡରେ ଅବସ୍ଥିତ ଶ୍ମଶାନରେ ସଚେତନ ନାଗରିକ ମଞ୍ଚ ଓ ଆମିତି ଇଣ୍ଡିଆ ଟ୍ରଷ୍ଟ ମିଳିତ ସହଯୋଗରେ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଉକ୍ତ ଶ୍ମଶାନ ପରିସର ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହୋଇ ଥିବାବେଳେ ଉପସ୍ଥିତ ସମସ୍ତ ବ୍ୟକ୍ତି ସେମାନଙ୍କ ପୂର୍ବପୁରୁଷଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ସମ୍ପାଦକ ଆଇନଜୀବୀ ସୁରେଶ ରଥଙ୍କ ସମେତ ରମେଶଚନ୍ଦ୍ର ଶତପଥୀ, ଭଗବାନ ସେଠୀ, ବିଘ୍ନେଶ ଦାସ, ମହେନ୍ଦ୍ର ମହାପାତ୍ର, ନରହରି ସିଂ, ନୃସିଂହ ସିଂହ, ଅକ୍ଷୟ ଦେ, ବିଭୁ ସାମନ୍ତରାୟ, ପ୍ରଫୁଲ୍ଲ ସାହୁ, ସମ୍ପୂର୍ଣ୍ଣ ସାଇଁ ଏବଂ ସତ୍ୟବ୍ରତ ପ୍ରମୁଖ ସାମିଲ ହୋଇ ଦୀପଦାନ କରିଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୧୧।୨୦୨୧

| ୨,୯୧,୦୭୪ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୧.୬୦୦ ଗ୍ରାମ |

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ସୁନାଗହଣା ଲୁଟ୍

ନିମାପଡ଼ା,୫।୧୧(ଡି.ଏନ୍.ଏ.): ନିମାପଡ଼ା ଥାନା ରେଙ୍ଗାଲୋ ବଡ଼ମାଛପୁର ଗ୍ରାମର ଶରତ ପ୍ରଧାନଙ୍କ ବାଇକ୍ ଡିକି ଭାଙ୍ଗି କେତେଜଣ ଦୁର୍ବୃତ୍ତ ସୁନାଗହଣା ଲୁଟି ନେଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନିକଟସ୍ଥ ଦୋକାନଗୁଡ଼ିକର ସିସିଟିଭି ଯାଞ୍ଚ କରିଛି। ସୂଚନାଯୋଗ୍ୟ, ଶରତ ଅପରାହ୍ନରେ ଏକ ସୁନା ଦୋକାନରୁ ଏକ ହାରକୁ କିଣିବା ପରେ ତାକୁ ବାଇକ୍ ଡିକିରେ ରଖିଥିଲେ। ପରେ ପେଟାଘାଇ ଛକ ନିକଟରେ ଏକ ଢାବାକୁ ବାଇକ୍ ରଖି ଖାଇବାକୁ ଯାଇଥିଲେ। ଖାଇସାରି ଫେରିବା ବେଳେ ବାଇକ୍ ଡିକି ଭଙ୍ଗା ଯାଇଥିବାବେଳେ ହାର ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ଶେଷରେ ନିରାଶ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ମାମଲା ରୁଜୁ ହୋଇ ନାହିଁ।

### ଚଢ଼ାଉ: ୫୦ହଜାର ଟଙ୍କାର ବାଣ ଜବତ

ନିମାପଡ଼ା,୫।୧୧(ଡି.ଏନ୍.ଏ.): ଦୀପାବଳି ଅବସରରେ ବାଣ ବିକ୍ରିକୁ ନେଇ ପ୍ରଶାସନ ପକ୍ଷରୁ କଡ଼ା କଟକଣା କରାଯାଇଥିଲା। ହେଲେ ଏହି କଟକଣାକୁ ଉଲ୍ଲଂଘନ କରାଯାଇ ବେଆଇନ ଭାବେ ଲାଇସେନ୍ସ ନ ଥାଇ ନିମାପଡ଼ା ଡେଲଟା ଛକସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଗୁରୁବାର ବାଣ ବିକ୍ରି ହେଉଥିଲା। ବିଶେଷ ସୂତ୍ରରୁ ଖବରପାଇ ନିମାପଡ଼ା ଥାନା ପୋଲିସ ଏହି କଲ୍ୟାଣ ମଣ୍ଡପରେ ଅଚାନକ ଚଢ଼ାଉ କରି ବିଭିନ୍ନ କିସମର ବାଣ ଜବତ କରିଛି। ଜବତ ବାଣର ମୂଲ୍ୟ ଆନୁମାନିକ ୫୦ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଏ ନେଇ ପୋଲିସ ବାଣ ବିକ୍ରି ଅଭିଯୋଗରେ କଲ୍ୟାଣ ମଣ୍ଡପ ମାଲିକଙ୍କ ନାମରେ ମାମଲା ରୁଜୁ କରିଛି।

### ଉତ୍କଳ ବାଳାଶ୍ରମ ପରିଦର୍ଶନ କଲେ ଜିଲାପାଳ

#### ଅନ୍ତେବାସୀଙ୍କ ଭଲମନ୍ଦ ପଚାରି ବୁଝିଲେ

ପୁରୀ ଅଫିସ, ୫।୧୧: ଦୀପାବଳି ଅବସରରେ ଗୁରୁବାର ଜିଲାପାଳ ସମର୍ଥ ବର୍ମା ପୁରୀସ୍ଥିତ ଉତ୍କଳ ବାଳାଶ୍ରମ ପରିଦର୍ଶନ କରିଥିଲେ। ସେ ଅନ୍ତେବାସୀଙ୍କୁ ଡ୍ରେସ, ମିଠା ଓ ଚକୋଲେଟ ବାଣ୍ଟିବା ସହ ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଅନ୍ତେବାସୀଙ୍କ ନିମନ୍ତେ କ୍ରୀଡ଼ା ଉପକରଣ ବ୍ୟବସ୍ଥା ଓ ବ୍ୟାଡମିଣ୍ଟନ କୋର୍ଟ ନିର୍ମାଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ କହିଥିଲେ। ବାଳାଶ୍ରମ ସମ୍ମୁଖରେ ଆବଶ୍ୟକ ମରାମତି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପୌରସଂସ୍ଥା ଯନ୍ତ୍ରୀ ଦେବଦତ୍ତ ଷଡ଼ଙ୍ଗୀ, ଜିଲା ଶିଶୁ ସୁରକ୍ଷା କମିଟି ସଦସ୍ୟ ଶକ୍ତିପଦ ମିଶ୍ର, ଏବଂ ବାଳାଶ୍ରମ ପରିଚାଳକ ସାରଙ୍ଗ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱର୍ଗଦ୍ୱାର ଉନ୍ନୟନ କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

## ସ୍ୱର୍ଗରଥ ଲୋକାର୍ପଣ କଲେ ଜିଲାପାଳ

ପୁରୀ ଅଫିସ, ୫।୧୧:

ପବିତ୍ର ଦୀପାବଳି ଅବସରରେ ଗୁରୁବାର ପୁରୀ ପ୍ରଶାସନ ପକ୍ଷରୁ ସ୍ୱର୍ଗରଥ ଉଦ୍‌ଘାଟିତ ହୋଇଛି। ଜିଲାପାଳ ସମର୍ଥ ବର୍ମା ସ୍ୱର୍ଗରଥକୁ ଲୋକାର୍ପିତ କରିଥିଲେ। ମୃତଦେହକୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଆଣିବା ନିମନ୍ତେ ସ୍ୱର୍ଗରଥ ବାହକ ଭାବେ କାର୍ଯ୍ୟ କରିବ। ପୁରୀ ପୌରାଞ୍ଚଳ ଓ ପୌରାଞ୍ଚଳ ସୀମାର ୧୦ କିଲୋମିଟର ମଧ୍ୟରେ ଏହି ସେବା ଉପଲବ୍ଧ ହେବ। ପୌରାଞ୍ଚଳ ମଧ୍ୟରେ ସେବା ପାଇଁ ୭ଶହ ଓ ପୌରାଞ୍ଚଳ ସୀମାର ୧୦ କି.ମି. ମଧ୍ୟରେ ୧୨ଶହ ଟଙ୍କା ଦେବାକୁ ପଡ଼ିବ। ୦୬୭୫୨-୨୯୧୨୯୧ ନମ୍ବରକୁ ଫୋନ କରି ଏହି ସେବା ପାଇହେବ। ଓଏମ୍‌ସି



ପକ୍ଷରୁ ଏହି ଗାଡ଼ି ଯୋଗାଇ ଦିଆଯାଇଛି। ପୁରୀ ପୌରାଞ୍ଚଳର ବାସିନ୍ଦା ପ୍ରତିଦିନ ଏହି ସେବା ପାଇପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଜିଲାପାଳ ବର୍ମା ସ୍ୱର୍ଗଦ୍ୱାର ବୁଲି ଦେଖିବା ସହ ଜାରି ରହିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। କାର୍ଯ୍ୟ ତ୍ୱରାନ୍ୱିତ କରି ତୁରନ୍ତ ସାରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମୃତଦେହ ସତ୍କାର କ୍ଷେତ୍ରରେ ଉତ୍ତମ ସେବା ନିମନ୍ତେ ଅଭୟ ନାୟକ, କୈଳାଶ ନାୟକ, ଗଙ୍ଗୁ ନାୟକଙ୍କ ସମେତ ଅନ୍ୟ କନିଷ୍ଠ, ସହାୟକ, ସୁରକ୍ଷା ଓ ପରିମଳ ସେବକଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପଜିଲାପାଳ ଭବତାରଣ ସାହୁ, ସ୍ୱର୍ଗଦ୍ୱାର ପରିଚାଳନା କମିଟି ସଭ୍ୟ ସିଦ୍ଧାର୍ଥ ରାୟ, କଟକୀ ମଠ ମହନ୍ତ ବିଜୟ ନାରାୟଣ ରାମାନୁଜ ଦାସଗୁରୁ ଏବଂ ସ୍ୱର୍ଗଦ୍ୱାରରେ ନିୟୋଜିତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ବାଣ ବିକ୍ରି, ପୋଲିସ ଚଢ଼ାଉ

ଗୋପ,୫।୧୧(ଡି.ଏନ୍.ଏ.):

ଗୋପ ଥାନା ଅନ୍ତର୍ଗତ ନୟାହାଟ ଫାଣ୍ଡି ଅଞ୍ଚଳରେ ବେଆଇନ ଭାବେ ବାଣ ରଖିବା ନେଇ ଅଭିଯୋଗ ହୋଇଥିଲା। ଫଳରେ ପୋଲିସ ପକ୍ଷରୁ ଗୁରୁବାର ଅଚନାକ ଚଢ଼ାଉ କରାଯାଇ ବହୁ ପରିମାଣର ବାଣ ଜବତ କରିଛି। ଏ ନେଇ ପୋଲିସ ୫୩୩, ୫୩୪, ୫୩୫/୨୧ରେ ୩ଟି ମାମଲା ରୁଜୁ କରିଛି। କିନ୍ତୁ ବେଆଇନ ଭାବରେ ବାଣ ରଖିଥିବା ବେପାରୀଙ୍କୁ ଗିରଫ କରିନାହିଁ। ନୟାହାଟ ଫାଣ୍ଡି ଅଞ୍ଚଳର ପାଞ୍ଜୋଣା ଗ୍ରାମରେ କେତେଜଣ ବ୍ୟକ୍ତି ବେଆଇନ ଭାବେ ବାଣ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ୩ଟି ସ୍ଥାନରେ ଚଢାଉ କରି ବ୍ୟାପକ ପରିମାଣର ବାଣ ଜବତ କରିଥିଲା। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏଥିସହ ପୋଲିସ ଗୋପର ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ାଙ୍କୁ ଅବଗତ କରିବା ପରେ ସେ ଘଟଣାସ୍ଥଳରେ ପହଞ୍ଚି ବେପାରୀମାନଙ୍କୁ ତାଗିଦ କରିଥିଲେ। କିନ୍ତୁ ପୋଲିସ କେବଳ ୧୫ ହଜାର ଟଙ୍କାର ବାଣ ଜବତ କରିଛି ବୋଲି ଦର୍ଶାଇଛି। ପୋଲିସର ଏଭଳି କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠୁଛି ଯେ, ଯଦି ଲକ୍ଷାଧିକ ଟଙ୍କାର ବାଣ ଜବତ ହେଲା, କ'ଣ ଲାଗି ଏତେ କମ ପରିମାଣର ବାଣ ଜବତ ବୋଲି ଦେଖାଇଲା। ଅପରପକ୍ଷରେ ଅତିରିକ୍ତ ତହସିଲଦାର ମଧ୍ୟ ବାଣ ବେପାରୀଙ୍କୁ ଗିରଫ ବଦଳରେ କେବଳ ତାଗିଦ କରି ଛାଡ଼ିଦେଇଥିଲେ। ଏ ନେଇ ନୟାହାଟ ଫାଣ୍ଡି ଅଧିକାରୀ ବାବୁଲି ପ୍ରଧାନଙ୍କୁ ପଚାରିବାରେ ଅଧିକ ବାଣ ବିକ୍ରି ହେଉଥିବା ଶୁଣି ଚଢ଼ାଉ କରିବାବେଳେ ଅଳ୍ପ ବାଣ ଜବତ ହୋଇଥିବା କହିଛନ୍ତି।



ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ସୁଧନ୍ୟା କ୍ରିଏଶନର ପ୍ରଥମ ଚଳଚ୍ଚିତ୍ର 'ବିଶ୍ୱାସ-ଦ ଲାଇଟ୍ ଓଭର୍ ଡାର୍କନେସ୍'ର ପ୍ରଥମ ଅଡ଼ିଓ ରିଲିଜ ଅବସରରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ ।

## ସିଂହଦ୍ୱାର ଆଗରେ ବଡ଼ବଡୁଆ ଡାକିବାରୁ ଶ୍ରଦ୍ଧାଳୁ ବଞ୍ଚିତ

ପୁରୀ ଅଫିସ, ୫।୧୧:

ପବିତ୍ର ଦୀପାବଳି ଅବସରରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳି ବଡ଼ବଡୁଆ ଡାକିଥାନ୍ତି। ଏଥିପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥାଏ। ତେବେ ଚଳିତବର୍ଷ କରୋନାଜନିତ କଟକଣା କାରଣରୁ ଅତ୍ୟଧିକ ଭିଡ଼କୁ ଦୃଷ୍ଟିରେ ରଖାଯାଇ ଶ୍ରୀମନ୍ଦିର ସମ୍ମୁଖ ଓ ଆଖପାଖ ସ୍ଥାନରେ କାଉଁରିଆ କାଠି ଜାଳିବା ଉପରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇ ବ୍ୟାରିକେଡ ପକାଯାଇଥିଲା। ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଅମାବାସ୍ୟା ଅବସରରେ ମହାପ୍ରଭୁଙ୍କ ସାଗର ବିଜେ ନୀତି ଅନୁଷ୍ଠିତ ହେବା ସହ ଶ୍ରୀମନ୍ଦିରରେ ସେବକମାନେ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପନ୍ନ କରିଥିଲେ। ପୌରାଣିକ ମତବାଦ ଅନୁଯାୟୀ, ପିତୃପକ୍ଷ ଓ ମହାଳୟାରେ ଯେଉଁମାନେ ନିଜ ପିତୃପୁରୁଷଙ୍କୁ ପିଣ୍ଡଦାନ ଦେଇ ପାରି ନ ଥାନ୍ତି, ସେମାନେ ଦୀପାବଳି ଅମାବାସ୍ୟା ତିଥିରେ ପିଣ୍ଡ ଦାନ କରିବାର ପରମ୍ପରା ରହିଛି। ଶ୍ରୀମନ୍ଦିର ଆଖପାଖରେ ୧୪୪ ଧାରା ଜାରି ଯୋଗୁ ଶ୍ରୀମନ୍ଦିର ଖାଁ ଖାଁ ରହିଥିଲା। ମହାପ୍ରଭୁଙ୍କୁ ଦର୍ଶନ କରିବାରୁ ଭକ୍ତବଞ୍ଚିତ ହୋଇଥିଲେ। ସେହିପରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କାଉଁରିଆ କାଠି ଜାଳି ବଡ଼ ବଡୁଆ ଡାକିବାରୁ ଶ୍ରଦ୍ଧାଳୁ ବଞ୍ଚିତ ହୋଇଥିଲେ। ଶ୍ରଦ୍ଧାଳୁମାନେ ମରିଚିକୋଟ ଛକଠାରେ ଛିଡ଼ା ହୋଇ ପତିତପାବନ ଦର୍ଶନ କରିଥିଲେ। ସେହିପରି ଅନେକ ଶ୍ରଦ୍ଧାଳୁ ମରିଚିକୋଟ ଛକ ନିକଟରେ ଶ୍ରଦ୍ଧାଳୁ ପିତୃପୁରୁଷଙ୍କ ନିମନ୍ତେ ପିଣ୍ଡଦାନ କରିଥିଲେ। ଅନେକ ଭକ୍ତ ସମୁଦ୍ରକୂଳରେ କାଉଁରିଆ ଜାଳି ବଡବଡୁଆ ଡାକିଥିଲେ। ପୁରୀବାସୀ ସେମାନଙ୍କ ସାହିର ସାହି ଠାକୁର ଏବଂ ଠାକୁରାଣୀଙ୍କ ନିକଟରେ କାଉଁରିଆ ଜାଳି ବଡବଡୁଆ ଡାକିଥିଲେ।

## ସିପିଆଇ(ଏମ୍-ଏଲ୍)ର ବୈଠକ

କଣାସ,୫।୧୧(ସ୍ୱ.ପ୍ର.):

ଦରବୃଦ୍ଧି, ଦୁର୍ନୀତି, କଣାସ ବ୍ଲକରେ ବନ୍ୟା ନିୟନ୍ତ୍ରଣ, ଜଳସେଚନ, ନିର୍ମାଣ ଶ୍ରମିକଙ୍କ ବକେୟା ପଞ୍ଜୀକରଣ ସାର୍ଟିଫିକେଟ୍ ପ୍ରଦାନ ଆଦି ବିଭିନ୍ନ ଦାବି ନେଇ ସିପିଆଇ(ଏମ୍-ଏଲ୍) ଓ ବିଜୁଳି ଉପଭୋକ୍ତା ଆସୋସିଏଶନ ପକ୍ଷରୁ ମିଳିତ ଆନୁକୂଲ୍ୟରେ ଆସନ୍ତା ୮ତାରିଖରେ ବ୍ଲକ ଓ ବିଦ୍ୟୁତ୍ ବିଭାଗ ଘେରାଉ ଓ ବିକ୍ଷୋଭ କରାଯିବ। ତେବେ ଏ ନେଇ ସିପିଆଇ(ଏମ୍-ଏଲ୍)ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏହି ବିକ୍ଷୋଭ କେଉଁଠି ଶୋଭାଯାତ୍ରା ଆରମ୍ଭ ହୋଇ କେଉଁବାଟ ଦେଇ ଯିବ, କାହା ନେତୃତ୍ୱରେ ହେବ ଏସବୁର ପ୍ରସ୍ତୁତି ପାଇଁ କର୍ମକର୍ତ୍ତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ ପ୍ରଧାନ ଏହି ଗଣଧାରଣାରେ ଅଧିକ ମାତ୍ରାରେ ଚାଷୀମାନେ ଯୋଗଦେବାପାଇଁ ନିବେଦନ କରିଛନ୍ତି।

## ନିଖୋଜ ଯୁବକଙ୍କ ମୃତଦେହ ଜବତ

ପିପିଲି,୫।୧୧(ସ୍ୱ.ପ୍ର.):

ପିପିଲି ଥାନା ଦୟା ନଦୀବାଲିଘାଟସ୍ଥିତ ଲେମ୍ବୁଆପଡାରୁ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଖଣ୍ଡଗିରି ଥାନା ପାତ୍ରପଡ଼ା ଅଞ୍ଚଳର ଅଭିନାଶ ଦାଶ (୩୨)। ସେ ଦୁଇଦିନ ତଳେ ବାଲିଘାଟରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଏ ନେଇ ପୋଲିସ ମୃତଦେହ ପୁରୀରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଖବରପାଇ ପିପିଲି ତହସିଲଦାର ସପନ କୁମାର ନନ୍ଦ ବାଲିଘାଟକୁ ପରିଦର୍ଶନ କରି ଫେରିଛନ୍ତି। ଏକବର୍ଷ ମଧ୍ୟରେ ଏହି ବାଲିଘାଟରେ ପଡ଼ି ୪ଜଣଙ୍କ ଜୀବନ ଯାଇଥିବା ଜଣାପଡିଛି ।





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ସନିଆ



@ ଅବିନାଶ



@ ଆକାଶଦୀପ୍



@ ସନ୍ତୋଷ



@ ମନୋଜ



@ ଜ୍ଞାନ

# ଯବାନଙ୍କ ବୀରତ୍ୱ, ବଳିଦାନ ପାଇଁ ଦେଶ ସୁରକ୍ଷିତ

## ସ୍ୱର୍ଣ୍ଣିମ ବିଜୟ ମଶାଲକୁ ପୁରୀରେ ସ୍ୱାଗତ

ପୁରୀ ଅଫିସ, ୫।୧୧:

ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଶୁକ୍ରବାର ପୁରୀରେ ସ୍ୱାଗତ କରାଯାଇଛି। ପୂର୍ବାହ୍ନ ୮ଟାରେ ଶୋଭାଯାତ୍ରାରେ ବ୍ଲୁ ଫ୍ଲାଗ ବିଚ୍‌ରେ ସ୍ୱର୍ଣ୍ଣିମ ବିଜୟ ମଶାଲ ପହଞ୍ଚିବା ପରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସୁଭାଷ ଚନ୍ଦ୍ର ନାଥଶର୍ମା ଏବଂ ଡିଏଫ୍‌ଓ ପି. ରାମାସ୍ୱାମୀ ପ୍ରମୁଖ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କର୍ଣ୍ଣେଲ ମାନସ ରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ କର୍ଣ୍ଣେଲ ଦେବଦତ୍ତ ସ୍ୱାଇଁ, କର୍ଣ୍ଣେଲ ପି.ଏସ୍. ଶେଖାୱତ, କର୍ଣ୍ଣେଲ ଇ.ପି. ଇଲିଆସ୍, ଲେଫ୍ଟନାଣ୍ଟ କର୍ଣ୍ଣେଲ ରିଶି ୱାହି ପ୍ରମୁଖ ଯୋଗଦେଇଥିଲେ। ଭାରତୀୟ ଯବାନଙ୍କ ବୀରତ୍ୱ ଓ ବଳିଦାନ ଯୋଗୁ ଦେଶ ଆଜି ଶତ୍ରୁ କବଳରୁ ସୁରକ୍ଷିତ। ବିଭିନ୍ନ ପଡ଼ୋଶୀ ରାଷ୍ଟ୍ର ସହ ସୀମା ବିବାଦ ସତ୍ତ୍ୱେ ଭାରତୀୟ ସେନା ଅତ୍ୟନ୍ତ ନିଷ୍ଠା ଓ ଶୃଙ୍ଖଳିତ ଭାବେ ଦାୟିତ୍ୱ ତୁଲାଉଛି ବୋଲି ଅତିଥିମାନେ କହିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତ ବିଜୟ ଲାଭ କରିବା ସହ ବାଂଲାଦେଶ ଗଠନ ନେଇ ସ୍ମୃତି ଉଦ୍ଦେଶ୍ୟରେ ଡିସେମ୍ବର ୧୬କୁ ଭାରତ ବିଜୟ ଦିବସ ଭାବେ ପାଳନ କରିଆସୁଛି। ଚଳିତ ବର୍ଷ ୫୦ବର୍ଷ ପୂର୍ତ୍ତି ଅବସରରେ ପ୍ରତି ଭାରତୀୟଙ୍କ ମନରେ ଅସ୍ମିତା ଭରିଦେବା ନିମନ୍ତେ ଭାରତୀୟ ସେନା ପକ୍ଷରୁ ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ ସହ ସ୍ୱର୍ଣ୍ଣିମ ବିଜୟ ମଶାଲ ଯାତ୍ରା କରାଯାଉଛି। ପ୍ରାରମ୍ଭରେ ଅତିଥିମାନେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ବ୍ଲୁ ଫ୍ଲାଗ୍ ବିଚ୍‌ରେ ନିର୍ମିତ ବାଲୁକା କଳା ଦେଖିଥିଲେ। ପରେ ଦଶଭୂଜା ଗୋଟିପୁଅ ଏବଂ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ତାରା ରୋପଣ କରାଯାଇଥିଲା। ପରେ ଏହି ମଶାଲକୁ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ୱାଗତ କରାଯାଇଥିଲା। ୧୯୭୧ ଯୁଦ୍ଧର ଚିତ୍ର ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡ. ସୁଜାତା ମିଶ୍ର, ଏନ୍‌ସିସି ଅଫିସର୍ ଲେଫ୍ଟନାଣ୍ଟ ସଞ୍ଜୟ କୁମାର ସୁନ୍ଦରାୟଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ବିନା ଭକ୍ତରେ ହେବ ରାଧାପାଦ ଦର୍ଶନ ନୀତି

ସାକ୍ଷୀଗୋପାଳ, ୫।୧୧(ସ୍ୱ.ପ୍ର./ଡି.ଏନ୍.ଏ.):

ସାକ୍ଷୀଗୋପାଳ ମନ୍ଦିରରେ ଆସନ୍ତା ୧୨ ତାରିଖରେ ଅଁଳାନବମୀ ଓ ଶ୍ରୀ ଶ୍ରୀ ରାଧାରାଣୀଙ୍କର ପାଦ ଦର୍ଶନ ଓ ୧୫ ତାରିଖରେ ବଡ଼ ଏକାଦଶୀ, ଠାକୁର ଶ୍ରୀ ଶ୍ରୀ ଗୋପାଳ ଜୀଉ ଓ ଠାକୁରାଣୀ ରାଧାରାଣୀଙ୍କର ଲକ୍ଷ୍ମୀ ନାରାୟଣ ବେଶ ଓ ପ୍ରସିଦ୍ଧ ଚୁଡାଘସା ଭୋଗ ଅନୁଷ୍ଠିତ ହେବ। ଏଥିନିମନ୍ତେ ଶୁକ୍ରବାର ଅପରାହ୍ନରେ ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳା ମଧ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ବୈଠକରେ ସରକାରଙ୍କର କୋଭିଡ୍ କଟକଣା ଅନୁଯାୟୀ ରୀତିନୀତି ଅନୁଯାୟୀ ଦେବନୀତି ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ୧୨ ଓ ୧୫ ତାରିଖ ମନ୍ଦିର ଚତୁର୍ପାର୍ଶ୍ୱରେ ୧୪୪ ଧାରା ଜାରି କରାଯିବ। ଫଳରେ ବିନା ଭକ୍ତରେ ରାଧାପାଦ ଦର୍ଶନ ନୀତି ହେବ। ବୈଠକରେ ସତ୍ୟବାଦୀ ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ତହସିଲଦାର କ୍ଷୀରୋଦ ବେହେରା, ଆରକ୍ଷୀ ନିରୀକ୍ଷକ ଦେବୀ ପ୍ରସାଦ ପାତ୍ର, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ ପ୍ରଧାନ, ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର, ସମ୍ପାଦକ ବିଜୟ ନନ୍ଦ, ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ଓ ଆତ୍ମା କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ପୁରୀର ଉତ୍କଳ ବାଳାଶ୍ରମର ଅନ୍ତେବାସୀମାନେ ବାଳାଶ୍ରମ ଆଗରେ ଝୋଟି ପକାଇବା ସହ ଦୀପ ଜାଳି ଦୀପାବଳି ପାଳନ କରୁଛନ୍ତି।



ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ ପରିସରରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଉଛି।



ପୋଖରୀ ନିଲାମ ଅନିୟମିତତା ପ୍ରତିବାଦରେ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳାମାନେ ଧାରଣାରେ ବସିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୬ ନଭେମ୍ବର ୨୦୨୧

## ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

ପୁରୀ ଅଫିସ- ଘରୁ ଚୋରି କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସଦରଥାନା ଅନ୍ତର୍ଗତ ଅଠରନଳାସ୍ଥିତ ନୀଳଚକ୍ର ନଗରର ଦୀପକ ପଣ୍ଡା (୨୧)। ପୋଲିସ ତାଙ୍କଠାରୁ ନଗଦ ୨୩୦୦ ଟଙ୍କା, ଗୋଟିଏ ବାଇକ୍, ଗୋଟିଏ ମୋବାଇଲ ଏବଂ ୨ଟି ଶାବଳ ଜବତ କରିଛି। ଏ ନେଇ ପୋଲିସ ନଂ. ୧୩୩/୨୧ରେ ଏକ ମାମଲା ରୁଜୁ କରିଛି । ୨ ତାରିଖ ରାତି ୧୨.୩୦ ସମୟରେ ଅଠରନଳାସ୍ଥିତ ସନାତନ ପ୍ରଧାନଙ୍କ ଘରକୁ ଫେରୁଥିବା ବେଳେ ତାଙ୍କ ଘରର ଦୁଆରରେ ଘର ତାଲା ଭଙ୍ଗାଯିବା ସହ ଜଣେ ଅଜଣା ବ୍ୟକ୍ତି ତାଙ୍କ ଘରେ ପଶିଥିବା ଦେଖିଥିଲେ। ଏ ନେଇ ଯୁବକକୁ ପଚାରିବାରୁ ସେ ଦୌଡ଼ିବାକୁ ଚେଷ୍ଟା କରିଥିଲା। ତେବେ ପ୍ରଧାନ ସ୍ଥାନୀୟ ଲୋକଙ୍କ ସହାୟତାରେ ଯୁବକଙ୍କୁ କାବୁ କରି ପୋଲିସକୁ ଡକାଇ ହସ୍ତାନ୍ତର କରିଥିଲେ।



# ଋଣ ଶୁଝିବାକୁ ଲୁଟ୍ ଯୋଜନା କରିଥିଲେ ରୂପେଶ

ଭୁବନେଶ୍ୱର,୫।୧୧(ବ୍ୟୁରୋ)

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାର ଅଞ୍ଚଳରେ ଗତ ୧ ତାରିଖରେ ଜଣେ ଯୁବକ ମହିଳା ପୋଷାକରେ ପଡ଼ୋଶୀଙ୍କ ଘରେ ପଶି ମା' ଝିଅଙ୍କୁ ଛୁରା ମାଡ଼ କରିଥିଲେ। ମା'ଝିଅଙ୍କ ପ୍ରତି ଆକ୍ରମଣରେ ସମ୍ପୃକ୍ତ ଯୁବକ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହି ଚର୍ଚ୍ଚିତ ଘଟଣାର ରହସ୍ୟ ଉନ୍ମୋଚନ କରିଛି କମିଶନରେଟ ପୋଲିସ। ଋଣ ଶୁଝିବାକୁ ଲୁଟ୍ ଯୋଜନା କରିଥିଲେ ମୁଖ୍ୟ ଅଭିଯୁକ୍ତ ରୂପେଶ କୁମାର ପଣ୍ଡା। ଏଥିରେ ତାଙ୍କୁ ସହଯୋଗ କରିଥିଲେ ସହକର୍ମୀ ତଥା ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ବାଲେଶ୍ୱର ଜିଲା ସଦର ଥାନାର ସଞ୍ଜୟ କୁମାର ପଣ୍ଡା। ଉଭୟଙ୍କୁ ପୋଲିସ ଗିରଫ କରିଥିବାବେଳେ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଉଭୟେ ମିଶି ଯେଉଁସବୁ ଦୋକାନରୁ ଛୁରି ଓ ଅନ୍ୟାନ୍ୟ ସାମଗ୍ରୀ କିଣିଥିଲେ ପୋଲିସ ଉକ୍ତ ଦୋକାନୀଙ୍କୁ ପଚରାଉଚରା କରି ଘଟଣାରେ ଅଧିକ ତଥ୍ୟପ୍ରମାଣ ଯୋଗାଡ କରୁଥିବା ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।


ରୂପେଶ କୁମାର ପଣ୍ଡା


ସଞ୍ଜୟ କୁମାର ପଣ୍ଡା

**ମହିଳା ବେଶରେ ଘରେ ପଶି ମା'ଝିଅଙ୍କୁ ଛୁରାମାଡ଼ ଘଟଣା**

- ବୁଦ୍ଧି ଦେଇଥିଲେ ସହକର୍ମୀ ସଞ୍ଜୟ କୁମାର ପଣ୍ଡା
- ଉଭୟଙ୍କୁ ଗିରଫ କଲା କମିଶନରେଟ ପୋଲିସ

### ସେଦିନ ଏମିତି ଘଟିଥିଲା

ଅବସରପ୍ରାପ୍ତ ପ୍ରଫେସର ସୁରେଶ ମିଶ୍ରାଙ୍କ ପରିବାର ଶୈଳଶ୍ରୀବିହାର ଭିଆଇଏମ୍ କଲୋନୀରେ ରୁହନ୍ତି। ଘଟଣା ଦିନ ମୁଖ୍ୟ ଅଭିଯୁକ୍ତ ରୂପେଶ ନିଜ ବାଇକ୍ ଧରି ଶୈଳଶ୍ରୀବିହାର ପାୱାର ଗ୍ରୀଡ୍ ଅଞ୍ଚଳକୁ ଯାଇ ସେଠାରେ ବାଇକ୍ ରଖିଥିଲେ। ପରେ କିଣିଥିବା ମହିଳା ପୋଷାକ ଓ ହେଲ୍ମେଟ୍ ପିନ୍ଧି ପୂରା ପ୍ରସ୍ତୁତ ହୋଇ ଏକ ଅଟୋରେ ପଡୋଶୀଙ୍କ ଘର ନିକଟରେ ଓହ୍ଲାଇଥିଲେ। ମଧ୍ୟାହ୍ନ ୧୨ଟା ୩୦ରେ ମିଶ୍ରାଙ୍କ ଘରର କଲିଂ ବେଲ୍ ମାରିଥିଲେ। ହାତରେ ଥିଲା ଏକ ଛୁରି ଓ ବନ୍ଧୁକ। ଏହି ସମୟରେ ସୁରେଶ ଘରେ ନ ଥିବାରୁ ଝିଅ ଅନନ୍ୟା କବାଟ ଖୋଲିଥିଲେ। ରୂପେଶ ହଠାତ୍ ଭିତରକୁ ପଶି କବାଟ ବନ୍ଦ କରିଦେବା ସହ ତତ୍କ୍ଷଣାତ ଛୁରିରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଅନନ୍ୟାଙ୍କ ମା' ପହଞ୍ଚିଯାଇଥିଲେ। ଫଳରେ ବହୁ ସମୟ ଧରି ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ହୋଇଥିଲା। ଜୀବନ ବଞ୍ଚାଇବାକୁ ମା' ଓ ଝିଅ ଛାଡ଼ି ନ ଥିଲେ। ଆତ୍ମରକ୍ଷା କରିବାକୁ ଯାଇ ସେମାନେ ରୂପେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ୩ଜଣ ଯାକ ରକ୍ତାକ୍ତ ହୋଇଯାଇଥିଲେ। ଉକ୍ତ ଘରୁ ଚିତ୍କାର ଶୁଭିବାରୁ ପାଖଘରେ କାମ କରୁଥିବା ଶ୍ରମିକମାନେ ଦୌଡ଼ିଆସି ସମସ୍ତଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ମା' ଓ ଝିଅ ଚିକିତ୍ସା ପରେ ସୁସ୍ଥ ହୋଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୪୫୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ପୋଲିସକୁ ମିଛ କଥା କହି ବାଉଳା କରିଥିଲେ

ପ୍ରତି ଆକ୍ରମଣରେ ଆହତ ହୋଇ ରୂପେଶ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ହେଉଥିବା ସମୟରେ ସେ ଗଣମାଧ୍ୟମକୁ ଚକିତ କଲା ପରି ବୟାନ ଦେଇଥିଲେ। ୩ଜଣ ଲୋକ ତାଙ୍କୁ ଧରିକି କାର୍‌ରେ ମହିଳା ପୋଷାକ ପିନ୍ଧାଇଥିଲେ। ପରେ ଏକ ଅଟୋରେ ବସାଇ ଉକ୍ତ ଘର ଲୋକଙ୍କୁ ଆକ୍ରମଣ କରବାକୁ ବାଧ୍ୟ କରିଥିଲେ ବୋଲି ସେ କହିଥିଲେ। ତାଙ୍କ ସ୍ତ୍ରୀ ଓ ମା' ମଧ୍ୟ ସେହି କଥାକୁ ଦୋହରାଇ ଭ୍ରମିତ କରିଥିଲେ। ତେଣୁ ତାଙ୍କ କଥାରେ ପୋଲିସ ସନ୍ଦେହ କରୁଥିଲେ ବି ପୋଲିସ ପ୍ରଥମେ ଦ୍ୱନ୍ଦ୍ୱରେ ପଡିଥିଲା। ରୂପେଶ ସୁସ୍ଥ ହୋଇ ଫେରିବା ପରେ ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ରୂପେଶଙ୍କ କଲ୍ ଡିଟେଲ୍ସ ଯାଞ୍ଚରୁ ସେ ଉକ୍ତଦିନ ସଞ୍ଜୟଙ୍କ ସହ ବାରମ୍ବାର କଥା ହୋଇଥିବା ଜଣାପଡିଥିଲା। ଏପରିକି ଯେଉଁ ସମୟରେ ସେ ଦୁର୍ବୃତ୍ତଙ୍କ କବ୍‌ଜାରେ ଥିବା କହିଥିଲେ ସେହି ସମୟରେ ସେ ତାଙ୍କ ସ୍ତ୍ରୀଙ୍କ ସହ କଥା ବି ହୋଇଥିଲେ। ପୋଲିସକୁ ବାରମ୍ବାର ବାଉଳା କରିବା ପରେ ଶେଷରେ ରୂପେଶ ଶତ ଓକାଳିଥିଲେ।

### ମାସେ ପୂର୍ବରୁ କିଣିଥିଲେ ଛୁରି, ବନ୍ଧୁକ

ରୂପେଶ ନିଜ ଘରର ଆଉ ୨ ମହଲା କରିବାକୁ ୧୮ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଘର କାମ ଚାଲୁଥିବାବେଳେ ସେ ଉକ୍ତ ଟଙ୍କା କିପରି ଶୁଝିବେ ସେହି ଚିନ୍ତାରେ ଥିଲେ। ରୂପେଶ ଏକ ଘରୋଇ ଟିଭି ଚ୍ୟାନେଲରେ କାମ କରନ୍ତି। ଋଣ ଶୁଝିବା ନେଇ ସେ ସହକର୍ମୀ ସଞ୍ଜୟଙ୍କ ସହ କଥା ହୁଅନ୍ତି। ତେବେ ମାସେ ତଳେ ତାଙ୍କ ପଡୋଶୀ ପ୍ରଫେସର ସୁରେଶ ମିଶ୍ରା ଅବସରକାଳୀନ ୨୦/୨୫ଲକ୍ଷ ଟଙ୍କା ପାଇଥିବା ସଂକ୍ରାନ୍ତରେ ସେ ସଞ୍ଜୟଙ୍କୁ ଜଣାଇଥିଲେ। ପଡୋଶୀଙ୍କ ଘରୁ ଉକ୍ତ ଟଙ୍କା ଲୁଟ୍ କରିବାକୁ ସଞ୍ଜୟ ତାଙ୍କୁ ବୁଦ୍ଧି ଦେଇଥିଲେ। ପଡୋଶୀ ହୋଇଥିବାରୁ ଧରା ନ ପଡ଼ିବା ପାଇଁ ମହିଳା ବେଶରେ ଲୁଟ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ଲୁଟ୍ ଅର୍ଥକୁ ଉଭୟେ ଅଧା ଅଧା ବାଣ୍ଟିନେବାକୁ କଥା ଛିଡ଼ିଥିଲା। ତେଣୁ ଭିନ୍ନ ଭିନ୍ନ ଦିନରେ ଉଭୟେ ମିଶି ଲୁଟ୍ ପାଇଁ ଆବଶ୍ୟକ ଛୁରି, ଖେଳନା ବନ୍ଧୁକ, ଦଉଡି, ସେଲୋଟେପ୍ ଇତ୍ୟାଦି ପଟିଆ ଓ ୧ ନମ୍ବର ମାର୍କେଟରୁ କିଣିଥିଲେ। ହେଲେ ସଞ୍ଜୟ ଧରାପଡିଯିବା ଭୟରେ ରୂପେଶଙ୍କ ସହ ଯାଇ ନ ଥିଲେ।

## ସାହସିକତା ପାଇଁ ସମ୍ବର୍ଦ୍ଧିତ ହେଲେ ମା, ଝିଅ



ଝିଅ ଅନନ୍ୟା ଓ ମା' ସ୍ମିତା ଘଟଣାଦିନ ଅଭିଯୁକ୍ତ ରୂପେଶଙ୍କ ହାତରେ ବନ୍ଧୁକ ଓ ଛୁରି ଦେଖି ଡରି ଯାଇ ନ ଥିଲେ। ଅତି ସାହସର ସହିତ ମୁକାବିଲା କରିଥିଲେ। ରୂପେଶ ପ୍ରଥମେ ଉଭୟଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ହେଲେ ଅନନ୍ୟା ବୁଦ୍ଧି ଖଟାଇ ରୂପେଶଙ୍କୁ କାବୁ କରିନେଇଥିଲେ। ଛୁରି, ବନ୍ଧୁକ ଛଡ଼ାଇ ମିଳିତ ଭାବେ ତାଙ୍କୁ ପ୍ରତି ଆକ୍ରମଣ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଚାରିଆଡୁ ମା' ଓ ଝିଅଙ୍କ ପ୍ରତି ପ୍ରଶଂସାର ସୁଅ ଛୁଟିଥିଲା। ଏହି ସାହାସିକତା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସେମାନଙ୍କୁ ପ୍ରଶଂସା ପତ୍ର ଦିଆଯିବା ସହ ସମ୍ବର୍ଦ୍ଧିତ କରାଯାଇଛି।

## ସଂକ୍ଷେପରେ

### ୬ କଲ୍‌ର ଡବା, ଅଟୋରିକ୍ସା ଜବତ: ୩ ଗିରଫ

ନିମାପଡ଼ା,୫।୧୧(ଡି.ଏନ୍.ଏ.): ଚୋରି କରିବା ଅଭିଯୋଗରେ ଚାରିଛକ ଫାଣ୍ଡି ପୋଲିସ ଗୁରୁବାର ରାତିରେ ଜଣେ ଅଟୋ ଡ୍ରାଇଭର ସମେତ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଫାଣ୍ଡି ଅଧୀନ ବ୍ରହ୍ମକୁଣ୍ଡି ଗ୍ରାମର ଡ୍ରାଇଭର ତୋଫାନ ସେଠୀ, ଲଙ୍କାପଡ଼ା ଗ୍ରାମର ଦେବାଶିଷ ଭୋଇ, ବ୍ରହ୍ମକୁଣ୍ଡି ଗ୍ରାମର ଅଶୋକ ସେଠୀ। ପୋଲିସ ସେମାନଙ୍କଠାରୁ ୨୦ଲିଟର ବିଶିଷ୍ଟ ୬ଟି କଲର ଡବା, ୬ଟି ପାଇପ୍ ଏବଂ ଓଡି ୧୩ଏଚ୍ ୬୦୬୫ ନମ୍ବର ବିଶିଷ୍ଟ ଅଟୋକୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୩୯୩/୨୧) ରୁଜୁ କରିଛି। ସୂଚନାଯୋଗ୍ୟ, ଫାଣ୍ଡି ଅନ୍ତର୍ଗତ ଲଙ୍କାପଡ଼ା ଗ୍ରାମର ହାର୍ଡୱେର ଦୋକାନ ମାଲିକ ରମେଶଚନ୍ଦ୍ର ସ୍ୱାଇଁଙ୍କ ଘର ବାହାରେ ଥିବା ୨୦ଲିଟର ବିଶିଷ୍ଟ ୨୦ଟି କଲର ଡବା ବୁଧବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ତଦନ୍ତ ଚଳାଇଥିଲା। ତେବେ ଗୁରୁବାର ରାତିରେ ଚାରିଛକ-ଗୋପ ରାସ୍ତାର ତମ୍ପାଲୋ ବ୍ରିଜ ନିକଟରେ ସନ୍ଦେହଜନକ ଅବସ୍ଥାରେ କେତେଜଣ ଯୁବକ ଥିବା ଫାଣ୍ଡି ଅଧିକାରୀ ଏଏସ୍ଆଇ ଶିଶିର ମହାନ୍ତି ସୂଚନା ପାଇଥିଲେ। ପୋଲିସ ଫୋର୍ସ ସହ ସେଠାରେ ଚଢ଼ାଉ କରି ଅଟୋ ସମେତ ୬ଟି କଲର ଡବା ସହ ୩ଜଣଙ୍କୁ ଧରିଥିଲେ।

### ଆଞ୍ଚଳିକ କ୍ରୀଡ଼ା ସାଂସ୍କୃତିକ ପରିଷଦର ପ୍ରତିଷ୍ଠା ଦିବସ ପାଳିତ

କଣାସ,୫।୧୧(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ କଣାସ ଗୋଲାବଜାରରେ ପ୍ରତିଷ୍ଠିତ ଆଞ୍ଚଳିକ କ୍ରୀଡ଼ା ସାଂସ୍କୃତିକ ପରିଷଦର ୪ର୍ଥ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଲୋପାଲିନୀ ପାତ୍ର ପ୍ରଥମ ସ୍ଥାନ, ବିଜୟଲକ୍ଷ୍ମୀ ଧଉଡିଆ ଦ୍ୱିତୀୟ ସ୍ଥାନ ଅଧିକାର କରି ୧୬ତାରିଖରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଥିଲେ। ବଟକୃଷ୍ଣ ଜେନା, ପରିକ୍ଷିତ ବଡ଼ଜେନା, ଭାଗୀରଥି ମହାପାତ୍ର ବିଚାରପତି ଭାବେ କାର୍ଯ୍ୟକରିଥିବା ବେଳେ ୨୦ଜଣ ପ୍ରତିଯୋଗୀ ଏଥିରେ ଭାଗନେଇଥିଲେ। ଅନୁଷ୍ଠାନର ସଭାପତି ସଞ୍ଜୟ ଛୁଆଳସିଂଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେବା ବେହେରା, ସୋମନାଥ ମାନସିଂହ, ରମାକାନ୍ତ ପ୍ରଧାନ, ପ୍ରେମାନନ୍ଦ ଜାଲି, ନେହେରୁ ଯୁବକେନ୍ଦ୍ର ଭୁବନେଶ୍ୱର ଶାଖାର ଆଶିଷ ବଳିୟାରସିଂହ, ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଖବରଦାତାଙ୍କ ସହ ବିଧାୟକଙ୍କ ବନ୍ଧୁମିଳନ

ପିପିଲି,୫।୧୧(ଡି.ଏନ୍.ଏ./ସ୍ୱ.ପ୍ର.): ପିପିଲିର ସମସ୍ତ କାର୍ଯ୍ୟରତ ଗଣମାଧମ ପ୍ରତିନିଧିଙ୍କୁ ନେଇ ସ୍ଥାନୀୟ ତେଇଶିପୁର କଲ୍ୟାଣ ମଣ୍ଡପରେ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ସହ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ହେଉଥିବା ବେଳେ ବିଧାୟକ ଖବରଦାତାଙ୍କ ବିଭିନ୍ନ ସମସ୍ୟା ବିଷୟରେ ସିଧାସଳଖ ପଚାରି ବୁଝିଥିଲେ। ଏହି ପ୍ରୟାସକୁ ବରିଷ୍ଠ ଖବରଦାତା ରାଜକିଶୋର ସ୍ୱାଇଁ ସ୍ୱାଗତ କରିବା ସହ ବିଧାନସଭାରେ ଖବରଦାତାଙ୍କ ବିଭିନ୍ନ ଦାବି ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରିଥିଲେ। ଏଥିସହ ଖବରଦାତାଙ୍କ ସହ ବିଧାୟକଙ୍କ ସମନ୍ୱୟ ଭାବ ରଖିଲେ ପିପିଲିର ପ୍ରଗତି ହେବ ବୋଲି ଖବରଦାତା ରାକେଶ ରୋଶନ ମହାନ୍ତି କହିଥିଲେ। କାର୍ଯ୍ୟକ୍ରମରେ ଖବରଦାତା ପ୍ରସନ୍ନ ତ୍ରିପାଠୀ, ପ୍ରଦ୍ୟୁମ୍ନ ସୁବୁଦ୍ଧି, ପ୍ରଭାତ ମହାପାତ୍ର, ବିଜୟ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ଅରୁଣ ରାଉତ, ବିଭୂତି ମହାପାତ୍ର, ସଞ୍ଜୟ ପ୍ରଧାନ, ଦୁର୍ଗାମାଧବ ପରିଡା, ପ୍ରଶାନ୍ତ ଦୀକ୍ଷିତ୍ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପିପିଲି ଆମ୍ବା ଅଧ୍ୟକ୍ଷ ଧରଣୀଧର ସାହୁ, ନେତା ନାରାୟଣ ସ୍ୱାଇଁ, ତେଇଶିପୁର ସରପଞ୍ଚ ନରେନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ।


ଦୀପାବଳିରେ ଭୁବନେଶ୍ୱର ଲୋକେ ଆକାଶ ଛତା ଛାଡୁଛନ୍ତି। (ଫଟୋ: ବିକାଶ)

## ମମିତାଙ୍କ ଉଦ୍ଦେଶ୍ୟରେ ଦୀପଦାନ

ପୁରୀ ଅଫିସ, ୫।୧୧

ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବି କରି ଭାଜପା ନେତୃବୃନ୍ଦମାନେ ମାଉସୀ ମା'ଙ୍କ ମନ୍ଦିରରେ ମମିତାଙ୍କ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ଦୀପ ଜାଳିଥିଲେ। ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ମମିତା ମେହେର ହତ୍ୟାକାଣ୍ଡର ସିବିଆଇ ତଦନ୍ତ ପାଇଁ ବୈଜୟନ୍ତ ପଣ୍ଡା ଦାବି କରିଥିଲେ।

## ସୁନାମି ସଚେତନତା ନେଇ ମକ୍‌ଡ୍ରିଲ

ପୁରୀ ଅଫିସ,୫।୧୧

ନଭେମ୍ବର ୫ ତାରିଖକୁ ଆନ୍ତର୍ଜାତିକ ସୁନାମି ସଚେତନତା ଦିବସ ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ଶୁକ୍ରବାର ଜିଲାର ପୁରୀ ପୌରସଂସ୍ଥା ଓ ୫ଟି ବ୍ଲକ ସମେତ ୧୯ଟି ସ୍ଥାନରେ ଏକ ସଙ୍ଗରେ ମକଡ୍ରିଲ ଅନୁଷ୍ଠିତ ହୋଇଛି। ହାଇଦ୍ରାବାଦ ସ୍ଥିତ ଇଣ୍ଡିଆନ ନ୍ୟାଶନାଲ ସେଣ୍ଟର ଫର ଓସେନ ଇନଫରମେଶନ ସର୍ଭିସେସ (ଇନ୍‌କଏସ) ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ର ମିଳିତ ଆନୁକୂଲ୍ୟରେ ଏହି ମକଡ୍ରିଲ ହୋଇଥିଲା। ଏଥିରେ ଅଗ୍ନିଶମ ବିଭାଗ, ବେସରକାରୀ ସଂସ୍ଥା, ଆପଦମିତ୍ର, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀର ଟାସ୍କଫୋର୍ସ କମିଟିର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ସୁନାମି ଖବର ପାଇବା ମାତ୍ରକେ ସୁରକ୍ଷିତ ଆଶ୍ରୟସ୍ଥଳୀରେ ରହିବା, ଗର୍ଭବତୀ, ପ୍ରସୂତି, ଦିବ୍ୟାଙ୍ଗ, ବୟସ୍କ ଓ ଛୋଟପିଲାଙ୍କୁ କିଭଳି ନିରାପଦ ସ୍ଥାନକୁ ନିଆଯିବ ଏ ସଂପର୍କରେ ସଚେତନତା ସୃଷ୍ଟି ସହ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ଅସ୍ତରଙ୍ଗର କେଉଟଜଙ୍ଗ, ତଣ୍ଡାଧାର, ଉଦୟକଣି, ବ୍ରହ୍ମଗିରିର ସିପସରୁବାଲି, ବଳଭଦ୍ରପାଟଣା, ମୋଟୋ, ଗୋପ ବ୍ଲକର ଖାଲକଟପାଟଣା, ବାଙ୍ଗର, ଚନ୍ଦ୍ରଭାଗା ନୋଳିଆ ସାହି, କୃଷ୍ଣପ୍ରସାଦ ବ୍ଲକର ଅରଖକୁଦା, ତିତିପ, ସିଆଣ୍ଡ, ପୁରୀ ସଦରର ବେଳଦଳ, ଶଙ୍କରପୁର, ବାଲୁଖଣ୍ଡ ଏବଂ ପୁରୀ ପୌରସଂସ୍ଥାର ପେଣ୍ଠକଟା ଠାରେ ଏହି ମକଡ୍ରଲ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଜିଲା ଆପଦକାଳୀନ ଅଧିକାରୀ ଜିତେନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ମକଡ୍ରିଲ ହୋଇଥିଲା। ସମସ୍ତ ବ୍ଲକର ବିଡିଓ, ଓସଡମା ବିଶେଷଜ୍ଞ ଡ. ଭୋଳାନାଥ ମିଶ୍ର, ଓସଡମା ଜିଲା ପ୍ରକଳ୍ପ ଅଧିକାରୀ ସୁକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବିନା ଭକ୍ତରେ ଦକ୍ଷିଣକାଳୀଙ୍କ ପୂଜା

କୋଣାର୍କ/ସାକ୍ଷୀଗୋପାଳ, ୫।୧୧(ଡି.ଏନ୍.ଏ.):

କୋଣାର୍କ ଏନ୍ଏସିର ୭ନଂ. ୱାର୍ଡ ଅନ୍ତର୍ଗତ ବାଣପଦା ଗ୍ରାମରେ ଥିବା କାଳୀ ମନ୍ଦିରରେ ଜଗନ୍ମଜନନୀ ମା ଶ୍ୟାମା କାଳୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କୋଣାର୍କ କାଳୀପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପୂଜାର୍ଚ୍ଚନା କାର୍ଯ୍ୟରେ ପୂଜକ ଆଲୋକ ପାଢୀ, ମୁଖ୍ୟ ପଣ୍ଡିତ ବିଭୁପ୍ରସାଦ ରଥ, ଶିବସୁନ୍ଦର ଦାସ, ପଣ୍ଡିତ ରବୀନ୍ଦ୍ର ଦ୍ୱିବେଦୀ ପ୍ରମୁଖ ମା' ଶ୍ୟାମା କାଳୀଙ୍କ ନିକଟରେ ଚଣ୍ଡୀପାଠ, ହୋମାଦି କାର୍ଯ୍ୟକ୍ରମ, ପୂଜାର୍ଚ୍ଚନା ଓ ଯଜ୍ଞ ଆଦି କାର୍ଯ୍ୟ ପରମ୍ପରା ଓ ରୀତିନୀତି ଅନୁଯାୟୀ କରିଥିଲେ। ଏହି କାର୍ଯ୍ୟରେ କର୍ତ୍ତା ଭାବେ ହରିହର ବିଶ୍ୱାଳ ଓ ନୃସିଂହ ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମକୁ କୋଣାର୍କ କାଳୀପୂଜା କମିଟିର ଉପଦେଷ୍ଟା ତଥା ଖବରଦାତା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ନୃସିଂହ ପ୍ରସାଦ ନାୟକ, ସୁଶାନ୍ତ ବେଉରା, ଅକ୍ଷୟ ମୁଦୁଲି, ପ୍ରିୟ ରଞ୍ଜନ ରଥ, କୁନାଲ ପାତ୍ର, ନିହାର ରଞ୍ଜନ ବେଉରା, ଅଜିତ ସ୍ୱାଇଁ ଓ କିଶନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ସାକ୍ଷୀଗୋପାଳ ନିକଟବର୍ତ୍ତୀ ବୀରଗୋବିନ୍ଦପୁର ଗ୍ରାମରେ କୋଭିଡ କଟକଣା ଯୋଗୁ ଶୁକ୍ରବାର ରାତିରେ ବିନାଭକ୍ତରେ ଦକ୍ଷିଣକାଳୀଙ୍କ ପୂଜା ଶେଷ ହୋଇଛି। ବର୍ଷସାରା ଏହି ପୀଠରେ ମା' ଦକ୍ଷିଣ କାଳୀଙ୍କ ପଟ୍ଟପୂଜା ପାଉଥିବା ବେଳେ ବର୍ଷକୁ ଗୋଟିଏ ଦିନ କାଳୀପୂଜା ଅବସରରେ ମା' ଦକ୍ଷିଣ କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଇଛି। ଗୁରୁବାର ରାତିରେ ପୀଠରେ ମଣ୍ଡଳୀ କରଣପରେ ମଧ୍ୟ ରାତ୍ରରେ ଘଟସ୍ଥାପନ, ଘଟ ପୂଜା, ସଂସ୍କାର, ଚକ୍ଷୁଦାନ, ଅଳଙ୍କାର ଲାଗି କରାଯାଇ ମହାଭୈରବୀ ବେଶ ଅନୁଷ୍ଠିତ ହୋଇଥିଲା। କୁଷ୍ମାଣ୍ଡ ବଳି, ଜୀବନ୍ୟାସ, ଷୋଡ଼ଶ ଉପଚାର ପୂଜାବିଧି, କୋଠ ଭୋଗ, କୋଟି ଯୋଗିନୀ ପୂଜା, ବଳୀ, ଧୂପ, ବଡ଼ସିଂହାର ବେଶ, ପହୁଡ଼, ଶାନ୍ତି ହୋମ ଓ ପୀଠ ବିସର୍ଜନ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ମନ୍ଦିର ସାହାଣ ମେଲା ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ଯୋଗୁ ସର୍ବସାଧାରଣଙ୍କ ଦର୍ଶନ ଓ ପୂଜାର୍ଚ୍ଚନାରୁ ବଞ୍ଚିତ ହୋଇଥିଲେ। ବିଳମ୍ବିତ ରାତିରେ ଦେବୀଙ୍କରେ ବିସର୍ଜନ ଶୋଭାଯାତ୍ରା ଚନ୍ଦନପୁର ଅଭିମୁଖେ ବାହାରିଥିଲା।

### ଅଗ୍ନିକାଣ୍ଡରେ ଶ୍ୱାସରୁଦ୍ଧ ହୋଇ ବୃଦ୍ଧାଙ୍କ ମୃତ୍ୟୁ

ଅସ୍ତରଙ୍ଗ,୫।୧୧(ଡି.ଏନ୍.ଏ.):

ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନୂଆଗଡ଼ ସାନବାସେଲେଇପଡ଼ାରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିବାରୁ ଶ୍ୱାସରୁଦ୍ଧ ହୋଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଏହି ଗ୍ରାମର ମାଗୁ ସ୍ୱାଇଁ। ସୂଚନାଯୋଗ୍ୟ, ବୃଦ୍ଧା ଜଣକ ନିଜ ଗୁହାଳ ଘରେ ଧୂଆଁ ଦେଉଥିଲେ। ତେବେ କୌଣସି କାରଣରୁ ଗୁହାଳରେ ନିଆଁ ଲାଗିଯାଇଥିଲା। ନିଆଁ ଜଳିବା ଦେଖି ଘର ମାଲିକ ଏବଂ ବୃଦ୍ଧା ବାହାରକୁ ଆସି ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ବୃଦ୍ଧା ଓ ଗ୍ରାମବାସୀ ଗୁହାଳରେ ଥିବା ଗାଈ ଦୁଇଟି ବାଛୁରୀଙ୍କୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରିଥିଲେ। ହେଲେ ଏହି ସମୟରେ ସେ ଗୁହାଳ ମଧ୍ୟରୁ ଶ୍ୱାସ ନେବାରେ କଷ୍ଟ ଅନୁଭବ କରି ବାହାରକୁ ଆସି ହଠାତ ଅଚେତ ହୋଇ ପଡିଥିଲେ। ଗ୍ରାମବାସୀ ତାଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ କାର୍ଯ୍ୟରତ ଡା. ସୂର୍ଯ୍ୟକାନ୍ତ ସାମନ୍ତରାୟ ବୃଦ୍ଧାଙ୍କୁ ଚିକିତ୍ସା କରିବା ପରେ ଶ୍ୱାସରୁଦ୍ଧ ଦ୍ୱାରା ତାଙ୍କର ମୃତ ହୋଇଥିବା ଘୋଷଣା କରିଥିଲେ। ଖବରପାଇ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପହଞ୍ଚିଥିବା ବେଳେ ବୃଦ୍ଧାଙ୍କ ପରିବାରକୁ ସରକାରୀ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବାଣ ନିଆଁ ପଡ଼ି ୨ଗୃହ ଜଳିଗଲା ୩ ଗାଈ ଆହତ

ନିମାପଡ଼ା,୫।୧୧(ଡି.ଏନ୍.ଏ.):

ନିମାପଡ଼ା ଥାନା ଡେଣୁଅଁ ପଞ୍ଚାୟତର କୋଳିପୋଖରୀ ଗ୍ରାମରେ ଗୁରୁବାର ରାତିରେ ବାଣ ନିଆଁ ପଡ଼ି ଗ୍ରାମର ଆଲୋକ କୁମାର ସାସମଲଙ୍କ ୨ ବଖରା ଗୃହ ଜଳି ଯାଇଥିବାବେଳେ ୩ଟି ଗାଈ ଆହତ ହୋଇଛନ୍ତି। ଏଥିସହ ୫୦ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ନିମାପଡ଼ା ଅଗ୍ନିସେବା ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଗ୍ରାମଦାଣ୍ଡରେ ବାଣ ଫୁଟୁଥିବାବେଳେ ବାଣ ନିଆଁପଡ଼ି ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିସେବା ସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ ଓ ଗୃହକର୍ତ୍ତା ଆଲୋକ ସାସମଲ କହିଛନ୍ତି। ତେବେ ଅଗ୍ନିକାଣ୍ଡରେ ଗାଈ ରହିଥିବା ଗୁହାଳ ଘରଟି ମଧ୍ୟ ସମ୍ପୂର୍ଣ୍ଣ ଜଳିଯାଇଛି।

### ଅଗ୍ନିକାଣ୍ଡ: ୪ ଗାଈ ଗୁରୁତର, ୧୦ ମେଣ୍ଢା ଆହତ

ବଳଙ୍ଗା,୫।୧୧(ଡି.ଏନ୍.ଏ.):

ବଳଙ୍ଗା ଅଞ୍ଚଳ ଅନ୍ତର୍ଗତ ହରିପୁର ପଞ୍ଚାୟତ ବାଲିଆ ଶାସନ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଯାଇଛି। ଏହି ଅଗ୍ନିକାଣ୍ଡରେ ଗ୍ରାମର ବିଜୟ ମାଝିଙ୍କ ଗୁହାଳ ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ୪ଟି ଗାଈ ଗୁରୁତର ଓ ୧୦ଟି ମେଣ୍ଢା ଆହତ ହୋଇଛନ୍ତି। ଖବରପାଇ ପିପିଲି ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବାଣରୁ ନିଆଁ ପଡ଼ି ଅଗ୍ନିକାଣ୍ଡ ହୋଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଶୁକ୍ରବାର ରାଜସ୍ୱ ନିରୀକ୍ଷକ ଆଶୁତୋଷ ସାହୁ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ତେବେ ବିଜୟଙ୍କ ପରିବାରକୁ ସହାୟତା ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

### ମଙ୍ଗଳାଙ୍କ ପୀଠରେ କାଳୀପୂଜା

କାକଟପୁର,୫।୧୧(ଡି.ଏନ୍.ଏ.):

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠର ଉତ୍ତରପାର୍ଶ୍ୱରେ ଥିବା କାଳୀ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ କାଳୀପୂଜା ପାଳିତ ହୋଇଯାଇଛି। ଚଳିତବର୍ଷ ମା'ଙ୍କର ବିଳମ୍ବିତ ରାତ୍ରିରେ ସନ୍ଧିପୂଜା, ଆବାହନ, ଚଣ୍ଡୀପାଠ ଓ ହୋମଯଜ୍ଞ ରାତି ପାହିବା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।


ଭୁବନେଶ୍ୱର ଭିଏସ୍ଏସ୍‌ନଗରରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।


ସତ୍ୟନଗର କାଳୀମନ୍ଦିର।


ପୁରୁଣା ଷ୍ଟେଶନ ବଜାର ।


କଟକ ବାଖରାବାଦର ଛିନ୍ନମସ୍ତା କାଳୀ।

# ଜଗତ୍‌ପୁର କେନାଲ ବନ୍ଧ ରାସ୍ତା ମରଣଯନ୍ତା

**କଟକ ଅଫିସ, ୫।୧୧**

କଟକ ମହାନଗର ନିଗମ(ସିଏମ୍‌ସି) ଜଗତ୍‌ପୁର ୪୮ ନଂ. ୱାର୍ଡ କେନ୍ଦ୍ରାପଡା-ପଟ୍ଟାମୁଣ୍ଡାଇ ହାଇଲେବୁଲ କେନାଲର ଜିରୋ ପଏଣ୍ଟଠାରୁ ପୁରୁଣା ଶିଳ୍ପାଞ୍ଚଳ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଏଥିଯୋଗୁ ଯାତାୟତରେ ସମସ୍ୟା ହେଉଥିବାବେଳେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ଜଳସେଚନ ବିଭାଗ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ତୁରନ୍ତ ଏହି ରାସ୍ତା ମରାମତି ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏହି ରାସ୍ତା ଦେଇ ପ୍ରତିଦିନ ବହୁସଂଖ୍ୟକ ଲୋକ ଜଗତ୍‌ପୁର ପୁରୁଣା ଶିଳ୍ପାଞ୍ଚଳ, ନିମପୁର ମେଡିକାଲ,

**ଅଭିଯୋଗ ସତ୍ତ୍ୱେ ନିଆଯାଉନାହିଁ ପଦକ୍ଷେପ**

ହରିହରାନନ୍ଦ ଦାତବ୍ୟ ଚିକିତ୍ସାଳୟ ଓ ଜଗତ୍‌ପୁର ମୁଖ୍ୟ ବଜାରକୁ ଯାତାୟତ କରିଥାନ୍ତି। ସେହିପରି ଛାତ୍ରୀଛାତ୍ରମାନେ ମଧ୍ୟ ନିମପୁର ଉଚ୍ଚବିଦ୍ୟାଳୟକୁ ଯାଇଥାନ୍ତି। ଏଥିସହ ପୁରୁଣା ଶିଳ୍ପାଞ୍ଚଳକୁ ବହୁ ସଂଖ୍ୟକ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହେବା ଯୋଗୁ ଗାଡି ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ବିଶେଷକରି ଏହି ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ରାତି ସମୟରେ ଅଧିକ ମାତ୍ରାରେ ଦୁର୍ଘଟଣା ଘଟୁଛି।

**ଏମାନେ କ'ଣ କୁହନ୍ତି...**

" ରାସ୍ତା ମରାମତି ପାଇଁ ଜଳସେଚନ ବିଭାଗର ମହାନଦୀ ନର୍ଥ ଡିଭିଜନ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ। ଏଥିଯୋଗୁ ରାସ୍ତାର ଅପରପାର୍ଶ୍ୱରେ ରହୁଥିବା ୪୦୦ ପରିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋଭିଡ୍ କଟକଣା ଯୋଗୁ ଆନ୍ଦୋଳନ କରାଯାଇ ନ ଥିଲା। ଏବେ ଲୋକେ ଆନ୍ଦୋଳନ ପାଇଁ ସଜବାଜ ହେଲେଣି।

**-ନୀରୋଦ ଚନ୍ଦ୍ର ପଣ୍ଡା, ପୂର୍ବତନ କର୍ପୋରେଟର**

" ଏ ରାସ୍ତା ଆମ ଅଧୀନରେ ଥିଲା। ଆମେ ଏହାକୁ ପୂର୍ତ୍ତ ବିଭାଗକୁ ଦେଇଦେଇଛୁ । ଏବେ ରାସ୍ତାର ଉନ୍ନତୀକରଣ ଦାୟିତ୍ୱ ପୂର୍ତ୍ତ ବିଭାଗର ।

**-ଅଶୋକ ସାହୁ, ଜୁନିୟର ଇଞ୍ଜିନିୟର, ମହାନଦୀ ନର୍ଥ ଡିଭିଜନ**

" ମହାନଦୀ ନର୍ଥ ଡିଭିଜନ ପକ୍ଷରୁ ରାସ୍ତା ହସ୍ତାନ୍ତରକୁ ନେଇ କେବଳ ଚିଠି ଲେଖାଯାଇଛି। ଏମିତି ଭାବରେ ରାସ୍ତା ହସ୍ତାନ୍ତର କରାଯାଏନାହିଁ ଏଥିପାଇଁ ସ୍ୱତନ୍ତ୍ର କମିଟି ରହିଛି। ଏହି କମିଟିର ମୁଖ୍ୟ ଜିଲାପାଳ ରହିଛନ୍ତି। ଉକ୍ତ କମିଟିର ନିଷ୍ପତ୍ତିକ୍ରମେ ଏହି ହସ୍ତାନ୍ତର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୁଏ। ମହାନଦୀ ନର୍ଥ ଡିଭିଜନ ପକ୍ଷରୁ ଏଭଳି କରାଯାଇ ନ ଥିବାରୁ ରାସ୍ତାର ଉନ୍ନତୀକରଣ ଦାଇତ୍ୱ ଆମର ନୁହେଁ।

**-ଅନୁପ କୁମାର ବେହେରା, ନିର୍ବାହୀ ଅଧିକାରୀ-୨, ପୂର୍ତ୍ତ ବିଭାଗ**

## ସଂକ୍ଷେପରେ

### ଆଲୋକୀକରଣ ହେଲା ଝିଙ୍କିରିଆ ସେତୁ

**କଟକ ସଦର,୫।୧୧(ଡି.ଏନ୍.ଏ.):** ୪୨ ମୌଜା ଅନ୍ତର୍ଗତ ଝିଙ୍କିରିଆ ସେତୁର ଆଲୋକୀକରଣ ପ୍ରକଳ୍ପ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରିଥିଲେ। ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ୩୨ଟି ଏଲ୍ଇଡି ଲାଇଟ୍ ଲଗାଯାଇଛି। ଏହାଛଡା ଆଉ ୬ଟି ସେତୁ ଉପରେ ଆଲୋକୀକରଣ କରାଯିବ ବୋଲି ବିଧାୟକ ବେହେରା ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ସଦର ବ୍ଲକ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ା, ଜିଲା ପରିଷଦ ସଭ୍ୟ ବୀରବର ଲେଙ୍କା, ସ୍ୱଧୀନ ଶେଖର ସଡ଼ଙ୍ଗୀ, ଅଜୟ୍ ଦଳେଇ ଓ ସରୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ।

### ମଦ, ସ୍କୁଟି ଜବତ: ବ୍ୟବସାୟୀ ଗିରଫ

**ଫୁଲନଖରା, ୫।୧୧(ଡି.ଏନ୍.ଏ.):** ଚୋରା ମଦ ବିକ୍ରି ଅଭିଯୋଗରେ ପାହାଲ ଫାଣ୍ଡି ପୋଲିସ ଜଣେ ବ୍ୟବସାୟୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ କଟକ ସଦର ଥାନା ଅଧୀନ ଅଢାଳିଆ ଗ୍ରାମର ବାସୁଦେବ ବେହେରା। ତାଙ୍କଠାରୁ ୩୬ ଲିଟର ଚୋରାମଦ ଓ ସ୍କୁଟି ଜବତ କରାଯାଇଛି। ଗୁରୁବାର ରାତିରେ ସେ ନଖରା ଅଞ୍ଚଳରେ ମଦ ବିକ୍ରି କରୁଥିବାବେଳେ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଏ ନେଇ ବାଲିଅନ୍ତା ଥାନାରେ ମାମଲା(ନଂ.୩୬୧/୨୧) ରୁଜୁ କରିଛି।

### ରେଭେନ୍‌ଶାରେ ଉପଦେଷ୍ଟା ମଣ୍ଡଳୀ ବୈଠକ

**କଟକ ଅଫିସ,୫।୧୧:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ବ୍ୟୁରୋ ଉପଦେଷ୍ଟା ମଣ୍ଡଳୀ ବୈଠକ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ଏନ୍ଏସ୍ଏସ୍ ସେଲ୍‌ର ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ଯୋଗଦେଇ ବାର୍ଷିକ କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ। ଏହି ବୈଠକରେ ଭାରତ ସରକାରଙ୍କ ଯୁବ କଲ୍ୟାଣ ବିଭାଗର ଅଧିକାରୀ ଏନ୍.ସି. ଦିହୁରି, କଟକ ମହାନଗର ନିଗମର ଡେପୁଟି କମିଶନର ସଞ୍ଜୀବିତା ରାୟ, ଏନ୍ଏସ୍ଏସ୍ ସଂଯୋଜକ ଡ. ଭଗବାନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କଟକ ଜିଲାରେ ସ୍ୱର୍ଣ୍ଣିମ ବିଜୟ୍ ମଶାଲକୁ ସମ୍ବର୍ଦ୍ଧନା

**କଟକ ଅଫିସ, ୫।୧୧:** ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତର ଐତିହାସିକ ବିଜୟର ୫୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ପରିକ୍ରମା କରୁଥିବା 'ସ୍ୱର୍ଣ୍ଣିମ ବିଜୟ୍ ମଶାଲ' ଗୁରୁବାର ସକାଳେ କଟକ ଜିଲା ବଡମ୍ବାସ୍ଥିତ କଣ୍ଟପଦା ଗ୍ରାମର ସୁବେଦାର ଅଚ୍ୟୁତାନନ୍ଦ ରାଉତଙ୍କ ବାସଭବନରେ ପହଞ୍ଚିଥିଲା। ଭାରତୀୟ ସୈନ୍ୟ ବାହିନୀର ଲ୍ୟୁଟ୍‌ନାଣ୍ଟ କଲୋନେଲ ରିଶି ୱାହି ସ୍ୱର୍ଣ୍ଣିମ ବିଜୟ୍ ମଶାଲ ସହ ସେଠାରେ ପହଞ୍ଚି ରାଉତ ଓ ତାଙ୍କ ପରିବାର ଲୋକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ସ୍ୱର୍ଣ୍ଣିମ ବିଜୟ୍ ମଶାଲ କଟକ ସିଡିଏସ୍ଥିତ ବ୍ରିଗେଡିୟର ପ୍ରଫୁଲ୍ଲ କୁମାର ସାହୁ ଓ କ୍ୟାପ୍ଟେନ୍ ବାଙ୍କନିଧି ମିଶ୍ରଙ୍କ ବାସଭବନରେ ପହଞ୍ଚିଥିଲା। ଏଥିସହ ସେଠାରେ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୂଚନାଯୋଗ୍ୟ, ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।



ଭୁବନେଶ୍ୱରସ୍ଥିତ ଦି ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ସୁଧନ୍ୟା କ୍ରିଏଶନର ପ୍ରଥମ ଚଳଚ୍ଚିତ୍ର 'ବିଶ୍ୱାସ-ଦ ଲାଇଟ୍ ଓଭର୍ ଡାର୍କନେସ୍'ର ପ୍ରଥମ ଅଡ଼ିଓ ରିଲିଜ ଅବସରରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ ।

# ଚଳଚ୍ଚିତ୍ର 'ବିଶ୍ୱାସ'ର ପ୍ରଥମ ଅଡିଓ ରିଲିଜ୍

**ଭୁବନେଶ୍ୱର,୫।୧୧**

ସୁଧନ୍ୟା କ୍ରିଏଶନର ପ୍ରଥମ ଚଳଚ୍ଚିତ୍ର 'ବିଶ୍ୱାସ-ଦ ଲାଇଟ୍ ଓଭର୍ ଡାର୍କନେସ୍' ଚଳିତ ମାସରେ ପ୍ରେକ୍ଷାଳୟକୁ ଆସିବ। ତେବେ ଶୁକ୍ରବାର ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଏହାର ପ୍ରଥମ ପୋଷ୍ଟର ଓ ଅଡିଓ ଉନ୍ମୋଚିତ ହୋଇଛି। ମୁଖ୍ୟ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସମ୍ମାନିତ

**ଖୁବ୍‌ଶୀଘ୍ର ପ୍ରେକ୍ଷାଳୟକୁ ଆସିବ**

ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ।

ଚଳଚ୍ଚିତ୍ରରେ ଅଭିନୟ କରିଥିବା ସମସ୍ତ କଳାକାର ପ୍ରଥମଥର ବଡ଼ ପରଦାରେ ଦେଖିବାକୁ ମିଳିବେ। ପ୍ରଥମ କରି ନିର୍ଦ୍ଦେଶନା ଦେଇଛନ୍ତି ଚିନ୍ମୟ ଦାସ ପଟ୍ଟନାୟକ। ଅନ୍ଧବିଶ୍ୱାସ ଉପରେ ପର୍ଯ୍ୟବସିତ ଏହି ଚଳଚ୍ଚିତ୍ରରେ ସାମାଜିକ ଜୀବନ ସହିତ ଓତଃପ୍ରୋତ ଭାବେ ଜଡ଼ିତ ଧର୍ମ, ପରମ୍ପରା, ସଂସ୍କୃତିର ନିଚ୍ଛକ ପ୍ରତିଛବିକୁ ଅତ୍ୟନ୍ତ ନିଖୁଣ ଭାବରେ ବର୍ଣ୍ଣନା କରାଯାଇଛି। ଚଳଚ୍ଚିତ୍ରରେ ରହିଥିବା ଗୀତଗୁଡିକ ବେଶ୍ ସୁମଧୁର ଓ ଏହା ଶ୍ରୋତାଙ୍କ ମନକୁ ଛୁଇଁ ପାରିବ ବୋଲି ଏହାର ସଙ୍ଗୀତ ନିର୍ଦ୍ଦେଶକ ସାନ୍ତନୁ ଶତପଥୀ ଆଶା ରଖିଛନ୍ତି।

# 'ସାହିତ୍ୟ ଅନୂଦିତ ହେଲେ ବିଶ୍ୱମୁଖୀ ହେବ'

**କଟକ ଅଫିସ, ୫।୧୧**

କଟକ ଶତାବ୍ଦୀଭବନରେ ସାହିତ୍ୟିକ ପ୍ରଫେସର ସୁଦର୍ଶନ ପଟ୍ଟନାୟକଙ୍କ ରଚିତ ଉପନ୍ୟାସ 'ଅନାମୀ କା'ର ଇଂଲିଶ ଅନୁବାଦ ପୁସ୍ତକ ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହାକୁ ଉନ୍ମୋଚନ କରି କହିଥିଲେ, ଆମ ସାହିତ୍ୟ ଅଧିକ ଅନୂଦିତ ହେଲେ ଏହା ବିଶ୍ୱମୁଖୀ ହେବ। ଭାବ ଥିଲେ ଭାଷାର ଗୁରୁତ୍ୱ

**'ଅନାମୀ କା'ର ଇଂଲିଶ ଅନୁବାଦ ପୁସ୍ତକ ଉନ୍ମୋଚିତ**

ଉପଲବ୍ଧ କରିହୁଏ। ଓଡ଼ିଆ ସାହିତ୍ୟକୁ ଆହୁରି ଆଗକୁ ନେବାରେ ପ୍ରୟାସର ଆବଶ୍ୟକତା ରହିଛି ବୋଲି ପାଣିଗ୍ରାହୀ କହିଥିଲେ। ସେହିପରି ଶୈଳବାଳା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ପ୍ରଭାତୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଅନୂଦିତ ଉପନ୍ୟାସରେ ସାମାଜିକ ମୂଲ୍ୟବୋଧ ଓ ସାମ୍ପ୍ରତିକ ସମାଜର ଚିତ୍ର ପରିସ୍ଫୁଟ ହୋଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରାଧ୍ୟାପକ କୀର୍ତ୍ତନ ଦାଶ ଯୋଗଦେଇ ଉପନ୍ୟାସର ବିଷୟ ବିନ୍ୟାସ ଓ ଭାଷା ବ୍ୟଞ୍ଜନା ଚମତ୍କାର ବୋଲି କହିଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ନାରୀ ସୁରକ୍ଷା ସମିତି ଅଧ୍ୟକ୍ଷା ଲଳିତା ଶତପଥୀ ଧନ୍ୟବାଦ ଦେଇଥିଲେ।

# 'ସଚେତନତା ମାଧ୍ୟମରେ ତମାଖୁ ସେବନ ରୋକିହେବ'

**କଟକ ଅଫିସ, ୫।୧୧**

ତମାଖୁଜାତ ଦ୍ରବ୍ୟଠାରୁ ଜନସାଧାରଣଙ୍କୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ ପୋଲିସ କର୍ମଚାରୀଙ୍କ ପାଇଁ ଏକ ପ୍ରଶିକ୍ଷଣ କର୍ମଶାଳା ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ ଯୋଗଦେଇ ତମାଖୁ ବ୍ୟବହାରର ଅପକାରିତା ସମ୍ପର୍କରେ କହିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିଲାଖି ସରକାର ତମାଖୁ ସେବନ ରୋକିବା ନିମନ୍ତେ ବ୍ୟାପକ ଜନସଚେତନତା ଜରୁରୀ ବୋଲି କହିଥିଲେ। ଜିଲା କୁଷ୍ଠ ନିବାରଣ ଅଧିକାରୀ ଡା. ଦୀପା ପଟ୍ଟନାୟକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଯୁବବର୍ଗଙ୍କୁ ତମାଖୁ ସେବନ ଜନିତ ବଦଭ୍ୟାସରୁ ନିବୃତ୍ତ କରିହେବ ବୋଲି କହିଥିଲେ। ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରର ପ୍ରଫେସର ନିରଞ୍ଜନ ରାଉତ ଯୋଗଦେଇ ତମାଖୁ ଜନିତ କର୍କଟ ରୋଗ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ତମାଖୁ ନିୟନ୍ତ୍ରଣ ପରାମର୍ଶଦାତା ଡା. ଗିରିଜା ଶଙ୍କର ମିଶ୍ର ଯୋଗଦେଇ ତମାଖୁର ଉତ୍ପାଦନ, ବିକ୍ରି, ବ୍ୟବହାର ଓ ପ୍ରଚାରକୁ ନିୟନ୍ତ୍ରଣ କରିବା ନିମନ୍ତେ କୋଟ୍‌ପା ଆଇନ-୨୦୦୩ର ବିଭିନ୍ନ ଧାରା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ବିଭିନ୍ନ ବିଭାଗର ଅଧିକାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ତମାଖୁ ନିୟନ୍ତ୍ରଣ ପରାମର୍ଶଦାତା ସୁଧା ରଞ୍ଜନ ରଥ ଧନ୍ୟବାଦ ଦେଇଥିଲେ।

## ତ୍ରିନାଥ କ୍ଲବର ନୂତନ କର୍ମକର୍ତ୍ତା ଚୟନ

**କଟକ ଅଫିସ, ୫।୧୧**

ସିଡ଼ିଏ ସେକ୍ଟର-୬ସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ତ୍ରିନାଥ କ୍ଲବ ପକ୍ଷରୁ ସାଧାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମନୋଜ କୁମାର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଉକ୍ତ କ୍ଲବର ନୂତନ କର୍ମକର୍ତ୍ତାଙ୍କୁ ଆସନ୍ତା ଦୁଇବର୍ଷ ପାଇଁ ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ବିବେକାନନ୍ଦ ଗେରୁ, ଉପ ସଭାପତି ସତ୍ୟ ରଞ୍ଜନ ସ୍ୱାଇଁ, ସମ୍ପାଦକ ଆଲୋକ ରଞ୍ଜନ ସେନ, ସହ ସମ୍ପାଦକ ଲମ୍ବୋଦର ଜେନା ଓ ଜୟସୂର୍ଯ୍ୟ ସାହୁ, କୋଷାଧ୍ୟକ୍ଷ ଭାବେ ଦେବବ୍ରତ ପ୍ରଧାନ ଓ ସରୋଜ କୁମାର ଲେଙ୍କାଙ୍କୁ ଚୟନ କରାଯାଇଛି। ସେହିପରି କ୍ଲବର ଆଇନ ପରାମର୍ଶ ଦାତା ଭାବେ ଆଇନଜିବୀ ଗଦାଧର ସାହୁ, ଭବାନୀ ଶଙ୍କର ମହାନ୍ତି ଓ ଆଶୁତୋଷ ବେହେରା ଚୟନ ହୋଇଛନ୍ତି। କ୍ଲବର ଉପଦେଷ୍ଟା ମଣ୍ଡଳୀରେ ସଲିଳ କୁମାର ନାୟକ, ଅମୀୟ କୁମାର ଦାଶ, ଅଶୋକ ସେନାପତି, ଗଜେନ୍ଦ୍ର ସାହୁ ଓ ହେମନ୍ତ କୁମାର ପହି ରହିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ଲବର ସଭ୍ୟ ଶ୍ରୀକାନ୍ତ ପରିଡ଼ା, ଚିତ୍ତରଞ୍ଜନ ସାହୁ, ବିଶ୍ୱପ୍ରକାଶ ନାଏକ, ସୁଦର୍ଶନ ଦାସ, ସୁବ୍ରତ ନାୟକ, ପ୍ରକାଶ ସାହୁ, ସସ୍ମିତ ଷଡ଼ଙ୍ଗୀ, ଚନ୍ଦନ ନାୟକ, ପ୍ରଶାନ୍ତ ପରିଡ଼ା, ଜଗନ୍ନାଥ ପଣ୍ଡା, ଅଶୋକ ମିଶ୍ର, ଅନିରୁଦ୍ଧ ବେହେରା ଓ ବିକାଶ ପଟ୍ଟନାୟକ ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ପୂର୍ବତନ କର୍ପୋରେଟର ସଂଯୁକ୍ତା ସାହୁ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ।

## ଅଗ୍ନିକାଣ୍ଡରେ ୩ ବଖରା, ଦୋକାନ ଜଳିଗଲା

**ନିଶ୍ଚିନ୍ତକୋଇଲି/ସାଲେପୁର, ୫।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ପଞ୍ଚାୟତ ସହଦେବପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ମକର ମଳିକଙ୍କ ୩ ବଖରା ଜଳିଯାଇଛି। ପରିବାର ସଦସ୍ୟ ଦୀପାବଳି ଉତ୍ସବ ପାଳିବା ପରେ ରାତିରେ ଶୋଇଥିଲେ। ଏହି ସମୟରେ ଅକସ୍ମାତ ନିଆଁ ଲାଗି ଅନ୍ୟଆଡ଼େ ବ୍ୟାପି ଯାଇଥିଲା। ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସେହିପରି ସାଲେପୁର ବଜାରରେ ଅଗ୍ନିକାଣ୍ଡ ଘଟି ଜୟନ୍ତ ମଲ୍ଲଙ୍କ ପରିବା ଦୋକାନ ଜଳିଯାଇଛି। ନିଆଁ ପ୍ରଭାବରେ ନିକଟରେ ଥିବା ବିଚିତ୍ରା ନନ୍ଦ ଭୂୟାଁଙ୍କ ଭେରାଇଟି ଷ୍ଟୋରର ବିଭିନ୍ନ ସାମଗ୍ରୀ ପୋଡ଼ି ଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ସାଲେପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସନିଆ



@ ଅବିନାଶ



@ ଆକାଶଦୀପ୍



@ ସନ୍ତୋଷ



@ ମନୋଜ



@ ଜ୍ଞାନ

## କ୍ରିକେଟ ଟୁର୍ନାମେଣ୍ଟ: କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗ ବିଜୟୀ

**କଟକ ଅଫିସ, ୫।୧୧**

ଟାଙ୍ଗୀସ୍ଥିତ ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟରେ ତ୍ରିଦିବସୀୟ ଆନ୍ତଃ ବିଭାଗ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଡ୍ରିମ୍‌ସ ଜାତୀୟ ଷ୍ଟାଡିୟମରେ ଟୁର୍ନାମେଣ୍ଟ ଶୁଭାରମ୍ଭ ଅବସରରେ ଖେଳାଳୀଙ୍କୁ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଶୁଭେଚ୍ଛା ଜଣାଇଥିଲେ। ପ୍ରଥମ ମ୍ୟାଚ୍ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗ ଓ ମେକାନିକାଲ ଇଞ୍ଜିନିୟରିଂ ବିଭାଗ ମଧ୍ୟରେ ହୋଇଥିଲା। କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗର ଖେଳାଳୀମାନେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯୪ ରନ୍ ସଂଗ୍ରହ କରିଥିଲା। ଜବାବରେ ମେକାନିକାଲ ଇଞ୍ଜିନିୟରିଂ ବିଭାଗ ୧୦ ଓଭରରେ ୮୭ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଡିଗ୍ରୀ ଇଞ୍ଜିନିୟରିଂ ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଉପାଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ, ଡିନ୍ (ଛାତ୍ର କଲ୍ୟାଣ) ଡ. ଆଲୋକ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଏହାକୁ ଡ. ଲୀନା ପଟ୍ଟନାୟକ ଓ କ୍ରୀଡା ସଂଯୋଜକ ଡ. ରଶ୍ମୀରଞ୍ଜନ ବିଶ୍ୱାଳ ସଂଯୋଜନା କରିଥିଲେ।





ପୁରୀର ଉତ୍କଳ ବାଳାଶ୍ରମର ଅନ୍ତେବାସୀମାନେ ଆଶ୍ରମ ଆଗରେ ଝୋଟି ପକାଇବା ସହ ଦୀପ ଜାଳି ଦୀପାବଳି ପାଳନ କରୁଛନ୍ତି।



ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ ପରିସରରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଉଛି।



ପୋଖରୀ ନିଲାମ ଅନିୟମିତତା ପ୍ରତିବାଦରେ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମହିଳାମାନେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ଭଙ୍ଗା ହେବ ହିନ୍ଦ୍ ସିନେମା ହଲ୍

**କଟକ ଅଫିସ,୫।୧୧:** ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ବିଶ୍ୱସ୍ତରୀୟ୍ କରିବା ପାଇଁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ରାଣୀହାଟଠାରେ ଥିବା ସର୍ବ ପୁରାତନ ହିନ୍ଦ୍ ସିନେମା ହଲ୍ ଭଙ୍ଗାଯିବ ବୋଲି ସୂଚନା ମିଳିଛି। ଏଥିପାଇଁ ହଲ୍ ଭିତରେ ବ୍ୟବସାୟ୍ କରୁଥିବା ବ୍ୟବସାୟୀମାନଙ୍କୁ ଆସନ୍ତା ୯ ତାରିଖ ମଧ୍ୟରେ ଖାଲି କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଣୀହାଟ ପୋଲଠାରୁ ତାଳଦଣ୍ଡା କେନାଲ ବନ୍ଧ ରାସ୍ତାରେ ଥିବା ବିହନ ନିଗମ କାର୍ଯ୍ୟାଳୟ୍, ଚମଡା ନିଗମ କାର୍ଯ୍ୟାଳୟ୍, ହସ୍ତତନ୍ତ ଓ ଉଠା ଜଳସେଚନ କାର୍ଯ୍ୟାଳୟ୍‌କୁ ପ୍ରତାପନଗରୀଠାରେ ଥିବା ଜଳ ଓ ଭୂମି ପରିଚାଳନା କେନ୍ଦ୍ର ପରିସରକୁ ସ୍ଥାନାନ୍ତର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ଉକ୍ତ ସ୍ଥାନ ଖାଲି କରିବାକୁ ବ୍ୟବସାୟୀଙ୍କୁ ନୋଟିସ ଦିଆଯାଇଛି। ଖୁବ୍‌ଶୀଘ୍ର ହଲ୍ ଭଙ୍ଗାଯିବ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ଅଧିକାରୀ ପଞ୍ଚାନନ ପାଲ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ଏସ୍.କେ. ଆବାସ ମେମୋରିଆଲ ଆୱାର୍ଡ

**କଟକ ଅଫିସ,୫।୧୧:** କଟକ ସଦର ବ୍ଲକ ଅଧୀନ ୪୨ମୌଜା କଣ୍ଟୁଣିଆସ୍ଥିତ ବେଲେଶ୍ୱର ବଧିର ଉଚ୍ଚ ବିଦ୍ୟାଳୟ୍ ପରିସରରେ ଶୁକ୍ରବାର ୭ମ ବାର୍ଷିକ ଏସ୍.କେ. ଆବାସ ମେମୋରିଆଲ ଆୱାର୍ଡ-୨୦୨୧ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୈଳାସ ଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବେ ହୃଦାନନ୍ଦ ବେହେରା ଯୋଗଦେଇଥିଲେ। ଏହି ଅବସରରେ ୨୦୨୦-୨୧ ଶିକ୍ଷାବର୍ଷରେ ସର୍ବୋଚ୍ଚ ନମ୍ବର ରଖିଥିବା ତପସ୍ୱିନୀ ସାହୁ, କିଶୋର ମଲ୍ଲିକଙ୍କୁ ସମ୍ମାନିତ କରାଯାଇଛି।

### ଖୁବ୍‌ଶୀଘ୍ର ଆରମ୍ଭ ହେବ କନ୍ଦରପୁର ଓଭରବ୍ରିଜ କାମ

**କଟକ ସଦର,୫।୧୧(ଡି.ଏନ୍.ଏ.):** ୫୫ନଂ. ଜାତୀୟ ରାଜପଥର କନ୍ଦରପୁରଠାରେ ରେଳ ଓଭରବ୍ରିଜ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏ ସମ୍ପର୍କରେ ପୂର୍ବତଟ ରେଳପଥର ମୁଖ୍ୟଯନ୍ତ୍ରୀ ଏସ୍. ପରିଡ଼ା ପତ୍ରସଂଖ୍ୟା ୫୬୫୮/୨।୧୧।୨୦୨୧ରେ ଜଣାଇଛନ୍ତି। କନ୍ଦରପୁର ଲେବଲକ୍ରସିଂ, ଓଭରବ୍ରିଜ ନିର୍ମାଣ ସମ୍ପର୍କରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଜାତୀୟ ରାଜପଥର ମୁଖ୍ୟଯନ୍ତ୍ରୀ ୨୦୨୧ ସେପ୍ଟେମ୍ବର ୧ ତାରିଖରେ ରେଲୱେ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିଥିଲେ। ସୂଚନାଯୋଗ୍ୟ ଏହି ସ୍ଥାନରେ ଓଭରବ୍ରିଜ କାମ ଆରମ୍ଭ ନ ହେବାରୁ ଗାଡି ଚଳାଚଳରେ ବାଧା ସୃଷ୍ଟି ହେଉଥିଲା। ତୁରନ୍ତ ଏହି କାର୍ଯ୍ୟ ଆରମ୍ଭ ପାଇଁ ଉତ୍କଳ ବିକାଶ ପରିଷଦ ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଦାବି କରିଆସୁଥିଲେ। ପରିଷଦ ପକ୍ଷରୁ ଆନ୍ଦୋଳନର ଧମକ ଦିଆଯିବା ପରେ ରେଲୱେ ମୁଖ୍ୟଯନ୍ତ୍ରୀ ପରିଡ଼ା ପତ୍ର ମାଧ୍ୟମରେ ଜଣାଇଥିବା ସେଠୀ କହିଛନ୍ତି।

### ଧନ୍ୱନ୍ତରି ଜୟନ୍ତୀ ପାଳିତ

**କଟକ ଅଫିସ, ୫।୧୧:** ଆୟୁର୍ବେଦ ପ୍ରବର୍ତ୍ତକ ଧନ୍ୱନ୍ତରିଙ୍କ ଜୟନ୍ତୀ ଓ ବିଶ୍ୱ ଆୟୁର୍ବେଦ ଦିବସ କଟକ ଓଏମ୍‌ପି ଛକସ୍ଥିତ ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥାଠାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହାକୁ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରି ଆୟୁର୍ବେଦ ଚିକିତ୍ସାର ଲୋକପ୍ରିୟତା ବୃଦ୍ଧି ପାଇଛି ବୋଲି କହିଥିଲେ। ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥାର ଅଧ୍ୟକ୍ଷ ଡା. ଦୀନବନ୍ଧୁ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ପ୍ରବୋଧ ମିଶ୍ର, ମିନତି ମହାରଣା, ଆଇଏଏସ୍ ଅଫିସର ରତ୍ନାକର ରାଉତ, ଡା. ଦିବ୍ୟଜ୍ୟୋତି ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ଋଣ ଶୁଝିବାକୁ ଲୁଟ୍ ଯୋଜନା କରିଥିଲେ ରୂପେଶ

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀ ବିହାର ଅଞ୍ଚଳରେ ଗତ ୧ ତାରିଖରେ ଜଣେ ଯୁବକ ମହିଳା ପୋଷାକରେ ପଡ଼ୋଶୀଙ୍କ ଘରେ ପଶି ମା' ଝିଅଙ୍କୁ ଛୁରା ମାଡ଼ କରିଥିଲେ। ମା'ଝିଅଙ୍କ ପ୍ରତି ଆକ୍ରମଣରେ ସମ୍ପୃକ୍ତ ଯୁବକ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏହି ଚର୍ଚ୍ଚିତ ଘଟଣାର ରହସ୍ୟ ଉନ୍ମୋଚନ କରିଛି କମିଶନରେଟ ପୋଲିସ। ଋଣ ଶୁଝିବାକୁ ଲୁଟ୍ ଯୋଜନା କରିଥିଲେ ମୁଖ୍ୟ ଅଭିଯୁକ୍ତ ରୂପେଶ କୁମାର ପଣ୍ଡା। ଏଥିରେ ତାଙ୍କୁ ସହଯୋଗ କରିଥିଲେ ସହକର୍ମୀ ତଥା ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ବାଲେଶ୍ୱର ଜିଲା ସଦର ଥାନାର ସଞ୍ଜୟ କୁମାର ପଣ୍ଡା। ଉଭୟଙ୍କୁ ପୋଲିସ ଗିରଫ କରିଥିବାବେଳେ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଉଭୟେ ମିଶି ଯେଉଁସବୁ ଦୋକାନରୁ ଛୁରି ଓ ଅନ୍ୟାନ୍ୟ ସାମଗ୍ରୀ କିଣିଥିଲେ ପୋଲିସ ଉକ୍ତ ଦୋକାନୀଙ୍କୁ ପଚରାଉଚରା କରି ଘଟଣାରେ ଅଧିକ ତଥ୍ୟପ୍ରମାଣ ଯୋଗାଡ କରୁଥିବା ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।


ରୂପେଶ କୁମାର ପଣ୍ଡା


ସଞ୍ଜୟ କୁମାର ପଣ୍ଡା

**ମହିଳା ବେଶରେ ଘରେ ପଶି ମା'ଝିଅଙ୍କୁ ଛୁରାମାଡ଼ ଘଟଣା**

- ବୁଦ୍ଧି ଦେଇଥିଲେ ସହକର୍ମୀ ସଞ୍ଜୟ କୁମାର ପଣ୍ଡା
- ଉଭୟଙ୍କୁ ଗିରଫ କଲା କମିଶନରେଟ ପୋଲିସ

#### ସେଦିନ ଏମିତି ଘଟିଥିଲା

ଅବସରପ୍ରାପ୍ତ ପ୍ରଫେସର ସୁରେଶ ମିଶ୍ରାଙ୍କ ପରିବାର ଶୈଳଶ୍ରୀବିହାର ଭିଆଇଏମ୍ କଲୋନୀରେ ରୁହନ୍ତି। ଘଟଣା ଦିନ ମୁଖ୍ୟ ଅଭିଯୁକ୍ତ ରୂପେଶ ନିଜ ବାଇକ୍ ଧରି ଶୈଳଶ୍ରୀବିହାର ପାୱାର ଗ୍ରୀଡ୍ ଅଞ୍ଚଳକୁ ଯାଇ ସେଠାରେ ବାଇକ୍ ରଖିଥିଲେ। ପରେ କିଣିଥିବା ମହିଳା ପୋଷାକ ଓ ହେଲ୍‌ମେଟ୍ ପିନ୍ଧି ପୂରା ପ୍ରସ୍ତୁତ ହୋଇ ଏକ ଅଟୋରେ ପଡୋଶୀଙ୍କ ଘର ନିକଟରେ ଓହ୍ଲାଇଥିଲେ। ମଧ୍ୟାହ୍ନ ୧୨ଟା ୩୦ରେ ମିଶ୍ରାଙ୍କ ଘରର କଲିଂ ବେଲ୍ ମାରିଥିଲେ। ହାତରେ ଥିଲା ଏକ ଛୁରି ଓ ବନ୍ଧୁକ। ଏହି ସମୟରେ ସୁରେଶ ଘରେ ନ ଥିବାରୁ ଝିଅ ଅନନ୍ୟା କବାଟ ଖୋଲିଥିଲେ। ରୂପେଶ ହଠାତ୍ ଭିତରକୁ ପଶି କବାଟ ବନ୍ଦ କରିଦେବା ସହ ତତ୍‌କ୍ଷଣାତ ଛୁରିରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଅନନ୍ୟାଙ୍କ ମା' ପହଞ୍ଚିଯାଇଥିଲେ। ଫଳରେ ବହୁ ସମୟ ଧରି ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ହୋଇଥିଲା। ଜୀବନ ବଞ୍ଚାଇବାକୁ ମା' ଓ ଝିଅ ଛାଡ଼ି ନ ଥିଲେ। ଆତ୍ମରକ୍ଷା କରିବାକୁ ଯାଇ ସେମାନେ ରୂପେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ୩ଜଣ ଯାକ ରକ୍ତାକ୍ତ ହୋଇଯାଇଥିଲେ। ଉକ୍ତ ଘରୁ ଚିତ୍କାର ଶୁଭିବାରୁ ପାଖଘରେ କାମ କରୁଥିବା ଶ୍ରମିକମାନେ ଦୌଡ଼ିଆସି ସମସ୍ତଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ମା' ଓ ଝିଅ ଚିକିତ୍ସା ପରେ ସୁସ୍ଥ ହୋଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୪୫୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

#### ପୋଲିସକୁ ମିଛ କଥା କହି ବାଉଳା କରିଥିଲେ

ପ୍ରତି ଆକ୍ରମଣରେ ଆହତ ହୋଇ ରୂପେଶ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସିତ ହେଉଥିବା ସମୟରେ ସେ ଗଣମାଧ୍ୟମକୁ ଚକିତ କଲା ପରି ବୟାନ ଦେଇଥିଲେ। ୩ଜଣ ଲୋକ ତାଙ୍କୁ ଧରିକି କାର୍‌ରେ ମହିଳା ପୋଷାକ ପିନ୍ଧାଇଥିଲେ। ପରେ ଏକ ଅଟୋରେ ବସାଇ ଉକ୍ତ ଘର ଲୋକଙ୍କୁ ଆକ୍ରମଣ କରବାକୁ ବାଧ କରିଥିଲେ ବୋଲି ସେ କହିଥିଲେ। ତାଙ୍କ ସ୍ତ୍ରୀ ଓ ମା' ମଧ୍ୟ ସେହି କଥାକୁ ଦୋହରାଇ ଭ୍ରମିତ କରିଥିଲେ। ତେଣୁ ତାଙ୍କ କଥାରେ ପୋଲିସ ସନ୍ଦେହ କରୁଥିଲେ ବି ପୋଲିସ ପ୍ରଥମେ ଦ୍ୱନ୍ଦ୍ୱରେ ପଡିଥିଲା। ରୂପେଶ ସୁସ୍ଥ ହୋଇ ଫେରିବା ପରେ ପୋଲିସ ତାଙ୍କୁ ପଚରାଉଚରା କରିଥିଲା। ରୂପେଶଙ୍କ କଲ୍ ଡିଟେଲ୍ସ ଯାଞ୍ଚରୁ ସେ ଉକ୍ତଦିନ ସଞ୍ଜୟଙ୍କ ସହ ବାରମ୍ବାର କଥା ହୋଇଥିବା ଜଣାପଡିଥିଲା। ଏପରିକି ଯେଉଁ ସମୟରେ ସେ ଦୁର୍ବୃତ୍ତଙ୍କ କବ୍‌ଜାରେ ଥିବା କହିଥିଲେ ସେହି ସମୟରେ ସେ ତାଙ୍କ ସ୍ତ୍ରୀଙ୍କ ସହ କଥା ବି ହୋଇଥିଲେ। ପୋଲିସକୁ ବାରମ୍ବାର ବାଉଳା କରିବା ପରେ ଶେଷରେ ରୂପେଶ ଶତ ଓକାଳିଥିଲେ।

#### ମାସେ ପୂର୍ବରୁ କିଣିଥିଲେ ଛୁରି, ବନ୍ଧୁକ

ରୂପେଶ ନିଜ ଘରର ଆଉ ୨ ମହଲା କରିବାକୁ ୧୮ ଲକ୍ଷ ଟଙ୍କା ଋଣ ଆଣିଥିଲେ। ଘର କାମ ଚାଲୁଥିବାବେଳେ ସେ ଉକ୍ତ ଟଙ୍କା କିପରି ଶୁଝିବେ ସେହି ଚିନ୍ତାରେ ଥିଲେ। ରୂପେଶ ଏକ ଘରୋଇ ଟିଭି ଚ୍ୟାନେଲରେ କାମ କରନ୍ତି। ଋଣ ଶୁଝିବା ନେଇ ସେ ସହକର୍ମୀ ସଞ୍ଜୟଙ୍କ ସହ କଥା ହୁଅନ୍ତି। ତେବେ ମାସେ ତଳେ ତାଙ୍କ ପଡୋଶୀ ପ୍ରଫେସର ସୁରେଶ ମିଶ୍ରା ଅବସରକାଳୀନ ୨୦/୨୫ଲକ୍ଷ ଟଙ୍କା ପାଇଥିବା ସଂକ୍ରାନ୍ତରେ ସେ ସଞ୍ଜୟଙ୍କୁ ଜଣାଇଥିଲେ। ପଡୋଶୀଙ୍କ ଘରୁ ଉକ୍ତ ଟଙ୍କା ଲୁଟ୍ କରିବାକୁ ସଞ୍ଜୟ ତାଙ୍କୁ ବୁଦ୍ଧି ଦେଇଥିଲେ। ପଡୋଶୀ ହୋଇଥିବାରୁ ଧରା ନ ପଡ଼ିବା ପାଇଁ ମହିଳା ବେଶରେ ଲୁଟ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ଲୁଟ୍ ଅର୍ଥକୁ ଉଭୟେ ଅଧା ଅଧା ବାଣ୍ଟିନେବାକୁ କଥା ଛିଡିଥିଲା। ତେଣୁ ଭିନ୍ନ ଭିନ୍ନ ଦିନରେ ଉଭୟେ ମିଶି ଲୁଟ୍ ପାଇଁ ଆବଶ୍ୟକ ଛୁରି, ଖେଳନା ବନ୍ଧୁକ, ଦଉଡି, ସେଲୋଟେପ୍ ଇତ୍ୟାଦି ପଟିଆ ଓ ୧ ନମ୍ବର ମାର୍କେଟରୁ କିଣିଥିଲେ। ହେଲେ ସଞ୍ଜୟ ଧରାପଡିଯିବା ଭୟରେ ରୂପେଶଙ୍କ ସହ ଯାଇ ନ ଥିଲେ।

### ସାହାସିକତା ପାଇଁ ସମ୍ବର୍ଦ୍ଧିତ ହେଲେ ମା, ଝିଅ

ଝିଅ ଅନନ୍ୟା ଓ ମା' ସ୍ମିତା ଘଟଣାଦିନ ଅଭିଯୁକ୍ତ ରୂପେଶଙ୍କ ହାତରେ ବନ୍ଧୁକ ଓ ଛୁରି ଦେଖି ଡରି ଯାଇ ନ ଥିଲେ। ଅତି ସାହସର ସହିତ ମୁକାବିଲା କରିଥିଲେ। ରୂପେଶ ପ୍ରଥମେ ଉଭୟଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ହେଲେ ଅନନ୍ୟା ବୁଦ୍ଧି ଖଟାଇ ରୂପେଶଙ୍କୁ କାବୁ କରିନେଇଥିଲେ। ଛୁରି, ବନ୍ଧୁକ ଛଡ଼ାଇ ମିଳିତ ଭାବେ ତାଙ୍କୁ ପ୍ରତି ଆକ୍ରମଣ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଚାରିଆଡୁ ମା' ଓ ଝିଅଙ୍କ ପ୍ରତି ପ୍ରଶଂସାର ସୁଅ ଛୁଟିଥିଲା। ଏହି ସାହାସିକତା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସେମାନଙ୍କୁ ପ୍ରଶଂସା ପତ୍ର ଦିଆଯିବା ସହ ସମ୍ବର୍ଦ୍ଧିତ କରାଯାଇଛି।




ଦୀପାବଳିରେ ଭୁବନେଶ୍ୱର ଲୋକେ ଆକାଶ ଛତା ଛାଡୁଛନ୍ତି। (ଫଟୋ: ବିକାଶ)

### ଜ୍ଞାନେନ୍ଦ୍ର ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ

**ଚୌଦ୍ୱାର, ୫।୧୧(ଡି.ଏନ୍.ଏ.)**

ଯୁବନେତା ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଜଣେ ଯୁବଛାତ୍ର ସଙ୍ଗଠକ ଭାବେ ପରିଚିତ ଜ୍ଞାନେନ୍ଦ୍ର ଧର୍ମ ଜାଗରଣ ସମନ୍ୱୟ ବିଭାଗର ପ୍ରାନ୍ତନିଧି ପ୍ରମୁଖ ଥିଲେ। ଏଥିସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିଭିନ୍ନ ପଦବୀରେ ରହି କାର୍ଯ୍ୟ ନିର୍ବାହ କରିଛନ୍ତି। ତାଙ୍କୁ ଏହି ଦାୟିତ୍ୱ ମିଳିଥିବାରୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

## ମଠ ଜମିର ପୁନରୁଦ୍ଧାର ଦାବି

**କଟକ ଅଫିସ,୫।୧୧**

କଟକ ମହମଦିଆ ବଜାରସ୍ଥିତ ଚୈତନ୍ୟ ମଠ ଜମିକୁ ନେଇ ବିବାଦ ଦେଖାଦେଇଛି। ଏହି ମଠ ୧୯୨୦ ମସିହାରୁ ପୁରୀଘାଟ ସ୍ଥିତ ରାସବିହାରୀ ମଠ ଦ୍ୱାରା ପରିଚାଳିତ ହୋଇଆସୁଥିଲା। ମଠରେ ସେବା ପୂଜା ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ରାସବିହାରୀ ମଠ ପକ୍ଷରୁ କରାଯାଉଥିଲା। ହେଲେ ଗତ କିଛିବର୍ଷ ହେବ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଓ ଅନୁଷ୍ଠାନ ଏକାଠି ହୋଇ ଉକ୍ତ ମଠ ଜମିକୁ ବେଆଇନ୍ ଭାବେ ଦଖଲରେ ରଖିଛନ୍ତି ବୋଲି ଶୁକ୍ରବାର ମଠ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହନ୍ତ ବୃନ୍ଦାବନ ଦାସ ଅଭିଯୋଗ କରିଛନ୍ତି। ମଠ ଜମିରେ କଲ୍ୟାଣମଣ୍ଡପ ଚାଲିଛି, ଯାହା ସମ୍ପୂର୍ଣ୍ଣ ବେଆଇନ। ଦେବୋତ୍ତର ବିଭାଗ ଏହାକୁ ସମର୍ଥନ କରୁଥିବାବେଳେ ମଠ ମହନ୍ତ ଓ ଅନ୍ୟ କର୍ମକର୍ତ୍ତାମାନେ ଏହାକୁ ତୀବ୍ର ବିରୋଧ କରିଛନ୍ତି। ତୁରନ୍ତ ଏହା ଉପରେ ଆଇନମନ୍ତ୍ରୀ ଦୃଷ୍ଟି ଦେବାକୁ ମହନ୍ତ ଦାସ ଦାବି କରିଛନ୍ତି। ନ୍ୟାୟ ପାଇଁ ଆବଶ୍ୟକ ପଡିଲେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସେ କହିଛନ୍ତି।

## ପୁତୁରାକୁ ବଞ୍ଚାଇବାକୁ ଯାଇ ଦାଦାଙ୍କ ଜୀବନ ଗଲା

**ବାରଙ୍ଗ,୫।୧୧(ଡି.ଏନ୍.ଏ.)**

କୁଆଖାଇ ନଦୀରେ ଶୁକ୍ରବାର ବୁଡି ଯାଉଥିବା ପୁତୁରାକୁ ବଞ୍ଚାଇବାକୁ ଯାଇ ଦାଦାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ କୁସିନ୍ଦା ଗ୍ରାମର ପ୍ରଶାନ୍ତ ମୁଦୁଲି(୩୦)। ଏ ନେଇ ପୋଲିସ ମାମଲା(ନଂ.୧୨/୨୧) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରଶାନ୍ତ ସକାଳ ୧୦ଟାବେଳେ ପୁତୁରା ସହ ଘରପାଖ କୁଆଖାଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ସୁବାସ ବୋଷ ସେତୁ ବ୍ରିଜ ତଳେ ଗାଧୋଉଥିବାବେଳେ ଅସାବଧାନତାବଶତଃ ପୁତୁରାର ଗୋଡ଼ ଖସିଯାଇଥିଲା। ଏହାଦେଖି ଦାଦା ପ୍ରଶାନ୍ତ ପୁତୁରାକୁ ବଞ୍ଚାଇବାକୁ ନଦୀ ମଧ୍ୟକୁ ପଶିଥିଲେ। ପୁତୁରା ସିନା ବଞ୍ଚିଗଲା, ହେଲେ ନିଜେ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ପରିବାର ଲୋକ ଓ ଦମକଳ ବାହିନୀଙ୍କୁ ଜଣାଇଥିଲେ। ଦମକଳ ଆସିବା ମଧ୍ୟରେ ସ୍ଥାନୀୟ ଯୁବକମାନେ ନଦୀକୁ ଯାଇ ପ୍ରଶାନ୍ତଙ୍କୁ ଖୋଜାଖୋଜି କରିଥିଲେ। ଦମକଳ ଓ ବାରଙ୍ଗ ଥାନା ପୋଲିସ ପହଞ୍ଚିବାବେଳେ ଯୁବକମାନେ ପ୍ରଶାନ୍ତଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗ୍ରାମରେ ପ୍ରଶାନ୍ତଙ୍କ ଅକାଳ ବିୟୋଗକୁ ନେଇ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ହାତୀ ଆକ୍ରମଣରେ ଜଣେ ମୃତ, ଯୁବକ ଗୁରୁତର

**ନିରାକାରପୁର,୫।୧୧(ଡି.ଏନ୍.ଏ.)**

ହାତୀ ଆକ୍ରମଣରେ ଗୁରୁବାର ସନ୍ଧ୍ୟାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଛଣଗିରି ପଞ୍ଚାୟତ ରମାବିଲି ନରସିଂହପାଟଣା ଗ୍ରାମର ଶରତ ଜେନା। ସେହିପରି ଆହତ ଟାଙ୍ଗୋଳ ବ୍ରାହ୍ମଣ ସାହିର ଦେବାଶିଷ ସାହୁ ଓରଫ ବାପିଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ଶରତ ତାଙ୍କ ପୁରୁଣା ଘରୁ ବଡବଡୁଆ ଡାକି ନୂଆ ଘରକୁ ଫେରୁଥିବା ବେଳେ ହଠାତ୍ ହାତୀ ହାବୁଡରେ ପଡିଯାଇଥିଲେ। ହାତୀ ଆକ୍ରମଣର ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଟାଙ୍ଗୋଳର ଦେବାଶିଷ ଅଚ୍ୟୁତପୁରରୁ ନିଜ ଗ୍ରାମକୁ ରାତିରେ ବାଇକ୍‌ରେ ଫେରୁଥିବା ବେଳେ ହାତୀ ଗୋଡ଼ାଇବାରୁ ସେ ବାଇକ୍‌ରୁ ଖସିପଡି ଗୁରୁତର ହୋଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

### କୋଭିଡ୍ ମୃତକଙ୍କ ପରିବାରକୁ ଭେଟିଲେ ରାଜ୍ୟ ସଭା ସଦସ୍ୟ

**କଟକ ଅଫିସ,୫।୧୧**

କାଳୀପୂଜା ଅବସରରେ ରାଜ୍ୟସଭା ସଦସ୍ୟ ସୁବାସ ସିଂ କୋଭିଡ୍ ମୃତକଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ସେ କଟକ ଚଣ୍ଡୀମନ୍ଦିର ନିକଟରେ ଥିବା ସ୍ୱର୍ଗତ ପ୍ରଭୁଦତ୍ତ ସାହୁଙ୍କ ଘରକୁ ଯାଇ ସ୍ତ୍ରୀ ସୁନିତାଙ୍କ ଠାରୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଭୁଦତ୍ତଙ୍କ କରୋନା ମୃତ୍ୟୁ ସାର୍ଟିଫିକେଟ୍ ଦେବା ସହ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୫୦,୦୦୦ ଟଙ୍କା, ଖାଉଟି କାର୍ଡ, ପିଲାଙ୍କ ପଢା ପାଇଁ ସହାୟତା, ବିଜୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ସିଦ୍ଧେଶ୍ୱର ସାହି ନିବାସୀ ସୟଦ୍ ଇଫତାଖାର ଅଲ୍ଲୀ, କନିକା ଛକସ୍ଥିତ ନିଉ କଲୋନୀ ବାସିନ୍ଦା ପ୍ରଦ୍ୟୁମ୍ନ କୁମାର ଦାସଙ୍କ ପରିବାର ଲୋକଙ୍କ ସହ ଭେଟି ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ଜ୍ଞାନରଞ୍ଜନ ସ୍ୱାଇଁ, ୱାର୍ଡ ସଭାପତି ପରେଶ ନାଥ ଦାସ, ଯୁବ ବିଜେଡି ନେତା ଜଗନ୍ନାଥ ସ୍ୱାଇଁ, ଖ୍ରୀଷ୍ଟିଆନ କମ୍ୟୁନିଟିର ପ୍ରମୁଖ ନେତା ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତଥିଲେ।

### ବୃଦ୍ଧାଶ୍ରମ, ବସ୍ତିରେ ଦୀପାବଳି ପାଳନ

**କଟକ ଅଫିସ, ୫।୧୧**

ସାମାଜିକ ଅନୁଷ୍ଠାନ ସୁନାଦୁବ ପକ୍ଷରୁ କଟକ ନରାଜସ୍ଥିତ ଶ୍ରଦ୍ଧା ଓ ସାଧନା ବୃଦ୍ଧାଶ୍ରମଠାରେ ଦୀପାବଳି ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବୃଦ୍ଧାଶ୍ରମର ଅନ୍ତେବାସୀମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଭାପତି ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ମଞ୍ଜୁଲତା ଜେନା, ସୁଷମା ବାରିକ, ଗୀତାରାଣୀ ଦାଶ ଓ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିଲ୍‌ଭର ସିଟି କଟକ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମୁଣ୍ଡଳୀସ୍ଥିତ ଗୋଡିସାହି ବସ୍ତିରେ ଦୀପାବଳି ପାଳନ କରାଯାଇଥିଲା। ଟ୍ରଷ୍ଟର ସଦସ୍ୟମାନେ କୁନି ପିଲାମାନଙ୍କୁ ମିଠା ଓ ସବୁଜ ବାଣ ବଣ୍ଟନ କରିଥିଲେ। କୁନି ପିଲାମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏହା ଏକ ଛୋଟ ପ୍ରୟାସ ଥିଲା ବୋଲି ଟ୍ରଷ୍ଟ ପ୍ରତିଷ୍ଠାତା ଅଭିଜିତ ପୃଷ୍ଟି କହିଛନ୍ତି।

### ଗିରିଗୋବର୍ଦ୍ଧନ ପୂଜା, ଅନ୍ନକୂଟ ମହୋତ୍ସବ

**ବାରଙ୍ଗ,୫।୧୧(ଡି.ଏନ୍.ଏ.)**

ମଧୁବନ ଗ୍ରାମର ପୁରୀ ମେନ୍‌କେନାଲ କୂଳରେ ଅବସ୍ଥାପିତ ଶ୍ରୀଶ୍ରୀସଚ୍ଚିଦାନନ୍ଦ ସାରସ୍ୱତ ଆଶ୍ରମରେ ଶୁକ୍ରବାର ଗିରିଗୋବର୍ଦ୍ଧନ ପୂଜା ଓ ଅନ୍ନକୂଟ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ କଟକ ବଙ୍ଗାଳି ସାହି ନିତାଇଗୌରାଙ୍ଗ ମଠର ବୈଷ୍ଣବ ଚରଣଦାସ, କଟକ-ପୁରୀ ଘାଟ ରାସବିହାରୀ ମଠର ନୀଳାଚଳ ଦାସ ବାବାଜୀ, ଖଣ୍ଡଗିରିର ଶିବ ଚିଦାନନ୍ଦସ୍ୱାମୀ ଆଶ୍ରମର ପ୍ରତିଷ୍ଠାତା ବାବା ସୁବଳ ଦାସ, ଖବରଦାତା ଦେବେନ୍ଦ୍ର ବେହେରା ପ୍ରମୁଖଙ୍କ ସମେତ ଆଖପାଖ ଗ୍ରାମର ଆଧ୍ୟାତ୍ମିକବାଦୀ ବ୍ୟକ୍ତିମାନେ ଯୋଗଦେଇଥିଲେ। ଏହାସହ ବାରଙ୍ଗ ଅଞ୍ଚଳର ଆଖପାଖ ଗ୍ରାମର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ନାମ ସଂକୀର୍ତ୍ତନ କରିଥିଲେ। ପରେ ଗିରିରାଜଙ୍କ ପ୍ରତିମାକୁ ସୁସଜ୍ଜିତ ବିମାନରେ ନେଇ ଗ୍ରାମ ପରିକ୍ରମା କରାଯାଇଥିଲା। ଶେଷରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।


ଭୁବନେଶ୍ୱର ଭିଏସ୍‌ଏସ୍ ନଗରରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।


ସତ୍ୟନଗର କାଳୀମନ୍ଦିର।


ପୁରୁଣା ଷ୍ଟେଶନ ବଜାର ।


କଟକ ବାଖରାବାଦର ଛିନ୍ନମସ୍ତା କାଳୀ।